

ଶିକ୍ଷାକୁ ଆପଣାନ୍ତୁ, ନିଶାଠାରୁ ଦୂରେଇ ରୁହନ୍ତୁ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଲଣ୍ଡନରେ ପ୍ରତିଷ୍ଠା ହେବ ଶାହାରୁଖ-କାଜୋଲଙ୍କ ଡିଡିଏଲଜେ ପ୍ରତିମୂର୍ତ୍ତି | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୧ Vol. 22 No-11 11 APRIL 2025 FRIDAY BHUBANESWAR ଶୁକ୍ରବାର, ୧୧ ଏପ୍ରିଲ ୨୦୨୫ ପୃଷ୍ଠା: ୮ ମୂଲ୍ୟ: ୭.୦୦





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ଜଗତ ପ୍ରକାଶ ନଡ୍ଡା
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ,
ସାର ଓ ରସାୟନ ମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶୁଭାରମ୍ଭ

## ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପିଏମ୍.ଜେ.ଏ.ୱାଇ)
## ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜି.ଜେ.ଏ.ୱାଇ)ର
## ନୂଆ ଏକକ କାର୍ଡ଼ ବିତରଣ
## ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା (ଏ.ଭି.ଭି.ୱାଇ)

**ମୁଖ୍ୟ ଅତିଥି**

**ଶ୍ରୀ ଜଗତ ପ୍ରକାଶ ନଡ୍ଡା**
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀ ଜୁଏଲ୍ ଓରାମ**
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଡ଼. ମୁକେଶ ମହାଲିଙ୍ଗ**
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର,
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଓଡ଼ିଶା

**୧୧ ଏପ୍ରିଲ୍ ୨୦୨୫ | ଅପରାହ୍ନ ୨.୩୦ ଘଟିକା | ବାଲିଯାତ୍ରା ପଡ଼ିଆ, କଟକ**

DSPL - 24

OIPR 10001/13/0049/2425




ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଭଗବାନ ମହାବୀରଙ୍କୁ ଶ୍ରଦ୍ଧାଞ୍ଜଳି | ୬



'ରେଡ୍-୨'ରେ ତମନ୍ନାଙ୍କ ଆଇଟମ୍ ଡ୍ୟାନ୍ସ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୧ Vol. 22 No-11 11 APRIL 2025 FRIDAY BHUBANESWAR ଶୁକ୍ରବାର, ୧୧ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଖେଳ ଖତମ

# ଏନ୍‌ଆଇଏ କବ୍‌ଜାରେ ତହବୁର





- ୨୬/୧୧ ଆତଙ୍କୀ ଆକ୍ରମଣର ମାଷ୍ଟରମାଇଣ୍ଡ
- ୟୁଏପିଏ ଆକ୍ଟରେ ଗିରଫ କଲା ଏନ୍‌ଆଇଏ
- ଗିରଫ ପରେ ଅଦାଲତରେ ହାଜର
- ଜେରା କରିବେ ଏନ୍‌ଆଇଏ, ଆଇବି ଓ ଅନ୍ୟ ଏଜେନ୍ସି
- ଭାରତ ପାଇଁ ବଡ଼ଧରଣର କୂଟନୈତିକ ସଫଳତା

ନୂଆଦିଲ୍ଲୀ,୧୦।୪: ୨୬/୧୧ ମୁମ୍ବାଇ ଆତଙ୍କୀ ଆକ୍ରମଣର ମାଷ୍ଟରମାଇଣ୍ଡ ତହବୁର ରାଣା ଦିଲ୍ଲୀରେ ପହଞ୍ଚିଛି। ଆମେରିକାରୁ ଭାରତୀୟ ଅଧିକାରୀମାନେ ତାକୁ କଡ଼ା ସୁରକ୍ଷା ମଧ୍ୟରେ ଆଣି ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ଏନଆଇଏ ନିଜ କବ୍‌ଜାକୁ ନେଇଛି। ବିମାନ ବନ୍ଦରଠାରେ ତାକୁ ଏନଆଇଏ ୟୁଏପିଏ ଆଇନ ଅନୁଯାୟୀ ଗିରଫ କରିଛି। ତହବୁରକୁ ଏକ ସ୍ୱତନ୍ତ୍ର ବିମାନଯୋଗେ ଭାରତ ଅଣାଯାଇଥିଲା। ଅତ୍ୟଧିକ ସୁରକ୍ଷା ପାଇଁ ଏହି ବିମାନରେ ଭାରତୀୟ ଗୁପ୍ତଚର ତଥା ଅନୁସନ୍ଧାନକାରୀ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ। ବିମାନବନ୍ଦରରେ ମଧ୍ୟ କଡ଼ା ସୁରକ୍ଷା ବ୍ୟବସ୍ଥାର ଅନୁପାଳନ କରାଯାଇଥିଲା। ଦିଲ୍ଲୀର ପାଲାମ ବିମାନବନ୍ଦରରେ ରାଣାକୁ ନେବା ପାଇଁ ବୁଲେଟ୍ ପ୍ରୁଫ୍ ଗାଡ଼ି ସହ ସଶସ୍ତ୍ର କମାଣ୍ଡୋମାନେ ମୁତୟନ ରହିଥିଲେ। ରାଣାକୁ ନେଇ ଆସିଥିବା ବିମାନଟି ଗୁରୁବାର ମଧ୍ୟାହ୍ନ ୨.୫୦ସୁଦ୍ଧା ବିମାନବନ୍ଦରରେ ଅବତରଣ କରିଥିଲା। ଏହାପରେ ତହବୁରକୁ ଏକ କନଭେୟରରେ ଜାତୀୟ ଅନୁସନ୍ଧାନ ସଂସ୍ଥା (ଏନ୍‌ଆଇଏ) ମୁଖ୍ୟାଳୟକୁ ନିଆଯାଇଥିଲା। ସେଠାରେ ତାକୁ ପଚରାଉଚୁରା କରିବା ପାଇଁ ପୂର୍ବରୁ ଏକ ଉଚ୍ଚସୁରକ୍ଷା ସମ୍ପନ୍ନ ଇଣ୍ଟୋର୍ଗେସନ କକ୍ଷ ପ୍ରସ୍ତୁତ କରାଯାଇଥିଲା। ସେଠାରେ ରାଣାକୁ ୨୬/୧୧ ଆକ୍ରମଣରେ ତା'ର ଭୂମିକା କ'ଣ ରହିଥିଲା ସେ ନେଇ ଏନଆଇଏ ଅଧିକାରୀମାନେ ପଚରାଉଚୁରା କରିବେ ବୋଲି ଜଣାପଡ଼ିଛି। ଏହାପରେ ରାଣାକୁ ଦିଲ୍ଲୀର ଏକ ଅଦାଲତରେ ହାଜର କରାଯିବ ବୋଲି ସୂଚନା ଦିଆଯାଇଛି। ରାଣା ବିରୋଧରେ ଅପରାଧିକ ଷଡ଼ଯନ୍ତ୍ର, ଭାରତ ବିରୋଧରେ ଯୁଦ୍ଧ ଘୋଷଣା, ହତ୍ୟା, ଜାଲିଆତି ଏବଂ ଅନୈତିକ କାର୍ଯ୍ୟକଳାପ ଅଧିନିୟମ ଅଧୀନରେ ବହୁ • ପୃଷ୍ଠା ୫ ଦେଖନ୍ତୁ

## ଆଜି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ ନଡ୍ଡା

# ଆୟୁଷ୍ମାନ ଯୋଜନାର କରିବେ ଶୁଭାରମ୍ଭ

- ସ୍ୱାସ୍ଥ୍ୟ କ୍ଷେତ୍ରରେ ଆରମ୍ଭ ହେବ ନୂଆ ଅଧ୍ୟାୟ
- ଉପକୃତ ହେବେ ସାଢେ ୩ କୋଟି ହିତାଧିକାରୀ
- ଶୁକ୍ରବାରଠାରୁ ମିଳିବ ଆୟୁଷ୍ମାନ କାର୍ଡ



ଭୁବନେଶ୍ୱର,୧୦।୪(ଭାସ୍କର ନ୍ୟୁଜ): କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଶୁକ୍ରବାରଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ। ସେ ଅପରାହ୍ଣ ୧ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଏ ନେଇ ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ କହିଛନ୍ତି, କଟକର ପ୍ରସିଦ୍ଧ ବାଲିଯାତ୍ରା ପଡ଼ିଆରେ ଶ୍ରୀ ନଡ୍ଡା ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ଶୁଭାରମ୍ଭ କରିବେ। ଏଥିଲାଗି ବାଲିଯାତ୍ରା ପଡ଼ିଆରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଅନ୍ୟପକ୍ଷରେ ସେ ପୁରୀରେ ବିଜେପିର ବିଧାୟକ ଓ ସାଂସଦମାନଙ୍କ ପ୍ରଶିକ୍ଷଣ ଶିବିରକୁ ମଧ୍ୟ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ୧୩ ତାରିଖ ସନ୍ଧ୍ୟାଯାଏ ଶ୍ରୀ ନଡ୍ଡା ଓଡ଼ିଶାରେ ରହିବେ। ତାଙ୍କ ରହଣୀ କାଳରେ ସେ ଭୁବନେଶ୍ୱର ଏମ୍ସ ମଧ୍ୟ ପରିଦର୍ଶନ କରିବେ। ସୂଚନାଯୋଗ୍ୟ ଯେ ପୂର୍ବରୁ ରାଜ୍ୟ ସରକାର ଆସନ୍ତା ୧୧ ତାରିଖରେ ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ ହେବ ବୋଲି ଘୋଷଣା କରିଥିଲେ। ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଶ୍ରୀ ନଡ୍ଡା ଏହି ଯୋଜନାର ଶୁଭାରମ୍ଭ କରିବେ ବୋଲି ଶ୍ରୀ ସାମଲ ପୂର୍ବରୁ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ପୂର୍ବରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆୟୁଷ୍ମାନ ଭାରତ ଏପ୍ରିଲ ମାସରୁ ଆରମ୍ଭ ହେବ ବୋଲି ଘୋଷଣା କରିଥିଲେ। ଏହି ଯୋଜନାରେ ୭୦ବର୍ଷରୁ ଅଧିକ ବୟସ୍କ ଚିକିତ୍ସା ସୁବିଧା ପାଇପାରିବେ। ୭୦ବର୍ଷରୁ ଅଧିକ ବୟସ୍କ ଲୋକ ଥିଲେ ପରିବାର ପିଛା ସର୍ବାଧିକ ଚିକିତ୍ସା ସୁବିଧା ୧୫ଲକ୍ଷ ଟଙ୍କା ମିଳିବ। ଏହି ଯୋଜନାରେ ସମୁଦାୟ ୩.୫୨ କୋଟି ଲୋକ ଉପକୃତ ହେବେ। ସେହିପରି ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ପୁରୁଷଙ୍କ ପାଇଁ ୫ ଲକ୍ଷ ଓ ମହିଳାଙ୍କ ପାଇଁ ୧୦ଲକ୍ଷ ଟଙ୍କାର କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ଉପଲବ୍ଧ କରିଛନ୍ତି ରାଜ୍ୟ ସରକାର। ଏହି ସୁବିଧା ରାଜ୍ୟ ଭିତରେ ଓ ବାହାରର ୨୯୦୦୦ ବେସରକାରୀ ହସ୍ପିଟାଲରେ ମିଳିବ।

## ସଂକ୍ଷେପରେ...

### 'ବ୍ୟକ୍ତିଗତ ମାଲିକାନାକୁ ଯାଇପାରିବନି ଗୋଚର ଜମି'

କଟକ,୧୦।୪(ଭାସ୍କର ନ୍ୟୁଜ): ସର୍ବସାଧାରଣଙ୍କ ଜମି ଏକ ବୃହତ୍ତର ଗୋଷ୍ଠୀଙ୍କ କାର୍ଯ୍ୟ ପାଇଁ ବ୍ୟବହୃତ ହୋଇଥାଏ । ଏଭଳି ଜମିକୁ କେବେହେଲେ ବ୍ୟକ୍ତିଗତ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରାଯାଇ ପାରିବ ନାହିଁ । ତେଣୁ ସର୍ବସାଧାରଣଙ୍କ ପାଇଁ ସଂରକ୍ଷିତ ଥିବା ଗୋଚର, ରକ୍ଷିତ ଜମି କୌଣସି ବ୍ୟକ୍ତିଙ୍କ ନାମରେ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସ୍ପଷ୍ଟ କରିଛନ୍ତି । ଯାଜପୁର ଜିଲ୍ଲାର ସନାତନ ନାୟକଙ୍କ ପକ୍ଷରୁ ଆଗତ ମାମଲାକୁ ଖାରଜ କରିବା ଅବସରରେ ହାଇକୋର୍ଟର • ପୃଷ୍ଠା ୫ ଦେଖନ୍ତୁ

### ଦୁଷ୍କର୍ମୀକୁ ୨୦ ବର୍ଷ ଜେଲ୍

ସମ୍ବଲପୁର,୧୦।୪(ଭାସ୍କର ନ୍ୟୁଜ): ୨୦୨୩ ମସିହାରେ ସମ୍ବଲପୁର ଶାସନଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଦୁଷ୍କର୍ମ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ସମ୍ବଲପୁର ପୋକ୍ସୋ କୋର୍ଟ ଦୋଷୀ ଆକାଶ ଖଡ଼ିଆକୁ ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହି ଘଟଣା ସେତେବେଳେ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିଲା।

### ପୋଲିସ ଏସ୍‌ଆଇଙ୍କୁ ଗୁଳିକରି ହତ୍ୟା

ଚଣ୍ଡିଗଡ଼,୧୦।୪: ଏକ ବିବାଦର ସମାଧାନ ପାଇଁ ଯାଇଥିବାବେଳେ ଅଭିଯୁକ୍ତର ଗୁଳିମାଡ଼ରେ ଜଣେ ପୋଲିସ ଏସ୍‌ଆଇ ମୃତ୍ୟୁବରଣ କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣାର ପଞ୍ଜାବର ତରନତାରନ୍ ଜିଲ୍ଲାରେ ଘଟିଛି। ପୋଲିସ ଏହି ଘଟଣାରେ ଅଭିଯୁକ୍ତକୁ ଗିରଫ ପାଇଁ ଉଦ୍ୟମ ଆରମ୍ଭ କରିଛି।

ସେନ୍‌ସେକ୍ସ: ୭୩,୮୪୭.୧୫

ସର୍ବାଧିକ: ୩୩.୨ ଡିଗ୍ରୀ
ସର୍ବନିମ୍ନ: ୨୫.୮ ଡିଗ୍ରୀ

**୧୦।୪।୨୦୨୫ ର ମତାମତ**

ବାରମ୍ବାର ପୋଲିସ ଉପରେ ଆକ୍ରମଣ ଘଟଣାକୁ ଗମ୍ଭୀରତାର ସହ ନିଆଯିବା ଉଚିତ୍ ନୁହେଁ କି ?




**ଆଜିର ପ୍ରସଙ୍ଗ**

ମାଓବାଦୀଙ୍କ ସର୍ତ୍ତରେ ସରକାର ରାଜିହେବା ଉଚିତ୍ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଭୟ ବଢାଉଛି ଅପରେସନ କଗାର

# ମାଓବାଦୀ ଥରହର



ରାୟପୁର,୧୦।୪: ଲାଲଗଡ଼ରେ ଅପରେସନ କଗାରକୁ ନେଇ ମାଓବାଦୀ ଥରହର। ପୁଣିଥରେ ଲାଲବାହିନୀ ଜାରି କଲା ଶାନ୍ତି କଥାବାର୍ତ୍ତା ପାଇଁ ପତ୍ର। ସମିତି ମାଧ୍ୟମରେ ଆଲୋଚନା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି ମାଓବାଦୀ ସଂଗଠନ। ତେବେ ଛତିଶଗଡ଼ର ଗୃହମନ୍ତ୍ରୀ ଏହି ସମିତିର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ମାଓ ସଂଗଠନର ଉତ୍ତର-ପଶ୍ଚିମ ସବ୍‌ଜୋନାଲ ବ୍ୟୁରୋର ନେତା ରୂପେଶ ଜାରି କରିଥିବା ପତ୍ର ହିଁ ପ୍ରମାଣିତ କରୁଛି ଲାଲବାହିନୀ କେତେ ଆତଙ୍କିତ। ପୂର୍ବରୁ ମାଓନେତା ଅଭୟର ସର୍ତ୍ତମୂଳକ ଆଲୋଚନାକୁ ସରକାର ପ୍ରତ୍ୟାଖ୍ୟାନ କରିବା ପରେ ଏବେ ସଂପୂର୍ଣ୍ଣ ନିଃସର୍ତ୍ତ ଆଲୋଚନା ପାଇଁ ଅପିଲ କରିଛି ରୂପେଶ। ସମିତି ମାଧ୍ୟମରେ ଆଲୋଚନା ଆରମ୍ଭ କରିବାକୁ ସରକାରଙ୍କୁ ଅନୁରୋଧ କରାଯାଇଛି। ତେବେ ଏହାକୁ ଛତିଶଗଡ଼ ସରକାର ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି। ଛତିଶଗଡ଼ର ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା କହିଛନ୍ତି, ବନ୍ଧୁକର ଜବାବ ଚର୍ଚ୍ଚା ନୁହେଁ। ସରକାରଙ୍କ ପକ୍ଷରୁ କୌଣସି ସମିତି ଗଠନ କରାଯିବ ନାହିଁ । ଯଦି ମାଓ ସଂଗଠନ କୌଣସି ସମିତି ପଠାଇବ ତାହାହେଲେ ସରକାର ଗ୍ରହଣ କରିପାରନ୍ତି। ପୂର୍ବରୁ ମାଓନେତା ଅଭୟ ଶାନ୍ତି ଆଲୋଚନା ପାଇଁ ତିନୋଟି ସର୍ତ୍ତ ରଖିଥିଲା। ଅପରେସନ କଗାର ବନ୍ଦ ସହ ସୁରକ୍ଷାବାହିନୀକୁ ପ୍ରତ୍ୟାହାର ପାଇଁ ସର୍ତ୍ତ ରଖାଯାଇଥିଲା। ତେବେ ଛତିଶଗଡ଼ ସରକାର ଏହି ସର୍ତ୍ତକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ସୂଚନାଯୋଗ୍ୟ ଯେ ଅପରେସନ କଗାର ଅଧୀନରେ ସୁରକ୍ଷାବାହିନୀଙ୍କ ଘନଘନ ଆକ୍ରମଣ ପରେ ମାଓବାଦୀଙ୍କ ସ୍ଥିତି ଦୟନୀୟ ହୋଇପଡ଼ିଛି। ସେମାନଙ୍କ ବହୁ ନେତା ପ୍ରାଣ ହରାଇ ସାରିଲେଣି। ଆଉ ବହୁ ନେତା ବି ଗିରଫ ହୋଇ ଜେଲ୍‌ରେ। ଏହାଛଡ଼ା ପ୍ରତିଦିନ ବହୁ ହାର୍ଡକୋର୍ ମାଓବାଦୀ ଆତ୍ମସମର୍ପଣ କରିବା ମାଓ ସଂଗଠନକୁ ଦୁର୍ବଳ କରି • ପୃଷ୍ଠା ୫ ଦେଖନ୍ତୁ

## ପ୍ରଭାତଙ୍କ ବୟାନର ଜବାବ ରଖିଲା ବିଜେଡି

# ତଥ୍ୟ ଆଧାରିତ ମତ ରଖିବା ଜରୁରି

**ସମଗ୍ର ଘଟଣାବଳୀ ରହସ୍ୟମୟ: ଅମର ଶତପଥୀ**

**ମୁଖ୍ୟ ପରାମର୍ଶଦାତା ବିନା ବିଜେଡି ଭବିଷ୍ୟତ ଉଜ୍ଜ୍ୱଳ: ପ୍ରଭାତ**

**ମୁଖ୍ୟ ପରାମର୍ଶଦାତାଙ୍କ ଉପରେ ବର୍ଷିଲେ ଅରବିନ୍ଦ ଢାଲି**



ଭୁବନେଶ୍ୱର,୧୦।୪(ଭାସ୍କର ନ୍ୟୁଜ): ୱକଫ୍ ବିଲ୍ ଭୋଟିଂକୁ ନେଇ ବିଜେଡିରେ ଘମାସନ ଲାଗି ରହିଛି। ଦଳର ଅଧିକାଂଶ ନେତା ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ନେତାଭାବେ ମାନୁଥିବାବେଳେ ଆଉ କେତେକ ନେତା ମୁଖ୍ୟ ପରାମର୍ଶଦାତାଙ୍କୁ ସମର୍ଥନ ଜାରି ରଖିଛନ୍ତି। ଫଳରେ ବିବାଦ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ତେବେ ବୁଧବାର ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମୁଖ୍ୟ ପରାମର୍ଶଦାତାଙ୍କୁ ଆକ୍ଷେପ କରି ଯେଉଁ ବିବୃତି ରଖିଥିଲେ ଗୁରୁବାର ବିଜେଡି ତା'ର ଜବାବ ଦେଇଛି। ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ନେତା ଲେନିନ ମହାନ୍ତି କହିଛନ୍ତି ଯେ ଜଣେ ବରିଷ୍ଠ ନେତା ଯେତେବେଳେ ମତ ରଖୁଛନ୍ତି ତାହା ତଥ୍ୟ ଆଧାରିତ ହେବା ଉଚିତ୍। ହାଇକୋର୍ଟ ଅର୍ଡରରେ ସ୍ପଷ୍ଟ ଲେଖାହୋଇଛି, ସେ କରିଥିବା ପିଟିସନକୁ ହାଇକୋର୍ଟ ଖାରଜ କରିଛନ୍ତି। ତେଣୁ ନିଜର ଭୁଲ ଲୁଚେଇବାକୁ ଯାଇ ପ୍ରଭାତ ବାବୁ ନବୀନ ବାବୁଙ୍କୁ ଅପବାଦ ଭିତରକୁ ଟାଣିବାକୁ ଚେଷ୍ଟା କରୁଛନ୍ତି। ପ୍ରଭାତ ତ୍ରିପାଠୀ ବିଜେଡିର ଜଣେ ଶୃଙ୍ଖଳିତ ସଦସ୍ୟ ହୋଇଥିଲେ ମଧ୍ୟ ୧୯୯୭ରେ ୨୦୧୭ରେ ଚିଟ୍‌ଫଣ୍ଡ ମାମଲାରେ ନିଲମ୍ବିତ ହୋଇଥିଲେ। ସୂଚନାଯୋଗ୍ୟ ଯେ ବୁଧବାର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରଭାତ ତ୍ରିପାଠୀଙ୍କ ବୟାନକୁ ନେଇ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଥିଲେ। ଏପରିକି ପ୍ରଭାତ ଦଳର କେହି ନୁହନ୍ତି ଓ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିବା କହିଥିଲେ। ଅନ୍ୟପକ୍ଷରେ ଶ୍ରୀ ତ୍ରିପାଠୀ ଗୁରୁବାର ମଧ୍ୟ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ୨୦୧୭ରେ ମୋ ଉପରୁ ନିଲମ୍ବନ ହଟିଥିଲା। ଏହା ପରଠାରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । କୋଭିଡ ପରେ ଦଳ ମୋତେ ସବୁ ସ୍ଥାନରେ ବିନିଯୋଗ କରିଛି। ୨୦୨୪ ନିର୍ବାଚନରେ ବି ଦଳପାଇଁ କାମ କରିଛି। ୨୦୧୯ ନିର୍ବାଚନ ସଭାରେ ନବୀନଙ୍କ ଉପସ୍ଥିତିରେ ମଞ୍ଚରେ ଭାଷଣ ରଖିଛି। ମିଡ୍ ନାଇଟ୍ ଅପରେସନରେ ମୋର ଭୂମିକାକୁ ନେଇ ନବୀନ ମୋତେ ପ୍ରଶଂସା କରିଥିଲେ। ତେଣୁ ଦଳରେ ମୁଁ ନାହିଁ ବୋଲି କହିବା ତାଙ୍କ ମୁହଁରେ ଶୋଭା ପାଉନାହିଁ ବୋଲି ପ୍ରଭାତ କହିଥିଲେ। ମୁଖ୍ୟ ପରାମର୍ଶଦାତାଙ୍କ ବିନା ବିଜେଡିର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେ ସ୍ପଷ୍ଟ କରିଥିଲେ। ଅନ୍ୟପକ୍ଷରେ ବରିଷ୍ଠ ରାଜନେତା ଅମର ଶତପଥୀ କହିଛନ୍ତି ଯେ ୱକଫ ବିଲ୍ ଆଇନରେ ପରିଣତ ହେବାପରେ ବିଜେଡିରେ ଝଡ଼ ସୃଷ୍ଟି ହୋଇଛି। ଏହି ଆଇନ ବିଜେଡି ରାଜନୀତିକୁ ମଧ୍ୟ ଚଳଚଞ୍ଚଳ କରିପକାଇଛି। ୱକଫ ଘଟଣାବଳୀକୁ ସେ ରହସ୍ୟମୟ ବୋଲି ଆଖ୍ୟା ଦେଇଛନ୍ତି। ସେ କହିଥିଲେ, ସଂସଦୀୟ ବ୍ୟବସ୍ଥାରେ କୌଣସି ବିଲ୍‌କୁ ବିରୋଧ କିମ୍ବା ସମର୍ଥନ ନେଇ ନିୟମ ରହିଛି। ମାତ୍ର ବିବେକାନୁମୋଦିତ ଭୋଟ୍ ଦେବା କଥା ମୁଁ ଜାଣିନାହିଁ । ୱକଫ୍ ଭୋଟିଂ ପ୍ରସଙ୍ଗକୁ ଏଡାଇବା ପାଇଁ ପ୍ରଭାତଙ୍କୁ ବଳି କା ବକରା • ପୃଷ୍ଠା ୫ ଦେଖନ୍ତୁ

# ଆଇଏଏସ୍ ସ୍ତରକୁ ପଦୋନ୍ନତି

ଭୁବନେଶ୍ୱର,୧୦।୪(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଗୁରୁବାର ଆଇଏଏସ୍ ସ୍ତରକୁ ପଦୋନ୍ନତି ପ୍ରଦାନ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ଧରମ ହାଁସଦା ଜଙ୍ଗଲ ଓ ପରିବେଶ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ପାଇଥିବା ରୀନା ମହାପାତ୍ରଙ୍କୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ସେହିପରି ଲିଲି କୁମାରୀ କୁଲୁଙ୍କୁ ରାଜସ୍ୱ ବିଭାଗର ଯୁଗ୍ମ ସଚିବ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ଆରାଧନା ଦାସଙ୍କୁ ଗୃହ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ତେବେ ଶୀକାନ୍ତ ତରାଇ ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ପଦବୀ ବଜାୟ ରଖିଛନ୍ତି।

## ରାଉରକେଲାରେ ଡବଲ ମର୍ଡର

# ପୋଲିସର ଛାନ୍‌ଭିନ୍

ରାଉରକେଲା,୧୦।୪(ଭାସ୍କର ନ୍ୟୁଜ): ରାଉରକେଲା ସହରରେ ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଲୁଟ୍, ରାହାଜାନି ସହ ହତ୍ୟାକାଣ୍ଡ ବୃଦ୍ଧି ପାଇବାରେ ଲାଗିଛି। ତେବେ ବୁଧବାର ରାତିରେ ରାଉରକେଲା ସହରରେ ଦୁଇ ଦୁଇଟି ହତ୍ୟାକାଣ୍ଡ ପୋଲିସ ପାଇଁ ଚାଲେଞ୍ଜ ପାଲଟିଛି। ବୁଧବାର ବିଳମ୍ବିତ ରାତିରେ ରାଉରକେଲା ସହରର ଛେଣ୍ଡ କୋ-ଅପରେଟିଭ କଲୋନୀର ମୁକେଶ କର ନାମକ ଜଣେ ଯୁବକଙ୍କୁ ଗୋଡ଼େଇ ଗୋଡ଼େଇ ଦୁର୍ବୃତ୍ତମାନେ ହତ୍ୟା କରିଛନ୍ତି। • ପୃଷ୍ଠା ୫ ଦେଖନ୍ତୁ

## ଚିନ୍ତା ବଢାଇଲା ଜାତିସଂଘ ରିପୋର୍ଟ

# ଭାରତରେ ଦିନକୁ ୫୨ ଗର୍ଭବତୀଙ୍କ ମୃତ୍ୟୁ



ନୂଆଦିଲ୍ଲୀ,୧୦।୪: ଚିନ୍ତା ବଢାଇଲା ଜାତିସଂଘ ରିପୋର୍ଟ। ବିଶ୍ୱରେ ପ୍ରତି ଦୁଇ ମିନିଟ୍‌ରେ ଜଣେ ପ୍ରସୂତୀଙ୍କ ମୃତ୍ୟୁ ଘଟୁଥିବାବେଳେ ଭାରତରେ ପ୍ରତିଦିନ ୫୨ ଗର୍ଭବତୀଙ୍କ ଜୀବନ ଯାଉଥିବାବେଳେ ଜାତିସଂଘ ସଦ୍ୟ ଜାରି କରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରିପୋର୍ଟ ଅନୁଯାୟୀ ୨୦୨୩ରେ ଭାରତରେ ପ୍ରାୟ ୧୯ହଜାର ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ସଂଖ୍ୟା ବିଶ୍ୱରେ ଗର୍ଭବତୀ ଥିବା ସମୟରେ ମୃତ୍ୟୁ ଘଟୁଥିବା ମୋଟ ମହିଳାଙ୍କର ୭.୨ ପ୍ରତିଶତ। ଏହି ତାଲିକାରେ ନାଇଜେରିଆ ପରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଏଥିରେ ପାକିସ୍ତାନରେ ହେଉଥିବା ମାତୃ ମୃତ୍ୟୁସଂଖ୍ୟା ମଧ୍ୟ ସାମିଲ କରାଯାଇଛି। ୨୦୨୩ରେ ପାକିସ୍ତାନରେ ୧୧ହଜାର ପ୍ରସୂତୀଙ୍କ ମୃତ୍ୟୁ ଘଟିଛି। ଅର୍ଥାତ୍ ପ୍ରତିଦିନ ୩୦ଜଣ ଗର୍ଭବତୀଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆଯାଇଛି। ସେହିପରି ତାଲିକାର ପ୍ରଥମ ସ୍ଥାନରେ ଥିବା ନାଇଜେରିଆରେ ୨୦୨୩ରେ ୭୫ହଜାର ଗର୍ଭବତୀଙ୍କ ମୃତ୍ୟୁ ଘଟିଛି। ଅର୍ଥାତ୍ ବିଶ୍ୱର ମୋଟ ମାତୃମୃତ୍ୟୁର ଏହା ୨୮.୭ ପ୍ରତିଶତ। ସେହିପରି ଡେମୋକ୍ରାଟିକ୍ କଙ୍ଗୋରେ ମଧ୍ୟ ୨୦୨୩ରେ ୧୯ହଜାର ଗର୍ଭବତୀଙ୍କ ମୃତ୍ୟୁ ଘଟିଥିଲା। ବିଶ୍ୱରେ ଘଟିଥିବା ମୋଟ ଗର୍ଭବତୀଙ୍କ ମୃତ୍ୟୁ ମଧ୍ୟରେ ୪୭ ପ୍ରତିଶତ କେବଳ ନାଇଜେରିଆ, ଭାରତ, ପାକିସ୍ତାନ ଓ ଡେମୋକ୍ରାଟିକ୍ କଙ୍ଗୋରେ ରହିଛନ୍ତି। ୨୦୨୩ରେ ମହିଳାଙ୍କ • ପୃଷ୍ଠା ୫ ଦେଖନ୍ତୁ

## ପାଣିପାଗ ବିଭାଗର ସୂଚନା

# କାଳବୈଶାଖୀ ବର୍ଷାରେ ଭିଜିବ ଓଡ଼ିଶା

ଭୁବନେଶ୍ୱର,୧୦।୪(ଭାସ୍କର ନ୍ୟୁଜ): ରାଜ୍ୟରେ ଗତ କିଛିଦିନ ହେବ ଗ୍ରୀଷ୍ମପ୍ରବାହ ଲାଗି ରହିଛି। ଉପକୂଳ ଓଡ଼ିଶାରେ ତାତିର ପ୍ରଭାବ ସାମାନ୍ୟ କମ୍ ରହିଥିବାବେଳେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ତାତିର ପ୍ରଭାବ ବେଶ୍ ଅନୁଭୂତ ହେଉଛି। ବିଶେଷକରି ଝାରସୁଗୁଡ଼ା, ବୌଦ୍ଧ, ଟିଟିଲାଗଡ଼ ଆଦି ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ତେବେ ଏସବୁ ଭିତରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ଯେଉଁ ସୂଚନା ଦେଇଛି, ସେଥିରେ ତାତିରୁ ଆଶ୍ୱସ୍ତି ମିଳିବ ବୋଲି କୁହାଯାଉଛି । ଆସନ୍ତା ୧୨ ତାରିଖରୁ ରାଜ୍ୟରେ କାଳବୈଶାଖୀ ବର୍ଷା ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବହୁ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ଓ କୁଆପଥର ମାଡ଼ ହେବାର ସମ୍ଭାବନା ରହିଛି। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୭୦ରୁ ୭୫ କିମି ରହିବ ବୋଲି ଆକଳନ କରାଯାଇଛି। ଯେହେତୁ ଉତ୍ତର ଭାରତରେ ଏକ ଟ୍ରଫ୍‌ଲାଇନ ସୃଷ୍ଟି ହୋଇଛି, ଏହାର ପ୍ରଭାବରେ ବର୍ଷାର ସମ୍ଭାବନା ରହିଛି। ଆସନ୍ତା ୧୭ ତାରିଖ ଯାଏ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ବିଭାଗ କହିଛି। ଅନ୍ୟପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ବର୍ତ୍ତମାନ ଉତ୍ତର-ପୂର୍ବ ବଙ୍ଗୋପସାଗରରେ ରହିଛି। ଏହାର ପ୍ରଭାବରେ ଉତ୍ତର-ପଶ୍ଚିମ ଦିଗରୁ ପବନ ବୋହୁଛି। ଏଥିସହ ସ୍ଥଳଭାଗକୁ ଦକ୍ଷିଣ ଦିଗରୁ ପୁଣି ପବନ ବୋହୁଛି। ଫଳରେ ଓଡ଼ିଶାର ପାଣିପାଗ କିଛି ସମୟ ମେଘୁଆ ରହୁଛି, ପୁଣି ଖରା ହେଉଛି। ଶୁକ୍ରବାର ଆଭ୍ୟନ୍ତରୀଣ ଓଡ଼ିଶାରେ ହାଲୁକା ବର୍ଷାର ମଧ୍ୟ ସମ୍ଭାବନା ଥିବା ବିଭାଗ କହିଛି। ତେବେ ୧୪ ତାରିଖ ପରେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ଡେଇଁବ ବୋଲି ଆକଳନ କରାଯାଇଛି।

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ଯେତେ ଯାହା କଲେ ବାବୁ ପାଣ୍ଡିଆନ
ନବୀନଙ୍କ ପିଛା ଛାଡିବେ ନାହିଁ,
ଗୁରୁ ଶିଷ୍ୟଙ୍କର ଏଭଳି ସଂପର୍କ
ଆଜିକାଲି ଯୁଗେ କେଉଁଠି କାହିଁ ?
ଦଳରେ କନ୍ଦଳ ବଢି ଚାଲଇ,
ପାଣ୍ଡିଆନ କିନ୍ତୁ ତଥାପି ବିଶ୍ୱସ୍ତ
ସତେ ନବୀନଙ୍କ ଦେହର ଛାଇ!!

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍



# ମମତାଙ୍କ ପାଇଁ ଅଡୁଆ ସ୍ଥିତି

## କର୍ମଚ୍ୟୁତ ଶିକ୍ଷକଙ୍କୁ ଥଇଥାନ ବଡ଼ ଆହ୍ୱାନ

ପଶ୍ଚିମବଙ୍ଗରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ସର୍ବୋଚ୍ଚ ନ୍ୟାୟାଳୟ ରଦ୍ଦ କରିଦେବା ପରେ ମମତା ବାନାର୍ଜୀଙ୍କ ତୃଣମୂଳ ସରକାର ଏବେ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଏହି ରାୟ ଯୋଗୁଁ ଚାକିରି ହରାଇଥିବା ୨୫ ହଜାରରୁ ଅଧିକ ଶିକ୍ଷକଙ୍କୁ କିପରି ଥଇଥାନ କରାଯିବ ଓ ସେମାନଙ୍କ ଆର୍ଥିକ ସଂକଟରୁ ତ୍ରାହି ମିଳିବ, ତାହା ମମତାଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି। ନିଯୁକ୍ତି ହରାଇଥିବା ସବୁ ଶିକ୍ଷକ ଯେ ଦୁର୍ନୀତି ଓ ଜାଲିଆତି ଜରିଆରେ ନିଯୁକ୍ତି ପାଇଥିଲେ ତାହା ନୁହେଁ, ସେମାନଙ୍କ ମଧ୍ୟରୁ ଅନେକ ନିଜର ଯୋଗ୍ୟତା ବଳରେ ନିଯୁକ୍ତି ପାଇଥିଲେ ହେଁ ଏବେ ଚରମ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଛି। ପଶ୍ଚିମବଙ୍ଗ ସରକାର ଗତ ୨୦୧୬ ମସିହାରେ ସ୍କୁଲ ସିଲେକ୍ସନ୍ କମିଶନ ଜରିଆରେ ରାଜ୍ୟରେ ୨୫ ହଜାର ୭୫୩ଜଣ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ। ମାତ୍ର ଏହି ମନୋନୟନ ପ୍ରକ୍ରିୟାରେ ଆଦୌ ସ୍ୱଚ୍ଛତା ନଥିବା ଏବଂ ଏଥିରେ ବ୍ୟାପକ ଦୁର୍ନୀତି ଓ ଜାଲିଆତି ହୋଇଥିବାର ଅଭିଯୋଗ ମୁଖର ହୋଇ ଆସିଥିବା ବେଳେ ବିଗତ ଆଠବର୍ଷ ଧରି ଏହା ଏକ ବିତର୍କିତ ପ୍ରସଙ୍ଗ ହୋଇଛି। ବିରୋଧୀ ଦଳଗୁଡ଼ିକ ମଧ୍ୟ ବିଭିନ୍ନ ସମୟରେ ଶିକ୍ଷକ ନିଯୁକ୍ତି ଦୁର୍ନୀତି ଅଭିଯୋଗକୁ ନେଇ ମୁଖ୍ୟ ମମତା ବାନାର୍ଜୀଙ୍କ ସରକାରକୁ ଟାର୍ଗେଟ୍ କରିଥିଲେ। ପରବର୍ତ୍ତୀ ସମୟରେ କୋଲକାତା ହାଇକୋର୍ଟରେ ଏନେଇ ମାମଲା ରୁଜୁ ହୋଇଥିଲା ଏବଂ ମାନ୍ୟବର ହାଇକୋର୍ଟ ଦୀର୍ଘ ଶୁଣାଣି ପରେ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତିକୁ ରଦ୍ଦ କରିଦେଇଥିଲେ। ପୂରା ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ହେରଫେର ଓ ଜାଲିଆତି ହୋଇଥିବାରୁ ମାନ୍ୟବର ହାଇକୋର୍ଟ ଅନୁଭବ କରିବା ସଙ୍ଗେ ସଙ୍ଗେ କଡ଼ା ଟିପ୍ପଣୀ ଦେଇଥିଲେ। ତେବେ ହାଇକୋର୍ଟଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟରେ ବିଚଳିତ ନହୋଇ ମମତା ସରକାର ଏହା ବିରୋଧରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ। ନିକଟରେ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଏହି ମାମଲାର ରାୟ ଶୁଣାଇ ୨୫ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କ ନିଯୁକ୍ତିକୁ ରଦ୍ଦ କରି ଦେଇଛନ୍ତି। ମାନ୍ୟବର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଓ ବିଚାରପତି ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଏହି ଖଣ୍ଡପୀଠ ପୂର୍ବରୁ କୋଲକାତା ହାଇକୋର୍ଟ ଦେଇଥିବା ରାୟକୁ କାଏମ୍ ରଖିଛନ୍ତି। ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଦୁର୍ନୀତି, ହେରଫେର ଓ ଜାଲିଆତି ହୋଇଥିବାର ପୂର୍ବରୁ ହାଇକୋର୍ଟ ଯେଉଁ ମତ ରଖିଥିଲେ, ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ସେଥିରେ ପୂରା ସହମତ ହୋଇଛନ୍ତି। କେବଳ ସେତିକି ନୁହେଁ, ପୂରା ନିଯୁକ୍ତି ପ୍ରକ୍ରିୟାକୁ ରଦ୍ଦ କରିବା ବ୍ୟତୀତ କୌଣସି ବିକଳ୍ପ କରାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଉଲ୍ଲେଖ କରିଛନ୍ତି। କୋଲକାତା ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କରାଯିବା ଭଳି କିଛି ନାହିଁ ବୋଲି ମତ ଦେଇ ଖଣ୍ଡପୀଠ ଏହାକୁ ବଳବତ୍ତର ରଖିଛନ୍ତି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏବଂ କୋଲକାତା ଉଚ୍ଚ ନ୍ୟାୟାଳୟଙ୍କ ସମାନ ଧରଣର ନିଷ୍ପତ୍ତି ମମତା ସରକାରଙ୍କୁ ଡବଲ୍ ଝଟ୍କା ଦେଇଥିଲେ ମଧ୍ୟ ନେଇ ହେଉଛି। ଏଥିଯୋଗୁଁ ୨୫ ହଜାରରୁ ଅଧିକ ଶିକ୍ଷକ ଓ କର୍ମଚାରୀ ଏବେ ଆଠବର୍ଷ ପରେ ଚାକିରି ହରାଇ ଘରେ ବସିବାକୁ ଯାଉଛନ୍ତି। ତେବେ ସେମାନଙ୍କ ପାଇଁ ଏତିକି ଆଶ୍ୱସ୍ତିର ବିଷୟ ହେଉଛି ଯେ, ସେମାନେ ଆଠବର୍ଷ ଧରି ସରକାରୀ ରାଜକୋଷରୁ ନେଇଥିବା ଦରମା ଟଙ୍କା ଆଉ ଫେରାଇବାକୁ ପଡ଼ିବ ନାହିଁ ବୋଲି ସୁପ୍ରିମକୋର୍ଟ ରାୟରେ ସ୍ପଷ୍ଟ କରିଦେଇଛନ୍ତି। ଅନ୍ୟ ଗୋଟିଏ ଆଶ୍ୱସ୍ତିକର ବିଷୟ ହେଉଛି, ଯେଉଁ ପ୍ରାର୍ଥୀମାନେ ଦାଗୀ ଗୋଷ୍ଠୀରେ ସାମିଲ ନାହାନ୍ତି ଅର୍ଥାତ୍ ଜାଲିଆତି ଜରିଆରେ ଚାକିରି ପାଇନଥିଲେ, ସେମାନେ ପୂର୍ବ ପଦ ଫେରି ପାଇବାକୁ ଆବେଦନ କରିବା ପାଇଁ ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ତିନିମାସ ମଧ୍ୟରେ ସେମାନଙ୍କ ଆବେଦନ ଉପରେ ପଦକ୍ଷେପ ନେବାକୁ କୁହାଯାଇଛି। ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ନୂଆ ନିଯୁକ୍ତି ନହେବା ପର୍ଯ୍ୟନ୍ତ ଚାକିରି ହରାଇଥିବା ଦିବ୍ୟାଙ୍ଗ ପ୍ରାର୍ଥୀଙ୍କୁ ଦରମା ମିଳିବ ଏବଂ ସେମାନଙ୍କୁ ନୂଆ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯିବ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ପରେ ଚାକିରି ହରାଇଥିବା ଶିକ୍ଷକମାନେ ଏବେ ମମତାଙ୍କ ଉପରେ ସେମାନଙ୍କ କ୍ଷୋଭ ଓ ଅସନ୍ତୋଷ ପ୍ରକଟ କରୁଥିବାବେଳେ ପ୍ରତ୍ୟେକ ଶିକ୍ଷକଙ୍କୁ କୌଣସି ପ୍ରକାରରେ ଥଇଥାନ କରିବାକୁ ସେ ଆଶ୍ୱାସନା ଦେବାରେ ଲାଗିଛନ୍ତି। ଏଥିରେ କେତେଦୂର ସଫଳ ହେବେ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

# ଆଖି ତୋର କିଆଁ ଛଳଛଳ



ନିରଞ୍ଜନ ସାହୁ
ପୂର୍ବତନ ବରିଷ୍ଠ ଅଧିକାରୀ
(ଭାରତୀୟ ପ୍ରଶାସନିକ ସେବା)
ମୋ: ୯୪୩୮୪୮୨୯୧୧

କବି ମନମୋହନ ମିଶ୍ର ବଞ୍ଚିଥିଲେ ତାଙ୍କୁ ଆଜି (ମାର୍ଚ୍ଚ ତେଇଶି ଦି ହଜାର ପଚିଶ) ଶହେ ପାଞ୍ଚ ବର୍ଷ ପୂରି ଶହେ ଛ' ଚାଲିଥାନ୍ତା। ସ୍ୱଭାବରେ କବି ଥିବା ମନମୋହନ ଥିଲେ ଜଣେ ସଂଗ୍ରାମୀ- କେବଳ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ନଥିଲେ, ସାରା ଜୀବନ ଦୁଃଖୀ ମଣିଷର ସାଥୀ ବନିଥିଲେ, କର୍ମଜୀବୀ ମଣିଷର ଆଖିରୁ ଲୁହ ପୋଛିବାର ପଣ ନେଇଥିଲେ, ସ୍ୱଳ୍ପ ସମୟ ପାଇଁ ମଧ୍ୟ ସେ ହୋଇଥିଲେ ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକର ଜଣେ ଜନନେତା ସ୍ୱଳ୍ପ କାଳ ପାଇଁ। କଟକ ମ୍ୟୁନିସପାଲିଟିର ଏକଦା ଚେୟାରମ୍ୟାନ ଭାବରେ ଥିବା ତାଙ୍କର ପରିଚୟ ହୁଏତ ଲିଭିଯାଇଥିବ କାହିଁ କେତେ ଦିନରୁ; ହେଲେ ଯିଏ ତାଙ୍କର ରକ୍ତ ପ୍ରବାହୀ କବିତା ସ୍ତବକ କେବେ ନା କେବେ ପଢ଼ିଛି, ସେ କେବେବି ଭୁଲି ପାଇବନି ପ୍ରିୟ କବିଙ୍କର ହୃଦୟସ୍ପର୍ଶୀ କବିତାର ପଂକ୍ତିକୁ।

ମନମୋହନଙ୍କ କବିତା 'ଆଖି ତୋ'ର କିଆଁ ଛଳଛଳ' ରଚିତ ହୋଇଥିଲା ଉଣେଇଶି ଶହ ପଚାଶ ଦଶକର ଆରମ୍ଭରେ। ଯେଉଁମାନେ ବହୁ ସ୍ୱପ୍ନ ନେଇ ସ୍ୱାଧୀନତା ପାଇଁ ନିଜ ନିଜର ବ୍ୟକ୍ତିଗତ ଜୀବନକୁ ବିପନ୍ନ କରିଥିଲେ ସେମାନଙ୍କର ସ୍ୱପ୍ନ ଭଙ୍ଗ ହୋଇଥିଲା ସ୍ୱାଧୀନତା ପ୍ରାପ୍ତିର ଅଳ୍ପଦିନ ଭିତରେ। ସେଇ ସ୍ୱପ୍ନଭଙ୍ଗର କାହାଣୀ ଯେମିତି ଭାରତମାତାଙ୍କୁ ବ୍ୟଥିତ କରିଥିଲା ତାଙ୍କ ଆଖି ଲୁହ ଛଳଛଳ କରିଦେଇଥିଲା। ଆଖିରେ ଅନେକ କଥା ପ୍ରକାଶ କରିହୁଏ ପଦେ କଥା ବି ନ କହି। ସେଥିରୁ ପରିଦୃଶ୍ୟମାନ ହୋଇପାରେ କରୁଣା କିମ୍ବା ଉତ୍ସାହ, ବ୍ୟର୍ଥତା କିମ୍ବା ବିରାଗ, ପ୍ରେମ ବା ପ୍ରତାରଣା ଏବଂ ବିଜୟ ବା ପରାଜୟର ସଂଗୀତ। ଛଳଛଳ ଆଖି ଏକ କ୍ରନ୍ଦନରତ ଅବସ୍ଥା ନୁହେଁ, ସେଥିରେ ଶବ୍ଦ ନାହିଁ ଅଥଚ ଭାବପ୍ରବଣତାର ପ୍ରାବଲ୍ୟରେ ଭରା ସେ ଅନୁଭବ, ଯେମିତି ଏକ ପ୍ରତ୍ୟାଖ୍ୟାନର ସମ୍ଭାବ୍ୟ ପରିଣତି ସେ ମର୍ମେ ମର୍ମେ ବୁଝିପାରୁଛି, ଏକ ଦୁର୍ଗପତନର ବେଳ ତାକୁ ଆଗୁଆ ବିବ୍ରତ କରୁଛି, ପ୍ରତାରଣାର ଗ୍ଲାନିରେ ସେ ଦଗ୍ଧ ହେଉଛି।

ସ୍ୱାଧୀନତା ସଂଗ୍ରାମୀ କାଳରେ ସୃଷ୍ଟି ହେଉଥିଲା ଅଭୂତପୂର୍ବ ଐକ୍ୟ, ଅସାଧାରଣ ଉତ୍ସାହ- ଆମର ସବୁ ଅସୁବିଧାର ଏକମାତ୍ର କାରଣ ଭାବରେ ଉଭା ହୋଇଥିଲେ ବିଦେଶୀ ଶାସକମାନେ। ଶତ୍ରୁ ଯେତେବେଳେ ବାହାରେ ଥାଏ ସେତେବେଳେ ସେ ଥାଏ ଦୃଶ୍ୟମାନ; ହେଲେ ବାହାର ଶତ୍ରୁ ଯେବେ ଅନ୍ତର୍ଦ୍ଧାନ ହୁଏ, ସେତେବେଳେ ଶତ୍ରୁ ଯେ ଭିତରକୁ ଚାଲିଯାଏ ତାକୁ ବୁଝିହୁଏନି- ସେଇ ଶତ୍ରୁ ହେଉଛି ତା'ର ଅବଗୁଣ ଯାହା ଯୁଗଯୁଗରୁ ମଣିଷ ଭିତରେ ରହିଛି କ୍ରୋଧ, ଲୋଭ, ମୋହ, ପରଶ୍ରୀକାତରତା ଆଦି ରୂପରେ। ତାହା ଭାରତୀୟଙ୍କ ଉପରେ ସବାର ହେଲା; ଆଉ ସୃଷ୍ଟି ହେଲା ସହଯୋଗିତା ସ୍ଥାନରେ ପ୍ରତିଦ୍ୱନ୍ଦ୍ୱିତା, ଛୁଟିଲା ଦୁର୍ନୀତିର ବନ୍ୟା, କ୍ଷମତା ଆହରଣ ପାଇଁ ଯେତେ ଦରକାର ଅର୍ଥ, ମଦ କିମ୍ବା ବାହୁବଳ। ନୈତିକ ଅଧୋପତନର ସୁନାମି ଭିତରେ ଭାରତବର୍ଷ ଏବେ ସନ୍ତ୍ରସ୍ତ; ତାର ଆତ୍ମିକ ଶକ୍ତି ମ୍ଳାନ ଆଉ ତା'ର ଆଖି ଛଳଛଳ; ମନରେ ବ୍ୟଥା ଅସୁମାରୀ।

ସମୟ କ୍ରମେ ଅଧଃପତନ ହୋଇଛି ଅଧିକ ବ୍ୟାପକ ଓ ସୀମାହୀନ। ପରିସଂଖ୍ୟାନରେ ଆମର ଉନ୍ନତି ଆକାଶ ଛୁଆଁ ହେଲାଣି ଅଥଚ ମାନବିକ ମୂଲ୍ୟବୋଧରେ ଆମେ ଦ୍ରୁତ ଅବକ୍ଷୟର ଶେଷ ସୀମାରେ ଉପନୀତ। ନାଗରିକ ମଣ୍ଡଳୀ ନେତୃମଣ୍ଡଳୀଙ୍କୁ ମାଆର ଛଳଛଳ ଆଖି ଦେଖାଯାଉ ନାହିଁ। ଯେମିତି ପଞ୍ଜାବ କେଶରୀ ରଣଜିତ୍ ସିଂହ ଏକଦା ଭାବୁଥିଲେ ଯେ ତାଙ୍କ ରାଜ୍ୟରେ ସମସ୍ତେ ଅବସ୍ଥାସଂପର୍ଣ୍ଣ ଓ ଦାରିଦ୍ର୍ୟ ଏବଂ କାରୁଣ୍ୟର ସ୍ଥାନ ତାଙ୍କ ରାଜ୍ୟର ପରିସରଭୁକ୍ତ ନୁହେଁ- ମାତ୍ର ଥରେ ଜଙ୍ଗଲ ପଥରେ ସେ ଗଲାବେଳେ ତାଙ୍କ ନାକରେ ହଠାତ୍ ବାଜିଲା କାହାରି ଦ୍ୱାରା ଉତ୍କ୍ଷେପିତ ହୋଇଥିବା ଏକ କ୍ଷୁଦ୍ର ପଥର ଖଣ୍ଡ- ଅନୁସନ୍ଧାନରୁ ଜଣାପଡ଼ିଲା ଯେ ଖାଦ୍ୟାଭାବ ଜର୍ଜରିତ ବୃଦ୍ଧାଟିଏ ଜଙ୍ଗଲୀ ଗଛର ଫଳକୁ ଲକ୍ଷ୍ୟ କରି ଢେଲା ଫିଙ୍ଗୁଥିଲା ବେଳେ ତାହା ଲକ୍ଷ୍ୟଚ୍ୟୁତ ହୋଇ ରାଜାଙ୍କ ମୁଣ୍ଡରେ ବାଜିଛି- ରାଜାଙ୍କ ଭ୍ରମ ଦୂର ହେଲା ଯେହେତୁ ସେ ତାଙ୍କ ଗୁରୁଙ୍କୁ ଭୁଲିନଥିଲେ- ହେଲେ ଆଧୁନିକ ଯୁଗର ଶାସକମାନଙ୍କ ଆଖିରେ ତାଙ୍କର ଗୁରୁ ବି ଜଣେ ପ୍ରଜାଠାରୁ ଅଧିକ ନୁହେଁ- ତେଣୁ ଆଜିର ଶାସକ ଆଖିରେ ଶୋଷିତର ଉଦାସ ଚାହାଣୀ ଧରାପଡ଼େ ନାହିଁ- ଦେଶ ମାତୃକାର ଛଳଛଳ ଆଖି ଉପରେ ବି ନଜର ପଡ଼େ ନାହିଁ।'

ମନ ମୋହନଙ୍କ କବିତା ଯିଏ ପଢ଼ିଛି ସେ କ୍ଷଣିକ ପାଇଁ ହେଲେ ବି ଅନୁଭବ କରିଛି ଉନ୍ମାଦନା ସେ ଭୁଲିଯାଇଛି ତାର ଅହଙ୍କାର। ଯେଉଁମାନେ ଦେଶ ପାଇଁ ନିଜର ସର୍ବସ୍ୱ ହରେଇଥିଲେ ଅଥବା ନିଜର ଭବିଷ୍ୟତକୁ

### କଥା ନିରବଧି

ବିସର୍ଜନ କରିଥିଲେ ସେମାନେ କଣ ଏମିତି ଏକ ଦୁଃସ୍ୱପ୍ନଭରା ଭାରତ ବର୍ଷକୁ ଦେଖିଥିଲେ। ଯେଉଁ ସ୍ୱାଧୀନତା ସ୍ୱପ୍ନରେ ବିଭୋର ହୋଇ ସେମାନେ ଫାଶୀଖୁଣ୍ଟରେ ଚଢ଼ିଥିଲେ କିମ୍ବା ଜେଲର ନିଃଶୁନ କୋଠରୀ ଭିତରେ ନିଜକୁ ସମର୍ପି ଦେଇଥିଲେ ସେଇ ସ୍ୱାଧୀନତାର ସ୍ୱପ୍ନ କ'ଣ ସଫଳ ହୋଇଛି- ଯେ ପ୍ରଶ୍ନ କବି କରୁଛନ୍ତି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ କିମ୍ବା ନିଜେ ଭାରତ ବର୍ଷର ସ୍ୱରୂପ ନେଇଥିବା ଭାରତମାତାଙ୍କୁ। ଆଶା ଥିଲା ହୁଏତ ଚମକାଇ ଦେବ ଯେ କବିତା- ତନ୍ଦ୍ରାଚ୍ଛନ୍ନ ଜନତା ଲୋପ ପାଇବ, ଫେରିଆସିବେ- ଶାସକମାନେ ନାଗରିକମାନେ ଆପଣାର ସଠିକ ମାର୍ଗକୁ ସମ୍ବିତ୍‌କୁ କରିବେ। ସେମିତି କିଛି ହେଲାନାହିଁ- କେବଳ ବିଦଗ୍ଧ ପାଠକମାନେ ଲୁହପୋଛିଲେ- କାଳ୍ପନିକ ଭାବରେ ସ୍ମୃତି ତର୍ପଣ କଲେ।

ଷାଠିଏ ସତୁରୀ ବର୍ଷ ବିତିଗଲାଣି ଯେ କବିତା ରଚନା ହେବାଦିନଠାରୁ- କବି ଥିଲେ ଚିରକାଳ ସଂଗ୍ରାମୀ- କେବେ ଚଉକୀର ଲୋଭ ତାଙ୍କୁ ଅବାଟରେ ନେଇନାହିଁ ସେ ନା ପାଇଲେ ଅକାଡ଼େମୀ ସମ୍ମାନ ଅଥବା ପଦ୍ମପୁରସ୍କାର ସ୍ୱୀକୃତି ନା ତାଙ୍କପାଇଁ ରାଷ୍ଟ୍ରୀୟ ମର୍ଯ୍ୟାଦାର ପ୍ରୋଟକଲ ଅନୁଯାୟୀ ଶବ ଶୋଭାଯାତ୍ରା ହେଲା। ଶହେ ବର୍ଷ ପୂରିଯିବା ପରେ ଆଶା କରାଯାଉଥିଲା ଯେ ଅନ୍ତତଃ ଶତବାର୍ଷିକୀ ପାଳନ କରିବେ ସରକାର ସରକାର ଆମର ନିଦାବିଷ୍ଟ- ତାଙ୍କ ବିଚାରରେ କେତେବେଳେ କଣ ହୋଇଯାଏ। ଯାହାକୁ କୁହାଯାଏ- ହାତୀ ଗଳିଯାଏ ପିମ୍ପୁଡ଼ି ନ ପଶେ। ସରାକରଙ୍କ ନଜରରୁ ହଟି ଯାଇଛନ୍ତି କବି ମନମୋହନ। ତାଙ୍କର ସ୍ମୃତି ପଖାଳିବା ପାଇଁ କୌଣସି ସରକାରୀ କାର୍ଯ୍ୟକ୍ରମ ହୋଇନି ବୋଲି ବି କହି ହେବନି; କବିଙ୍କୁ ଶହେ ବର୍ଷ ପୂରିବାର ଦି ବର୍ଷ ପରେ ସାହିତ୍ୟ ଏକାଡ଼େମୀ ଗୋଟିଏ ସଭା କରିଥିଲେ ଏବଂ ଆଉ ଦୁଇ ବର୍ଷ ପରେ କବିଙ୍କର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି ବିଶେଷାଙ୍କ ନାମରେ କ୍ଷୁଦ୍ର ପୁସ୍ତିକାଟିଏ ପ୍ରକାଶ କରି ବସ୍ତ୍ର ବିହୁନେ ସୂତ୍ର ଦଦ୍ୟାତ୍' ନୀତିରେ ତାଙ୍କର ଦାୟିତ୍ୱ ସାରିଦେଇଛନ୍ତି କହିଲେ ଚଳେ।

ନରସିଂହ ମେହେଟାଙ୍କର ଗୋଟିଏ ଭଜନ 'ବୈଷ୍ଣବ ଜନତୋ...' ଗାନ୍ଧିଜୀଙ୍କର ପ୍ରିୟ ଥିବାରୁ ସେ ବହୁ ସମ୍ମାନରେ ବିଭୁଷିତ ହେଲେ। ଓଡ଼ିଶାରେ କିଛିବର୍ଷ ଭିତରେ ଗୋଟିଏ ଲୋକପ୍ରିୟ ଗୀତ ପାଇଁ ଯେମିତି ତିନିଜଣ ପଦ୍ମଶ୍ରୀ ପାଇଛନ୍ତି। ଯେମିତି କାଳିଦାସଙ୍କ ଲେଖାରେ ସ୍ଥାନ ପାଇଥିବାରୁ ସିପ୍ରାନଦୀ ବିଖ୍ୟାତ ହେଲା ମାତ୍ର ବହୁଗୁଣରେ ବିଶାଳ ମହାନଦୀ ଅଜ୍ଞାତ ହୋଇ ପଡ଼ିଗଲା ଯାହାକୁ କ୍ଷୋଭର ସହିତ କବି ରାଧାନାଥ ନିଜ କାବ୍ୟରେ ସ୍ଥାନ ଦେଉଥିଲେ-

'କ୍ଷୁଦ୍ର ସିପ୍ରା ସ୍ରୋତ ବିଖ୍ୟାତ ଜଗତେ, ମହାନଦୀ
ନାମ ରହିଲା ଗୁପତେ-
ତୁଙ୍ଗ ମେଘାସନ ବିସ୍ମୃତ ପରାୟେ, ଖର୍ବ
ଗୋବର୍ଦ୍ଧନ ଗିରୀନ୍ଦ୍ର ବୋଲାଏ।'

ଏବେ ମନମୋହନଙ୍କ ହୃଦୟସ୍ପର୍ଶୀ କବିତାଟି ପୁନର୍ବାର ଅଧ୍ୟୟନ କଲେ ଲାଗୁଛି ତାଙ୍କ ପାଇଁ ହୋଇଥିବା ଅବମୂଲ୍ୟାୟନ ପାଇଁ ଉତ୍କଳ ଜନନୀ ଆଉ ଆଖି ଛଳଛଳ କରିନାହାନ୍ତି ତ ! ଉତ୍କଳ ଭାରତୀଙ୍କର ଛଳଛଳ ଆଖି ହୁଏତ କବିଙ୍କ ପ୍ରତି ହୋଇଥିବା ଅମର୍ଯ୍ୟାଦାକୁ ପ୍ରକାରାନ୍ତରେ ସ୍ୱୀକାର କରୁଛି। ସରକାରୀ ସ୍ତରରେ ଭବ୍ୟ ପରିବେଶରେ ସଭା ହେଉ ବା ନହେଉ କବିଙ୍କର କବିତାଂଶ ଏବେବି ବହୁ ମାର୍ମିକ ପାଠକଙ୍କ ହୃଦୟରେ ସ୍ଥାନ ପାଇଛି। ତାକୁ କେହି ଲୁଚାଇ ପାରିବେ ନାହିଁ- ତାହା ଚିରକାଳ ଭାସ୍ୱର ହୋଇ ରହିବ; ପୁଣି ଥରେ ଉଚ୍ଚସ୍ୱରରେ ଗାଇବାକୁ ଇଚ୍ଛା ହେଉଛି କବିତାଂଶଟି-

ତୋର ମୁକତିର ସୂର୍ଯ୍ୟ ପରା ଉଇଁଲା
ଉଇଁଲା, ଆଖି ତୋର କିଆଁ ଛଳଛଳ
ଯାହା ଲାଗି ଲଢ଼ିଲୁ ତୁ, କାରାଗାରେ ସଢ଼ିଲୁ ତୁ
ଫାଶୀ ମଞ୍ଚେ ଚଢ଼ିଲୁ ତୁ
ପାଇଛୁ କି ତାରେ ଅବିକଳ !

# ଓଡ଼ିଆଙ୍କ ପ୍ରିୟ ଛେନାପୋଡ଼



ରବିନାରାୟଣ ପଟ୍ଟନାୟକ
ପଟିଆ, ଭୁବନେଶ୍ୱର
ମୋ-୯୯୩୭୭୭୩୭୭୭

ପ୍ରତି ଓଡ଼ିଆଙ୍କ ପ୍ରିୟ ଛେନାପୋଡ଼ । ପିଲାଠୁ ବୁଢ଼ା ସଭିଁଏ ଛେନାପୋଡ଼ ଖାଇବାକୁ ଭାରି ପସନ୍ଦ କରିଥାଆନ୍ତି । ଆଉ ଆଜି ହେଉଛି 'ଛେନାପୋଡ଼ ଦିବସ' ।ମିଠା, ନାଁ ଶୁଣୁ ଶୁଣୁ ନା ନା ପ୍ରକାରର ସ୍ୱାଦିଷ୍ଟ ମିଠା ମନକୁ ଆସିଯାଏ । ଓଡ଼ିଆଙ୍କ ପରମ୍ପରା ତ ପିଠା ଆଉ ମିଠାରୁ ଜଣା ପଡିଯାଏ । ପଖାଳ ଦିବସ, ରସୋଗଲା ଦିବସ ଭଳି ଆଜି ହେଉଛି ଛେନା ପୋଡ ଦିବସ । ଛେନାପୋଡ ନାଁ ଶୁଣିଲେ ପାଟିରେ ପାଣି ଆସିଯାଏ । ଥରେ ଯିଏ ଏହାର ସ୍ୱାଦ ପାଇଛି ଆଉ ଥରେ ଖାଇବାକୁ ମନ ବଳାଇଛି ନିଶ୍ଚୟ । ପିଲାଠୁ ବୁଢ଼ା ସମସ୍ତଙ୍କ ପସନ୍ଦ ଛେନାପୋଡ । ଛେନାପୋଡ଼ର ଆକ୍ଷରିକ ଅର୍ଥ ହେଉଛି ପୋଡ଼ା ଯାଇଥିବା ଛେନା ବା ପୋଡ଼ି କରି ତିଆରି କରାଯାଇଥିବା ଛେନାରେ ପ୍ରସ୍ତୁତ ଏକ ମିଠା ।

ପ୍ରତିବର୍ଷ ଏପ୍ରିଲ ୧୧ ତାରିଖକୁ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଏ ।ଛେନାପୋଡ଼ ହେଉଛି ଗୋଟିଏ ଓଡ଼ିଆ ମିଠା। ଯାହା ଛେନା, ଚିନି, ସୁଜି, କାଜୁ, କିସମିସ ବ୍ୟବହାର କରି ତିଆରି କରାଯାଏ। ଛେନାପୋଡ଼ ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ପୋଡ଼ା ଯାଇଥିବା ଛେନା। ଛେନାକୁ ପୋଡ଼ି ତିଆରି କରାଯାଇଥିବା ମିଠା। ଛେନା ବାଦାମୀ ହେବା ପର୍ଯ୍ୟନ୍ତ ଏହାକୁ ପୋଡ଼ାଯାଇଥାଏ ।ଛେନାପୋଡ଼ କଥା ଆସିଲେ ପାଟିରୁ ଲାଳ ଗଡ଼ିଯାଏ । ଦେଖିଲେ ମନ ହୁଏ ଖାଇବା ପାଇଁ । କ୍ଷୀରରୁ ଛେନା ପ୍ରସ୍ତୁତି ପରେ ଏଥିରେ ଅନ୍ୟାନ୍ୟ ଦ୍ରବ୍ୟ ମିଶାଇ ତିଆରି ହୁଏ ସୁଆଦିଆ ଛେନାପୋଡ଼ । ଭାଗମାପରେ ଟିକିଏ ବ୍ୟତିକ୍ରମ ହେଲେ ସବୁ କିଛି ନଷ୍ଟ ହୋଇଯିବାର ଆଶଙ୍କା ମଧ୍ୟ ରହିଛି । ନୟାଗଡ଼ ଜିଲ୍ଲାରୁ ପ୍ରତିଦିନ ଶହଶହ କେଜି ଛେନାପୋଡ଼ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠା ଯାଇଥାଏ । କାରଣ ବେଶ୍ ନାଁ ରହିଛି ନୟାଗଡ଼ ଛେନାପୋଡ଼ର । ଓଡ଼ିଶା ସମେତ ବାହାର ରାଜ୍ୟରେ ମଧ୍ୟ ଏବେ ଛେନାପୋଡ଼ର ଚାହିଦା ଖୁବ୍ ରହିଛି ।

ଛେନାପୋଡ କଥା ଆସିଲେ ସମସ୍ତେ ପ୍ରାୟ ନୟାଗଡ କଥା ଭାବନ୍ତି ମାତ୍ର ଏବେ ଛେନାପୋଡ ଖାଲି ନୟାଗଡର ନୁହେଁ ସମଗ୍ର ଓଡିଶାର ପରିଚୟ ହୋଇଛି ।ନୟାଗଡ଼ରୁ ସୃଷ୍ଟି ଏହି ଛେନାପୋଡ଼କୁ ଏବେ ବିଶ୍ୱସ୍ତରୀୟ କରିବାକୁ ଅଣ୍ଟା ଭିଡିଛନ୍ତି ସମସ୍ତେ। ନୟାଗଡ଼ ଛେନାପୋଡ଼ର ସ୍ରଷ୍ଟା କୁହାଯାଉଥିବା ସୁଦର୍ଶନ ସାହୁଙ୍କ ଜନ୍ମଦିନ ଏପ୍ରିଲ ୧୧କୁ ବିଶ୍ୱ ଛେନାପୋଡ଼ ଦିବସ ରୂପେ ପାଳନ କରୁଛନ୍ତି ସମସ୍ତେ। ସୁଦର୍ଶନ ଏକ ଜଳଖିଆ ଦୋକାନ କରି ପରିବାର ପୋଷୁଥିଲେ। ଏକଦା ତାଙ୍କ ଦୋକାନରେ କିଛି ଛେନା ବଳକା ରହିଯାଇଥିଲା । ତାହା ସକାଳକୁ ଖରାପ ହୋଇଯିବ ଭାବି ସେଥିରେ କିଛି ଚିନି ଓ କିଛି ଚାଉଳ ଚୁନା ମିଶାଇ ରଡ଼ ନିଆଁରେ ଛେନାକୁ ପୋଡ଼ିଦେଇଥିଲେ। ଏହାପରେ ତାହା ଏକ ପିଠା ଆକାରର ହୋଇଥିଲା। ପ୍ରଥମେ ତାହା ଛେନାପୋଡ଼ ପିଠା ହୋଇଥିଲା। ପରେ ଏହା ପିଠାରୁ ମିଠା ପାଲଟିଥିଲା। ଖୁବ୍ କମ୍ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ମିଠା ବେଶ ନାଁ କରିଥିଲା । ବର୍ତ୍ତମାନ ଯଦିଓ ରାଜ୍ୟ ତଥା ରାଜ୍ୟ ବାହାରେ ଛେନାପୋଡ଼ ମିଳୁଛି ତେବେ ନୟାଗଡ଼ ଛେନାପୋଡ଼ର ଆଦର କମିନାହିଁ।

# ବିଦ୍ୟା ହିଁ ଭଗବତ ଉପଲବ୍ଧିର ବିଜ୍ଞାନ



ସୌର ଚନ୍ଦ୍ର ମହାପାତ୍ର
ବରିଷ୍ଠ ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ
ମୋ : ୯୪୩୭୦୦୪୪୬୬

ଗଛକୁ ମାରିଦେବାକୁ ହେଲେ ତା'ର ମୂଳ ଚେରଟାକୁ ହିଁ କାଟି ଦେବାକୁ ପଡ଼ିବ। ଗଛରୁ ଗୋଟି ଗୋଟି କରି ସବୁଯାକ ପତ୍ର ଛିଡ଼ାଇ ପକାଇଲେ ମଧ୍ୟ କିଛି ଲାଭ ନାହିଁ। କାରଣ ପ୍ରଥମେ ଏହା ବହୁ ସମୟ ସାପେକ୍ଷ, ପୁଣି ଗଛ ଆଦୌ ମରି ନପାରେ। ଏ ଦେଶର ବହୁ ଅତୀତର ବେଦ ଦ୍ରଷ୍ଟାମାନେ ଏଇ ସନାତନ ବିଦ୍ୟା ଜାଣିଥିଲେ, ମାତ୍ର ଆଜି ସେଇ ମହାଜ୍ଞାନୀମାନଙ୍କୁ ନିଜର ଆତ୍ମୀୟ ବୋଲି କହିବାକୁ ଆମେ ଭାରତୀୟମାନେ ସମ୍ଭବତଃ ଲଜ୍ଜା ଅନୁଭବ କରୁଛୁ। ସେଇ ବେଦଜ୍ଞ, ଦ୍ରଷ୍ଟାମାନେ ଆପଣାର ତପସ୍ୟା ପ୍ରଭାବରେ ଈଶ୍ୱରଙ୍କୁ ଦର୍ଶନ ଲାଭ କରିବା ସଙ୍ଗେ ସଙ୍ଗେ ତାଙ୍କ କୃପା ଲାଭ କରିଥିଲେ। ସେମାନେ ଏତେ ସାହସିକତାର ସହ ଯେଉଁ ବିଜ୍ଞାନ ଆବିଷ୍କାର କରିଥିଲେ, ତାକୁ ଲୋକ ସମାଜରେ ପ୍ରଚାର କରିଥିଲେ। ଅନ୍ୟ ଦେଶର ସତ୍ୟାନ୍ୱେଷୀ ସାଧକମାନେ ଏସବୁ ପୁସ୍ତକ ପାଠକରି ମତ ଦେଉଥିଲେ ଯେ, ଭାରତ ବର୍ଷ ସାରା ପୃଥିବୀ ପାଇଁ ଜ୍ଞାନର ମଶାଲ ଜାଳି ରଖିଛି। ଏହା ତ ଜଣାଶୁଣା କଥା ଯେ ଦୀପ ସାରା ଘରକୁ ଆଲୋକିତ କରେ ମାତ୍ର ଦୀପର ଠିକ ତଳେ ଖେଳୁଥାଏ ଅନ୍ଧକାରର ଏକ ବଳୟ। ଭାରତ ନିଜର ଏ ଅମୂଲ୍ୟ ସମ୍ପଦ ବିଷୟରେ ଆଦୌ ସଚେତନ ନୁହେଁ। ଏହାକୁ ଭାଗ୍ୟର ଖେଳ ବୋଲି କହି ଆମେ କ'ଣ ଚୁପ୍ ହୋଇ ବସିପାରିବା ?

ପୁରାକାଳରେ ଭାରତୀୟମାନେ ଶୁଦ୍ଧିପୁତ ଭାବରେ ସେମାନଙ୍କର ପ୍ରତିଦିନର କାମ ସମ୍ପାଦନ କରୁଥିଲେ। ଗୋଟିଏ ପବିତ୍ର ସ୍ଥାନରେ ଉପବେଶନ କରି ପବିତ୍ରତା ଦ୍ୱାରା ପରିବେଷ୍ଟିତ ହୋଇ ସେମାନେ ବେଦ ଉପନିଷଦ ଅଧ୍ୟୟନ ଓ ଅଭ୍ୟାସ କରୁଥିଲେ। ତା'ଛଡ଼ା ଅନ୍ୟ ମାନଙ୍କୁ ବାଟ ଦେଖାଇବା ନିମନ୍ତେ ଏବଂ ନିଜର ଅନୁଭୂତିକୁ ବାରମ୍ବାର ଅନୁଭବ କରିବାକୁ ସେମାନେ ସେଗୁଡ଼ିକୁ ପୁସ୍ତକ ଆକାରରେ ଲିପିବଦ୍ଧ କରି ରଖୁଥିଲେ। ମାତ୍ର ସେମାନଙ୍କ ପୁତ୍ର ପୌତ୍ରମାନେ ସେଗୁଡ଼ିକୁ ପୀଢ଼ା ଉପରେ ଉପରେ ରଖି ଧୂପ ଚନ୍ଦନ ଦେଇ ପୂଜା କରିବାରେ ବ୍ୟସ୍ତ। ଅବହେଳାରୁ ତାଳପତ୍ର ପୋଥି ଗୁଡ଼ିକରେ ପୋକଲାଗିଲା ଓ ମୂଷା ମାନଙ୍କର ଉତ୍ପାତରୁ ନଷ୍ଟ ହୋଇଗଲା। ମାତ୍ର ବିଦେଶର ସାଧକ ଓ ଗବେଷକମାନେ ସେ ପୋଥି ଗୁଡ଼ିକର ମୂଲ୍ୟ ବୁଝି ସେଗୁଡ଼ିକୁ ଧ୍ୱଂସସ୍ତୁପରୁ ଉଦ୍ଧାର କରି ଆନନ୍ଦର ସହ ଆପଣାକୁ କୃତାର୍ଥ ମନେ କରି ସମୁଦ୍ର ସେପାରି ତାଙ୍କ ଦେଶକୁ ନେଇ ଯାଉଛନ୍ତି। ସେମାନେ ଉପଲବ୍ଧି କରୁଛନ୍ତି ଯେ ଗ୍ରନ୍ଥ ଗୁଡ଼ିକରେ ରହିଛି ଆଲୋକର ଅତୁଳନୀୟ ଉତ୍ସ ଓ ଜ୍ଞାନର ଅମୂଲ୍ୟ ରତ୍ନ ରାଜି। ସେମାନେ ଘୋଷଣା କରୁଛନ୍ତି ଯେ, ଏଗୁଡ଼ିକ ଜଗତକୁ ଭାରତର ଅପୂର୍ବ ଉପହାର। ଏବେ ସେଇ ଭାରତର ସନ୍ତାନମାନେ କ'ଣ କରୁଛନ୍ତି ଜାଣିବା ଆସନ୍ତୁ ? ସେମାନେ ଏ ପୋଥି ଗୁଡ଼ିକର ପୃଷ୍ଠା ଓଲଟାଉ ନାହାନ୍ତି ବା ସେଥିରେ କ'ଣ ଲେଖାଅଛି ତାହା ଚିନ୍ତା ବି କରୁନାହାନ୍ତି। ଲକ୍ଷ୍ୟ କଲେ ଜଣେ ହୁଏତ ସେ ଗ୍ରନ୍ଥ ପଢୁଥିବ, ଆଉ ଯିଏ ଏସବୁ ପଢୁଛି ଲୋକେ ତାକୁ ନିର୍ବୋଧ ଓ ପାଗଳ ବୋଲି ଉପହାସ କରୁଛନ୍ତି। ସେ ପୋଥିର ବିଦ୍ୟା ଗୁଡ଼ିକ ମିଛ କଥା ଓ ମନଗଢ଼ା କାହାଣୀ ବୋଲି କହି ଏ ଦେଶର ପଣ୍ଡିତମାନେ ସେଗୁଡ଼ିକର ଐତିହାସିକତା ଏବଂ ଲେଖକର ପରିଚୟ ସମ୍ପର୍କରେ ଯୁକ୍ତିତର୍କ କରିବାରେ ବ୍ୟସ୍ତ।

ସଂସ୍କୃତ ଭାଷା ଅଧ୍ୟୟନ କରିବା ଗୋଟାଏ ଖୁବ କଷ୍ଟକର କଥା ବୋଲି କହି ଅନେକ ଏହାକୁ ପରିତ୍ୟାଗ କରିଛନ୍ତି ଏବଂ ଅନ୍ୟ ଦେଶର ପଣ୍ଡିତ ଓ ଜ୍ଞାନ ପିପାସୁ ଲୋକଙ୍କ ହାତରେ ଏ ଭାଷାର ଅମୂଲ୍ୟ ରତ୍ନ ରାଜିକୁ ଟେକି ଦେଇଛନ୍ତି। ସତରେ ଏହା କେତେ ଦୁଃଖର କଥା। ନିଜର ମାତୃଭାଷାକୁ ମନ ଦେଇ ଅଧ୍ୟୟନ କଲେ ହୁଏତ କିଛିଟା କ୍ଷତିପୂରଣ ହୋଇପାରନ୍ତା ମାତ୍ର ସେମାନେ ସେତକ ମଧ୍ୟ କରୁନାହାନ୍ତି। ଚତୁର୍ଦ୍ଦିଗରେ ଆଖିରେ ପଡୁଛି ଖାଲି ଅବହେଳା ଓ ଅବହେଳା। ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ସମ୍ଭାଷଣରେ କେବେ ବି ପାର୍ଥିବ ସୁଖ ଓ ଆନନ୍ଦକୁ ନିନ୍ଦା କରି ନାହାଁନ୍ତି। ଲୋକେ ସୁଖୀ ହେଲେ ସତ୍ୟସାଇ ଅତ୍ୟନ୍ତ ଖୁସି ହୁଅନ୍ତି। ତେବେ ଗୋଟିଏ କଥା ନିରାଟ ସତ୍ୟ ଏଇ ସଂସାରର ସୁଖ ସମ୍ଭୋଗ ଚିରନ୍ତନ। ବାବା ଚାହାଁନ୍ତି ଯେ ସଂସାରରେ ସୁଖରେ ରହିବାକୁ ଆମେମାନେ ସମସ୍ତ କଳା ଓ ବିଜ୍ଞାନ ଅଧ୍ୟୟନ କରିବା ସହିତ ଏହାକୁ ବି ମନେ ରଖିବା ଉଚିତ ଯେ ଏ ପାର୍ଥିବ ଦୁନିଆରେ ସୁଖ ଆଦୌ ଚିରସ୍ଥାୟୀ ନୁହେଁ।

ଚିରସ୍ଥାୟୀ ସୁଖ କେବଳ ଗୋଟିଏ ବିଦ୍ୟା ଦ୍ୱାରା ଲାଭ କରାଯାଇ ପାରିବ। ତାହା ହେଲା ଉପନିଷଦ୍, ବିଦ୍ୟା ତାହା ହିଁ ଭଗବତ ଉପଲବ୍ଧିର ବିଜ୍ଞାନ, ତାହାହିଁ ପୁରାକାଳର ଋଷିମାନଙ୍କ ଶିକ୍ଷା। ଜଗତରେ ତା ଠାରୁ ବଡ଼ ଆଉ କିଛି ନାହିଁ। ଏଥିରେ ବିତର୍କର ଅବକାଶ ନାହିଁ। ଜୀବନରେ ଯେତେ ଦୁଃଖ ଓ ସୁଖ ଭୋଗକର ପଛକେ, ଜୀବନ ଧାରଣ କରିବା ନିମନ୍ତେ ଯେ କୌଣସି ବିଦ୍ୟାରେ ପ୍ରବୀଣତା ହାସଲ କରିଥାଅ ପଛକେ, ବ୍ରହ୍ମ ବିଦ୍ୟା ଠାରେ ସବୁବେଳେ ଦୃଷ୍ଟି ରଖିବା ଉଚିତ। ଯଦି ସଦଗୁଣର ଅଭିବୃଦ୍ଧି ନ କରି ଖାଲି ବୁଦ୍ଧିକୁ ମାଜିବାରେ ଲାଗିବା ଏବଂ ମୁଣ୍ଡ ଭିତରେ ଖାଲି ଗୁଡ଼ିଏ ସମ୍ବାଦ ଭର୍ତ୍ତି କରିବା, ତେବେ ସଂସାରର ପ୍ରଗତି ସୁଦୂର ପରାହତ ହୋଇଯିବ ଏବଂ ଜଗତ ଗୁରୁତ୍ୱର ବିପଦର ସମ୍ମୁଖୀନ ହେବ। ମାତ୍ର ଏବେ ଅନେକ ଲୋକେ ସଦଗୁଣ ଓ ସଦାଚାର ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ ହରାଇ ବସିଲେଣି। କାରଣ ଆଜିର ଶିକ୍ଷା ପଦ୍ଧତି ଏମିତି ହୋଇଛି ଯେ ସେଥିରେ ଆଧ୍ୟାତ୍ମିକ ସାଧନା ବା ଧର୍ମ ଶିକ୍ଷାର କୌଣସି ସ୍ଥାନ ନାହିଁ। ପ୍ରକୃତ ଶିକ୍ଷା ବାଳକ ବାଳିକାଙ୍କ ମଧ୍ୟରେ ଥିବା ସଦଗୁଣକୁ ନଷ୍ଟ କରିଦିଏ ନାହିଁ ବା ଏହାର ଅଭିବୃଦ୍ଧିରେ ବାଧା ସୃଷ୍ଟି କରେନାହିଁ। ଛାତ୍ର ଛାତ୍ରୀମାନଙ୍କ ମୁଣ୍ଡରେ ଗୁଡ଼ାଏ ବାଜେ କଥା ଭର୍ତ୍ତି କରିବା ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ନୁହେଁ। ମଣିଷକୁ ମଣିଷ ପଣିଆ ପ୍ରଦାନ କରୁଥିବା ସମସ୍ତ ସଦଗୁଣର ପୂର୍ଣ୍ଣତମ ବିକାଶ ନିମନ୍ତେ ସମସ୍ତ ସୁଯୋଗ ଦେବା ହିଁ ପ୍ରକୃତ ମଙ୍ଗଳକର ଶିକ୍ଷାର ଲକ୍ଷ୍ୟ।

# ବିଳମ୍ବିତ ମାତୃତ୍ୱ: ବୟସ୍କା ପ୍ରଥମ ଗର୍ଭା



ଡାକ୍ତର କାନ୍ତୀ ନାୟକ
ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ
ସିଡିଏ, କଟକ
E-mail : drkanti111nayak@gmail.com

ଭାରତ ଭଳି ଏକ ବିକାଶଶୀଳ ଦେଶମାନଙ୍କରେ କ୍ରମାଗତ ଭାବେ ବିଳମ୍ବିତ ବିବାହ ବଢ଼ି ଚାଲିଥିବାରୁ ଏହା ଏବେ ଚିନ୍ତାର କାରଣ ପାଲଟିଛି। ଏହାର କାରଣ ହେଉଛି ମହିଳାମାନେ ଏବେ ନିଜର କ୍ୟାରିୟର ପ୍ରତି ସଜାଗ ରହୁଥିବାରୁ ବିବାହର ପ୍ରକୃତ ବୟସ ଗଡ଼ିଯାଉଛି। ଭାରତରେ ମାତୃତ୍ୱର ପ୍ରକୃତ ବୟସ ୩୦ ବର୍ଷକୁ କୁହାଯାଉଥିବା ବେଳେ ଏହା ଏବେ ୩୫ ବର୍ଷ ସୀମାକୁ ଟପିବାରେ ଲାଗିଛି। ଫିଗୋ (ଦି କାଉନ୍‌ସିଲ ଅଫ୍ ଇଣ୍ଟରନ୍ୟାସନାଲ ଫେଡ଼େରେସନ ଅଫ୍ ଅବଷ୍ଟେଟ୍ରିକ୍ସ ଆଣ୍ଡ ଗାଇନୋଲୋଜି) ଅନୁଯାୟୀ ୩୫ବର୍ଷରୁ ବେଶୀ ବୟସର ପ୍ରଥମ ଗର୍ଭଧାରଣକୁ 'ବୟସ୍କା ପ୍ରଥମା ଗର୍ଭା' ବୋଲି କୁହାଯାଇଥାଏ। ନିଜ ପ୍ରଜନନ ସମୟ ସୀମା ଶେଷ ପର୍ଯ୍ୟାୟରେ ଗର୍ଭଧାରଣର ଗୁରୁତର ଜଟିଳତା ସହିତ ବୟସର ଯେଉଁ ସାଧାରଣ ଜଟିଳତାକୁ ସାମନା କରିଥାନ୍ତି ସେଗୁଡ଼ିକ ହେଉଛି – ରକ୍ତଚାପ, ମଧୁମେହ ରୋଗ, ହୃଦ୍‌ରୋଗ, ବୃକକ୍‌ଜନିତ ଓ ଭେଷଜନିତ ରୋଗ। ଏହାଛଡ଼ା ବେଶୀ ବୟସରେ ଗର୍ଭ ଧାରଣ କଲାପରେ ଜନ୍ମଗତ ବିକଳାଙ୍ଗତା, ଯମଜଗର୍ଭ, ଅପରିପକ୍ୱ ପ୍ରସବ ଓ ସାଧାରଣ ଉପସ୍ଥାନ ଭଳି ସମସ୍ୟା ଆଦି ଦେଖାଦେଇଥାଏ। ଏହିଭଳି ସମସ୍ୟା ଦେଖାଦେଇଥିବା ମହିଳାମାନଙ୍କର ସାଧାରଣ ପ୍ରସବ ନହୋଇ ସିଜରିଆନ୍ ଅପରେସନ ଦ୍ୱାରା ପ୍ରସବ ହୋଇଥାଏ। ଏହି କାରଣରୁ ମଧ୍ୟ ଶିଶୁ ଓ ମାତୃ ମୃତ୍ୟୁହାର ଅଧିକ ଦେଖିବାକୁ ମିଳିଥାଏ।

ଆଜି ନିରାପଦ ମାତୃତ୍ୱ ଦିବସ। ଜାତିସଂଘର ଏକ ସର୍ବଶେଷ ରିପୋର୍ଟ ମୁତାବକ ବିଶ୍ୱରେ ପ୍ରତି ୨ମିନିଟରେ ଜଣେ ଗର୍ଭବତୀ କିମ୍ବା ପ୍ରସୂତୀଙ୍କ ମୃତ୍ୟୁ ହାନୀ ହେଉଛି। ଭାରତରେ ହାରାହାରି ୫୨ ଗର୍ଭବତୀ ବା ପ୍ରସୂତୀ ମହିଳାଙ୍କ ଜୀବନ ପ୍ରତିଦିନ ଅକାଳରେ ଚାଲିଯାଉଛି। ଗତ ୨୦୨୩ରେ ଭାରତରେ ପ୍ରାୟ ୧୯ ହଜାର ଗର୍ଭବତୀଙ୍କ ମୃତ୍ୟୁ ଘଟିଥିଲା। ସମଗ୍ର ବିଶ୍ୱରେ ଏହି ତାଲିକାରେ ନାଇଜେରିଆର ସ୍ଥାନ ପ୍ରଥମ ଥିବାବେଳେ ଭାରତର ସ୍ଥାନ ଦ୍ୱିତୀୟ। ୨୦୨୩ରେ ମହିଳାଙ୍କ ଗର୍ଭାବସ୍ଥାରେ ସ୍ୱାସ୍ଥ୍ୟଗତ ଜଟିଳତା ଯୋଗୁଁ ବିଶ୍ୱରେ ପ୍ରାୟ ୨ଲକ୍ଷ ୬୦ ହଜାର ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୦ରୁ ୨୦୨୩ ମଧ୍ୟରେ ଭାରତରେ ମାତୃ ମୃତ୍ୟୁହାର (ପ୍ରତି ୧ଲକ୍ଷ ଜୀବନ୍ତ ଶିଶୁ ଜନ୍ମ ଦେଉଥିବା ପ୍ରସୂତୀଙ୍କ ମଧ୍ୟରେ ମୃତ୍ୟୁ ଘଟୁଥିବା ମହିଳାଙ୍କ ସଂଖ୍ୟା)। ୨୦୦୦ ମସିହାରେ ୩୬୨ ଥିଲାବେଳେ ୨୦୨୩ରେ ତାହା ୮୦କୁ ହ୍ରାସ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ମୁତାବକ ସ୍ୱାସ୍ଥ୍ୟ ସେବା ସୁବିଧାର ବୃଦ୍ଧି ଯୋଗୁ ୨୦୦୦ରୁ ୨୦୨୩ ମଧ୍ୟରେ ବିଶ୍ୱରେ ମାତୃମୃତ୍ୟୁ ହାର ୪୦% ହ୍ରାସ ପାଇଛି। ତେବେ ସ୍ୱାସ୍ଥ୍ୟଗତ ଜଟିଳତା ଦେଇ ଗତି କରୁଥିବା ଗର୍ଭବତୀ ମହିଳାଙ୍କ ଜୀବନ ରକ୍ଷା କରାଯାଇପାରିବ ବୋଲି ରିପୋର୍ଟରେ କୁହାଯାଇଛି। ଅତ୍ୟଧିକ ରକ୍ତସ୍ରାବ, ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ, ସଂକ୍ରମଣ, ଅସୁରକ୍ଷିତ ଗର୍ଭପାତ ଆଦି ମୃତ୍ୟୁର ପ୍ରମୁଖ କାରଣ। ସେହିଭଳି ମଧୁମେହ ହୃଦରୋଗ ମଧ୍ୟ ଗର୍ଭବତୀଙ୍କ ଜୀବନକୁ ଅଧିକ ବିପଦରେ ପକାଉଥିବା ଜାତିସଂଘ ତା ରିପୋର୍ଟରେ ଦର୍ଶାଇଛି। ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ୩୫ରୁ ୪୯ ବର୍ଷ ବୟସରେ ପ୍ରଥମ ଗର୍ଭଧାରଣ ଶତକଡ଼ା ୮.୬ ଥିବାବେଳେ ପ୍ରଥମ ଗର୍ଭଧାରଣ ଶତକଡ଼ା ୨.୪ରୁ ୩.୪କୁ ବୃଦ୍ଧି ପାଇଛି। ତେଣୁ ୩୫ ବୟସ ବା ତଦୁର୍ଦ୍ଧ ବୟସରେ ମାତୃତ୍ୱ ଲାଭ କରୁଥିବା ମା' ଓ ଶିଶୁଙ୍କ ପାଇଁ ଏଭଳି ଗର୍ଭଧାରଣ ବିପଜ୍ଜନକ ପରିଲକ୍ଷିତ ହୋଇଥାଏ। ଏହାକୁ ହାଇରିସ୍କ ପ୍ରେଗ୍‌ନାନ୍ସି ବୋଲି କୁହାଯାଏ। ନିକଟରେ ଏକ ଚମକପ୍ରଦ ଖବର ଶୁଣିବାକୁ ମିଳିଥିଲାଯେ, ମାସିକ ଋତୁସ୍ରାବର ବିରତି ପରେ ମଧ୍ୟ ୬୫ ବର୍ଷ ବୟସରେ ଜଣେ ମହିଳା ଗର୍ଭଧାରଣ କରିବାରେ ସକ୍ଷମ ହୋଇଛନ୍ତି। ଆଣ୍ଡ୍ରୋପଜ୍ ପରେ ମଧ୍ୟ ପୁରୁଷମାନେ ୮୦ ବର୍ଷ ବୟସରେ ପିତୃତ୍ୱ ଲାଭ କରିପାରୁଛନ୍ତି। ବୟସ୍କା ମହିଳାମାନଙ୍କ ମଧ୍ୟରୁ କେତେଜଣ ଅଭାବନୀୟ ପରିସ୍ଥିତିରେ ଗର୍ଭଧାରଣ କଲାବେଳେ ଆଉକିଛି ବହୁବର୍ଷ ଧରି ବନ୍ଧ୍ୟା ରହିବା ପରେ ଗର୍ଭଧାରଣ କରିଥାନ୍ତି ଏବଂ ଅବଶିଷ୍ଟ ମହିଳା ନିଜ ଠାରୁ କମ୍ ବୟସର ମହିଳାଙ୍କ ନିଜ ଠାରୁ କମ୍ ବୟସର ମହିଳାଙ୍କ ଠାରୁ ଡିମ୍ବ ନେଇ ଗର୍ଭଧାରଣ କରିଥାନ୍ତି।

ବିଳମ୍ବିତ ବିବାହରେ ସମସ୍ୟା : ବନ୍ଧ୍ୟାଦୋଷ : ବୟସ ବଢ଼ିବା ସହିତ ଗର୍ଭଧାରଣ କରିବା ଶକ୍ତି କମି ଯାଏ, କାରଣ ବୟସ୍କା ମହିଳାମାନଙ୍କର ଡିମ୍ବ କୋଷରୁ ଡିମ୍ବ ନିର୍ଗତ ହେବା କମିଯାଏ। ଗର୍ଭପାତ : ବୟସ୍କା ମହିଳାମାନଙ୍କ ଡିମ୍ବରେ ଜନ୍ମଗତ ବିକଳାଙ୍ଗତା 'କ୍ରୋମୋଜୋମାଲ ଆନୋମାଲି' ଥିବାରୁ ବେଶି ଗର୍ଭନଷ୍ଟ ହୁଏ। ଏମାନଙ୍କର ଜରାୟୁ ଝିଲ୍ଲୀ ବିକଶିତ ହୋଇନଥିବାରୁ ଗର୍ଭପାତ ୬ଗୁଣ ଅଧିକା ହୋଇଥାଏ। ଶିଶୁ ବିକଳାଙ୍ଗତା : ୩୫ବର୍ଷରୁ ଅଧିକ ବୟସ୍କା ମହିଳାମାନଙ୍କର ମଳାଶିଶୁ ଜନ୍ମ ହେବାର ଆଶଙ୍କା ଅଧିକ ଦେଖାଦେଇଥାଏ। ଉଚ୍ଚରକ୍ତ ଚାପ : ବୟସ ବଢ଼ିବା ସହିତ ଉଚ୍ଚ ରକ୍ତଚାପ ଦେଖାଦେଇଥାଏ। ଯାହାଫଳରେ ବିଳମ୍ବରେ ବିବାହ କରୁଥିବା ମହିଳା ଅଧିକ ରକ୍ତଚାପର ସମ୍ମୁଖୀନ ହୋଇଥାନ୍ତି। ଜରାୟୁ ଅର୍ବୁଦ୍ ଫ୍ରାଇବ୍ରଏଡ୍ : ଶତକଡ଼ା ୧୦ ଭାଗ ବୟସ୍କା ମହିଳାଙ୍କୁ ଏହି ରୋଗ ହୋଇଥାଏ। ଏହାଦ୍ୱାରା ଗର୍ଭପାତ ଓ ଅପରିଣତ ପ୍ରସବ ଆଦି ହୋଇଥାଏ। ମଧୁମେହ : ଅଧିକ ବୟସରେ ବିବାହ କରୁଥିବା ଶତକଡ଼ା ୧୦ ଭାଗ ମହିଳାଙ୍କ ଠାରେ ମଧୁମେହ ରୋଗ ଦେଖାଦେଇଥାଏ। ଏହାଦ୍ୱାରା ଗର୍ଭରେ ଶିଶୁ ମୃତ୍ୟୁ, ପ୍ରସବ ପରେ ଶିଶୁର ଅସୁବିଧା ଆଦି ଦେଖିବାକୁ ମିଳିଥାଏ।

ଅପରିଣତ ପ୍ରସବ : ବିଳମ୍ବରେ ଗର୍ଭଧାରଣ କଲେ ଅପରିଣତ ପ୍ରସବର ଜଟିଳତା ପ୍ରାୟ ୨ଗୁଣ ବଢ଼ିଯାଏ। ଶତକଡ଼ା ୧୦-୧୮ ଭାଗ ଶିଶୁ ଅପରିଣତ ବୟସରେ ଜନ୍ମଗ୍ରହଣ କରିବାରୁ ଶିଶୁମୃତ୍ୟୁହାର ଅଧିକ ଦେଖିବାକୁ ମିଳିଥାଏ। ଏତଦ୍‌ଭିନ୍ନ ଅଧିକ ବୟସରେ ଗର୍ଭଧାରଣ କରୁଥିବା ମହିଳାଙ୍କର ପ୍ରସବ ପୂର୍ବରୁ ପାଣିଥଳୀ ଫାଟିଯାଏ, ଯାହାଦ୍ୱାରାକି ସଂକ୍ରମଣ ଜନିତ ସମସ୍ୟା ପରିଲକ୍ଷିତ ହୋଇଥାଏ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସ୍ତ୍ରୀ ଓ ପ୍ରସୂତୀ ସମ୍ବନ୍ଧୀୟ ସମସ୍ତ ପ୍ରକାର ସୁବିଧା କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳ ଠାରୁ ସବୁଜବନାନୀର ଆଦିବାସୀ ବହୁଳ ଅଗମ୍ୟ ଇଲାକାରେ ଥିବା ସ୍ତ୍ରୀ ଲୋକଟି ପାଇଁ ସମସ୍ତ ପ୍ରକାର ସୁବିଧାର ବ୍ୟବସ୍ଥା କରାଯାଇଛି। ଗର୍ଭବତୀ ହେବା ଠାରୁ ପ୍ରସୂତୀକୁ ବିଭିନ୍ନ ସରକାରୀ ପ୍ରଦତ୍ତ ମାଗଣା ଔଷଧ, ଉନ୍ନତମାନର ପୃଷ୍ଟିକର ଖାଦ୍ୟ ସହ ଟୀକାକରଣ ଓ ପ୍ରୋତ୍ସାହନ ରାଶିର ସୁଯୋଗ ବି ରହିଛି। ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ହେଉ ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀକେନ୍ଦ୍ର ଠାରୁ ଉପଖଣ୍ଡସ୍ତରୀୟ ସରକାରୀ ଡାକ୍ତରଖାନା। ଜିଲ୍ଲାସ୍ତରୀୟ ଡାକ୍ତରଖାନା ଠାରୁ ବଡ଼ମେଡ଼ିକାଲରେ ଏହାର ପର୍ଯ୍ୟାପ୍ତ ସୁବିଧା ସରକାର ଦେଇଛନ୍ତି। ତେଣୁ ମାତୃତ୍ୱ ବିଳମ୍ବିତ ହେଲେ କୌଣସି ତୁଟୁକା ତୁଟୁକି ବା ଗୁଣିଗାରେଡ଼ି ଚିକିତ୍ସାକୁ ବିଶ୍ୱାସ ନରଖି ବରଂ ସରକାରୀ ଡାକ୍ତରଖାନାରେ ଥିବା ଅଭିଜ୍ଞ ଡାକ୍ତରଙ୍କ ଚିକିତ୍ସା ସେବା ନେବା ନିହାତି ଜରୁରି।



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ର ବସ୍ତି ବାସିନ୍ଦା ଏବଂ ସାଧାରଣ ଲୋକଙ୍କ ଉତଥାନ ନିମନ୍ତେ ପାରାଦୀପ ବନ୍ଦର ସହାୟତାରେ ପାରାଦୀପ ସାକ୍ଷରତା ସମିତି ଦୀର୍ଘ ୩୨ ବର୍ଷ ହେବ ବିଭିନ୍ନ ସାମାଜ କଲ୍ୟାଣ କାର୍ଯ୍ୟ କରିଆସୁଛି । ସେହିପରି ନିୟମିତ ଅନ୍ତରରେ ଆର୍ଥିକ ଅନଗ୍ରସର, ବୟସ୍କ ଓ ଆବଶ୍ୟକୀୟ ବ୍ୟକ୍ତିମାନଙ୍କୁ ସମିତି ପକ୍ଷରୁ ସେମାନଙ୍କ ଦୈନନ୍ଦିନ ଜୀବନଯାପନ ପାଇଁ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯାଇଥାଏ । ଏହି ପରିପ୍ରେକ୍ଷୀରେ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ପରାମର୍ଶ କ୍ରମେ ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ୩୫୯ ଜଣ ଛାତ୍ରଛାତ୍ରୀଙ୍କୁ ସମିତି ପକ୍ଷରୁ ସ୍କୁଲ ପୋଷାକ ବଣ୍ଟନ କରାଯାଇଥିଲା । ଏହି ଅବସରରେ ଗୁରୁବାର ସ୍କୁଲ ସମ୍ମିଳନୀ କକ୍ଷରେ ଆୟୋଜିତ ପୋଷାକ ବିତରଣ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଉପାଧକ୍ଷ ନୀଳାଦ୍ରୀ ଦାସଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ପୋଷାକ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ସିନିଅର ଡିଟିଏମ ଏ.କେ.ସାହୁ, ପାରାଦୀପ ସାକ୍ଷରତା ସମିତିର ସମ୍ପାଦକ ରାମ ଚନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପୋଷାକ ବଣ୍ଟନ କରିଥିଲେ । ଏହି କର୍ଯ୍ୟକ୍ରମକୁ ପୋର୍ଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ପି.କେ.ଦାଶ ସଫଳତାର ସହ ପରିଚାଳନା କରିଥିବା ବେଳେ ପୋର୍ଟ ଟ୍ରଷ୍ଟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାସ ଏଥିରେ ସହଯୋଗ କରିଥିଲେ ।



# ଗ୍ରାମ୍ୟ ଉଦ୍ୟାନ ପାଲଟିଛି ବିଷାକ୍ତ ସରୀସୃପଙ୍କ ବାସସ୍ଥଳୀ



ଚଣ୍ଡିଖୋଲ(ଭାସ୍କର ନ୍ୟୁଜ): ଶ୍ରମ କ୍ଲିଷ୍ଟ ଶରୀର ଓ ମନକୁ ଟିକେ ଆମୋଦ ପ୍ରମୋଦ କରିବା ପାଇଁ ପୂର୍ବ ସରକାର ସମୟରେ ପ୍ରତ୍ୟେକ୍କ ଗ୍ରାମ ପଂଚାୟତରେ ଗୋଟିଏ ଲେଖାଏଁ ଗ୍ରାମ୍ୟ ଉଦ୍ୟାନ ନିର୍ମାଣ କରିଥିଲେ । ସକାଳେ ଓ ସନ୍ଧ୍ୟାରେ ଗ୍ରାମାଞ୍ଚଳର ଯୁବକ, ଯୁବତୀ, ମହିଳା, ପୁରୁଷ ଓ ଶିଶୁ ସମସ୍ତେ ଗ୍ରାମ୍ୟ ଉଦ୍ୟାନରେ କିଛି ସମୟ ଅତିବାହିତ କରି ଶରୀର ଓ ମନକୁ ଶାନ୍ତି ଦେବା ପାଇଁ ଏହି ଗ୍ରାମ୍ୟ ଉଦ୍ୟାନର ମୂଳଲକ୍ଷ୍ୟ। ବଡ଼ଚଣାର ବିଭିନ୍ନ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ୧୦ ଲକ୍ଷ ଟଙ୍କା ବ୍ୟୟବରାଦରେ ଏହି ଗ୍ରାମ୍ୟ ଉଦ୍ୟାନର ନିର୍ମାଣ ହୋଇଥିଲା । ଉଦ୍ୟାନରେ ବିଭିନ୍ନ ରଙ୍ଗ ବେରଙ୍ଗର ଫୁଲ, ଫଳ, ବିଭିନ୍ନ ପଶୁ ପକ୍ଷୀମାନଙ୍କର ମୂର୍ତ୍ତୀ, ଝରଣା, ଦୋଳି, ଉଚ୍ଚସ୍ଥାନରୁ ପଡୁଥିବା ପାଣି, ବସିବା ପାଇଁ ଆରାମଦାୟକ ଚୌକି, ବିଭିନ୍ନ ପ୍ରକାର ଘାସ ଗାଲିଚା ସହିତ ସନ୍ଧ୍ୟା ସମୟରେ ରଙ୍ଗବେରଙ୍ଗର ଆଲୋକିକାରଣ, ମନକୁ ଆନନ୍ଦ ଦେଇଥାଏ। ଯାହା ଗ୍ରାମାଞ୍ଚଳ ଲୋକମାନଙ୍କୁ ବେଶ୍ ଆକର୍ଷଣ କରିଥାଏ । ମାତ୍ର ପରବର୍ତ୍ତୀ ଅବସ୍ଥାରେ ଏହାର ଉପଯୁକ୍ତ ରକ୍ଷଣ ବେକ୍ଷଣ ଯୋଗୁ ଏହା ନଷ୍ଟହୋଇ ଯାଇ ଜଙ୍ଗଲରେ ପରିଣତ ହୋଇଛି । ବଡ଼ଚଣା ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ଗ୍ରାମ ପଂଚାୟତରେ ନିର୍ମାଣ କରାଯାଇଥିବା ଗ୍ରାମ୍ୟ ଉଦ୍ୟାନଟି ଦେଶ ବିଦେଶର ଲୋକମାନଙ୍କୁ ଆକର୍ଷିତ କରିଥାଏ । ରାଜ୍ୟ ତଥା ରାଜ୍ୟ ବାହାରୁ ଦୈନିକ ବହୁ ଗ୍ରାମ ପଞ୍ଚାୟତ ପ୍ରତିନିଧି ମାନେ ଏଠାକୁ ଆସୁଥିବା ବେଳେ ଏହାର ନିର୍ମାଣ ଶୈଳୀ ଦେଖି ଖୁସି ହେବା ସହ ଏଭଳି ଉଦ୍ୟାନ ନିଜ ପଞ୍ଚାୟତରେ ନିର୍ମାଣ କରିବାକୁ ପରାମର୍ଶ ନେଇଥାଆନ୍ତି । ମାତ୍ର ସୁଙ୍ଗୁଡ଼ା ଗ୍ରାମ ପଞ୍ଚାୟତ ତରଫରୁ ପୂର୍ବ ସରକାରଙ୍କ ମହାତ୍ମାଗାନ୍ଧୀ ନିର୍ଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ୧୦ ଲକ୍ଷ ଟଙ୍କ ବ୍ୟୟରେ ନିର୍ମିତ ଗ୍ରାମ୍ୟ ଉଦ୍ୟାନଟି ଉପଯୁକ୍ତ ରକ୍ଷଣକ୍ଷବେକ୍ଷଣ ନହେବା ଯୋଗୁ ଜଙ୍ଗଲ ପାଲଟିବା ସହିତ ବିଷାକ୍ତ ସରୀସୃପ ମାନଙ୍କର ବାସସ୍ଥଳୀ ପାଲଟିଛି । ଏହି ଉଦ୍ୟାନରେ ଥିବା ବହୁ ପଶୁପକ୍ଷୀମାନଙ୍କର ରଙ୍ଗବେରଙ୍ଗର ମୂର୍ତ୍ତି ନଷ୍ଟ ହେବା ସହିତ ଫୁଲ ଫଳ ଗଛଗୁଡ଼ିକ ନଷ୍ଟ ହୋଇଗଲାଣି । ଏହି ଉଦ୍ୟାନରେ ଅନାବନା ଗଛ ମାଡ଼ି ଯିବାର ଦେଖାଗଲାଣି । ଏହି ଉଦ୍ୟାନରେ ମଧ୍ୟ ଦିନରେ ବିଷାକ୍ତ ସରୀସୃପ ବୁଲୁଥିବା ମଧ୍ୟ ଦେଖାଯାଉଛି । ଏହି ସମ୍ପର୍କରେ ବଡ଼ଚଣା ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ପଚାରିବାରୁ କହିଲେ ଗ୍ରାମ୍ୟ ଉଦ୍ୟାନର ରକ୍ଷଣକ୍ଷବେକ୍ଷଣ ଦାୟିତ୍ୱ ସଂପୃକ୍ତ ଗ୍ରାମ ପଞ୍ଚାୟତର ବୋଲି ବ୍ଲକ୍ ଅଧିକାରୀ କହିଥିଲେ । ମାତ୍ର ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କୁ ପଚାରିବାରୁ ଏହି ଉଦ୍ୟାନଟି କେଉଁଠି ତିଆରି ହୋଇଛି ମୁଁ ଜାଣି ନାହିଁ ବୋଲି କହିଥିଲେ । ଫଳରେ ୧୦ ଲକ୍ଷ୍ୟ ଟଙ୍କା ବ୍ୟୟରେ ନିର୍ମାଣ ଗ୍ରାମ୍ୟ ଉଦ୍ୟାନଟି ନଷ୍ଟ ହୋଇଗଲାଣି । ଏଥିପାଇଁ ତୁରନ୍ତ ଧ୍ୟାନ ଦେବାକୁ ଗ୍ରାମବାସିମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଭାରତୀୟ ତଟରକ୍ଷକର ୨ଦିନିଆ ରାଜ୍ୟସ୍ତରୀୟ ସାମୁଦ୍ରିକ ସନ୍ଧାନ ଓ ଉଦ୍ଧାର କର୍ମଶାଳା



ପାରାଦୀପ(ଭାସ୍କର ନ୍ୟୁଜ): ଭାରତୀୟ ତଟରକ୍ଷକ ମୁଖ୍ୟାଳୟ, ଜିଲ୍ଲା ସଂଖ୍ୟା ୭ (ଓଡ଼ିଶା) ଦ୍ୱାରା ଦୁଇଦିନିଆ ରାଜ୍ୟସ୍ତରୀୟ ସାମୁଦ୍ରିକ ସନ୍ଧାନ ଓ ଉଦ୍ଧାର କର୍ମଶାଳାର (ଏମ୍ଏସଏଆର) ଆୟୋଜିତ ହୋଇଯାଇଛି । ୮ ଓ ୯ ତାରିଖ ପାରାଦୀପରେ ଆୟୋଜିତ ଏହି ଦୁଇଦିନବ୍ୟାପି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, ପାରାଦୀପ ବନ୍ଦର ପ୍ରାଧିକରଣ, ମତ୍ସ୍ୟ ବିଭାଗ, କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ, ଓଡିଶା ଆରକ୍ଷୀ ବାହିନୀ, ସାମୁଦ୍ରିକ ପୋଲିସ, ବନ ବିଭାଗ, ଅନ୍ୟାନ୍ୟ ବେସରକାରୀ ସଂସ୍ଥା ସମେତ ଓଡିଶା ରାଜ୍ୟର ବିଭିନ୍ନ ସୁରକ୍ଷା ଓ ଉଦ୍ଧାର ବିଭାଗମାନେ ଅଂଶଗ୍ରହଣ କରିଥିଲେ । ଭାରତୀୟ ତଟ ରକ୍ଷକ ଦେଶର ସାମୁଦ୍ରିକ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟର ଅଗ୍ରଣୀ ବିଭାଗ ଭାବେ କାର୍ଯ୍ୟ କରେ। ଏହି କର୍ମଶାଳାର ଲକ୍ଷ୍ୟ ବିଭିନ୍ନ ବିଭାଗ ମଧ୍ୟରେ ସହଯୋଗ, କାର୍ଯ୍ୟ ପ୍ରଣାଳୀ ବିଷୟରେ ପୁନଃଆଲୋଚନା କରି ଏକ ଉତ୍ତମ ସହଯୋଗିତା ସୃଷ୍ଟି କରିବା। କର୍ମଶାଳାକୁ ତଟରକ୍ଷକ କମାଣ୍ଡର (ଓଡ଼ିଶା) ଉପ ମହାନିରୀକ୍ଷକ ସଂଜୟ ନେଗି ଉଦ୍ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଏଜେନ୍ସିମାନେ ଏହି କାର୍ଯକ୍ରମରେ ଅଂଶଗ୍ରହଣ କରି ତାଙ୍କର ଭୂମିକା, ପ୍ରତିକ୍ରିୟା ଓ ଉଦ୍ଧାର କ୍ଷମତା ବୃଦ୍ଧି କରିପାରିବେ ବୋଲି ଉଲ୍ଲେଖ କରିଥିଲେ। ଏହି ପ୍ରକାରର କାର୍ଯ୍ୟକ୍ରମ ସାମୁଦ୍ରିକ ଅପାତକାଳୀନ ପରିସ୍ଥିତିରେ ଏକତାବଦ୍ଧ ଉଦ୍ୟମ ଦ୍ୱାରା ଜୀବ ଓ ସମ୍ପତ୍ତି ରକ୍ଷା କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିବାହ କରିବା ବୋଲି ଉଲ୍ଲେଖ କରିଥିଲେ। ପ୍ରଥମ ଦିନରେ ବିଭିନ୍ନ ଏଜେନ୍ସିଙ୍କ ଦ୍ୱାରା ସନ୍ଧାନ ଓ ଉଦ୍ଧାର ସମ୍ପର୍କିତ ପ୍ରସ୍ତୁତି, ଉପକରଣ, ପ୍ରତିକ୍ରିୟା ବ୍ୟବସ୍ଥା ଓ ନୂତନ ପ୍ରଯୁକ୍ତି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଦ୍ୱିତୀୟ ଦିନ ଏକ ଟେବୁଲ୍ ଟପ୍ ଅଭ୍ୟାସ ଆୟୋଜିତ ହୋଇଥିଲା, ଯାହା ମାଧ୍ୟମରେ ବିଭିନ୍ନ ଏଜେନ୍ସି ଏକତାବଦ୍ଧ ଭାବେ କିପରି ସନ୍ଧାନ ଓ ଉଦ୍ଧାର ଅଭିଯାନ କରିପାରିବେ ତାହାର ବିବରଣୀ ଉପସ୍ଥାପନା କରାଯାଇଥିଲା ।

# ସମାଜସେବୀ ମହେଶ୍ୱରଙ୍କ ପରଲୋକ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ବାଜପୁର କୃଷ୍ଣନଗର ପାଟଣା ଗ୍ରାମର ମହେଶ୍ୱର ସାହୁଙ୍କର ନିଜ ବାସଭବନରେ ପରଲୋକ ହୋଇଯାଇଛି । ସେ ଜଣେ ପରୋପକାରୀ, ସମାଜସେବୀ, ସ୍ନେହୀ ଭାବେ ସାରା ଅଞ୍ଚଳରେ ପରିଚିତ ଥିଲେ । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଭାଇ ଶଙ୍କର, ଜୟରାମ, ପୁତ୍ର ରବୀନ୍ଦ୍ର, ଚନ୍ଦ୍ରମଣି, ପୁତ୍ରବଧୂ, ପୁତୁରା ଗୋବିନ୍ଦ, ଝିଅ, ଜ୍ୱାଇଁ, ନାତି ନାତୁଣୀ, ପରିବାର, ବନ୍ଧୁବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ଅନ୍ତିମ ସଂସ୍କାରରେ ପୁତ୍ର ଚନ୍ଦ୍ରମଣି ମୁଖାଗ୍ନି ଦେଇଥିଲେ ।

## ଅମାନିଆ ରୋଡ଼ରୋମିଓଙ୍କ ବାଇକ୍ ଗର୍ଜ୍ଜନରେ
# ଆତଙ୍କିତ ପାରାଦୀପ ସହରବାସୀ: କାର୍ଯ୍ୟାନୁଷ୍ଠାନ ଦାବି

ପାରାଦୀପ(ଭାସ୍କର ନ୍ୟୁଜ): ଦିନକୁ ଦିନ ବନ୍ଦର ସହର ପାରାଦୀପରେ ବେପରୁଆ ଦ୍ରୁତ ବାଇକ ଚାଳକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ଏହାର ଏକମାତ୍ର କାରଣ ବିପର୍ଯ୍ୟସ୍ତ ଟ୍ରାଫିକ ଓ ପୋଲିସ ପେଟ୍ରୋଲିଂ ବ୍ୟବସ୍ଥା । ଗୋଟେପଟେ ଟ୍ରାଫିକ ବ୍ୟବସ୍ଥା ଠପ୍ ହୋଇ ପଡିବା ବେଳେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ୨ ଚକିଆ ଏବଂ ୪ ଚକିଆ ଯାନ ମନ ଇଚ୍ଛାରେ ଯିଏ ଯୋଉଠି ରାସ୍ତା ଉପରେ ରଖିବା ଫଳରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ରୋଡରୋମିଓମାନଙ୍କ ବେପରୁଆ ଗାଡିଚାଳନା ସହରବାସୀଙ୍କୁ କଲବଲ କରିଦେଉଛି । ବିନା ସଂକେତରେ ଗାଡି ଚାଳନା ଦୁର୍ଘଟଣା ଅନ୍ୟତମ କାରଣ ହୋଇଥିଲେ ସୁଦ୍ଧା ପୁଲିସର କୁମ୍ଭକର୍ଣ୍ଣ ନିଦ୍ରା ନଭାଙ୍ଗିବା ଘଟଣାକୁ ସଙ୍ଗୀନ କରିଦେଇଛି । କଲେଜ, ସ୍କୁଲ, ବିଭିନ୍ନ କଲୋନୀ ରାସ୍ତା, ସମୁଦ୍ର କୂଳ ମେରାଇନ ରୋଡ଼ ଏପରିକି ବ୍ୟସ୍ତବହୁଳ ଥାନା ଛକ ରାସ୍ତା ଦେଇ ଦୈନିକ ସ୍ୱିଡବାଇକ୍ ରୋମିଓମାନେ ବାଇକ୍ର ସାଇଲେନ୍ସର ଫଟା ବିକଟାଳ ଗର୍ଜନ କରି ଘୁରି ବୁଲୁଛନ୍ତି । ଏଥିରେ ସହର ସାରା ଶବ୍ଦ ପ୍ରଦୂଷଣ ସାଙ୍ଗକୁ ସାଧାରଣରେ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଛି । ସେହିପରି ବଡ଼ପଡ଼ିଆ ମୁଖ୍ୟ ଜନଗହଳି ପୂର୍ଣ୍ଣ ରାସ୍ତାରେ ଏହି ଦ୍ରୁତ ବାଇକ ଚାଳନା ଯୋଗୁଁ ସାଧାରଣରେ ଆତଙ୍କ ଖେଳିଯାଇଛି । ଅନ୍ୟପକ୍ଷରେ ପୋଲିସ ପାଟ୍ରୋଲିଙ୍ଗ ବ୍ୟବସ୍ଥା ହୁଗୁଳା ଓ ତନଖି ଅଭାବରୁ ଏହି ଦ୍ରୁତ ଗାଡି ଚାଳକଙ୍କ ସଂଖ୍ୟା ସହର ଭିତରେ ଦିନକୁ ଦିନ ବୃଦ୍ଧି ପାଉଥିବା ଚର୍ଚ୍ଚା ହେଉଛି । ଏଣୁ ଏହି ଉତ୍ପାତକାରୀ ଦ୍ରୁତ ଗାଡି ଚାଳକଙ୍କ ବିରୁଦ୍ଧରେ ପୋଲିସ ଦୃଢ଼ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସହରରେ ନିୟମିତ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି ।

# ନିମାପଡ଼ାରେ ଲାଗୁ ହେବାକୁ ଯାଉଛି ଆୟୁଷ୍ମାନ୍ ସ୍ୱାସ୍ଥ୍ୟ କାର୍ଡ଼

ନିମାପଡ଼ା(ଭାସ୍କର ନ୍ୟୁଜ୍): ବଦଳିଲା ସ୍ୱାସ୍ଥ୍ୟବୀମା କାର୍ଡ଼ । ନିମାପଡ଼ାରେ ଥିବା ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ନୂତନ କାର୍ଡ଼ କାର୍ଯ୍ୟକାରୀ କରାଯିବ ବୋଲି ସ୍ଥିର କରାଯାଇଛି । ପ୍ରତ୍ୟେକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଏହି କାର୍ଡ଼ କାର୍ଯ୍ୟକାରୀ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଆୟୁଷ୍ମାନ୍ ଯୋଜନା ସରକାରଙ୍କ ଏକ ଯୁଗାନ୍ତ ପଦକ୍ଷେପ ବୋଲି ଅନେକ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି । ଏହାକୁ ନେଇ ଜନସାଧାରଣ ଅତ୍ୟନ୍ତ ଆନନ୍ଦିତ ଥିବାବେଳେ ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଆୟୁଷ୍ମାନ୍ ଯୋଜନା କାର୍ଯ୍ୟକାରୀ ହେବାର ଶ୍ରେୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ଦିଆଯାଇଛି ବୋଲି ଜନସାଧାରଣ କହିଛନ୍ତି । ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ସମୟରେ ଆରୋଗ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ରେଞ୍ଚ, ବଳଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ର, ନୂଆସନ୍ଥ, ବାମନାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ୍ ଯୋଜନା ଭାରତ ସରକାରଙ୍କ ଏହି ନୂଆ କାର୍ଡ଼ ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନେକ ଜନସାଧାରଣ ଯୋଗ ଦେବେ ବୋଲି ଜଣାପଡ଼ିଛି । ଏହି ଯୋଜନା ଓଡ଼ିଶାରେ ଲାଗୁ ହେବାକୁ ଯାଉଥିବା କୁହାଯାଇଛି । ସରକାରଙ୍କର ଏପରି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

## ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ ନିର୍ବାଚନ
# ଶ୍ରୀକାନ୍ତ ପରିଡାଙ୍କ ସହ ଟିମ୍ର ଲଗାତାର ବିଜୟ



ପାରାଦୀପ(ଭାସ୍କର ନ୍ୟୁଜ): ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା)ର ବୁଧବାର ଦିନ ଅନୁଷ୍ଠିତ କର୍ମକର୍ତ୍ତା ନିର୍ବାଚନରେ ଲଗାତାର ସଭାପତି ଭାବେ ଶ୍ରୀକାନ୍ତ ପରିଡା ଏବଂ ତାଙ୍କ ସମର୍ଥିତ ସମସ୍ତ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି । ସଭାପତି ଭାବେ ଶ୍ରୀକାନ୍ତ ପରିଡା (ଲିଟୁ)ଙ୍କୁ ସର୍ବାଧିକ ୩୧୮ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦୀ ଅମରଜିତ ଜେନା (କୁନା)ଙ୍କୁ ୧୫୭ ଖଣ୍ଡ ଭୋଟ ମିଳିଛି। ସେହିପରି ଉପସଭାପତି (କ) ପାଇଁ ମାନସ ରଞ୍ଜନ ପଢିଆରି, ଉପସଭାପତି (ଖ) ପ୍ରହଲ୍ଲାଦ ବିଶ୍ୱାଳ ସାଧାରଣ ସମ୍ପାଦକ ଭାବେ ଅରବିନ୍ଦ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଚନ୍ଦ୍ରଶେଖର ମହାନ୍ତି, ସଂଗଠନ ଓ ସାଂସ୍କୃତିକ ସମ୍ପାଦକ ବସନ୍ତ ମହାନ୍ତି, ସହସମ୍ପାଦକ (କ) ସରୋଜ ବୋଇତେଇ ଓ (ଖ) ପାଇଁ ନିରଞ୍ଜନ ବେହେରା, କୋଷାଧ୍ୟକ୍ଷ ଭାବେ ପୁରନ୍ଦର ବିଶ୍ୱାଳ ସମସ୍ତ ପ୍ୟାନେଲର ପ୍ରାର୍ଥୀ ମାନେ ବିଜୟୀ ହୋଇଛନ୍ତି । ଏଥିସହିତ ଉପଦେଷ୍ଟା କମିଟିରେ କେଶବ ସେନାପତି, ବୈକୁଣ୍ଠ ଦାସ, ଆଦିକନ୍ଦ ମହାନ୍ତି, ସୁରେନ୍ଦ୍ର ବାରିକ, ନିରଞ୍ଜନ ଖଟୁଆ ଓ ବେଣୁଧର ନାୟକ ପ୍ରମୁଖ ରହିଛନ୍ତି ।

# ୯୮ ବର୍ଷ ଧରି ସରୁନି ଚକବନ୍ଦୀ ବନ୍ଦୋବସ୍ତ କାର୍ଯ୍ୟ; ଲୋକେ ଅସୁବିଧାର ସମ୍ମୁଖୀନ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ୯୮ ବର୍ଷ ଧରି ହୋଇପାରୁନି ନୂତନ ବନ୍ଦୋବସ୍ତ କିମ୍ବା ଚକବନ୍ଦୀ । ଯାହାକୁ ନେଇ ପଟାଧାରୀ ସମସ୍ୟାରେ ରହିଥିବା ବେଳେ ବ୍ୟାଙ୍କ ମିଳୁନି ଋଣ । ଝିଅ ବିବାହ ପାଇଁ କିମ୍ବା ଘର ତୋଳିବା ପାଇଁ ବିକ୍ରି ହୋଇପାରୁ ନାହିଁ ଜମି । ପାଟପୁର-ଅଣ୍ଡିଆ ମୌଜା ଜମି ବିକ୍ରି ଉପରେ ଉପ-ନିବନ୍ଧକ କାର୍ଯ୍ୟାଳୟରେ ଲାଗିଛି କଟକଣା । ୨୦୧୨ ମସିହା ଠାରୁ ବନ୍ଦ ଅଛି କିସମ ପରିବର୍ତ୍ତନ, ଦାଖଲ ଖାରଜ କେସ୍। ଯାହାକୁ ନେଇ ଚାଷୀମାନେ ସମସ୍ୟାରେ ରହିଥିବା ବେଳେ ନେତାଙ୍କ ପ୍ରତିଶ୍ରୁତି ପାଲଟିଛି ପାଣିର ଗାର । ପୌର ନିର୍ବାଚନ ଆସିଲେ ମିଳେ ବଡ଼ ବଡ଼ ପ୍ରତିଶ୍ରୁତି । ସମସ୍ୟା ଦୂର ହେବ କହି ଅଧିକ୍ଷା ପ୍ରତିଶ୍ରୁତି ଦେଇ ଚାଲିଥା'ନ୍ତି । ଗାଦିରେ ବସିଗଲା ପରେ ଅଧିକ୍ଷା ଭୁଲି ଯାଆନ୍ତି ଜନସାଧାରଣଙ୍କ କଥା । ଲୋକ ଦେଖାଣିଆ ଭାବେ ଦାବି କରନ୍ତି ଲୋକଙ୍କ ସମସ୍ୟା ଦୂର କରିବା ପାଇଁ । ଏହି ଘଟଣା ଏବେ ନିମାପଡ଼ାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଥିବା ବେଳେ ଲୋକମାନଙ୍କ ସମସ୍ୟା ଦୂର ହୋଇପାରୁ ନାହିଁ। ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ତହସିଲ ଅଧୀନସ୍ଥ ପାଟପୁର ଓ ଅଣ୍ଡିଆ ମୌଜା ୯୮ ବର୍ଷ ତଳେ ବନ୍ଦୋବସ୍ତ କରାଯାଇଥିଲା । ଦୁଇ ପୁରୁଷ ବିତି ଯାଇଥିଲେ ମଧ୍ୟ ଚକବନ୍ଦୀ କାର୍ଯ୍ୟ ସରିପାରୁନାହିଁ କିମ୍ବା ନୂତନ ବନ୍ଦୋବସ୍ତ ହୋଇପାରୁ ନାହିଁ । ପଟାଧାରୀମାନେ ତହସିଲରୁ ପିଲାଙ୍କ ପଢ଼ିବା ପାଇଁ ସାର୍ଟିଫିକେଟ୍ ବାହାର କରିବା କଷ୍ଟକର ହେଉଥିବା ବେଳେ ବ୍ୟାଙ୍କ ଋଣ ଦେଉନାହିଁ। ଜମି ବିକ୍ରି ଉପରେ ଦୁଇଟି ମୌଜାରେ କଟକଣା ଲାଗିଛି । ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟରେ ପାଟପୁର, ଅଣ୍ଡିଆ ମୌଜା ଜମି ହସ୍ତାନ୍ତର ହୋଇପାରୁ ନାହିଁ । ଯାହାକୁ ନେଇ ଲୋକମାନେ ବିଭିନ୍ନ ସମସ୍ୟାରେ ଗତି କରୁଥିବା ବେଳେ ଅନେକ ନେତା, ମନ୍ତ୍ରୀ ୯୮ ବର୍ଷ ଭିତରେ ବଦଳି ଲେଣି । ମାତ୍ର ଏହି ସମସ୍ୟା ଉପରେ ଦୃଷ୍ଟି ଦିଆଯାଉ ନାହିଁ । ଯାହାପାଇଁ ଲୋକମାନେ ବହୁ ହିନସ୍ତା ହେଉଛନ୍ତି । ଚକବନ୍ଦୀ କାର୍ଯ୍ୟାଳୟରେ ସହି ନକଲ ପାଇଁ ଆବେଦନ କଲେ ମାସ ମାସ ବିତି ଯାଉଥିଲେ ମଧ୍ୟ ତାହା ମିଳିପାରୁ ନାହିଁ । ଘରବାରୀ ଥିବା ପ୍ଲଟ୍ରେ ଶାରଦ କିସମ ଓ ନୟନଜୋରୀ ବୋଲି ଚକବନ୍ଦୀ ତଦନ୍ତ କରିଅଛି । ଏହି ସମସ୍ୟା ନିମାପଡ଼ାରେ ଏକ ପ୍ରମୁଖ ସମସ୍ୟା ଭାବେ ପାଲଟିଛି । ପ୍ରତ୍ୟେକ ସମୟରେ ସମସ୍ୟା ଦୂର ହେବା ପାଇଁ ପ୍ରତିଶ୍ରୁତି ମିଳୁଛି । ମାତ୍ର ଏହି ପ୍ରତିଶ୍ରୁତି କେତେ ଯେ, କାର୍ଯ୍ୟକାରୀ ତାହା ବାରି ହୋଇପଡୁଛି । ଲୋକମାନଙ୍କ ପାଇଁ କିପରି କାର୍ଯ୍ୟ କରାଯାଉଛି, ଲୋକମାନେ କେତେଦୂର ଉପକୃତ ହେଉଛନ୍ତି ଅନେକ ଲୋକ ଏ ସଂପର୍କରେ ମତ ଦେଇ କହିଛନ୍ତି କୌଣସି ସମସ୍ୟା ଦୀର୍ଘ ୯୮ ବର୍ଷ ଧରି ସମାଧାନ ହୋଇପାରୁ ନାହିଁ । ବର୍ତ୍ତମାନର ନିମାପଡ଼ା ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏ ଦିଗରେ ଉପ-ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦିଅନ୍ତୁ ବୋଲି ଜନସାଧାରଣ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି ।

# ଫି' ସମସ୍ୟା ନେଇ ଡିଏମ୍ ପବ୍ଲିକ୍ ସ୍କୁଲ ଅଭିଭାବକଙ୍କ ପ୍ରତିକ୍ରିୟା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରର ବସୁଆଘାଇ ସ୍ଥିତ ଡିଏମ୍ ପବ୍ଲିକ୍ ସ୍କୁଲରେ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ ସମୟ ଧରି ଅନିୟମିତତା ଭାବେ ନ୍ୟାୟ ବହିର୍ଭୁତ ହୋଇ ସ୍କୁଲ କର୍ତ୍ତୃପକ୍ଷ ୪ଟି ଶ୍ରେଣୀ ଉତ୍ତୀର୍ଣ୍ଣ ସ୍ଲାବ୍ ଯଥା ୧ମ ଶ୍ରେଣୀରେ ପ୍ରଥମ ସ୍ଲାବ ଯାହାକି ଥିଲା ୧୬୮୦- ହେଲା ୨୨୧୧/-ଟଙ୍କା ତଥା ୩୧.୬୦% ବୃଦ୍ଧି, ୫ମ ଶ୍ରେଣୀରେ ଦ୍ୱିତୀୟ ସ୍ଲାବ ଯାହାକି ଥିଲା ୨୦୧୦/- ହେଲା ୨୫୪୧/- ଟଙ୍କା ତଥା ୨୬.୪୧% ବୃଦ୍ଧି, ୮ମ ଶ୍ରେଣୀରେ ତୃତୀୟ ସ୍ଲାବ ଯାହାକି ଥିଲା ୨୩୧୦/- ହେଲା ୩୧୪୬/- ଟଙ୍କା ତଥା ୩୬.୧୯% ବୃଦ୍ଧି, ୯ମ ଶ୍ରେଣୀରେ ଚତୁର୍ଥ ସ୍ଲାବ ଯାହାକି ଥିଲା ୨୮୬୦/- ହେଲା ୩୩୨୮/- ଟଙ୍କା ତଥା ୧୬.୩୬% ବୃଦ୍ଧି କରି ଅଭିଭାବକ ମାନଙ୍କ ଉପରେ କ୍ରମାଗତ ଭାବେ ଲଦି ଆସୁଥିଲେ ମାତ୍ରାଧିକ ଅର୍ଥର ବୋଝ ଆଉ ରୋଜଗାର କରୁଥିଲେ ପୁଳା ପୁଳା ଟଙ୍କା । ଏଣେ ହନ୍ତସନ୍ତ ହେଉଥିଲେ ନିରିହ ଅଭିଭାବକ, ଯାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ତୀବ୍ର ଅସନ୍ତୋଷ ଲାଗିରହିଥିଲା । ଅଭିଭାବକମାନେ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କର୍ତ୍ତୃପକ୍ଷ ସେସବୁକୁ ଭ୍ରୂକ୍ଷେପ ନକରି ଅଭିଭାବକଙ୍କୁ ଅଣଦେଖା କରିଆସୁଥିଲେ । ମାତ୍ର ଗତ ବର୍ଷ ଠାରୁ ଏହା ଏକ ତୀବ୍ର ବିରୋଧର ରୂପନେଇଥିଲା । ବହୁ ସଂଘର୍ଷ ଏବଂ ବାଧାବିଘ୍ନ ପରେ ପରିଶେଷରେ ଚଳିତ ଶିକ୍ଷା ବର୍ଷ ୨୦୨୫-୨୬ ରେ ସ୍କୁଲ କର୍ତ୍ତୃପକ୍ଷ ୪ଟି ସ୍ଲାବ୍ରୁ ଗୋଟିଏ ସ୍ଲାବ୍ ହଟାଇ ୩ଟି ସ୍ଲାବ୍ କରିଛନ୍ତି । ସୂଚନା ଥାଉକି ୮ମ ଏବଂ ୯ମ ଶ୍ରେଣୀରେ ଯଥାକ୍ରମେ ୨ଟି ସ୍ଲାବ୍ ଥିବାବେଳେ ୯ମ ଶ୍ରେଣୀ ସ୍ଲାବଟି ହଟାଇ ୮ମ, ୯ମ ଏବଂ ୧୦ମ ଶ୍ରେଣୀକୁ ମିଶାଇ ଗୋଟିଏ ସ୍ଲାବ୍ କରାଯାଇଛି, ଯାହା ଅଭିଭାବକ ଗହଣରେ ସ୍ୱାଗତଯୋଗ୍ୟ । କିନ୍ତୁ ବାକି ୩ଟି ସ୍ଲାବ୍ରେ ମାତ୍ରାଧିକ ଫି ବୃଦ୍ଧିକୁ ଅଭିଭାବକମାନେ ଗ୍ରହଣ କରିପାରିନାହାନ୍ତି । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇ ଏହାର ସୁସମାଧାନ କରାଯିବ ବୋଲି ସ୍କୁଲ କର୍ତ୍ତୃପକ୍ଷ କଥାଦେଇଥଲେ ମଧ୍ୟ ଅଦ୍ୟାବଧି ସେପରି କୌଣସି ପଦକ୍ଷେପ ନେଇନାହାନ୍ତି । ଯାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି । ତେଣୁ ତୁରନ୍ତ ଏହାର ସୁସମାଧାନ କରାନଗଲେ ସରକାରୀ ବିଧି ବ୍ୟବସ୍ଥା ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଭିଭାବକ ସଂଘ ସଭାପତି ପ୍ରଦୀପ୍ତ ମିଶ୍ର ପ୍ରତିକ୍ରିୟା ରଖିଛନ୍ତି ।

# ସନ୍ଧି ନୂଆପଲ୍ଲୀରେ ତ୍ରିଦଣ୍ଡ ଅନୁଷ୍ଠିତ, ଶ୍ରଦ୍ଧାଳୁଙ୍କ ଭିଡ



ଆସିକା(ଭାସ୍କର ନ୍ୟୁଜ): ଆସିକା ବ୍ଲକ ସନ୍ଧି ନୂଆପଲ୍ଲୀ ଗ୍ରାମରେ ସାହୁ ପରିବାର ପକ୍ଷରୁ ତ୍ରିଦଣ୍ଡ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଦଣ୍ଡଯାତ୍ରା ଉପଲକ୍ଷେ ୧୮ଦଣ୍ଡ ବିଭିନ୍ନ ଦିନରେ ଅନୁଷ୍ଠିତ କରିଛନ୍ତି ଗ୍ରାମର ସାହୁ ପରିବାର। ଗତ ୮ତାରିଖରେ ମହା ଆଡମ୍ବରରେ ଅଷ୍ଟଦଣ୍ଡ ଅନୁଷ୍ଠିତ ହୋଇଥିବା ବେଳେ ଆସିକା, କନିଆରୀ, ଗୋବିନ୍ଦପୁରୁ ଦଣ୍ଡଦଳକୁ ନେଇ ତ୍ରିଦଣ୍ଡ ଅନୁଷ୍ଠିତ ହୋଇଛି। ଦଣ୍ଡଯାତ୍ରାର ସମସ୍ତ ପ୍ରକାର ନୀତିନିୟମ ପୂର୍ବକ ପାଳନ କରାଯାଇଛି ତ୍ରିଦଣ୍ଡ। ଧୂଳିଦଣ୍ଡ, ପାଣିଦଣ୍ଡ, ସନ୍ଧ୍ୟା ଆଳତୀ, ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ସାହୁ ପରିବାର ପକ୍ଷରୁ କରାଯାଇଛି। ବରିଷ୍ଠ ସମାଜସେବୀ ଭଗବାନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ମା' କାଳୀଙ୍କ ଦଣ୍ଡଯାତ୍ରାରେ ଆଗରୁ ୧୭ଗୋଟି ଦଣ୍ଡ ଗ୍ରାମରେ ଦଣ୍ଡ ପରିବେଷଣ କରିବାର ବ୍ୟବସ୍ଥା ହୋଇଥିବା ବେଳ ପୁଣି ଏକ ଦଣ୍ଡଦଳ ସାମିଲ ହେବାକୁ ଯାଉଛି। କବିସୂର୍ଯ୍ୟନଗର ଧୋବା ପୁଞ୍ଜା ଆସନ୍ତା ୧୨ରେ ସାମିଲ ହେବାକୁ ଯାଉଛି। ନାରାୟଣ ଡାକୁଆ, ଶଙ୍କର ସେଠି, ମନୋଜ ଗୌଡ଼, ନନ୍ଦ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, କାଳିଆ ରେଡ୍ଡୀ, ରବୀନ୍ଦ୍ର ବାରିକ, ପ୍ରହଲ୍ଲାଦ ପ୍ରଧାନ, ବୁଲୁ ପ୍ରଧାନ, ଚନ୍ଦ୍ର ଗୌଡ଼, ବିଜୟ ବାରିକ, କାର୍ତ୍ତିକ ଗୌଡ଼, ପିଣ୍ଟୁ ନାହାକ, ଦିଲ୍ଲୀପ ନାହାକ, ସନ୍ତୋଷ କୁମାର ସ୍ୱାଇଁ, ଅଭିମନ୍ୟୁ ନାହାକ ପ୍ରମୁଖ ସହଯୋଗ କରିଥିଲେ।

# 'ଲୋକକଳା ପାଇଁ ଦିନଟିଏ' ଉତ୍ସବରେ ବିଶିଷ୍ଟ ଲୋକକଳାକାର ସମ୍ବର୍ଦ୍ଧିତ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଓଡ଼ିଆ ପକ୍ଷ ପାଳନର ଦଶମ ଦିବସ ଉପଲକ୍ଷେ ଗୁରୁବାର ଜିଲ୍ଲାର ସମସ୍ତ ବ୍ଲକ୍ରେ ଲୋକକଳା ପାଇଁ ଦିନଟିଏ ଉତ୍ସବ ମହାଆଡମ୍ବର ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଓଡ଼ିଶାର ସମୃଦ୍ଧ ଲୋକକଳା ଓ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରଚାର କରିବା ସହିତ ଆଗାମୀ ପିଢ଼ିଙ୍କୁ ଏହା ସହିତ ଯୋଡ଼ିବାର ଲକ୍ଷ୍ୟ ନେଇ ଆୟୋଜିତ ହୋଇଥିଲା। ଏହି ଅବସରରେ ବ୍ଲକ୍ କାର୍ଯ୍ୟାଳୟମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ,



ବିକେଏସଏସ ଅଧ୍ୟକ୍ଷ ପ୍ରମୁଖ ଯୋଗଦେଇ କହିଥିଲେ କି ଆମ ଲୋକକଳା ହେଉଛି ଆମର ପରିଚୟ ଓ ଗର୍ବର ପ୍ରତୀକ। ଏହାକୁ ଜୀବନ୍ତ ରଖିବା ପାଇଁ ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ। ଆଜିର ଏହି ଉତ୍ସବ ଯୁବକମାନଙ୍କୁ କଳା ସହିତ ସଂଯୋଗ କରାଇବାର ଏକ ସୁନ୍ଦର ପ୍ରୟାସ। ଉତ୍ସବଗୁଡ଼ିକରେ ବ୍ଲକ୍ର ବିଶିଷ୍ଟ ଲୋକକଳାକାରଙ୍କୁ ସମ୍ମାନିତ କରାଯାଇ ସେମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ ଲୋକକଳା ପ୍ରତି ଆଗ୍ରହୀ କରାଇବା ଏବଂ ଏହାର ସଂରକ୍ଷଣ ଓ ପ୍ରସାର ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା।

## କୁଜଙ୍ଗଗାନ୍ଧୀଙ୍କ ୨୬ତମ ଶ୍ରାଦ୍ଧବାର୍ଷିକ ପାଳିତ
# ସାମନ୍ତଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଶିକ୍ଷମନ୍ତ୍ରୀଙ୍କୁ କୃତଜ୍ଞତା



ପାରାଦ୍ୱୀପ/କୁଜଙ୍ଗ/ଏରସମା(ଭାସ୍କର ନ୍ୟୁଜ): କୁଜଙ୍ଗ ଗାନ୍ଧୀ ନାରାୟଣ ବୀରବର ସାମନ୍ତଙ୍କ ୨୬ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ପାରାଦ୍ୱୀପସ୍ଥ ଐତିହ୍ୟ ବହନ କରୁଥିବା ପାରେଶ୍ୱର ମନ୍ଦିର (ଅମୁହାଁ ଦେଉଳ)ପ୍ରାଙ୍ଗଣରେ ନାରାୟଣ ବୀରବର ସାମନ୍ତ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ସମାଜସେବୀ ସୁଶାନ୍ତ ଶେଖର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟ ତରଫରୁ ପୂର୍ବାହ୍ନ ୯ଟାରେ ପାରାଦ୍ୱୀପଗଡ଼ସ୍ଥ ରାଜନଅରସ୍ଥିତ ସମାଧି ପୀଠରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୁଜଙ୍ଗଗାନ୍ଧୀ ନାରାୟଣ ବୀରବର ସାମନ୍ତଙ୍କ ତ୍ୟାଗପୂର୍ଣ୍ଣ ଆତ୍ମଜୀବନୀ ଉପରେ ଆଲୋଚନା କରାଯାଇ ଅଞ୍ଚଳର ନଷ୍ଟ ପରିବେଶଙ୍କୁ ସୁଧାର ପାଇଁ ଟ୍ରଷ୍ଟ ସମ୍ପୂର୍ଣ୍ଣ ପ୍ରୟାସ ଜାରି ରଖିବ ବୋଲି ସ୍ମୃତିସଭାରେ ମତପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମାନସ ଆଚାର୍ଯ୍ୟ, ଦାମ ରାଉତ, କାଞ୍ଚନବାଳା ସାମଲ, ସୁବ୍ରତ ସାମଲ, ସାଗର ନାୟକ, ରଞ୍ଜନ ମାଝୀ, ବିକାଶ ପ୍ରଧାନ, ପ୍ରଶାନ୍ତ ବାବା ପ୍ରମୁଖ ସ୍ମୃତିସଭା ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କୁଜଙ୍ଗରେ ସାମନ୍ତଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ସାଧାରଣରେ ଦୀର୍ଘଦିନରୁ ଦାବି ହୋଇଆସୁଥିବା ବେଳେ ନିକଟରେ ସ୍ଥାନୀୟ ବିଧାୟକ ତଥା ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରତିମୂର୍ତ୍ତି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରି ଅଞ୍ଚଳବାସୀଙ୍କ ମନ ଜିଣିଥିବା ଏବଂ ତାଙ୍କୁ ଟ୍ରଷ୍ଟର ଅଧ୍ୟକ୍ଷ ସୁଶାନ୍ତ ସ୍ୱାଇଁ, ସମସ୍ତ ସଦସ୍ୟ ଓ ଅଞ୍ଚଳବାସୀମାନେ କୃତଜ୍ଞତା ଓ ସାଧୁବାଦ ଜଣାଇଛନ୍ତି ।

## ଆମ୍ବୁଲାନ୍ସ ଧକ୍କାରେ
# ମଟରସାଇକେଲ ଆରୋହୀ ମୃତ

ରଘୁନାଥପୁର(ଭାସ୍କର ନ୍ୟୁଜ): କିଶନନଗର ଥାନା ଅନ୍ତର୍ଗତ କନ୍ଦରପୁର-ପାରାଦୀପ ରାଜ୍ୟ ରାଜପଥର ପାରାବିଲ୍ ନିକଟରେ ଗୁରୁବାର ମଧ୍ୟାହ୍ନରେ ଏକ ୧୦୮ ଆମ୍ବୁଲାନ୍ସ ଧକ୍କାରେ ଜଣେ ମଟର ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ପ୍ରକାଶ ଯେ ରଘୁନାଥପୁର ଥାନା ଜଗନ୍ନାଥପୁର ବାଗସାହିରେ ତାଙ୍କଘର । ସ୍ଥାନୀୟ ନାରାୟଣ ଛକରେ ଏକ ଦୋକାନ କରିଛି । ଶଙ୍କରା ଓରଫ ଭରତ ସାହୁ (୩୨) କଟକରୁ ନିଜଦୋକାନ ପାଇଁ ସାମଗ୍ରୀ କିଣି ମଟର ସାଇକେଲରେ ରଘୁନାଥପୁରକୁ ଫେରୁଥିବା ସମୟରେ କୁଜଙ୍ଗରୁ ରୋଗୀ ନେଇ କଟକ ବଡ଼ ଡ଼ାକ୍ତରଖାନାକୁ ଯାଉଥିବା ୧୦୮ ଆମ୍ବୁଲାନ୍ସ ତାଙ୍କୁ ଧକ୍କା ଦେଇଥିଲା । ଗୁରୁତର ଆହତ ଅବସ୍ଥାରେ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସରେ କଟକ ବଡ଼ ମେଡ଼ିକାଲକୁ ଭରତକୁ ପଠାଯାଇଥିବା ବେଳେ ଡ଼ାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଛନ୍ତି । ଶଙ୍କରଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳ ତଥା ନାରାୟଣ ବଜାରରେ ଶୋକର ଛାୟା ଖେଳିଯାଇଛି ।

# ଢଳେଇ ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ, ସ୍ଥାୟିତ୍ୱ ନେଇ ସନ୍ଦେହ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଜମରା ଗ୍ରାମପଞ୍ଚାୟତ ବିଷମପଡା ଗ୍ରାମରେ ନିର୍ମାଣ କରାଯାଇଥିବା ଏକ ଢଳେଇ ରାସ୍ତା ଅତ୍ୟନ୍ତ ନିମ୍ନମାନର କରାଯାଇଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇଥିବା କାରଣରୁ ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଜମରା ଗ୍ରାମପଂଚାୟତକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଅନ୍ତର୍ଭୂକ୍ତ କରାଯାଇଛି । ଗ୍ରାମରେ ୫୦ ପ୍ରତିଶତ ଜନବସତି ଅନୁସୂଚିତ ବର୍ଗର ବସବାସ କରୁଥିଲେ ସେମାନଙ୍କୁ ଆର୍ଥୀକ ଓ ସାମାଜିକ କ୍ଷେତ୍ରରେ ଅଗ୍ରସର କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କରହିଛି। ଏହି ଗ୍ରାମପଂଚାୟତରେ ଆଦର୍ଶ ଗ୍ରାମପଞ୍ଚାୟତ ଯୋଜନାର ସଫଳ ରୂପାୟନ ହୋଇନଥିବାର ଅଭିଯୋଗ ହୋଇଛି। ଏହି ଗ୍ରାମପଞ୍ଚାୟତର ବିଷମପଡା ଗ୍ରାମର ପିଏଜିଏସୱାଇ ରୋଡଠାରୁ ପ୍ରଫୁଲ ମହାପାତ୍ରଙ୍କ ଘର ପର୍ଯ୍ୟନ୍ତ ଢଳେଇ ରାସ୍ତା ନିର୍ମାଣ କରାଯିବା ନିମନ୍ତେ ସରକାର ୨ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏହି ଅର୍ଥ ଗତ ୨୦୨୦-୨୧ ଆର୍ଥୀକ ବର୍ଷରେ ମଞ୍ଜୁର ହୋଇଥିଲା। ତେବେ ନିଶ୍ଚିନ୍ତକୋଇଲି ବ୍ଲକ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହିଥିଲା। ଏହି ରାସ୍ତା ନିର୍ମାଣ ଅଟକଳ ଅନୁଯାଇ କରାଯାଇନଥିବାର ଅଭିଯୋଗ ହୋଇଛି। ଏହି ଅର୍ଥରେ ନୂତନ ରାସ୍ତା ନିର୍ମାଣ ନିମନ୍ତେ ନିୟମ ରହିଥିଲା ବେଳେ ସରକାରୀ ନିୟମକୁ ଖୋଲାଖୋଲି ଭାବେ ଉଲଙ୍ଘନ କରାଯାଇ ରାସ୍ତା ମରାମତି କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ତେବେ ବିଭାଗୀୟ ଯନ୍ତ୍ରୀ ଏହି ରାସ୍ତା ନିର୍ମାଣରେ ବ୍ୟାପକ ଚଞ୍ଚକତା ଓ ଅନିୟମିତତା କରିଥିବାର ଅଭିଯୋଗ ହୋଇଛି। ଏସମ୍ପର୍କରେ ଆମ ପ୍ରତିନିଧି ବିଭାଗୀୟ ଯନ୍ତ୍ରୀ ରାଜେଶ କୁମାର ସାହୁଙ୍କ ମତାମତ ନେବା ନିମନ୍ତେ ତାଙ୍କ ମୋବାଇଲ ନମ୍ବରକୁ ଏକାଧିକବାର କଲ କରିଥିଲେ ମଧ୍ୟ ସେ କଲ ଗ୍ରହଣ ନକରିବା କାରଣରୁ ତାଙ୍କର ମତାମତ ନେବା ସମ୍ଭବପର ହୋଇପାରିନାହିଁ।



## ବିପଦସଂକୁଳ ଅବସ୍ଥାରେ ଚାଲିଛି ସ୍ୱାସ୍ଥ୍ୟ ପ୍ରକଳ୍ପ
# ବିନା ଫଳକରେ ହେଉଛି କାର୍ଯ୍ୟ, ଛାତ ଭିତରେ ବିଦ୍ୟୁତ୍‌ବାହୀ ତାର



ଆଳି(ଭାସ୍କର ନ୍ୟୁଜ): ସ୍ୱାସ୍ଥ୍ୟ ହିଁ ସମ୍ପଦ । ଏହି ଉକ୍ତିକୁ ନଜରରେ ମନୁଷ୍ୟର ମୌଳିକ ଆବଶ୍ୟକତା ମଧ୍ୟରୁ ଅନ୍ୟ ଏକ ଉପାଦାନ ସ୍ୱାସ୍ଥ୍ୟ । ଏହି ସ୍ୱାସ୍ଥ୍ୟର ଉନ୍ନତିକୁ ଦୃଷ୍ଟି ରଖି ସରକାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ଆରମ୍ଭକରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଦୂରରେ ରହୁଥିବା ପଞ୍ଚାୟତ ଏବଂ ସେଥିରେ ବସବାସ କରୁଥିବା ଲୋକମାନଙ୍କ ସ୍ୱାସ୍ଥ୍ୟସେବା ପାଇଁ ଗୋଟେ ନୂଆ ପ୍ରୟାସ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବା ପିଏଚସି ନିଉ । ଏହି ପ୍ରକଳ୍ପ ପାଇଁ ସରକାର ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳ କରି କାମ ଆରମ୍ଭ କରିଥିଲେ ହେଁ ଏହି କାର୍ଯ୍ୟରେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟପନ୍ଥା ଓ କାର୍ଯ୍ୟରେ ଅନିୟମିତତା ଦେଖିବାକୁ ମିଳିଛି । ପ୍ରକଳ୍ପ ଅଧୀନରେ କେନ୍ଦ୍ରାପଡ଼ା ଜିଲ୍ଲାରେ ମୋଟ ୪୯ଟି ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ହେବାକୁ ଥିବାବେଳେ ଆଳିର ମହୁ, ସାନମଙ୍ଗ, ପାଳିମି, ଦଶିପୁର, ଗୋବିନ୍ଦପୁର, ବାଟିପଡ଼ାରେ ମୋଟ ୬ଟି ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ହେବାକୁ ଅଛି । ଏହି କେନ୍ଦ୍ର ମଧ୍ୟରୁ ଆଳି ବ୍ଲକ ଅଧୀନ ସାନମଙ୍ଗ ପଞ୍ଚାୟତର ସାନମଙ୍ଗ ପଞ୍ଚାୟତର କାର୍ଯ୍ୟରତ ପ୍ରକଳ୍ପରେ ଅନିୟମିତତା ଦେଖାଦେଇଛି । ଅଞ୍ଚଳବାସୀଙ୍କ ଅଭିଯୋଗ ମୁତାବକ କାର୍ଯ୍ୟ ହେଉଥିବା ସ୍ଥାନରେ ପ୍ରକଳ୍ପର କୌଣସି ଫଳକ ନାହିଁ ଯଦ୍ୱାରା କି ପ୍ରକଳ୍ପ ବିଷୟରେ କିଛି ଜାଣିବାକୁ ମିଳୁ ନାହିଁ । ତତସହିତ ବହୁଦିନ ଧରି ଲୋକମାନଙ୍କର ଅଭିଯୋଗ କି ଏହି ସ୍ୱାସ୍ଥ୍ୟକେନ୍ଦ୍ରର ମଧ୍ୟ ଦେଇ ଟ୍ରାନ୍ସଫର୍ମରର ଏଲଟି ବିଦ୍ୟୁତ ତାର ଯାଇଥିବାରୁ ବିପଦସଂକୁଳ ଅବସ୍ଥାରେ କାର୍ଯ୍ୟ ହେଉଛି । କୌଣସି ମୁହୂର୍ତ୍ତରେ ଏକ ବଡ଼ ଅଘଟଣ କିମ୍ବା ଦୁର୍ଘଟଣା ଘଟିବା ନେଇ ଏହାକୁ ଏଡାଇ ଦିଆଯାଇନପାରେ । ତେଣୁ ଏଥିପ୍ରତି ସରକାର ଏବଂ ପ୍ରଶାସନର ଦୃଷ୍ଟି ଆକର୍ଷଣ ନିହାତି ଆବଶ୍ୟକ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି । ଏଠି ଠିକାଦାର ଏବଂ ସମ୍ପୃକ୍ତ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ କାର୍ଯ୍ୟ ଚାଲୁଥିବା ଲୋକମାନେ ଅନୁମାନ କରୁଥିବା ବେଳେ ସମ୍ପୃକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାବେଳେ ସେ କହିଛନ୍ତି ପ୍ଲାଷ୍ଟର କାର୍ଯ୍ୟ ସରିଲା ପରେ କାନ୍ଥରେ ଆମେ ଫଳକ ତିଆରି କରି କାର୍ଯ୍ୟ ବିବରଣୀ ଦର୍ଶାଇବୁ ଏବଂ ଘର ଭିତର ଦେଇ ଯାଇଥିବା ତାର ସମ୍ବନ୍ଧରେ ଆଲୋଚନା ହୋଇଛି । ମାର୍ଚ୍ଚ ମାସ ପାଇଁ ସମସ୍ତେ ବ୍ୟସ୍ତରେ ଥିବାରୁ ତାରକୁ କଢ଼ାଯାଇପାରିନାହିଁ । ଆଗାମୀ ଦିନରେ ଏହାକୁ କଢ଼ାଯାଇ ଅନ୍ୟତ୍ର ସ୍ଥାନାନ୍ତରଣ କରାଯିବ । ଏଠି ପ୍ରଶ୍ନ ଉଠେ କିପରି ଭାବେ ବିଦ୍ୟୁତବାହି ତାର ଥାଇ ପ୍ରକଳ୍ପର ଛାତ ପଡିଲା ? କାହିଁକି ପ୍ରଥମେ ତାରକୁ ସ୍ଥାନାନ୍ତର କରାନଯାଇ ଏହାର ଛାତ ପଡିଲା ? କାହାର ଅନୁମତିରେ ଏହିପରି ଭୁଲ କାର୍ଯ୍ୟ କରାଗଲା ? ଏଥିରୁ ସ୍ପଷ୍ଟ ଜଣାପଡେ କି ନିର୍ବାହୀ ଯନ୍ତ୍ରୀ ସଠିକ ଭାବେ କାର୍ଯ୍ୟ ତଦାରଖ ପାଇଁ କାର୍ଯ୍ୟ ସ୍ଥଳକୁ ଆସୁନାହାନ୍ତି । ଯଦି ଆସିଥାନ୍ତେ ତା ହେଲେ ଏଭଳି ଜନମାନସରେ ଆଲୋଚ୍ୟ କାର୍ଯ୍ୟ ହୋଇ ନ ଥାନ୍ତା କ୍ଷ ଏଥିସହିତ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ଅନୁଯାୟୀ ଆଜିକୁ ଆଠମାସ ହେବ ବର୍ତ୍ତମାନ ବି ଏହି ପ୍ରକଳ୍ପ କାର୍ଯ୍ୟ ଚାଲୁଛି ଯଦି ଏହି ବିଦ୍ୟୁତ ଦ୍ୱାରା କିଛି ଅଘଟଣ କିମ୍ବା ଜୀବନହାନୀ ହୁଏ ଏହା ପାଇଁ ସରକାର ଦାୟୀ ରହିବେ ନା ପ୍ରଶାସନ, ନା କାର୍ଯ୍ୟ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ -୨ ନା ଦାୟୀ ରହିବେ କାର୍ଯ୍ୟକୁ ତଦାରଖ କରୁଥିବା ସମ୍ପୃକ୍ତ ଅଧିକାରୀ ।



ଫୁଲନଖରା, (ଭାସ୍କର ନ୍ୟୁଜ୍ ) : କଟକ ସଦର ଥାନା ଅନ୍ତର୍ଗତ ଅଭିରାମ ପରମହଂସ ଉଚ୍ଚ ବିଦ୍ୟାଳୟର ୧୯୯୫ମାଟ୍ରିକ ବ୍ୟାଚର ଏକ ବନ୍ଧୁମିଳନ ସେହି ଥାନା ଅନ୍ତର୍ଗତ ନାଗବାଲି ସ୍ଥିତ ଭୀମସେନ ପ୍ୟାଲେସରେ ପୁରାତନ ଛାତ୍ର ପ୍ରଶାନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ତିରିଶି ବର୍ଷ ବ୍ୟବଧାନରେ ଛାତ୍ରଛାତ୍ରୀ ମାନେ ଏକାଠି ହୋଇ ନିଜନିଜ ଭିତରେ ଭାବର ଆଦାନପ୍ରଦାନ ହେବା ସହ କିଛି ସମୟ ପାଇଁ ପରିବେଶଟି ଖୁସିରେ ଭାବବିହ୍ୱଳ ହୋଇଉଠିଥିଲା। ସେମାନେ ପଢୁଥିବା ବିଦ୍ୟାଳୟର ପୂର୍ବତନ ଓ ବର୍ତ୍ତମାନର ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଫୁଲ ଚନ୍ଦନ ପୁଷ୍ପଗୁଚ୍ଛ ଦେଇ ଗୁରୁପୂଜନ କରିଥିଲେ। ସେମାନେ ଏକ କମିଟି ଗଠନ କରି ତାଙ୍କର ସାଙ୍ଗସାଥି ମାନଙ୍କ ଅସୁବିଧା ସମୟରେ ପରସ୍ପରକୁ ସାହାଯ୍ୟର ହାତ ବଢାଇବା ପାଇଁ ନିଷ୍ପତି ନେବା ସହ ବିଦ୍ୟାଳୟର ଉନ୍ନତି ଦିଗରେ ଦୃଷ୍ଟି ଦେବେ ବୋଲି ସ୍ଥିର କରିଛନ୍ତି। ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ପ୍ରଶାନ୍ତ ବେହେରା, କ୍ରିଷ୍ଣା ବେହେରା, ରମାକାନ୍ତ ସାହୁ, ବଟକୃଷ୍ଣ ରାଉତ, ଋଷି ନାଥ ସାହୁ, ପ୍ରଭାକର ପ୍ରଧାନ, ନବ କୁମାର ସାହା, ରମେଶ ଚନ୍ଦ୍ର ଜେନା, ଅକ୍ଷୟ ବେହେରା, ସଚ୍ଚିଦାନନ୍ଦ ବାରିକ, ଲଳାଟେନ୍ଦୁ ଭୋଳ, ଶ୍ରୁତି ରଞ୍ଜନ ସ୍ୱାଇଁ, ବୁଲୁ ବାରିକ, ଦାଶରଥି ଦାଶ, ବ୍ରହ୍ମାନନ୍ଦ ବେହେରା, ସୁଭାଶିଷ ମଙ୍ଗରାଜ ପ୍ରମୁଖଙ୍କ ସହ ସମସ୍ତ ପୁରାତନ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।

## ବୈତରଣୀ ନଦୀ ଓଗାଳିଛି ବାଟ
# ନଈ ପାର ହୋଇ ଲୋକେ ଯାଆସ କରନ୍ତି ବ୍ଲକ ମୁଖ୍ୟାଳୟ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଏକ ବଣ ପାହାଡ ଘେରା ଜିଲା । ଜିଲ୍ଲାର ଅନେକ ଗ୍ରାମକୁ ବୈତରଣୀ ନଈ ଘେରି ରହିଛି । ଏଭଳି ଏକ ନଈଘେରା ଗାଁ ହେଉଛି ସାପକଣ୍ଡା। ବାଂଶପାଳ ବ୍ଲକର ବାଂଶପାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏହି ସାପକଣ୍ଡା ଗ୍ରାମ । ଗାଁଟିର ଅଧାରୁ ଅଧିକ ଲୋକ ଅନୁସୂଚିତ ଜନଜାତି ଓ ବିପିଏଲ ବର୍ଗର। ଏଠାକାର ଜନସଂଖ୍ୟା ୧୦୦୦ ପାଖାପାଖି। ଗାଁରେ ଭୂୟାଁ ସାହି, ମୁଣ୍ଡା ସାହି, ନୁଣଘର ସାହି, ଗୌଡ ସାହି ଓ ଡଙ୍ଗାଘାଟ ସାହି ପ୍ରଭୃତିରେ ବିଭିନ୍ନ ବର୍ଗର ଲୋକ ବସବାସ କରନ୍ତି। ସାପକଣ୍ଡାରୁ ବାଂଶପାଳ ପଞ୍ଚାୟତ ମୁଖ୍ୟାଳୟର ଦୂରତା ମାତ୍ର ୫ କିମି ପାଖାପାଖି। ଗାଁର ନୁଣଘର ସାହି,ଡଙ୍ଗାଘାଟ ସାହି ଓ ସାପାକଣ୍ଡା ପ୍ରଭୃତି ସ୍ଥାନରେ ଅଙ୍ଗନବାଡି କେନ୍ଦ୍ର ରହିଛି । ସାପକଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ନାମରେ ସେଠାରେ ସ୍କୁଲ ମଧ ରହିଛି । ଗାଁକୁ ବିଜାଗୋଠ ଆଡୁ ରାସ୍ତା ମଧ ହୋଇଛି। ମୋଟାମୋଟି ଭାବେ ରାଜ୍ୟ ସରକାରଙ୍କର ବିକାଶ ଏଠାରେ ପହଞ୍ଚିଛି ହେଲେ ଲୋକେ ରାସନ ଗଣ୍ଡାଏ ପାଇବା, ବ୍ଲକ ମୁଖ୍ୟାଳୟକୁ ନଦୀ ପାରି ହୋଇଯିବା ଆସିବା ପାଇଁ ଅନେକ ହିନସ୍ତା ହେଉଛନ୍ତି । ଗାଁରୁ ଦୁଇ କିମି ଦୂରତାରେ ଥିବା ପଞ୍ଚାୟତ କାର୍ଯ୍ୟାଳୟକୁ ବର୍ଷାଦିନେ ୧୫ କିମି ବୁଲି ଯିବାକୁ ପଡୁଛି ସେମାନଙ୍କୁ। ଖରାଦିନେ ବୈତରଣୀ ନଦୀରେ ଆଣ୍ଠୁଏରୁ ଅଧିକ ପାଣିରେ ପାର ହେବାକୁ ପଡିଥାଏ ସେଠାକାରେ ଲୋକଙ୍କୁ। ବର୍ଷା ଦିନେ ଅବସ୍ଥା ସାଂଘାତିକ। ବେଳେବେଳେ ଖରାଦିନେ ମଧ ଅଣ୍ଟାଏ ପାଣିରେ ପାର ହୋଇ ରାସନ ଆଣିଥାନ୍ତି ଲୋକେ। ଯାହାକି ସାପକଣ୍ଡା ଗାଁର ଲୋକଙ୍କ ପାଇଁ ଏକ ବଡ ସମସ୍ୟା ଭାବେ ଉଭା ହୋଇଛି। ପଞ୍ଚାୟତ କାର୍ଯ୍ୟାଳୟରୁ ବାଂଶପାଳ ସାହି ଦେଇ ବିଲ ହୁଡାରେ ଯାଇଥିବା ରାସ୍ତାରେ ବିପଦ ସଂକୁଳ ଅବସ୍ଥାରେ ମହିଳା,ଛୋଟ ପିଲା, ଗର୍ଭବତୀ, ବୃଦ୍ଧ, ବୃଦ୍ଧା ମାନେ ଭତ୍ତା ଓ ରାସନ ଗଣ୍ଡାଏ ପାଇବାକୁ ନଈ ପାର ହୋଇ ଯାଉଛନ୍ତି। ବର୍ଷାଦିନେ ଉଛୁଳା ବୈତରଣୀ ନଦୀରେ ପାର ହୋଇ ରାସନ ସଂଗ୍ରହ କରିବା କଷ୍ଟକର ବ୍ୟାପାର। ତେଣୁ ବାଧ ହୋଇ ବିଜାଗୋଠ ଦେଇ ୧୫ କିମି ବୁଲି, ସମୟ ଓ ଅର୍ଥ ଅପଚୟ କରି ଟଙ୍କିକିଆ ରାସନ ସାମଗ୍ରୀ ସଂଗ୍ରହ ସହିତ ବ୍ଲକ ମୁଖ୍ୟାଳୟକୁ ଯାଇଥାନ୍ତି ଲୋକେ। ସେଠାରେ ବୈତରଣୀ ନଦୀରେ ଏକ ପୋଲ କରାଗଲେ ସାପକଣ୍ଡା ଅଞ୍ଚଳର ଲୋକଙ୍କୁ ଅଯଥାରେ ଦୂରବାଟ ଦେଇ ଆସିବାକୁ ପଡନ୍ତା ନାହିଁ। ପୋଲ କରିବା ନିମନ୍ତେ ଲୋକେ ଅନେକ ଦାବି କରିଛନ୍ତି। ହେଲେ ଶୁଣିବାକୁ କେହି ନଥିଲା ଭଳି ପରିସ୍ଥିତି। ପଛୁଆ ଅଞ୍ଚଳର ବିକାଶ ନିମନ୍ତେ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ସାପକଣ୍ଡା ଗାଁର ଲୋକଙ୍କ ପାଇଁ ବୈତରଣୀରେ ପୋଲଟିଏ ହୋଇପାରିନି। ସରକାର ଏହି ସମସ୍ୟାର ସମାଧାନ କଲେ ସେଠାକାର ଲୋକ ଉପକୃତ ହୋଇପାରନ୍ତେ ଏଥିରେ ଦ୍ୱିମତନାହିଁ।

## କୋଇଲା ଖଣିର ଅଚଳାବସ୍ଥାକୁ ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ତାଳଚେର, (ଭାସ୍କର ନ୍ୟୁଜ୍ ) : ଶିଳ୍ପ ନଗରୀ ତାଳଚେର ଖଣି ଖାଦାନ ପରିପୂର୍ଣ୍ଣ ଅଞ୍ଚଳରେ ଏବେ କମ୍ପାନୀ କର୍ତ୍ତୃପକ୍ଷଙ୍କ ମନମାନି ଦେଖିବାକୁ ମିଳୁଛି। ଯାହାକୁ ନେଇ ଶ୍ରମିକ ସଂଗଠନ ମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ବିଶେଷ କରି ଭରତପୁର କୋଇଲା ଖଣିରେ ଦେଖିବାକୁ ମିଳିଛି ଏହି ଅଚଳାବସ୍ଥା ଫଳରେ ଏନଟିପିସି ଓ ନାଲକୋ ସମେତ ଅନ୍ୟାନ୍ୟ ଶିଳ୍ପ ସଂସ୍ଥାକୁ କୋଇଲା ପରିବହନ ଠପ ହୋଇଛି। କାରଣ ଏହି ଖଣି ଦ୍ୱାରା ସ୍ଥାନୀୟ ବଡ ଯୋରୋଡା ଗ୍ରାମବାସୀଙ୍କ ଜମି ଅଧିଗ୍ରହଣ କରାଗଲା କିନ୍ତୁ ୧୯୮୭ମସିହାରୁ ଜମିକୁ ଅଧିଗ୍ରହଣ ପରେ ମଧ କେତେକ କ୍ଷତିଗ୍ରସ୍ତ ପରିବାରକୁ ଅଦ୍ୟାବଧି ନିଯୁକ୍ତି କ୍ଷତିପୂରଣ ଦିଆଯାଇ ନାହିଁ। ସେଥିପାଇଁ ଉକ୍ତ ପରିବାର ପକ୍ଷରୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ କୋର୍ଟର ଆଶ୍ରୟ ନେଇ ଏବେ ଖଣି ବନ୍ଦ ହୋଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ତେବେ ଦୀର୍ଘ ୭ଦିନ ବିତିଯାଇଥିଲେ ସୁଦ୍ଧା କମ୍ପାନୀ କର୍ତ୍ତୃପକ୍ଷ ସେଥିପ୍ରତି ଗୁରୁତ୍ୱ ନ ଦେଇ ଅଯଥାରେ ଖଣିକୁ ବନ୍ଦ କରି କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଯାହାକୁ ନେଇ ଶ୍ରମିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । କାରଣ ଶ୍ରମିକ ମାନେ ଅଭିଯୋଗ କରି କହିଛନ୍ତି ଯେ ଏହି ଖଣିରୁ ଚଳିତବର୍ଷ ଅଧିକ ଉତ୍ପାଦନ ହୋଇ ରେକର୍ଡ ସୃଷ୍ଟି କରିଛି ତା ସତ୍ତ୍ୱେ କ୍ଷତିଗ୍ରସ୍ତଙ୍କୁ ତାଙ୍କର ନାର୍ଯ୍ୟ ଦାବିକୁ ପୂରଣ ନ କରି ଏହିପରି ଶ୍ରମିକଙ୍କୁ ହଇରାଣ କରିବା କେତେଦୂର ଯଥାର୍ଥ ବୋଲି କାର୍ଯ୍ୟରତ ଏଚଏମ୍ଏସ୍ବିଏମ୍ଏସ, ଆଇଏନଟି ୟୁ ସି ଓ ଏଆଇଟି ୟୁସିର ଶ୍ରମିକ ନେତା ଓ ସଦସ୍ୟ ମାନେ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି । ସେମାନେ ଅଭିଯୋଗ କରି କହିଛନ୍ତି ଯେ ଭରତପୁର ଖଣି ଦୀର୍ଘ ସାତ ଦିନ ହେବ ଅଚଳା ଅବସ୍ଥା ଯୋଗୁଁ ଏମସିଏଲ କର୍ତ୍ତୃପକ୍ଷ ଶ୍ରମିକ ମାନଙ୍କୁ ଅନ୍ୟତ୍ର ବଦଳି କରିବାକୁ କହୁଥିବା ବେଳେ ଶ୍ରମିକଙ୍କ ପରିବାର ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡିବ ଏବଂ ପରିବାରର ପିଲାମାନେ ବିଭିନ୍ନ ସ୍ଥାନରେ ଅଧ୍ୟୟନ କରୁଥିବା କାରଣରୁ ସେମାନେ ବିଶେଷ କ୍ଷତି ଗ୍ରସ୍ତ ହେବେ ବୋଲି କହିଛନ୍ତି। ତେଣୁ ତୁରନ୍ତ ଏ ସମ୍ପର୍କରେ ଆଲୋଚନା କରିବା ସହିତ ଶ୍ରମିକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାର ନିରାକରଣ ନିମିତ୍ତ ଉପଜିଲ୍ଲାପଳଙ୍କୁ ନିବେଦନ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ଶୀଘ୍ର ସମାଧାନ ସହ ଭରତପୁର ଖଣିକୁ ଚାଲୁ କରି ସ୍ୱାଭାବିକ ଆଣିବାକୁ ଶ୍ରମିକ ସଂଗଠନ ତରଫରୁ କୁହାଯାଇଥିଲା। ଆଜିର ଏହି ଦାବିପତ୍ର ପ୍ରଦାନ ବେଳେ ଉକ୍ତ ଚାରୋଟି ସଂଗଠନର ଶ୍ରମିକ ନେତା ଓ ହଜାର ହଜାର ଶ୍ରମିକ ମାନେ ସାମିଲ ହୋଇଥିଲେ ବୋଲି ଶ୍ରମିକ ନେତା ବାବୁଲା ଖଣ୍ଡୁଆଳ, ସୂଚନା ଦେଇଛନ୍ତି।

## ଗ୍ରାମପଞ୍ଚାୟତରେ ଏମଜିଏନଆରଇଜିଏସ କାର୍ଯ୍ୟର ସମୀକ୍ଷା

ବେତନଟୀ, (ଭାସ୍କର ନ୍ୟୁଜ୍ ) : ବେତନଟୀ ବ୍ଲକ ଅନ୍ତର୍ଗତ ବେତନଟୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗ୍ରାମ ସାଥୀ ଓ ଗ୍ରାମ ସଂଯୋଜକ ମାନଙ୍କୁ ନେଇ ଏମଜିଏନ୍ଆରଇଜିଏସ୍ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ଗ୍ରାମପଞ୍ଚାୟତର ପିଇଓ ସନ୍ତୋଷ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବେତନଟୀ ସରପଞ୍ଚ ପାନମଣି ମୁର୍ମୁ, ସମ୍ମାନିତ ଅତିଥି ଭାବରେ ଜେଇ ପୁଲିନ କୁମାର ସେଠି ଓ ଏଡିଇଓ ଗୌତମ କୁମାର ଜେନା ପ୍ରମୁଖ ଯୋଗଦାନ କରି ଏମଜିଏନଆରଇଜିଏସ କାର୍ଯ୍ୟ ଗୁଡିକ ବିଷୟରେ ସମୀକ୍ଷା କରିଥିଲେ। ଆଗାମୀ ଦିନରେ ଏହି ଯୋଜନାରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପ ଗୁଡିକ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଓ ନୂତନ ପ୍ରକଳ୍ପର ତାଲିକା ପ୍ରସ୍ତୁତ କରାଯାଇଥିଲା। ଯୋଗାଣ ସହାୟକ ରାଜେଶ କୁମାର ସାଓ ଓ ମାଷ୍ଟର ଟ୍ରେନର ଆଦିତ୍ୟ ନାରାୟଣ ସାହୁ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ।

## ନାବାଳିକା ଦୁଷ୍କର୍ମ ଉଦ୍ୟମ ମାମଲାରେ ଅଭିଯୁକ୍ତ କୋର୍ଟ ଚାଲାଣ

ବେତନଟୀ, (ଭାସ୍କର ନ୍ୟୁଜ୍ ) : ବେତନଟୀ ଥାନା ଅଧୀନରେ ଜନୈକା ୧୪ବର୍ଷିଆ ନାବାଳିକାଙ୍କୁ ଜୋରଜବରଦସ୍ତ ଦୁଷ୍କର୍ମ ଉଦ୍ୟମ ମାମଲାରେ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି ବେତନଟୀ ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଉଛି ଜଗତସିଂହପୁର ଜିଲ୍ଲା ବିରିଡି ଥାନା ଅଧୀନ ମଙ୍ଗୁଳି ଗ୍ରାମର ଗୋବିନ୍ଦ ଭୋଇ(୨୬) ବୋଲି ଜଣାପଡିଛି। ପୀଡିତାଙ୍କ ଗାଁପାଖ ଯୁବତୀ ଜଣକ ସିଲେଇ ଟ୍ରେନିଂ ଦେବାର ପ୍ରତିଶୃତି ଦେଇ ନାବାଳିକାଙ୍କୁ କଟକ ନେଇଯାଇଥିଲା। ସେଠାରେ ସିଲେଇ ଟ୍ରେନିଂ ପରିବର୍ତ୍ତେ କଟକ ଉପକଣ୍ଠ ଫୁଲନଖରା ଠାରେ ଥିବା ଏକ କୁକୁଡା ଫାର୍ମରେ ବନ୍ଦି କରି ରଖି ଜୋରଜବରଦସ୍ତ କାମ କରାଇବା ସହିତ ଦୁଷ୍କର୍ମ ଉଦ୍ୟମ ହୋଇଥିବା ନେଇ ପୀଡିତାଙ୍କ ଠାରୁ ଫୋନ ଯୋଗେ ଖବର ପାଇ ପୀଡିତାଙ୍କ ମା' ବେତନଟୀ ଥାନାରେ ଏତଲା ଦାଏର କରିଥିଲେ। ବେତନଟୀ ପୋଲିସ ଏନେଇ ୧୦୨/୨୫ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତକାରୀ ଅଧିକାରୀ ଏସ୍ଆଇ ମଦନମୋହନ ପିରତା ସଦଳ ବଳେ କଟକ ପୋଲିସ ସହାୟତାରେ ଚଢାଉ କରି ଫୁଲନଖରା କୁକୁଡା ଫାର୍ମରୁ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲେ। ଅଭିଯୁକ୍ତ ଜଗତସିଂହପୁର ଅଞ୍ଚଳର ଗୋବିନ୍ଦ ଭୋଇକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଆସ ବହିଟି କିଣିବା ଦିବସ ପାଳିତ

କଣାସ, (ଭାସ୍କର ନ୍ୟୁଜ୍ ) : ଓଡିଶା ସରକାର ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଅନୁସାରେ କଣାସ ବ୍ଲକ ଦୟା ବିହାର ଠାରେ ପ୍ରତିଷ୍ଠିତ ଦୟା ବିହାର ସ୍ନାତକ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ଭାଷା ସାହିତ୍ୟ ବିଭାଗରେ ଆସ ବହିଟିଏ କିଣିବା ଦିବସ ପାଳନ କରାଯାଇଥିଲା । ଏହି ଦିବସ ମହାନତା ଉପଲବଧ କରି ଓଡିଆ ଭାଷା ଓ ସଂସ୍କୃତି ଉଜ୍ଜିବୀତ ରଖିବା ପାଇଁ ଓଡିଆ ବିଭାଗର ମୁଖ୍ୟ ଅସିତ କୁମାର ନରେନ୍ଦ୍ର, ସଂଗ୍ରାମ କେଶରୀ ପରିଡା, ପ୍ରତିରଞ୍ଜନ ମିଶ୍ର ଉପସ୍ଥିତ ରହି ଏହି ଦିବସ ପାଳନ କରିଥିଲେ। ଏହି ଦିବସରେ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ନୂତନ ପୁସ୍ତକ କ୍ରୟ କରି ମହା




ବିଦ୍ୟାଳୟର ସମସ୍ତ ବିଭାଗକୁ ଯାଇ ବହି କିଣିବା ପାଇଁ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ବୁଝାଇବା ସହିତ ଏକତ୍ରିତ ହୋଇ ବହିର ମୂଲ୍ୟ ସଂପର୍କରେ ଆଲୋଚନା କରିଥିଲେ । ବହି ଏକ ଅମୂଲ୍ୟ ସଂପଦ ବହି ଏକ ଜୀବନର ଅମୃତ ଆଦି ଅଧ୍ୟାପକ ମାନେ ବକ୍ତବ୍ୟ ରଖିଥିଲେ ।

## ଫେଲ ମାରିଛି ପାନୀୟ ଜଳ ପ୍ରକଳ୍ପ ଯୋଜନା
### ଜଳ ଯନ୍ତ୍ରଣାରେ ଛଟପଟ ନିଆଳିବାସୀ



ନିଆଳି, (ଭାସ୍କର ନ୍ୟୁଜ୍ ) : ସମ୍ପ୍ରତି ଗ୍ରୀଷ୍ମ ପ୍ରଭାବ ସହିତ ମୁଣ୍ଡ ଫଟା ଖରା। ଗ୍ରାମାଞ୍ଚଳ ରେ ଲାଗିରହିଛି ପାନୀୟ ଜଳ ସମସ୍ୟା। ଏହି ସମସ୍ୟା କୁ ସମାଧାନ କରିବା ତ ଦୂରର କଥା ସ୍ଥାଣୁ ପାଲଟି ଯାଇଛି ପାନୀୟ ଜଳ ବିଭାଗ। ଏହି ବିଭାଗ ଠୋସ ପଦକ୍ଷେପ ନେଉନଥିବା ବେଳେ ଖୋଦ ନିଆଳି ବ୍ଲକ ଓ ଉକ୍ତ ବିଭାଗର କାର୍ଯ୍ୟାଳୟ ର ଏକ କିଲୋମିଟର ଦୂରରେ ଦେଖାଦେଇଛି ଜଳ ଯନ୍ତ୍ରଣା। ଏହିଭଳି ସମସ୍ୟା ଖାଲି ନିଆଳି ରେ ନୁହେଁ, ୨୩ ଗୋଟି ପଂଚାୟତ ରେ ଦେଖା ଯାଇଛି। ମୁନ୍ଦାଏ ପିଇବା ପାଣି ପାଇଁ ଡହଳ ବିକଳ ହେଉଥିବା ବେଳେ ଜଳ ସ୍ତର ହ୍ରାସ ଯୋଗୁ ଘରୋଇ ଓ ସରକାରୀ ଶତାଧିକ ନଳକୂପ ଅଚଳ ହୋଇପଡିଛି। ଏମିତିକି ଯିବ ଜନ୍ତୁ ଙ୍କୁ ପିଇବା ପାଇଁ ପାଣି ମଧ ମିଳୁନାହିଁ। ଜଳ ସ୍ତର ହ୍ରାସ ଯୋଗୁ ଶୁଖିଲା ପଡିଛି ଚାରିଆଡେ ନଦୀ,ନାଳ, ଗଡିଆ। ଏମିତିକି ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଖୋଳିଥିବା ଅମୃତ ସରୋବର ମଧ ଶୁଖିଲା ମରୁ ଭୂମି ପାଲଟିଛି। ନିଆଳି ବ୍ଲକ ରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ୭୦ ରୁ ଊର୍ଦ୍ଧ୍ୱ ଓଭର ହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଇଥିବା ବେଳେ କେଉଁଠି ଟାଙ୍କି ଅଛି ତ ପାଣି ନାହିଁ, ଆଉ କେଉଁଠି ପାଣି ଟାଙ୍କି ନିର୍ମାଣ ହୋଇ ଅଧାପନ୍ତରିଆ ହୋଇ ପଡିଛି। କେତେକ ଟାଙ୍କିରେ ପାଣି ପଶିବାରୁ ତାହା ଝରି ପଡୁଥିବାରୁ ତାକୁ ବନ୍ଦ ରଖାଯାଇଛି। ନିଆଳି ବ୍ଲକ ର ଉପାନ୍ତ ଧୋଇଆ ଅଞ୍ଚଳରେ ପାନୀୟ ଜଳ ଏବେ ଉତ୍କଟ ରୂପ ଧାରଣ କରିଛି। ବିଭିନ୍ନ ପଂଚାୟତର ଗ୍ରାମବାସୀ ଆପତ୍ତି ଅଭିଯୋଗ ପରେ ମଧ୍ୟ ପାନୀୟ ଜଳ ସମାଧାନ ପାଇଁ କର୍ତ୍ତୃପକ୍ଷ କୌଣସି ଦୃଢ ପଦକ୍ଷେପ ନେଇନାହାନ୍ତି ବୋଲି ଅଭିଯୋଗ କାରୀ କହିଛନ୍ତି। ଗ୍ରାମୀଣ ପାନୀୟ ଜଳ ଯୋଗାଣ ନିକଟରେ ଅନେକ ଅଭିଯୋଗ ଏବଂ ଅଭିଯୋଗ ସତ୍ତ୍ୱେ ବିଭା ଗର ଅପାରଗତା ଯୋଗୁ ଏହି ସମସ୍ୟା ର ସମାଧାନ ହୋଇ ପାରୁ ନାହିଁ। ଏମିତିକି ଏହି ବିଭାଗର ଯନ୍ତ୍ରୀ ଓ ଠିକାଦାର ମଧ୍ୟରେ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା ଅଭିଯୋଗ ହୋଇଆସୁଛି। ନିଆଳି ପଂଚାୟତ ର କୁଆଁରୀ ସାହି, ଦାରା ସିଂ ପାଟଣା,ଗାୟା ସାହି,ପୋଖରୀ ଗାଁ ପଂଚାୟତ ର ପୋଖରୀ ଗାଁ, ଜଲାର ପୂର ପଂଚାୟତ ର ଟୋଲା, କସର୍ଦା ପଂଚାୟତ ର ଖଜରା, ସଢ଼ାନ୍ଦ, ସିଠାଳ ଭଳି ପଂଚାୟତ ରେ ଜଳ ଯନ୍ତ୍ରଣା ରେ ଛଟ ପଟ ହେଉଛନ୍ତି ଅଞ୍ଚଳ ବାସି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି।

# ଅବଧି ପରେ ମଧ ସରୁନି ରାଇସୁଆଁ - ସାହାଡ଼ାପୁର ରାସ୍ତା କାମ




- ପଥର ଗୁଣ୍ଡ ଲୋକଙ୍କ ଉଜାଡୁଛି ଫସଲ
- ପଦାରେ ପଡୁଚି ଠିକାଦାର ଓ ଯନ୍ତ୍ରୀଙ୍କ ମାଧୁଚନ୍ଦ୍ରିକା

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ - ସାହାଡ଼ାପୁର, ସେଣ୍ଡକାପ ରାସ୍ତାର ନିର୍ମାଣଧୀନ ରାସ୍ତାରେ ପ୍ରବଳ ଧୂଳି ଧୂଆଁରେ ଅତିଷ୍ଠ ହୋଇ ପଡିଛନ୍ତି ସ୍ଥାନୀୟ ଲୋକ। ଏହି ରାସ୍ତା ଦେଇ ପ୍ରତିଦିନ ପ୍ରାୟ ୪ଟି ପଞ୍ଚାୟତର ଲୋକ ସଦର ମହକୁମାକୁ ଯାତାୟାତ କରନ୍ତି। ଏହି ରାସ୍ତାରେ ଛାତ୍ରଛାତ୍ରୀ, ଆମ୍ବୁଲାନ୍ସ ତଥା ଅନେକ ଅନେକ ଗାଡ଼ି ଯାତାୟାତ କରିଥାଏ। ୬୯୬.୨୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଏହି ରାସ୍ତା କାମ ୧୦.୧.୨୦୨୨ରୁ ଆରମ୍ଭ ହୋଇ ୯.୧୦.୨୦୨୨ରେ ସରିବାର ସମୟସୀମା ଧାର୍ଯ୍ୟ କରାଯାଇଥିଲା। ଜତିନ ସାହୁ ନାମକ ଠିକାଦାର ଏହି ରାସ୍ତା କାମ କରୁଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ରାସ୍ତାର ଅନେକ କାମ ବାକି ଅଛି। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ମୁକୁନା ସ୍ଥିତ ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀରେ ଯୋଗ ଦେବାପାଇଁ ଗସ୍ତ ସମୟରେ ଜଳବଙ୍ଗ ଅରଡ଼େଇ ନଦୀ ନିକଟରେ ଯୁଦ୍ଧକାଳୀନ ଭିତ୍ତିରେ ମେଟାଲ ଓ ପଥର ଗୁଣ୍ଡ ପକାଇ ଠିକାଦାର ରାସ୍ତାକୁ ବନାଇ ଦେଇଥିଲେ ଯାହାକି ବର୍ତ୍ତମାନ ପୁରା ଖରାପ ଅବସ୍ଥାରେ ଅଛି। ପାଖାପାଖି ଏହି ୩ ମାସ ମଧରେ ରାସ୍ତାର ଅବସ୍ଥା ଏବେ ପାଲଟିଛି ମରଣଯନ୍ତା। ଅନେକ ସମୟରେ ଏହି ସ୍ଥାନରେ ଦୁର୍ଘଟଣା ଘଟି ଅନେକ କ୍ଷୟ କ୍ଷତି ହେଉଥିବାର ଦେଖିବାପାଇଁ ମିଳୁଛି। କେବଳ ସେତିକି ଏହି ନଦୀ କୂଳରେ ମୂକୁନା ଗ୍ରାମର ଦିଗାମ୍ବର ଦେହୁରୀ ପ୍ରାୟ ୧ ଏକର ଜାଗାରେ ପରିବା ଚାଷ କରିଥିବା ବେଳେ ଏହି ରାସ୍ତାରୁ ପଥର ଗୁଣ୍ଡ ଉଡି ତାଙ୍କର ଫସଲ ନଷ୍ଟ କରି ଦେଉଥିବା ଅଭିଯୋଗ କରିଛନ୍ତି। ୧୫ ଦିନ ତଳେ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇବା ପରେ ୨-୩ ଦିନ ରାସ୍ତାରେ ପାଣି ପକାଇବା ପରେ ତାକୁ ପୁଣି ବନ୍ଦ୍ କରିଦିଆ ଯାଇଛି। ତେଣୁ ଏଠାରୁ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୂଚନ୍ଦ୍ରିକା ପଦାରେ ପଡିଯାଇଛି। ରାସ୍ତା କାମ ସରିବାରର ଅବଧି ୨୦୨୨ରୁ ସାରିଥିବା ବେଳେ ବର୍ତ୍ତମାନ ମେଣ୍ଟେନାନ୍ସ ହେବା କଥା କିନ୍ତୁ ଏଯାବତ୍ ରାସ୍ତାକାମ ସରିନି। ଯେଉଁ ଜାଗାରେ ସରିଛି ସେଥିରୁ ମଧ ଅନେକ ଜାଗାରେ ରାସ୍ତା ଫାଟିବା ଆରମ୍ଭ କଲାଣି। ଏ ବିଷୟରେ ଅଧିକ୍ଷଣ ଯନ୍ତ୍ରୀ ଠାରୁ କନିଷ୍ଠ ଯନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ବାରମ୍ବାର ପଚାରିବା ସତ୍ତ୍ୱେ ସେ ସେଇ ଗୋଟାଏ ଉତ୍ତର ଯେ କଞ୍ଚା ମାଲ ମିଳୁନି ଓ ଶୀଘ୍ର ରାସ୍ତା କାମ ସରିଯିବ ବୋଲି କହୁଛନ୍ତି। ଯାହାକି ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚାନ୍ଦ୍ରିକାକୁ ପଦାରେ ପକାଉଛି। ସଦର ମହକୁମା ଠାରୁ ୮ କିଲୋମିଟର ଦୂର ଓ ଖୋଦ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଯଦି ଏପରି ଅବହେଳା ତେବେ ଅନ୍ୟ ସ୍ଥାନ ମାନଙ୍କରେ କଣ ହେଉଥବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି।

## ରଣ ବୋଝ ସୁଝି ନ ପାରି ଜୀବନ ହାରିଲେ ସ୍ୱାମୀ ଓ ସ୍ତ୍ରୀ

ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍) : ସରକାରଙ୍କ ବିଭିନ୍ନ ଜନ ମଙ୍ଗଳକାରି ମାଳ ମାଳ ଯୋଜନା ଥିବା ସତ୍ତ୍ୱେ ମାନସିକ ଚାପ ଗ୍ରସ୍ତ ହୋଇ ସ୍ୱାମୀ ସ୍ତ୍ରୀ ଆତ୍ମହତ୍ୟା କରିଛନ୍ତି। ସରକାରୀ ଯୋଜନା କଣ ପହଞ୍ଚି ପାରିନି ମୃତ ପରିବାର ଘରେ। ତାହା ହେଲେ ଯୋଜନା କାହା ପାଇଁ। ଜଣେ ନାଗରିକ ବଞ୍ଚିବା ପାଇଁ ରାସନ କାର୍ଡ, ରହିବା ପାଇଁ ଆବାସ, ବୃଦ୍ଧ ବୃଦ୍ଧା ସମୟରେ ଉପନୀତ ହେଲେ ବାର୍ଦ୍ଧକ୍ୟ ଭତ୍ତା, ପୁଣି ଯାତ୍ରୀ ମାନଙ୍କ ପାଇଁ ପାଞ୍ଚ ଟଙ୍କାରେ ଆହାର ଯୋଜନା, ଅନେକ ଯୋଜନା ଭିତ୍ତରେ ଚାଷୀ ମାନଙ୍କ ପାଇଁ କୃଷି ଋଣ, ଧାନର ସର୍ବନିମ୍ନ ଅତିରିକ୍ତ ସହାୟକ ରାଶି ପ୍ରଦାନ। ମହିଳାଙ୍କୁ ସଶକ୍ତି କାରଣ ଓ ସ୍ୱାବଲମ୍ବୀ କରିବା ପାଇଁ ଆର୍ଥିକ ଋଣ ପ୍ରଦାନ ତଥାପି ଶାନ୍ତିରେ ଜୀବନଯାପନ କରିବା ବଦଳରେ ମନସିକ ଚାପ ଗ୍ରସ୍ତ। ଏହି ଚାପଗ୍ରସ୍ତରେ ଚାପି ହୋଇ ସ୍ୱାମୀ ସ୍ତ୍ରୀ ଆତ୍ମହତ୍ୟା। ଚାଷ କାର୍ଯ୍ୟରେ ଲଗାଇବା ପାଇଁ ଧାର କରଜ। ପ୍ରାକୃତିକ ଦୁର୍ବିପାକ ତଥା ଅଦିନିଆ ଝଡି ବର୍ଷା ରେ ଫସଲ ନଷ୍ଟ। ଏହିପଟେ ଋଣ କଳନ୍ତର ବୃଦ୍ଧି। ଶୁଝି ଶୁଝି ନୟାନ୍ତ । ଋଣ କରଜରୁ ମୁକ୍ତି ପାଇଁ ଏକମାତ୍ର ପୁଅ ଯାଇଛି ବିଦେଶ ଖଟି । ଫାଇନାନ୍ସ କମ୍ପାନୀ ବାଲାର ନାଲି ଆଖି । ଋଣ ଭାର ବଢୁଥିବା ନେଇ ଚିନ୍ତିତ ଦମ୍ପତି। ନିରୁପାୟ ହୋଇ ଆତ୍ମହତ୍ୟା କରିଥିବା ପାରିପାର୍ଶିକ ପରିସ୍ଥିତିରୁ ଜଣା ପଡିଛି । ଏହା ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବେଢ଼ ଗ୍ରାମର ପୂର୍ଣ୍ଣଚନ୍ଦ୍ରପୁର ଗାଁରେ ଅଭାବନୀୟ ଘଟିଛି ଘଟଣା। ଲଡୁ କିଶୋର ମହାରଣା ଓ ସ୍ତ୍ରୀ ସଜନୀ ମହାରଣା କିଟ ନାଶକ ଔଷଧ ଖାଇ ନିଜ ଘରେ ମୃତ୍ୟୁ ବରଣ କରିଥିବା ଜଣାପଡିଛି। ସ୍ୱାମୀ ପ୍ରଥମ କୋଠରୀରେ ମୃତ୍ୟୁ ବରଣ କରି ପଡିଥିବା ବେଳେ ସ୍ତ୍ରୀ ବାରିପଟ କୋଠରୀରେ ମୃତ୍ୟୁବରଣ କରି ପଡ଼ିଥିବା ଜଣା ପଡ଼ିଛି। ଗାଁ ଲୋକଙ୍କ ଠାରୁ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

# ପିଲାଙ୍କୁ ବହି ଉପହାର ଦେଲେ ଅତିଥି

ବୌଦ୍ଧ, (ଭାସ୍କର ନ୍ୟୁଜ୍ ) : ଜିଲ୍ଲାସ୍ତରୀୟ ଓଡ଼ିଆ ପକ୍ଷ ପାଳନ ସମାରୋହ -୨୦୨୫ ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ-ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ହରଭଙ୍ଗା ଶରତ କୁମାର ସେଠୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ସତ୍ୟ ନାରାୟଣ ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ କୁମାର ସ୍ୱାଇଁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ପ୍ରଭାକର କହଁର ପ୍ରମୁଖ ଯୋଗଦେଇ ପିଲାମାନେ ବହିଟିଏ କିଣି ପଢିବା ପାଇଁ ଅନୁପ୍ରାଣିତ କରିଥିଲେ। ବହି ପଠନର ଆବଶ୍ୟକତା ଉପରେ ନିଜ ଅଭିମତ ସହ ଜ୍ଞାନ ହେଉଛି ପ୍ରଗତିର ମୂଳ ମନ୍ତ୍ର ଏବଂ ପଢ଼ିଲେ ଜାଣିବା, ଜାଣିଲେ ଜିଣିବା ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ନୀଳ ଲୋହିତ ମହାପାତ୍ର ମାନସିକ କ୍ଷୁଧା ନିମନ୍ତେ ବହି ପଠନର ବହୁ ଆବଶ୍ୟକତା ରହିଥିବା ବ୍ୟକ୍ତ କରିବା ସହ ସମସ୍ତ ଅତିଥି, ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ପାଠକଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବାଳିକା ଉଚ୍ଚ ବିଦ୍ୟାଳୟର ବହୁ ଛାତ୍ରୀ ଏବଂ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଯୋଗ ଦେଇ ଅତିଥି ମାନଙ୍କ ଠାରୁ ଉପହାର ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସଭା ପରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଚନ୍ଦ୍ରଚୂଡ଼, ଖଲିଆ ବଗିଚା, ରାଜନପାଲି ତଥା ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଜିଲ୍ଲା ସଂଗ୍ରହାଳୟକୁ ଆସି ବହି କିଣିଥିଲେ। ପରେ ପରେ ସମସ୍ତ ଅତିଥି ବହି କିଣି ପିଲାଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ ଏବଂ ବହି କିଣିବାକୁ ଅନୁପ୍ରାଣିତ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଶିକ୍ଷକ, ଶିକ୍ଷୟତ୍ରୀ ଆସି ନିଜ ନିଜ ବିଦ୍ୟାଳୟ ପାଇଁ ବହି କିଣିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ଷୁର ଯାନୀ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ସି. ଆର. ସି. ସି. ସତ୍ୟ ନାରାୟଣ ସାହୁ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟତ୍ରୀ ମାନେ ପରିଚାଳନା କରିଥିଲେ। କାର୍ଯ୍ୟାଳୟର କର୍ମଚାରୀ ଅକ୍ଷୟ କୁମାର ମହାକୁଡ଼, ଶୁଭ୍ରଜିତ ଦାନୀ, ଅମରେଶ ପାଣିଗ୍ରାହୀ, ଜିତେନ୍ଦ୍ର ମହାନ୍ତି, ବୀର କିଶୋର କର୍ମୀ ଏବଂ ଜିଲ୍ଲା ସଂଗ୍ରହାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ।

## ପାଲା ଗାୟକ ପ୍ରଫୁଲ ଦାସ ସମ୍ବର୍ଦ୍ଧିତ

କଣାସ, (ଭାସ୍କର ନ୍ୟୁଜ୍ ) : କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତ ଡିମିରି ଗ୍ରାମର ମା ହରଚଣ୍ଡୀଙ୍କ ପୀଠରେ ଚାଲିଥିବା ୫ ଦିନିଆ ବାଦୀ ପାଲାରେ ଗାୟକ ସମ୍ରାଟ ପ୍ରଫୁଲ ଚନ୍ଦ୍ର ଦାସଙ୍କୁ ପଣ୍ଡିତ ଗଦାଧର ସ୍ମୃତି ସମ୍ମାନ ଗତକାଲି ପ୍ରଦାନ କରାଯାଇଛି। ଡିମିରି ଗ୍ରାମ୍ୟ କମିଟ ସଭାପତି ପ୍ରଶାନ୍ତ ମିଶ୍ର ଉପଢୌକନ, ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ଗାୟକ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ସମୟରେ ବରିଷ୍ଠ ସାମ୍ବାଦିକ ବିଭୂତିଭୂଷଣ ତ୍ରିପାଠୀ, ଶ୍ରୀକାନ୍ତ ପଟ୍ଟଯୋଶୀ, ପ୍ରଭାକର ବଳିୟାରସିଂହ, ସ୍ୱର୍ଗତ ଗଦାଧର ପୁରୋହିତଙ୍କ କନ୍ୟା ଅର୍ଚ୍ଚନା ପୁରୋହିତ ଉପସ୍ଥିତ ଥିଲେ ।



କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାରେ ଥିବା କାଂଝରୀ ପ୍ରକଳ୍ପ ଦ୍ୱାରା ଜିଲ୍ଲାର ତିନିଗୋଟି ବ୍ଲକର ଯଥା ସଦର ବ୍ଲକ ପାଟଣା ବ୍ଲକ ଘଟଗାଁ ବ୍ଲକରେ ଥିବା ଚାଷୀ ମାନେ ଦୀର୍ଘ ୪୦ ବର୍ଷ ଧରି ଉପକୃତ ହୋଇଆସିଛନ୍ତି ଏବଂ କାଂଝରୀ ଜଳସେଚନ ପ୍ରକଳ୍ପରୁ କେନ୍ଦୁଝର ମୁନିସିପାଲିଟିକୁ ନିରନ୍ତର ଭାବେ ପାନୀୟ ଜଳଯୋଗାଣ କରିଆସୁଛି। ପ୍ରକଳ୍ପର କେନାଲ ଗୁଡିକ ଦୀର୍ଘ ବର୍ଷ ପୂର୍ବରୁ ତିଆରି କରାଯାଇଥିଲା ଏବଂ ତାର ରକ୍ଷଣବେକ୍ଷଣ ପାଇଁ ପ୍ରତିବର୍ଷ ସରକାରୀ ପାଣ୍ଠିରୁ ସ୍ୱଳ୍ପ ଅର୍ଥ ପ୍ରତିବର୍ଷ ପ୍ରଦାନ କରଯାଇଥାଏ। କିନ୍ତୁ କାଳକ୍ରମେ ଦୀର୍ଘ ୨୧୭ କିଲୋମିଟର କେନାଲ ନେଟୱର୍କକୁ ଅର୍ଥ ଅଭାବରୁ ଠିକ ଭାବରେ ରକ୍ଷଣାବେକ୍ଷଣ ହୋଇନପାରିବାରୁ କେନାଲର ବନ୍ଧ ଲାଇଂ ଭାଙ୍ଗି ରୁଜି ଯାଇଥିବାରୁ ଜଳ ଧାରଣ କ୍ଷମତା ହ୍ରାସ ପାଇଯାଉଛି। ଯାହା ଦ୍ୱାରା ଚାଷୀ ମାନଙ୍କୁ ଚାଷ ପାଇଁ ପାଣି ପାଇବାରେ ଘୋର ଅସୁବିଧା ହେଉଛି। ୧୯୯୦ ମସିହାରେ କାଂଝରି ପ୍ରକଳ୍ପର ତଳ ମୁଣ୍ଡରେ ଗୋଟେ ସୁନ୍ଦର ଉଦ୍ୟାନ ୧୪ ଏକର ବିଶିଷ୍ଟ ଜାଗାରେ ହେଇଥିଲା। କାଳକ୍ରମେ ରକ୍ଷଣାବେକ୍ଷଣ ଓ ସରକାରୀ ଅନୁଦାନ ଅଭାବରୁ ଉଦ୍ୟାନଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହା କେନ୍ଦୁଝର ଜିଲ୍ଲାର ଏକ ବିଶିଷ୍ଟ ପର୍ଯ୍ୟଟନ ସ୍ଥଳୀ ଓ ପିକନିକ ସ୍ଥଳୀ ଅଟେ। ଜିଲ୍ଲାରୁ ଓ ଜିଲ୍ଲା ବାହାରୁ ବହୁ ଜନସାଧାରଣ ଏ ଅଂଚଳକୁ ବଣଭୋଜି କରିବାକୁ ଆସିଥାନ୍ତି। ଏହାକୁ ଉନ୍ନତ କରାଯିବା ପାଇଁ ଅଧିକ ପରିମାଣରେ ସରକାରୀ ପାଣ୍ଠି ଯୋଗାଇ ଦେବା ସହ କାଂଝରି ପ୍ରକଳ୍ପ ଓ କେନାଲ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ସରକାରୀ ଅନୁଦାନ ଅଧିକ ପରିମାଣରେ ଯୋଗାଇ ଦେବା ପାଇଁ ଜିଲ୍ଲାର ଜନସାଧାରଣ ସରକାରଙ୍କ ନିକଟରେ ଦାବି କରୁଛନ୍ତି।

ଜଳ ସଂପଦ ବିଭାଗର ବିଚିତ୍ର ନୀତି

# ୨ କୋଟି ଟଙ୍କା ଖର୍ଚ୍ଚ ପରେ ବି ଶେଷ ହୋଇପାରିଲାନି ୫ କିମି ମେଟାଲ ମୋରମ ରାସ୍ତା

ଗୋପ, (ଭାସ୍କର ନ୍ୟୁଜ୍): ଗୋପ ଜଳ ସଂପଦ ବିଭାଗର ବିଚିତ୍ର ନୀତି। ୪ ଥର ଟେଣ୍ଡର, ୨ କୋଟିରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ ପରେ ବି ଶେଷ ହୋଇ ପାରିଲାନି ପ୍ରାୟ ୫ କିମି ମେଷ୍ଟାଲ ମୋରମ ରାସ୍ତା। ଗୋଟିଏ ପଟେ ବିନା ସୂଚନା ଫଳକରେ କାର୍ଯ୍ୟ ହେଉଥିବା ବେଳେ ଅନ୍ୟପଟେ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ କରି ସ୍ଥାନୀୟ ବାସିନ୍ଦା ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ମାତ୍ର ବାରମ୍ବାର ଅଭିଯୋଗ କଲେ ବି ବିଭାଗୀୟ ଅଧିକାରୀମାନଙ୍କ ନିଦ ଭାଙ୍ଗୁନଥିବା ସାଧାରଣରେ ଆଲୋଚନା ହେଉଛି। ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଗୋପ ଜଳସଂପଦ ବିଭାଗ କାର୍ଯ୍ୟାଳୟ ଅଧିନ କୁଶଭଦ୍ରା ନଦୀ ଡାହାଣ ପାର୍ଶ୍ୱ ବନ୍ଧର ଷୋଳପୁର ଠାରୁ ମାଟିଆଖାତ ପର୍ଯ୍ୟନ୍ତ ହେଉଥିବା ମେଷ୍ଟାଲ ମୋରମ ରାସ୍ତାରେ। ଯାହାକି ଏବେ ଜଳ ସଂପଦ ବିଭାଗର ଲେଉଟିଆ କିଆରି ପାଲଟିଛି। ଗୋପ ମାଟିଆଖାତ ଠାରୁ ସିଧାସଳଖ ମା ଅଡେଙ୍ଗେଇଙ୍କ ପୀଠ ଦେଇ ଗୋପ-ବାଲିଘାଇ ରାସ୍ତାର ଷୋଳପୁର ଠାରେ ବାହାରିବାକୁ ଥିବା ଏହି ବନ୍ଧର ସଦୃଢୀକରଣ ନାମରେ କୋଟି ଟଙ୍କା ସରକାରଙ୍କ ପକ୍ଷରୁ ଖର୍ଚ୍ଚ ହେଉଛି। ମାତ୍ର ନୂଆ ମାଟି ପକାଇବା ପରିବର୍ତ୍ତେ ବନ୍ଧର ଉଭୟ ପାର୍ଶ୍ୱରୁ ମାଟି ତାଡି ବନ୍ଧ ଉପରେ ପକାଉଥିବା ବେଳେ ଦୁର୍ନିତିକୁ ଘଣ୍ଟ ଘୋଡାଇବାକୁ ଯାଇ ଗୋଟିଏ ରାସ୍ତାକୁ ବାରମ୍ବାର ବେଳେ ବନ୍ଧରୁ ଅତଡା ଖସି ମୋରମ ଧୋଇ ହୋଇ ଖାଲଖମା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଅଭିଯୋଗ ପରେ ବି ନା ଏଥିପ୍ରତି ଦୃଷ୍ଟି ଦେଉଛନ୍ତି ଅଧିକ୍ଷଣଯନ୍ତ୍ରୀ ନା

- ♦ ୪ ଥର ଟେଣ୍ଡର
- ♦ ବିନା ସୂଚନା ଫଳକରେ କାର୍ଯ୍ୟ
- ♦ ଭିଜିଲାନ୍ସ ତଦନ୍ତ ଦାବି



ଟେଣ୍ଡର କରି ଗୋପ ଜଳ ସଂପଦ ବିଭାଗ କୋଟିକୋଟି ଟଙ୍କା ଅର୍ଥ ଆତ୍ମସାତ କରିବା ପଛରେ ରହସ୍ୟ କଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ସରକାରୀ ଚୁକ୍ତି ଅନୁଯାୟୀ ଏହି କାର୍ଯ୍ୟ ହେଉନଥିବା ବେଳେ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହେଉଥିବା ଏବଂ କାର୍ଯ୍ୟ ସମୟରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଛି। ନିମ୍ନମାର ମେଷ୍ଟାଲ ମୋରମରେ ଏହି କାର୍ଯ୍ୟ ବାରମ୍ବାର ହେଉଥିବା ବେଳେ ସଠିକ ଭାବେ ରୋଲିଂ ନହେବା ଏବଂ ପାଣି ନପଡିବାରୁ କାର୍ଯ୍ୟର କିଛି ଦିନ ପରେ ଉକ୍ତ ରାସ୍ତାରେ ଘାସ ଉଠିଯାଉଥିବା କୌଣସି ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ। ଫଳରେ ଦାୟୀତ୍ୱରେ ଥିବା ଯନ୍ତ୍ରୀଙ୍କୁ ହାତ କରି ଠିକାଦାର ତାର ମନଇଛା କାର୍ଯ୍ୟ କରି ଛୁ ମାରୁଥିବା ବେଳେ ଅଧିକ୍ଷଣଯନ୍ତ୍ରୀ ଘଣ୍ଟ ଘୋଡାଉଥିବା ଅଭିଯୋଗ ହେଉଛି। ସେହିପରି ୩ ବର୍ଷ ମଧ୍ୟରେ ୪ ଥର ଟେଣ୍ଡର ପରେ ବି ଉକ୍ତ କାର୍ଯ୍ୟ ଶେଷ ହେଉ ନଥିବା ଏବଂ ଉକ୍ତ ବନ୍ଧ ଉପରେ ବାରମ୍ବାର ଟେଣ୍ଡର ହେଉଥିବା ପଛରେ ରହସ୍ୟ କଣ ବୋଲି ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ସରକାରଙ୍କ ନିୟମାନୁଯାୟୀ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ହେଲେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲାଗିବ। ମାତ୍ର ଜଳସଂପଦ ବିଭାଗ ପକ୍ଷରୁ ଏହି ବନ୍ଧରେ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ହେଉଥିଲେ ମଧ୍ୟ ସରକାରଙ୍କ ନିୟମକୁ ଖୋଲାଖୋଲି ଉଲ୍ଲଘଂନ କରି ଲୋକମାନଙ୍କୁ ଏହି କାର୍ଯ୍ୟ ଠାରୁ ଦୂରରେ ରଖିବା ଉଦ୍ଦେଶ୍ୟରେ ବିନା ସୂଚନା ଫଳକରେ କାର୍ଯ୍ୟ ଚାଲୁଛି। ହେଲେ ନିମ୍ନମାନର କାର୍ଯ୍ୟ ସାଙ୍ଗକୁ ବିନା ସୂଚନା ଫଳକରେ ହେଉଥିବା କାର୍ଯ୍ୟକୁ ନେଇ ଅଧିକ୍ଷଣଯନ୍ତ୍ରୀ ଇଂ ବୈକୁଣ୍ଠନାଥ ଦଳାଇ ଏବଂ ନିର୍ବାହୀଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତିଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏଥିପ୍ରତି ସେମାନେ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଏଥିପ୍ରତି ବିଭାଗୀୟ ସଚିବ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ତଦନ୍ତ କରିବା ସହ ଭିଜିଲାନ୍ସ ତଦନ୍ତ କରାଗଲେ କୋଟିକୋଟି ଟଙ୍କାର ଦୁର୍ନିତି ପର୍ଦ୍ଦାଫ୍ଲାସ ହେବା ସହ ଦୁର୍ନିତିଗ୍ରସ୍ତ ଅଧିକାରୀଙ୍କ ଅସଲମୁଖା ଖୋଲିବ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏ ସଂପର୍କରେ ମତାମତ ନେବା ନିମନ୍ତେ ଅଧିକ୍ଷଣଯନ୍ତ୍ରୀ ଇଂ ଦଳାଇଙ୍କୁ ଫୋନ କରିବାରେ ସେ ଫୋନ ଉଠାଇନଥିବା ବେଳେ ନିର୍ବାହୀଯନ୍ତ୍ରୀ ଇଂ ମହାନ୍ତି କହିଛନ୍ତି ଏହା ଉପରେ ଖୁବ୍ ଶିଘ୍ର ତଦନ୍ତ କରାଯିବ। ହେଲେ ଦେଖିବାକୁ ବାକି ରହିଲା କେବେ ହେଉଛି ତଦନ୍ତ ଆଉ କେବେ ହେଉଛି କାର୍ଯ୍ୟାନୁଷ୍ଠାନ।

# ଅଂଶୁଘାତ ସମ୍ପର୍କିତ ସଚେତନତା



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହେନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠ ପରିସରରେ ଗୁରୁବାର ଦିନ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀ ମାନଙ୍କୁ ନେଇ ପ୍ରଶାସନ ପକ୍ଷରୁ ଅଂଶୁଘାତ ମୁକାବିଲା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଂଶୁଘାତ ମୁକାବିଲା କରିବା ପାଇଁ କେତେକ ନିୟମାବଳୀ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ସଭାରେ ତହସିଲଦାର ସୁଦେବ ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା, ବ୍ଲକ ଶିକ୍ଷାଧିକାରିଣୀ ପ୍ରିୟଦର୍ଶନୀ ନାୟକ, ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ପିଏମଶ୍ରୀ ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ନନ୍ଦ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଅଧିକ ଖରାରେ ଘରୁ ନବାହାରିବା, ପାଣିବୋତଲ ପାଖରେ ରଖିବା, ଓଦା ଗାମୁଛା, ଜୋତା ଓ ଛତା ବ୍ୟବହାର କରିବା ଆଦି ଅଂଶୁଘାତ ମୁକାବିଲା ଦିଗରେ କଣ କରିବା ଉଚିତ୍ ତାହା ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ଏହାପରେ ଛାତ୍ରଛାତ୍ରୀ ହାତରେ ବ୍ୟାନର ଓ ପ୍ଲାକାର୍ଡ ଧରି ବିଦ୍ୟାଳୟରୁ ଏକ ରାଲି ବାହାରି ବଜାର ଅଭିମୁଖେ ଅଂଶୁଘାତ ମୁକାବିଲା ଉପରେ ସ୍ଲୋଗାନ ଦେଇ ଶୋଭାଯାତ୍ରା କରି ସଚେତନ ବାର୍ତ୍ତା ଦେଇଥିଲେ। ସମସ୍ତ ମଞ୍ଚାସୀନ ଅତିଥି, ଶିକ୍ଷକ ଶିକ୍ଷୟତ୍ରୀ, ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ଅନ୍ତର୍ଯ୍ୟାମୀ ନାୟକ, ଆଶା କର୍ମୀ ମାନେ ସଚେତନତା ରାଲିରେ ଯୋଗ ଦେଇଥିଲେ। ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ କବିତା ସ୍ୱାଇଁ ଆୟୋଜିତ ସଭାରେ ଅତିଥି ପରିଚୟ ଦେଇ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଜନ ସଚେତନତା ରାଲିରେ ସାମିଲ ହୋଇଥିଲେ।

# ଶିଶୋ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଗୋପ, (ଭାସ୍କର ନ୍ୟୁଜ୍): ଗୋପ ବ୍ଲକ ଅଧିନ ଶିଶୋ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦ ବାର୍ଷିକ ଉତ୍ସବ ସମାରୋହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗୋପ ବ୍ଲକ ଉପାଧକ୍ଷ ବନରଂଜନ ପଟ୍ଟନାୟକ ଯୋଗ ଦେଇ କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବଦତ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ଭାବେ ଗୋପ ପଂଚାୟତ ସମିତି ଅଧକ୍ଷା ଝୁନୁ ମଲ୍ଲିକ ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ବିଡିଓ ଛବିରାଣୀ ସାହୁ, ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ୧୧ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ସରପଞ୍ଚ ପ୍ରଭାତ କୁମାର ବେହେରା, ମଣ୍ଡଳ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା, ଗୋପ ଶିକ୍ଷକ ସମନ୍ୱୟ ସମିତି ସଭାପତି ଅଜୟ କୁମାର ରଥ, ସାଧାରଣ ସଂପାଦକ ସରୋଜ କୁମାର ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଭୟ କୁମାର ଭଟ୍ଟ, ସିଆରସିସି ଦେବାଶିଷ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉତ୍ତରୋତ୍ତର କାମନ କରିବା ସହ ଜୀବନର ଲକ୍ଷ୍ୟ ପଥରେ ପହଂଚିବାକୁ ହେଲେ କଠିନ ପରିଶ୍ରମ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା। ଉକ୍ତ ବାର୍ଷିକ ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିବା ବେଳେ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଚୋରି ସାମଗ୍ରୀ ଜବତ, ୩ମହିଳା ଗିରଫ



କୃଷ୍ଣପ୍ରଶାଦ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ମାଲୁଦ ରାଜାବଜାରରେ ଥିବା ମମତା ଜୁଏଲାରିରୁ ଗତ ଫେବୃଆରୀ ମାସ ୨୨ତାରିଖରେ ଦୋକାନ ଗ୍ରିଲ ଭାଙ୍ଗି ୪୪ହଲ ରୂପା ପାଉଁଜି ଚୋରି ହୋଇଥିବା ଦୋକାନ ମାଲିକ ରାକେଶ କୁମାର ପାତ୍ର କୃଷ୍ଣପ୍ରଶାଦ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତିକରି କୃଷ୍ଣପ୍ରଶାଦ ଥାନା କେସ୍ ନଂ ୩୭/୨୫ଏକ ମାମାଲା ରୁଜୁ କରି ପୋଲିସ ତଦନ୍ତ ଜାରିରଖି ଥାନା ଭାରପ୍ରାପ୍ତ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଥିଲା। କୃଷ୍ଣପ୍ରଶାଦ ପୋଲିସ ସିସି କ୍ୟାମେରା ଫୁଟେଜ ଅନୁଯାୟୀ ଅଟୋରିକ୍ସା ଓଡି ୦୭ଟି ୭୪୩୫କୁ ଜବତ କରିବା ସହ ଚୋରୀ ହୋଇଥିବା ୪୪ହଲ ରୂପା ପାଉଁଜିକୁ ଜବତ କରି ବା ସହ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଅଞ୍ଚଳର ପୂଜା ଦାସ (୧୯), ସ୍ୱାମୀ କାଳିଆ ଦାସ, ଯମୁରି ଦାସ (୩୫) ସ୍ୱାମୀ ଡାକ ଦାସ ଓ କ୍ରିଷ୍ଣା ନାୟକ (୨୭)ସ୍ୱାମୀ ମୁନା ନାୟକଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ସମାଜସେବୀଙ୍କ ପରଲୋକ

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକର ଜଗନ୍ନାଥପୁର ପଞ୍ଚାୟତ ଗୋଠିଣା ଗ୍ରାମର ସମାଜସେବୀ ନିରଞ୍ଜନ ମହାପାତ୍ର(ସାହେବ ଭାଇ)ଙ୍କ ୮୩ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦୈନନ୍ଦିନ ପରି ନିଜ କାର୍ଯ୍ୟ ସାରି ସକାଳ ସମୟରେ ପୋଖରୀରେ ଧୋଇ ହେଉଥିବା ସମୟରେ ହଠାତ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ହୃଦଘାତ ଜନିତ ମୃତ୍ୟୁ ବୋଲି ଗ୍ରାମରେ ଆଲୋଚନ ହେଉଛି। ସ୍ୱର୍ଗତ ସାହେବଭାଇ ଜଣେ ସମାଜସେବୀ, ରାଜନିତିଜ୍ଞ, ପରୋଉପକାରୀ, ମିଷ୍ଟଭାସୀ ଦରଦି ମଣିଷ ଥିଲେ। ଆଖପାଖ ଅଞ୍ଚଳରେ ସ୍ୱାସ୍ଥ୍ୟକ୍ଷେତ୍ରରେ କିମ୍ବା ଅନ୍ୟ କୌଣସି ସମସ୍ୟାରେ ଜଣେ ଗରିବ ଲୋକ ପଡିଥିଲେ ସେ ତୁରନ୍ତ ସାହାଯ୍ୟର ହାତ ବଢାଉଥିଲେ।ତାଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅଞ୍ଚଳ ତଥା ଗ୍ରାମବାସୀ ତାଙ୍କ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ତାଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିବାର ଜଣାଯାଇଛି।

# କୁଜଙ୍ଗ ମହୋତ୍ସବ ଉଦ୍‌ଘାଟିତ



କୁଜଙ୍ଗ, (ଭାସ୍କର ନ୍ୟୁଜ୍): କୁଜଙ୍ଗ ବି.ବି ହାଇସ୍କୁଲ ଖେଳ ପଡ଼ିଆରେ ନାରାୟଣ ବିରବର ସାମନ୍ତ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ହେଉଥିବା କୁଜଙ୍ଗ ମହୋତ୍ସବ ୨୦୨୫ର ଶୁଭ ଉଦ୍‌ଘାଟନ ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କରିଥିଲେ। ନାରାୟଣ ବିରବର ସାମନ୍ତ ମହୋତ୍ସବ କମିଟିର ସଭାପତି କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବର ପ୍ରଥମ ସନ୍ଧ୍ୟାର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କୁଜଙ୍ଗ ମାଟିର ଅସ୍ମିତା ଓ ଐତିହ୍ୟର ମହାପର୍ବ ହେଉଛି କୁଜଙ୍ଗ ମହୋତ୍ସବ ବୋଲି କହିଥିଲେ। ଏଥି ସହିତ ପାରାଦ୍ୱୀପରେ ମେଡିକାଲ କଲେଜ ଓ ଗ୍ରୀନ ଫିଲଡ଼ ବିମାନ ବନ୍ଦର ହେବ ବୋଲି ମଞ୍ଚରେ ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଜିଲ୍ଲାର ଜିଲ୍ଲାପାଳ ଜେ ସୋନାଲ, ମହୋତ୍ସବ କମିଟିର ଉପଦେଷ୍ଟା ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, କୁଜଙ୍ଗ ବ୍ଲକ ବିଡ଼ିଓ ବିକାଶ କୁମାର ମହାନ୍ତି, କୋରେଇ ବିଧାୟକ ଆକାଶ ଦାସ ନାୟକ, ଦିଗ ପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶରଣାବିନ୍ଦ ଓଝା ମଞ୍ଚକୁ ସଂଯୋଜନା କରିଥିଲେ। ନାରାୟଣ ବିରବର ସାମନ୍ତ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ତପନ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଖାପାଖି ୫ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ଥିଲେ।

# ସମାଜସେବୀ ନରେନ୍ଦ୍ରଙ୍କ ପରଲୋକ



କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ମଙ୍ଗଳା ମନ୍ଦିର ନିକଟ ସେବକ ସାହିର ନରେନ୍ଦ୍ର ମିଶ୍ର (୮୭)ଙ୍କର ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ବିଦ୍ୟୁତ ବିଭାଗରେ କାର୍ଯ୍ୟ କରି ଅବସର ନେଇଥିଲେ। ସେ ଜଣେ ପରୋପକାରୀ, ମିଷ୍ଟ ଭାସୀ ସମାଜସେବୀ ଭାବେ ସାରା ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ନିକଟରେ ପୁତ୍ର ପ୍ରତାପ, ପ୍ରଦୀପ୍ତ, ପ୍ରଫୁଲ୍ଲ, ପୁତ୍ରବଧୂ ନାତି ବିଶ୍ୱଜିତ, ପରିବାର ବନ୍ଧୁବର୍ଗ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଅନ୍ତିମ ସଂସ୍କାର ରେ ପୁତ୍ର ପ୍ରତାପ ମୁଖାଗ୍ନି ଦେଇଥିଲେ।

## ହତ୍ୟାକରି ଜଙ୍ଗଲ ମଝିରେ ଫିଙ୍ଗିଦେଲେ ଦୁର୍ବୃତ୍ତ

କରଞ୍ଜିଆ (ଭାସ୍କର ନ୍ୟୁଜ୍):ଯଶିପୁର ଥାନା ଜାମଦା ଗାଁ ଜିଆଣି ସାହି ଶାଳ ଜଙ୍ଗଲ ମଝିରେ ପଡ଼ିଛି ମୃତଦେହ, ମୃତକ ଜଣକ ହେଉଛନ୍ତି ଧୋବାଡିହା ଗାଁର ମାଠାଇ ହୋ, ଗତକାଲି ରାତିରେ ଜାମଦା ଗାଁ ଜିଆଣୀ ସାହିକୁ ମଦ ପିଇବା ପାଇଁ ଯାଇ ଆଉ ଘରକୁ ଫେରି ନଥିଲେ। ମୃତକ ମାଠାଇ ହୋର ଭଉଣୀ ମୃତଦେହ ଜିଆଣି ସାହି ଶାଳ ଜଙ୍ଗଲ ମଝିରେ ପଡିଥିବାର ସୂଚନା ପାଇ ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଯଶିପୁର ପୋଲିସ ଓ ସାଇଣ୍ଟିଫିକ୍ ସହ ତଦନ୍ତ ଆରମ୍ଭ ଜାରି ରଖିଥିବା ବେଳେ ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି। କେଶ୍ ନଂ ୧୨୩/୨୦୨୫ ତଦନ୍ତ ଜାରି ରଖିଛନ୍ତି ନିଜେ ଯଶିପୁର ଥାନା ଅଧିକାରୀ ସଂଯୁକ୍ତା ମାହାଳିକ ସୂଚନା ଦେଇଛନ୍ତି।

# ପାଠାଗାର ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

କୁଜଙ୍ଗ, (ଭାସ୍କର ନ୍ୟୁଜ୍): କୁଜଙ୍ଗ ସ୍ଥିତ ପାରାଦୀପ-କଟକ ରାଜ୍ୟ ରାଜପଥର ତାଳଦଣ୍ଡା କେନାଲ ପୋଲ ନିକଟରେ ଜେଏସଡବ୍ଲୁ ଫାଉଣ୍ଡେସନ ଆନୁକୂଲ୍ୟରେ କୁଜଙ୍ଗ ଗାନ୍ଧି ନାରାୟଣ ବିରବର ସାମନ୍ତଙ୍କ ପ୍ରତିମୂର୍ତ୍ତି ଓ ପାଠାଗାରର ଭିତ୍ତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଥିଲା। ଜେଏସଡବ୍ଲୁ ଫାଉଣ୍ଡେସନ ପାରାଦୀପ ଟର୍ମିନାଲର ଉପାଧକ୍ଷ ସନ୍ଦୀପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ତଥା ନାରାୟଣ ବିରବର ସାମନ୍ତ ଟ୍ରଷ୍ଟର ଅଧ୍ୟକ୍ଷ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଓଡ଼ିଶା ବିଧାନସଭାର ପୂର୍ବତନ ଉପ ବାଚସ୍ପତି ନାରାୟଣ ବିରବର ସାମନ୍ତଙ୍କ ସ୍ମୃତିରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ନାରାୟଣ ବିରବର ସାମନ୍ତଙ୍କ ସୁକନ୍ୟା ଡ଼.ବାଣୀ ସାମନ୍ତ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ବିରବର ସାମନ୍ତ ଟ୍ରଷ୍ଟର ଉପାଧ୍ୟକ୍ଷ କଳ୍ପନା ସୁତାର, ସାଧାରଣ ସମ୍ପାଦକ ତପନ କୁମାର ସାମନ୍ତରାୟ, ସମ୍ପାଦକ ତପନ କୁମାର ତ୍ରିପାଠୀ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ସମିତି ସଭ୍ୟା ସସ୍ମିତା ନାୟକ, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ପାରାଦ୍ୱୀପ ଗଡ଼ ସରପଞ୍ଚ ସସ୍ମିତା ବେହେରା, ଭୁତମୁଣ୍ଡାଇ ସରପଞ୍ଚ ରୋହିତ କୁମାର ଜେନା, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଦିଲିପ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଜେଏସଡବ୍ଲୁର ବିଶ୍ୱଭୂଷଣ ପଟ୍ଟନାୟକ ସଭା ସଂଯୋଜନା କରିଥିଲେ ଓ ଜେଏସଡବ୍ଲୁର ନରେନ୍ଦ୍ର କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବହୁ ସଂଖ୍ୟାରେ କଲେଜ ଛାତ୍ରଛାତ୍ରୀ ଓ ଦଳୀୟ ସମର୍ଥକ ମାନେ ଉପସ୍ଥିତ ଥିଲେ।




# ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ମତ ଓ ମନ୍ତବ୍ୟ କାର୍ଯ୍ୟକ୍ରମ

କଣାସ, (ଭାସ୍କର ନ୍ୟୁଜ୍): ଓଡିଶା ରାଜ୍ୟର ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ସଭାପତି ବିଶ୍ୱରଞ୍ଜନ ଦାସଙ୍କ ଆହ୍ୱାନ କ୍ରମେ ସଂଘ ପକ୍ଷରୁ ପୁରୀ ଜିଲ୍ଲା କଣାସ ବ୍ଲକ ଦୟାବିହାରଠାରେ ସ୍ଥାପିତ ସ୍ନାତକ ମହା ବିଦ୍ୟାଳୟ ପରିସରରେ କଣାସ ବ୍ଲକ ସଂ ଯୋଜକ ସନ୍ତୋଷ କୁମାର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହା ବିଦ୍ୟାଳୟର ଅଧ୍ୟାପକ ରମାକାନ୍ତ ସାହୁ, ଲୋକନାଥ ବେହେରା, ତପସ୍ୱନି ମାନସିଂହ ପ୍ରମୁଖ ଯୋଗ ଦେଇଥିଲେ। ୧/୬/୨୦୦୮ ରୁ ୧/୬/୨୦୧୮ ମଧ୍ୟରେ ରାଜ୍ୟ ବିଭିନ୍ନ ବେସରକାରୀ ମହାବିଦ୍ୟାଳୟରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ ସରକାର ଶୀଘ୍ର ଅନୁଦାନ ପ୍ରଦାନ କରନ୍ତୁ ବୋଲି ଶ୍ରୀ ଜେନା ମତାମତ ରଖିଥିଲେ। ଏ ନେଇ ସଂଘ ୪୯୬ ଦିନ ଗାନ୍ଧୀମାର୍ଗ ନିର୍ଦ୍ଧାରିତ ଧାରଣ ସ୍ଥଳରେ ଆହୋରହ ଧାରଣା ଦେଇସାରିଛି,ଅନେକ ସମାବେଶ, ଦସ୍ତଖତ ଅଭିଯାନ, ବାରମ୍ବାର ମୁଖ୍ୟ ମନ୍ତ୍ରୀଙ୍କ ଅଭି ଯୋଗ ପ୍ରକୋଷ୍ଠରେ ଅନୁଦାନ ନିମନ୍ତେ ଦାବି କରିଆସିଛି। ବିଭିନ୍ନ ସମୟରେ ସରକାରଙ୍କୁ ବିଭିନ୍ନ ମାଧ୍ୟମରେ ଅବଗତ କରାଇ ଆସୁଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ସଂଘର ସଦସ୍ୟମାନେ ଦୁଃଖ ପ୍ରକାଶ କରିଥିଲେ। ଶ୍ରୀ ଜେନା ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କୁ ଅନୁରୋଧ କରିଥିଲେ ଯେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଅନୁଦାନ ନିମନ୍ତେ ନିତିଗତି ନିଷ୍ପତି ଦେବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ରାଶିଫଳ

ଶୁକ୍ରବାର, ୧୧ ଏପ୍ରିଲ ୨୦୨୫



**ମେଷ:** ଆଜି ଏକ ଭଲ ଦିନ ହେବ। ନୂତନ ବ୍ୟବସାୟ ସଂପ୍ରସାରଣ ଯୋଜନା ଗଠନ ହୋଇପାରେ। କଣ୍ଟିଜେନ୍ସି ଲାଭ ପ୍ରଦାନ କରାଯିବ, ଯାହା ଆର୍ଥିକ ସ୍ଥିତିକୁ ମଜବୁତ କରିବ। ବନ୍ଦ ହୋଇଥିବା ଟଙ୍କା ମିଳିପାରିବ।



**ବୃଷ:** ଆଜି ଶୁଭ ହେବ। ବ୍ୟବସାୟରେ କଣ୍ଟିଜେଣ୍ଟ୍ ଲାଭ ହେଉଛି। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ସ୍ଥାନାନ୍ତର ସହିତ ଆୟ ମଧ୍ୟ ବୃଦ୍ଧି ପାଇପାରେ, ଯାହା ଆର୍ଥିକ ସ୍ଥିତିକୁ ମଜବୁତ କରିବ। କିଛି ନୂଆ କରିବାକୁ ଇଚ୍ଛା ମଧ୍ୟ ରହିବ। କୌଶଳ ହେତୁ ଜଣେ ଅଧିକାରୀଙ୍କଠାରୁ ସମ୍ମାନ ପାଇପାରିବେ।



**ମିଥୁନ:** ଆଜି ଏକ ସାଧାରଣ ଦିନ ହେବ। ପରିଶ୍ରମ କରିବା ଅପେକ୍ଷା କର୍ମ କ୍ଷେତ୍ରର ଯୋଜନା ଅଧିକ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। ଅଧିକାରୀମାନଙ୍କର ସହାୟତା ପାଇବେ। ପୁରୁଣା ଋଣରୁ ମୁକ୍ତି ମିଳିପାରେ। ପରିବାର, ବନ୍ଧୁ ଏବଂ ସମ୍ପର୍କୀୟମାନେ ଆପଣଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିବେ।



**କର୍କଟ:** ଆଜି ମିଶ୍ରିତ ଦିନ ହେବ। ଚାକିରି କ୍ଷେତ୍ରରେ ଅଧିକ ପରିଶ୍ରମ ହେବ। ଆପଣଙ୍କର ପ୍ରୟାସ କାର୍ଯ୍ୟରେ ସଫଳତା ଆଣିବ, ମାନସିକ ଏବଂ ଶାରୀରିକ ଥକ୍କା ଅନୁଭବ କରିବେ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ଆପଣଙ୍କର ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ, ନଚେତ୍ ଆପଣ ଏକ ବିବାଦରେ ପଡ଼ିପାରନ୍ତି।



**ସିଂହ:** ବ୍ୟବସାୟ ଭଲ ହେବ ଏବଂ ଆର୍ଥିକ ଲାଭ ପାଇବ। କଣ୍ଟିଜେନ୍ସି ସୁବିଧା ଏବଂ ଚାକିରି ପଦୋନ୍ନତି ଗଠନ ହେବ। କାର୍ଯ୍ୟ ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ତଥାପି, ସେଠାରେ ଅଧିକ କାର୍ଯ୍ୟ ଭାର ରହିବ, ଯାହା ଥକ୍କାପଣର କାରଣ ହୋଇପାରେ।



**କନ୍ୟା:** ବ୍ୟବସାୟ ଭଲ କରିବ। କାର୍ଯ୍ୟରେ ସଫଳତା ହେତୁ ମନ ଖୁସି ହେବ ଏବଂ ବାସ୍ତୁ ଭୋଗର ଧାରା ବଢିବ। ରିଅଲ୍ ଇଷ୍ଟେଟ୍ ଏବଂ ପୁଂଜି ବିନିଯୋଗ ପାଇଁ ଏକ ଯୋଜନା ହୋଇପାରେ। ଯେ କୈଣସି ପାରିବାରିକ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରିନ୍ତି।



**ତୁଳା:** ଆଜି ମିଶ୍ରିତ ଦିନ ହେବ। କାର୍ଯ୍ୟ କ୍ଷେତ୍ରରେ ଛୋଟ ସମସ୍ୟା ଆସିପାରେ, କିନ୍ତୁ କଠିନ ପରିଶ୍ରମ କାର୍ଯ୍ୟରେ ସଫଳତା ଆଣିବ। ପରିବାର ଏବଂ ସାଙ୍ଗମାନଙ୍କୁ ମଧ୍ୟ ସମର୍ଥନ କରାଯିବ। ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ବିପଦ ଗ୍ରହଣ କଲେ କ୍ଷତି ହୋଇପାରେ। ବେକାରମାନେ ରୋଜଗାରର ସୁଯୋଗ ପାଇବେ।



**ବିଛା:** ଆଜି ଏକ ସାଧାରଣ ଦିନ ହେବ। ବ୍ୟବସାୟ ଭଲ କରିବ ଏବଂ ଆର୍ଥିକ ପରିସ୍ଥିତି ଦୃଢ ହେବ। ହଠାତ୍ ଲାଭର ଯୋଗ ମଧ୍ୟ କରାଯାଉଛି। ଚାକିରିରେ ସ୍ଥାନାନ୍ତର କିମ୍ବା ପଦୋନ୍ନତି ହେବାର ସମ୍ଭାବନା ରହିବ। ବିବାହିତ ଜୀବନ ମଧ୍ୟ ସୁଖଦ ହେବ। କ୍ରୋଧକୁ ନିୟନ୍ତ୍ରଣ କର, ଅନ୍ୟମାନେ ଏକ ବିବାଦରେ ପଡ଼ିପାରନ୍ତି।



**ଧନୁ:** ବେକାରମାନଙ୍କ ପାଇଁ ଦିନଟି ଭଲ। ପରିଶ୍ରମ କର। କ୍ୟାରିଅରରେ ଆଗକୁ ବଢ଼ିବାର ସୁଯୋଗ ଆସିପାରେ। ଆତ୍ମବିଶ୍ୱାସ ବିପଦପୂର୍ଣ୍ଣ କାର୍ଯ୍ୟରେ ସଫଳତା ଆଣିପାରେ। ଟଙ୍କା ଏବଂ ବ୍ୟାବସାୟିକ ବିଷୟଗୁଡ଼ିକର ଯତ୍ନ ନେବାକୁ ପଡ଼ିବ। ସାମାଜିକ କାର୍ଯ୍ୟର ଧାରା ବୃଦ୍ଧି ପାଇବ। ପାରିବାରିକ ସମ୍ପର୍କ ଉନ୍ନତି ହୋଇପାରେ।



**ମକର:** ଆଜି ଏକ ସାଧାରଣ ଦିନ ହେବ। କାର୍ଯ୍ୟଟି ଭଲରେ ଯିବ ଏବଂ ଲାଭର ରାଶି ମଧ୍ୟ ସେଠାରେ ରହିବ, କିନ୍ତୁ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ଅତ୍ୟଧିକ କାର୍ଯ୍ୟ ହେତୁ ଆପଣ ଥକ୍କା ଅନୁଭବ କରିବେ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ବକ୍ତବ୍ୟକୁ ମଧ୍ୟ ନିୟନ୍ତ୍ରଣ କରନ୍ତୁ, ନଚେତ୍ ବିବାଦ ହେବ। ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ। ପରିବାରର ପରିବେଶ ଭଲ ରହିବ ଏବଂ ପରିବାରର ସମ୍ପୂର୍ଣ୍ଣ ସମର୍ଥନ ରହିବ। କାରବାରରୁ ଦୂରେଇ ରୁହନ୍ତୁ।



**କୁମ୍ଭ:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟରେ ଅର୍ଥନୈତିକ ଲାଭର ରାଶି ଦିଆଯାଉଛି। ପରିବାର ଏହି କ୍ଷେତ୍ରରେ ପୂର୍ଣ୍ଣ ସମର୍ଥନ ପାଇବେ। କର୍ମକ୍ଷେତ୍ରରେ ଚିନ୍ତିତ ହେବେ। ପୁରୁଣା ସାଙ୍ଗମାନେ ମଧ୍ୟ ସମର୍ଥନ କରିବେ। ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଆବଶ୍ୟକ। ବ୍ୟବସାୟକୁ ବିସ୍ତାର କରିବା ପାଇଁ ନୂତନ କାର୍ଯ୍ୟ ଆରମ୍ଭ କରିପାରିବ।



**ମୀନ:** ଆଜି ଏକ ସାଧାରଣ ଦିନ ହେବ। କାର୍ଯ୍ୟ କ୍ଷେତ୍ରରେ ଅଧିକ ପରିଶ୍ରମ ହେବ। ଛୋଟ ଅସୁବିଧା ଆସିପାରେ, କିନ୍ତୁ ତୁମର ଉଦ୍ୟମ ସହିତ, କାର୍ଯ୍ୟରେ ସଫଳତା ଆସିବ। କ୍ରୋଧର ନିୟନ୍ତ୍ରଣ ରଖନ୍ତୁ ଏବଂ ମାନସିକ ସ୍ତରରେ ବିଭ୍ରାନ୍ତି ଦୂର କରି ରୁହନ୍ତୁ। ପରିବାରର ପରିବେଶ ଭଲ ରହିବ, କିନ୍ତୁ ବକ୍ତବ୍ୟରେ କାହାକୁ ଆଘାତ କର ନାହିଁ, ଏହାର ଯତ୍ନ ନିଅ।



ଶ୍ରୀପତି ଗୁରୁଜୀ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ତେନ୍ତୁଳିଖୁଣ୍ଟି(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ସଦର ତେନ୍ତୁଳିଖୁଣ୍ଟି ଠାରେ ନୂତନ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ସାଙ୍ଗକୁ ରନ୍ମୁଦ କାର୍ଯ୍ୟ ସମ୍ପନ୍ନ ହୋଇଛି । ଏହି ପ୍ରତିଷ୍ଠା ଉତ୍ସବ ଏପ୍ରିଲ ମାସ ୬ ତାରିଖ ରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଦୀର୍ଘ ପାଞ୍ଚଦିନ ଧରି ପ୍ରତିଷ୍ଠା ଉତ୍ସବ ମଧ୍ୟରେ କଳସ ଯାତ୍ରାରେ ଶତାଧିକ ମହିଳା ସାମିଲ ହୋଇ ପାଣି ଗ୍ରହଣ କରିଥିଲେ । ପାଞ୍ଚଦିନର କାର୍ଯ୍ୟକ୍ରମ ମଧ୍ୟରେ ପ୍ରଥମ ଦିନ ଦୀକ୍ଷା ଗ୍ରହଣ, ଅଙ୍କୁରୋପଣ, ଜଳଯାତ୍ରା, ଶାଳା ସଂସ୍କାର, ମଣ୍ଡଳୀ କରଣ ଓ ବନଜାଗ ଆରମ୍ଭ ହୋଇଥିଲା । ସେହିପରି ଦ୍ୱିତୀୟ ଦିନ ସୂର୍ଯ୍ୟପୂଜା, ଗୋପୂଜା, ଶାଳା ପ୍ରବେଶ, ପୂଜା ହୋମ, ତୃତୀୟ ଦିନ ମହାସ୍ନାନ ଓ ପ୍ରାଣ ପ୍ରତିଷ୍ଠା, ଚତୁର୍ଥ ଦିନ ରନ୍ମୁଦ, ଦେବତା ପ୍ରବେଶ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା । ଶେଷଦିନ ନଗର ପରିକ୍ରମା ଓ ଦଧିହାଣ୍ଡି ଭଙ୍ଗନ ହୋଇଥିଲା । ବ୍ରହ୍ମା ଯାମିନୀକାନ୍ତ ମହାପାତ୍ର, ଆଚାର୍ଯ୍ୟ ସନ୍ତୋଷ ତ୍ରିପାଠୀ, ସଦସ୍ୟ ରଜନୀକାନ୍ତ ନନ୍ଦ, ପ୍ରତିନିଧି ହିମାଂଶୁ ଶେଖର ଷଡ଼ଙ୍ଗୀ, ତାପସ ପଣ୍ଡା ଓ ଦେବାଶିଷ ପାଣିଗ୍ରାହୀ ବେଦ ମନ୍ତ୍ର ଧ୍ୱନିରେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହି ପ୍ରତିଷ୍ଠା ଉତ୍ସବରେ ବି.ଧର୍ମରାଜୁ, ସହଧର୍ମିଣୀ ବି. ଧନଲକ୍ଷ୍ମୀ, ସୁଶାନ୍ତ କୁମାର ଶତପଥୀ, ସହଧର୍ମିଣୀ ମମତା ଶତପଥୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ସନ୍ତୋଷ କୁମାର ହୋତା ଅଷ୍ଟପ୍ରହାରୀ ଦାୟିତ୍ୱ ତୁଲେଇଥିବା ବେଳେ ପାଞ୍ଚଦିନ ଧରି ଚାଲିଥିବା କାର୍ଯ୍ୟକ୍ରମ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା । ନବରଙ୍ଗପୁର ବିଧାୟକ ଗୌର ଶଙ୍କର ମାଝି, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ପ୍ରତିଷ୍ଠା ଉତ୍ସବରେ ସାମିଲ ହୋଇଥିଲେ ।



# ସାଇ ପବ୍ଲିକେସନ୍‌ର ଚାରୋଟି ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଗୁରୁବାର ଭୁବନେଶ୍ୱର ସ୍ଥିତ ଜୟଦେବ ଭବନଠାରେ ୪ଟି ପୁସ୍ତକ ଉନ୍ମୋଚନ ହୋଇଛି । ମୁଖ୍ୟଅତିଥି ଗୁରୁଜୀ ଡ଼. ଚନ୍ଦ୍ରଭାନୁ ସତପଥୀଙ୍କ କରକମଳରେ ଉନ୍ମୋଚିତ ହୋଇଛି ସାଇ ପବ୍ଲିକେସନର ଚାରୋଟି ପୁସ୍ତକ । ପୁସ୍ତକ ଗୁଡିକ ହେଲା ଶ୍ରୀ ଗୁରୁଭାଗବତ ମାହାତ୍ମ୍ୟ, ଆଧାତ୍ମ ରହସ୍ୟବାଦ ଓ ସଦଗୁରୁ ସାଇ, ପିଲାଙ୍କ ସାଇଲିଳା, ଗୀତରେ ଦତ୍ତ ଭାଗବତ ଶ୍ରୀଗୁରୁ ଚରିତ । ଆଜିର ଉନ୍ମୋଚନି ଉତ୍ସବରେ ଏ ଆର ନନ୍ଦ, ଦୀପା ପାଢ଼ୀ, ଅଭୟ ଦଳାଇ, ଜଗନ୍ନାଥ ମିଶ୍ର, ସତ୍ୟ ଖଡ଼ଗରି ମଞ୍ଚ ଉପରେ ଉପସ୍ଥିତ ରହିଥିଲେ । ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ମଞ୍ଚ ସଂଚାଳନ କରିଥିଲେ ଓଡିଶାର ସ୍ୱନାମଧନ୍ୟ କଣ୍ଠ ଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ । ପ୍ରଥମେ ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରଯାଇଥିଲା ତା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ପାରମ୍ପରିକ ନୃତ୍ୟ ବାଜା ସହ କାର୍ଯ୍ୟକ୍ରମ ଆଗକୁ ବଢିଥିଲା । ବକ୍ତା ମାନଙ୍କ ଅଭିଭାଷଣ ପରେ ୫ଟି ପୁସ୍ତକ ଉନ୍ମୋଚନ ହୋଇଥିଲା । ପୁସ୍ତକଗୁଡ଼ିକରେ ଥିବା ବାର୍ତ୍ତା ପ୍ରତ୍ୟେକ ଭାରତୀୟଙ୍କୁ ଆଶା ଓ ଅଧିକ ଶୀର୍ଷ ସଫଳତା ପାଇଁ ଲକ୍ଷ୍ୟ ନେଇ ଯାତ୍ରା କରିବାକୁ ପ୍ରେରଣା ଦେବ। ତାହା ସହିତ ଏହି ପୁସ୍ତକ ସାଧାରଣ ଜୀବନରେ ଶ୍ରୀଗୁରୁ ଭାଗବତର ଆବଶ୍ୟକତ ତା, ଉପାଦେୟତା ଓ ଉପକାରିତା ବିଷୟରେ ପାଠକମାନଙ୍କୁ ଆଲୋକପାତ କରାଇବ ଏବଂ ସେମାନଙ୍କର ଭୌତିକ ଓ ଆଧ୍ୟାତ୍ମିକ ଉନ୍ନତିରେ ସହାୟକ ହେବ ।ଲେଖକମାନଙ୍କର ଆଶା ଓ ବିଶ୍ୱାସ ଏହି ପୁସ୍ତକ 'ଶ୍ରୀଗୁରୁଭାଗବତ ଜ୍ଞାନ, ବିଜ୍ଞାନ ଓ ପ୍ରଜ୍ଞାନର ଉତ୍ସ ମଧ୍ୟ ପାଠକମାନଙ୍କ ଦ୍ୱାରା ବହୁମାତ୍ରାରେ ଆଦୃତ ହେବ ।

# ଆକାଶରୁ ଅଗ୍ନି ବର୍ଷା, ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ

ବୌଦ୍ଧ(ଭାସ୍କର ନ୍ୟୁଜ): ରେକର୍ଡ ଉପରେ ରେକର୍ଡ କରୁଛି ଜିଲ୍ଲାରେ ଗ୍ରୀଷ୍ମପ୍ରବାହ। ଏପ୍ରିଲ ଦ୍ୱତୀୟ ସପ୍ତାହରେ ଏଭଳି ଗ୍ରୀଷ୍ମପ୍ରବାହ ହେଉଛି ଯେ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡିଛି। ବୌଦ୍ଧ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମପ୍ରବାହରେ ମଣିଷ ସହ ବୁଲା ଗାଈଗୋରୁ, କୁକୁର, ବିଭିନ୍ନ ପଶୁପକ୍ଷୀ ଗଭୀର ପ୍ରଭାବିତ ହେଉଛନ୍ତି। ଗୋଟିଏ ପଟରେ ଆକାଶରୁ ଅଗ୍ନିବର୍ଷା ହେଉଥିବା ବେଳେ ଅନ୍ୟପଟରେ ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାନୀୟ ଜଳର ଉତ୍କଟ ଅଭାବ ଥିବା ଅଭିଯୋଗ ହୋଇଛି। ବୌଦ୍ଧ ଜିଲ୍ଲା ପ୍ରଶାସନ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଏଭଳି ପାନୀୟ ଜଳସମସ୍ୟା ଥିବା ଅଞ୍ଚଳରେ ପାନୀୟ ଜଳର ବ୍ୟବସ୍ଥା ପାଇଁ ବ୍ଲକ ଓ ପଞ୍ଚାୟତଗୁଡିକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଆଜିଠାରୁ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ସକାଳୁଆ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ବୌଦ୍ଧ ଜିଲ୍ଲାର ପୁରୁଣା ଜଗନ୍ନାଥ ସଡ଼କ, ପୁରୁଣାକଟକରୁ ଧଳପୁର ସଡ଼କ, ବଘିଆପଡା ସଡ଼କ, ଲୁଣିବାହାଲରୁ ମଙ୍ଗଳପୁର ସଡ଼କ ଭଳି ବିଭିନ୍ନ ରାସ୍ତାରେ ପଥପ୍ରାନ୍ତ ବନୀକରଣ ଫେଲ ମାରିଥିବାରୁ ପଥଚାରୀମାନେ ଗଛ ଛାଇ ଟିକିଏ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ବ୍ୟକ୍ତିଗତ ମାଲିକାନାକୁ...

ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ରାୟ ଦେଇଛନ୍ତି । ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ, ଅବଶ୍ୟ କିଛି କିଛି ବିଶେଷ ଘଟଣାରେ ଏଥିପାଇଁ ଅନୁମତି ଦିଆଯାଇପାରେ । ଯେଉଁମାନେ ପ୍ରକୃତରେ ଭୂମିହୀନ ବା ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଲୋକ ସେମାନଙ୍କୁ ଆବଶ୍ୟକସ୍ଥଳରେ ଏହି ଜମିକୁ ଲିଜ୍ ସୂତ୍ରରେ ଦିଆଯାଇପାରେ । ସେହିପରି ସମୂହ କାମରେ ଲାଗୁଥିବା ବିଦ୍ୟାଳୟ ଅବା ମେଡିକାଲ ନିର୍ମାଣ କ୍ଷେତ୍ରରେ ସର୍ବସାଧାରଣଙ୍କ ଜମି ବ୍ୟବହାର କରାଯାଇପାରିବ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ମାମଲାରୁ ଜଣାଯାଇଛି , ଯାଜପୁର ଜିଲ୍ଲା ଦଶରଥପୁର ତହସିଲ୍ ଅନ୍ତର୍ଗତ କେଲେଙ୍ଗା ଗ୍ରାମରେ ଥିବା ଏକ ରକ୍ଷିତ ଅନାବାଦି ଜମିରେ ଆବେଦନକାରୀ ଏକ ଆଜବେଷ୍ଟସ୍ ଘର ନିର୍ମାଣ କରିଥିଲେ। ଏହି ଜାଗାକୁ ଗତ ୩୦ବର୍ଷ ଧରି ଆବେଦନକାରୀ ନିଜ କବ୍‌ଜାରେ ରଖି ଆସୁଥିଲେ । ୨୦୧୮ ମସିହାରେ ସ୍ଥାନୀୟ ଆରଆଇ ଏନେଇ ଆବେଦନକାରୀଙ୍କୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ପରେ ଜବରଦଖଲ ଉଚ୍ଛେଦ ପାଇଁ ତହସିଲ୍‌ଦାରଙ୍କ ପକ୍ଷରୁ ନୋଟିସ୍ କରାଯାଇଥିଲା ।

### ଏନ୍‌ଆଇଏ କବ୍‌ଜାରେ...

ଅଭିଯୋଗ ରହିଛି। ତହବୁରର ପ୍ରତ୍ୟର୍ପଣ ଭାରତ ପାଇଁ ଏକ ବଡ଼ କୂଟନୈତିକ ସଫଳତା ବୋଲି କୁହାଯାଉଛି। ଯାହା ଆକ୍ରମଣର ୧୫ବର୍ଷରୁ ଅଧିକ ସମୟ ପରେ ନ୍ୟାୟ ପାଇଁ ତାକୁ ଭାରତକୁ ପ୍ରତ୍ୟର୍ପଣକୁ ଦର୍ଶାଉଛି। ୨୦୦୮ ମସିହାରେ ଏହି ଆକ୍ରମଣରେ ୧୬୬ ଲୋକଙ୍କର ମୃତ୍ୟୁ ହୋଇଥିଲା। ହଜାର ହଜାର ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ଅନେକ ବିଦେଶୀ ନାଗରିକ ରହିଥିଲେ। ତେବେ ତହବୁରର ଗିରଫଦାରୀ ତଥା ଆମେରିକାରୁ ଭାରତକୁ ପ୍ରତ୍ୟର୍ପଣ ଭାରତ ପାଇଁ ଏକ ବଡ଼ଧରଣର କୂଟନୈତିକ ସଫଳତା ବୋଲି କୁହାଯାଇପାରେ।

### ମାଓବାଦୀ...

ପକାଇଛି। ମାଓବାଦୀମାନେ ଏବେ ଜୀବନ ରକ୍ଷାପାଇଁ ଏ ଜଙ୍ଗଲରୁ ସେ ଜଙ୍ଗଲକୁ ଘୁରି ବୁଲୁଛନ୍ତି। ତେବେ କେଉଁଠାରେ ସେମାନଙ୍କୁ ସୁରକ୍ଷିତ ସ୍ଥାନ ମିଳୁନାହିଁ। ୨୦୨୬ ମାର୍ଚ୍ଚସୁଦ୍ଧା ଦେଶରୁ ମାଓବାଦର ମୂଳପୋଛ ପାଇଁ ସଂକଳ୍ପ ନେଇଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ।

### ତଥ୍ୟ ଆଧାରିତ...

କରାଯାଇଛି ବୋଲି ସେ କହିଥିଲେ। ସେହିପରି ବିଜେପିର ଜଣେ ବରିଷ୍ଠ ନେତା ଅରବିନ୍ଦ ଢାଲି କହିଛନ୍ତି ଯେ ମୁଖ୍ୟ ପରାମର୍ଶଦାତାଙ୍କ ପାଇଁ ବିଜେଡି ଆଜି ସଫା ହେବାକୁ ଯାଉଛି। ବିଜେଡିର ଦୁଇଟି ପାୱାର ସେଣ୍ଟର କାର୍ଯ୍ୟ କରୁଛି। ମୁଖ୍ୟ ପରାମର୍ଶଦାତାଙ୍କ ସମୟରେ ଅଭିନବ ଚାଲ୍ ସେ ଖେଳିଥିଲେ। ଯାହାଫଳରେ ତାଙ୍କର ମାତ୍ରାଧିକ କାର୍ଯ୍ୟପାଇଁ ବିଜେଡିକୁ ଲୋକେ ପରିତ୍ୟାଗ କରିଛନ୍ତି। ବିଜେଡି ଜରିଆରେ କ୍ଷମତା ଆହରଣ ତାଙ୍କର ଲକ୍ଷ୍ୟଥିଲା ବୋଲି ସେ କହିଥିଲେ।

### ଭାରତରେ ଦିନକୁ...

ଗର୍ଭାବସ୍ଥାରେ ସ୍ୱାସ୍ଥ୍ୟଗତ ଜଟିଳତା ଯୋଗୁ ସାରା ବିଶ୍ୱରେ ୨ଲକ୍ଷ ୬୦ହଜାର ଜଣଙ୍କ ମୃତ୍ୟୁ ଘଟିଛି। କେତେକ ଦେଶରେ ମାନବିକ ସହାୟତା ନ ମିଳିବା ତଥା ଜରୁରି ସ୍ୱାସ୍ଥ୍ୟସେବା ନ ମିଳିବା ଯୋଗୁ ଏହି ସ୍ଥିତି ଜଟିଳ ହେବ ବୋଲି ଜାତିସଂଘ ତା ରିପୋର୍ଟରେ ସତର୍କ କରାଇ ଦେଇଛି। ୨୦୨୦ରୁ ୨୦୨୩ ମଧ୍ୟରେ ଭାରତରେ ମାତୃ ମୃତ୍ୟୁହାରରେ ୭୮ ପ୍ରତିଶତ ହ୍ରାସ ଘଟିଛି। ଭାରତରେ ୨୦୦୦ ମସିହାରେ ୧ଲକ୍ଷ ଜୀବନ୍ତ ଶିଶୁ ଜନ୍ମ ଦେଇଥିବା ପ୍ରସୂତୀଙ୍କ ମଧ୍ୟରେ ମୃତ୍ୟୁବରଣ କରିଥିବା ଭାରତୀୟଙ୍କ ସଂଖ୍ୟା ୩୬୨ ଥିବାବେଳେ ୨୦୨୩ରେ ଏହା ୮୦କୁ ହ୍ରାସ ପାଇଛି। ତେବେ ସ୍ୱାସ୍ଥ୍ୟଗତ ଜଟିଳତା ଦେଇ ଗତି କରୁଥିବା ମହିଳାଙ୍କ ଜୀବନ ରକ୍ଷା କରାଯାଇପାରିବ ବୋଲି ରିପୋର୍ଟରେ କୁହାଯାଇଛି। ଅତ୍ୟଧିକ ରକ୍ତସ୍ରାବ, ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ, ସଂକ୍ରମଣ, ଅସୁରକ୍ଷିତ ଗର୍ଭପାତ, ମଧୁମେହ, ହୃଦରୋଗ, ଗର୍ଭବତୀଙ୍କ ଜୀବନକୁ ଅଧିକ ବିପଦରେ ପକାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

### ପୋଲିସର...

ଦୁର୍ବୃତ୍ତଙ୍କ ଆକ୍ରମଣରେ ତାଙ୍କର ଜଣେ ସାଙ୍ଗ ମଧ୍ୟ ଗୁରୁତର ହୋଇଛନ୍ତି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ରାଉରକେଲା ଗାନ୍ଧୀ ରୋଡରେ ଜଣେ ଜରି ଗୋଟାଳିର ବେକକୁ ନିର୍ମମ ଭାବେ କାଟି ହତ୍ୟା କରାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ପୋଲିସ ଗୁରୁବାର ସକାଳେ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିବା ସହ ଏ ନେଇ ଦୁଇଟି ମାମଲା ରୁଜୁ କରିଛି। ଦୁଇଟିଯାକ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପାଇଁ ପଠାଇବା ସହ ଅପରାଧୀଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଆରମ୍ଭ କରିଛି।

ବସୁଧା ଯୋଜନା ଫେଲ୍

# ପାନୀୟଜଳ ପାଇଁ ଗ୍ରାମବାସୀ ହନ୍ତସନ୍ତ



ଉମରକୋଟ(ଭାସ୍କର ନ୍ୟୁଜ): ଟାଇଁ ଟାଇଁ ଖରା ଗ୍ରାମବାସୀଙ୍କୁ ପାନୀୟ ଜଳସଙ୍କଟ ଘାରିଛି । ଏହି ଗ୍ରାମରେ ବସୁଧା ଯୋଜନା ଫେଲ ମାରିଛି। ବ୍ଲକ ପ୍ରଶାସନିକ ଅଧିକାରୀ ଜାଣି ବି ଅଜଣାର ଅଭିନୟ କରୁଛନ୍ତି । ପାନୀୟ ଜଳପାଇଁ ଗ୍ରାମବାସୀ ହନ୍ତସନ୍ତ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଉମରକୋଟ ବ୍ଲକ ଅଧିନସ୍ଥ ନେହୁରା ପଞ୍ଚାୟତର ଜାନିଗୁଡା ଗ୍ରାମରେ । ଏହି ଗ୍ରାମରେ ୮୦ ରୁ ଉର୍ଦ୍ଧ ପରିବାର ବସବାସ କରନ୍ତି। ୮୦ ପରିବାରକୁ ଗ୍ରାମର ଆରମ୍ଭରେ ଗୋଟିଏ ଗ୍ରାମ ଶେଷ ମୁଣ୍ଡରେ ଗୋଟିଏ ନଳକୂପ ରହିଛି ଏହି ଦୁଇଟି ନଳକୂପ ପ୍ରାୟ ୨କି.ମି ବ୍ୟବଧାନରେ ରହିଛି । ଯେକୌଣସି ଗୋଟିଏ ନଳକୂପ ଖରାପ୍ ହେଲେ ପାନୀୟ ଜଳ ପାଇଁ ୨କି. ମି ଯିବାକୁ ପଡ଼େ। ଗ୍ରାମବାସି କହିବାଅନୁଯାୟୀ ଏହି ବସୁଧା ଯେଉଁ ଦିନ ଶୁଭାରମ୍ଭ ହେଲା କେବଳ ଦୁଇଦିନ ହିଁ ପାନୀୟ ଜଳ ଯୋଗାଣ ଗ୍ରାମ କୁ ଦିଆଯାଇଥିଲା ଦୁଇଦିନ ପରେ ଆଉ ଗ୍ରାମବାସୀ ପାଣି ପାଇନାହାନ୍ତି ପ୍ରାୟ ଏକବର୍ଷ ହେଲା ପାଣି ପାଇଁ ହନ୍ତସନ୍ତ । ବର୍ଷକ ମଧ୍ୟରେ ଉମରକୋଟ ବ୍ଲକ ଅଧିକାରୀ ତିନିଜଣ ଆସିଲେଣି କିନ୍ତୁ କୌଣସି ବ୍ଲକ ପ୍ରଶାସନିକ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି । ଗ୍ରାମବାସି ବାରମ୍ବାର ସରପଞ୍ଚ ଉର୍ମିଳା ଭତରାଙ୍କୁ ପାନୀୟ ଜଳସମସ୍ୟାକୁ ନେଇ ଅଭିଯୋଗ କଲେ ମଧ ସରପଞ୍ଚ ଗ୍ରାମବାସିଙ୍କ ସମସ୍ୟା ବୁଝୁନାହାନ୍ତି । ଆଜିକୁ ୪ଦିନ ହେବ ଏହି ଜାନିଗୁଡାର ପାନୀୟଜଳ ସମସ୍ୟା ଉପରେ ବିଡିଓ ମନଜ କୁମାର ମେହେରଙ୍କୁ ଯୋଗାଯୋଗ ନିମନ୍ତେ ଗଲେ ବିଡିଓ କାର୍ଯ୍ୟାଳୟରେ ରହୁନାହାନ୍ତି । ତେବେ ଏହି ଗ୍ରାମବାସୀଙ୍କ ଗୁହାରି ବୁଝିବ କିଏ ?

# ଆୟୁଷ୍ମାନ କାର୍ଡ ବଣ୍ଟନ ଲାଗି ବ୍ଲକ ଓ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି

ପୁରୀ (ଭାସ୍କର ନ୍ୟୁଜ) : କାଲି ରାଜ୍ୟ ରେ ଯୋଡି ହେବାକୁ ଯାଉଛି ସ୍ୱାସ୍ଥ୍ୟ ସେବାରେ ନୂତନ ଅଧ୍ୟାୟ। ଆୟୁଷ୍ମାନ ଭାରତ ସହିତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ର ହେବାକୁ ଯାଉଛି ଶୁଭାରମ୍ଭ। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ପର୍ବ ଆରମ୍ଭ ହେବାକୁ ଯାଉଛି। ଆସନ୍ତା କାଲି ଓଡିଶା ରେ ଆୟୁଷ୍ମାନ ଭାରତ ସହିତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ମିଳିତ ଭାବେ କଟକରେ ଶୁଭାରମ୍ଭ କରିବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା। ଏହି କାର୍ଯ୍ୟକ୍ରମ ରେ ମଧ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟାନ୍ୟ ମନ୍ତ୍ରୀ ମାନେ ଉପସ୍ଥିତ ରହିବେ ।ଟାଉନ ହଲ ଠାରେ ପୁରୀ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେବେ। ଏହାର ଶୁଭାରମ୍ଭ ହେବା ଫଳରେ ରାଜ୍ୟ ବାସୀ ଓଡିଶା ସହ ଦେଶବ୍ୟାପୀ ମାଗଣା ଚିକିତ୍ସା ସୁବିଧା ପାଇପାରିବେ। ଯଦି କୌଣସି କାରଣ ରୁ ନୂତନ କାର୍ଡରେ ସମସ୍ୟା ଉପୁଜେ ତେବେ ଆଧାର ଦେଇ ଦେଶର ଯେକୌଣସି ଅନୁବନ୍ଧିତ ମେଡ଼ିକାଲରେ ସ୍ୱାସ୍ଥ୍ୟ ସୁବିଧା ପାଇ ପାରିବେ ବୋଲି ସରକାର ଘୋଷଣା କରିଛନ୍ତି ।ପୂର୍ବରୁ ପରିବାର ପିଛା ଗୋଟିଏ କାର୍ଡ ମିଳୁଥିବା ବେଳେ ଏବେ ଉଭୟ ଯୋଜନାର କୋଗ୍ରାଣ୍ଟିଂ କରି ହିତାଧିକାରୀ ଙ୍କୁ ଗୋଟିଏ ଲେଖାଏଁ କାର୍ଡ ପ୍ରଦାନ କରାଯିବ।

# ଯୋଡା ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଯୋଡ଼ାଠାରେ ସଡ଼କ ଦୁର୍ଘଟଣା ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାର ବର୍ଗଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**AFFIDAVIT**

By virtue of an affidavit sworn before The Executive Magistrate, Tirtol, Sl.No.2140, dated: 07.04.2025, I Sashikanta Barik, resident of village/ post- Samantarapur, PS- Tirtol, Dist- Jagatsinghpur, declares that I have changed my minor daughter's name from Swarnalata Barik to Swarnaprabha Barik. Henceforth She shall be known as Swarnaprabha Barik for all purposes.

**Sd/- Sashikanta Barik**

**AFFIDAVIT**

By virtue of an affidavit sworn before The Executive Magistrate, Banki, dated: 11.03.2025, I Pratap Behera, Address: village- Kurumachaini, PO- Anuary, PS- Banki, Dist- Cuttack, Odisha, PIN-754009, declare that I have changed my daughter's name from Subhadarshini Behera to Priyadarsini Behera. Henceforth, She shall be known at Priyadarsini Behera for all purposes.

**Sd/- Pratap Behera**

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, dated: 09.04.2025, I Hemanta Kumar Pradhan, Address: At- Begunimula, Asarala, PO- Asarala, PS- Bolgarh, Dist- Khurdha, Odisha, PIN-752064, declare that I have changed my name from Hemant Pradhan to Hemanta Kumar Pradhan. Henceforth I shall be known as Hemanta Kumar Pradhan for all purposes.

**Sd/- Hemanta Kumar Pradhan**

# କୃଷକଙ୍କୁ ୩୦୦ ୟୁନିଟ୍ ବିଜୁଳି ମାଗଣା ଦେବାକୁ ଦାବି

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆଜି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସଂଗଠନକୁ ତୃଣମୂଳ ସ୍ତରରୁ ସୁସଂଗଠିତ କରିବା ସହିତ ରାଜ୍ୟରେ ଚାଷ ଓ ଚାଷୀମାନଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ ତଥା ସରକାରୀ ଯୋଜନା ସଠିକ୍ ଭାବରେ ପହଂଚିପାରୁନଥିବାରୁ କୃଷକ ଓ କୃଷି ଶ୍ରମିକ ବହୁଳ ଭାବରେ କ୍ଷୟକ୍ଷତିର ସମ୍ମୁଖୀନ ହୋଇଆସୁଛନ୍ତି। ଏଥିପାଇଁ ମୁଖ୍ୟତଃ ସରକାରୀ ପ୍ରଶାସନିକ ଅପାରଗତାକୁ ଦାୟି କରାଯାଇଥିଲା। ଧାନର ଏମ୍‌ସି ମୂଲ୍ୟ ୩୧୦୦ ଟଙ୍କା ବାଧ୍ୟତାମୂଳକ କରାଯାଉ ଏବଂ ଚାଷୀମାନଙ୍କୁ ସରକାରଙ୍କର ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ୩୦୦ ୟୁନିଟ୍ ବିଜୁଳି ମାଗଣାରେ ଦେବାକୁ ଦାବି କରାଯାଇଛି। ଦାଦନ ପ୍ରବଣ ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାକୁ ଦାଦନ ମୁକ୍ତ ଘୋଷଣା ସହିତ ପୂର୍ବ ସରକାରରେ ୧୩୪ କୋଟି ଟଙ୍କା ଅନୁଦାନ ଦିଆଯାଇଥିଲା। ଉକ୍ତ ଟଙ୍କା ତାହାକୁ କ'ଣ ପାଇଁ ଦିଆଯାଇଛି ? ଫଳରେ ଦାଦନ ସମସ୍ୟା ସୁଧୁରିବା ବଦଳରେ ଆଦି ଆହୁରି ଉତ୍କଟରୂପ ଧାରଣ କରିଛି। ତେଣୁ ଉକ୍ତ ଅନୁଦାନର ବ୍ୟୟ ବରାଦକୁ ସିବିଆଇ ତଦନ୍ତ ପରିସରଭୁକ୍ତ କରାଯିବାକୁ ଦାବି ହୋଇଥିଲା। ଉପରୋକ୍ତ ସମସ୍ତ ଘଟଣା ସହିତ ପ୍ରତ୍ୟେକ ଜିଲ୍ଲାରେ ଆଗାମୀ ଦିନରେ ଜିଲ୍ଲା ସମ୍ମିଳନୀ କରାଯିବାକୁ ଆଲୋଚନା ହୋଇଥିଲା। ଏଥିସହିତ କୃଷି ଓ କୃଷକର ସୁବିଧା ସୁଯୋଗ ତଥା ସରକାରୀ ଯୋଜନା ସଠିକ୍ ସମୟରେ ଚାଷୀମାନଙ୍କ ପାଖରେ ପହଂଚିବାକୁ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର ହୋଇଅଛି। ଉକ୍ତ କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ସଂଗଠନର ରାଜ୍ୟ ସମ୍ପାଦକ ଶ୍ରୀକୃଷ୍ଣଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଏକ କମିଟି ଗଠନ ହୋଇଛି। ଏହି କମିଟିରେ ବେଦଦ୍ୟୁତ ପୃଷ୍ଟି ଆବାହକ, ବ୍ରହ୍ମାନନ୍ଦ ମହାକୁଡ, ସୁକୁମାର ଦେଓ, ଆଲୋଚନ ଚନ୍ଦ୍ର ପ୍ରଧାନ, ସୁବାସିସ୍ ନାୟକ, ପ୍ରେମାନନ୍ଦ ଭୋଇ, ସନ୍ତୋଷ କୁମାର ଭୋଳ, ଆଶା ମିଞ୍ଜ, କେଶବ ବେହେରା ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି ବୈଠକରେ ରାଜ୍ୟ କର୍ମକର୍ତ୍ତା ଓ ବିଭିନ୍ନ ଜିଲ୍ଲା ସଭାପତି ପ୍ରମୁଖ ଯୋଗଦାନ କରିଥିଲେ।

Phone-0680-2404096
E-Mail: eerwgmt@yahoo.co.in

OFFICE OF THE SUPERINTENDING ENGINEER
RURAL WORKS DIVISION-II, GANJAM, BERHAMPUR

Government of Odisha e-Procurement Notice
Bid Identification No. Online Tender/01/SERWD-II/2025-26

O-37

Memo No: 2858 / RWD-IIGB, Date: 07.04.2025

| | | | |
|---|---|---|---|
| 1 | Name of the Work | :: | Building Works |
| 2 | Estimated Cost | :: | Rs.19.71 lakhs to Rs.32.66 lakhs |
| 3 | Period of Completion | :: | 2 (Two) to 3(Three) Months as per Annexure |
| 4 | Date & Time of availability of Bid documents in the Portal | :: | 17.04.2025 at 10.00 AM to 30.04.2025 upto 3.00 P.M |
| 5 | Last Date/ Time for receipt of Bids in the Portal | :: | 30.04.2025 upto 3.00 P.M |
| 6 | Name and address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app

Sd/- Executive Engineer
R.W. Division-II, Ganjam
Berhampur

OIPR 25073/11/0018/2425

ग्रामोद्योग संचालनालय हाथकरघा
चतुर्थ तल, ब्लॉक-ए, इन्द्रावती भवन, नवा रायपुर अटल नगर 492002 (छ.ग.)
फोननं.-0771-2511766 एवं-0771-2511881 Email- handloomraipur@gmail.com

क्रमांक/हा./SCDP/Desinger/एफ-150/2025-26/ 506 नवा रायपुर, दिनांक08.04.2025

INVITING EXPRESSION OF INTERESTS (EoIS) for DESIGNER

Expression of Interest (EoIs) are invited for engaging Textile Designer in Small Cluster Devlopment Programme (SCDP) at Kurud (Bhakhara) Dist- Dhamatari and Ambagarh Chowki Dist- Mohala-Manpur-Ambagarh Chowki under National Handloom Devlopment Program (NHDP)

The designer will be selected through evaluation of his/her profile and experience in the relevant sector. The detail of eligibility criteria, broad Term of Reference (ToR) , guidelines for submission of EoIs and other term and condition are available on the website www.ruralindustries.cg.gov.in.

The eligible organizations/agencies/individuals interested in rendering their services as Designer may submit EoI in sealed envelope, superscribing the title "EoI for engaging Designer at SCDP Kurud (Bhakhara) Dist- Dhamatari and Ambagarh Chowki Dist- Mohala-Manpur-Ambagarh Chowki " within 21 days of the date of advertisement to " Director, Directorate of Rural Industries (Handloom Division), Indrawati Bhawan, Block-A, Fourth Floor, Nawa Raipur Atal Nagar 492002" In case, the 21st day falls on a holiday, the next working day will be considered as the last day.

G-252600187/ 4

Sd/- (Yashwant Kumar) IAS
Director
Rural Industries Handloom
Chhattisgarh Raipur

ଅମୃତ ଷ୍ଟେସନ ଯୋଜନା

# ଓଡ଼ିଶାର କେନ୍ଦ୍ରୀୟ ଅଞ୍ଚଳରେ ୬ ପ୍ରମୁଖ ଷ୍ଟେସନର ନବୀକରଣ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ଓଡ଼ିଶାରେ ରେଳ ଭିତିଭୂମିକୁ ଆଧୁନିକୀକରଣ କରିବା ପାଇଁ ଏକ ପରିବର୍ତ୍ତନଶୀଳ ପଦକ୍ଷେପ ସ୍ୱରୂପ, ଭାରତୀୟ ରେଳବାଇ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପ୍ରମୁଖ ଷ୍ଟେସନଗୁଡ଼ିକର ଏକ ବ୍ୟାପକ ପୁନଃବିକାଶ ଆରମ୍ଭ କରିଛି। ଲକ୍ଷ ଲକ୍ଷ ଲୋକଙ୍କ ଯାତ୍ରା ଅଭିଜ୍ଞତାକୁ ଉନ୍ନତ କରିବା ଏବଂ ଆର୍ଥିକ ବିକାଶ ଓ ଆଞ୍ଚଳିକ ସଂଯୋଗକୁ ବୃଦ୍ଧି କରାଇବା ଏହି ପଦକ୍ଷେପର ଲକ୍ଷ୍ୟ । ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପରେ ଛଅଟି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ-ଅନୁଗୁଳ, ତାଳଚେର, ତାଳଚେର ରୋଡ୍, ମେରାମଣ୍ଡଳୀ, ଢେଙ୍କାନାଳ ଏବଂ ରେଢ଼ାଖୋଲର ଉନ୍ନତିକରଣ ଅନ୍ତର୍ଭୁକ୍ତ ଯାହା ସେମାନଙ୍କୁ ଡିଜାଇନ୍ ବା ନକ୍ସା, ପ୍ରବେଶଯୋଗ୍ୟତା, ସ୍ଥାୟୀତ୍ୱ ଏବଂ ଯାତ୍ରୀ ସୁବିଧାର ବିଶ୍ୱସ୍ତରୀୟ ମାନଦଣ୍ଡ ସହିତ ସମନ୍ୱିତ କରିବ । ନୂତନ ଷ୍ଟେସନ ଭବନ ଯେଉଁଥିରେ ଉନ୍ନତ ସ୍ଥାପତ୍ୟ, ଆଧୁନିକ ସୁବିଧା ଏବଂ ଉନ୍ନତ ଯାତ୍ରୀ ପରିସେବା ରହିଛି । ଦୃଶ୍ୟମାନ ଏବଂ ସମ୍ମୁଖଭାଗ ଚଳପ୍ରଚଳ ପାଇଁ ଉନ୍ନତ ଷ୍ଟେସନ ମୁଖବନ୍ଧ। ସମସ୍ତ ଯାତ୍ରୀମାନଙ୍କ ସୁଗମତାକୁ ଉନ୍ନତ କରିବା ପାଇଁ ପ୍ରଶସ୍ତ ଫୁଟ ଓଭର ବ୍ରିଜ (୧୨ ମିଟର) ଏବଂ ଯାତ୍ରୀ ଲିଫ୍ଟ। ଉନ୍ନତ ପୃଷ୍ଠ ଗୁଣବତ୍ତା, ବର୍ଦ୍ଧିତ ଆଶ୍ରୟସ୍ଥଳୀ, ଡିଜିଟାଲ୍ ସାଇନେଜ୍ ଏବଂ ସୁରକ୍ଷା ବ୍ୟବସ୍ଥା ସହିତ ଉନ୍ନତ ପ୍ଲାଟଫର୍ମ । ସବୁଜ ଏବଂ ସ୍ଥାୟୀ ଡିଜାଇନ୍ ନୀତି, ଯେଉଁଥିରେ ଶକ୍ତି-ଦକ୍ଷ ଆଲୋକୀକରଣ, ଜଳ ସଂରକ୍ଷଣ ଏବଂ ଅପଚୟ ପରିଚାଳନା ଅନ୍ତର୍ଭୁକ୍ତ । ଡ୍ରପ୍-ଅଫ୍/ପିକ୍-ଅପ୍ ଲେନ୍ ଏବଂ ପ୍ରଚୁର ପାର୍କିଂ ସୁବିଧା ସହିତ ସମନ୍ୱିତ ପରିବହନ ଭିତ୍ତିଭୂମି। ୱାଇ-ଫାଇ,ଏଲଇଡି କୋଚ୍ ସଙ୍କେତ ବୋର୍ଡ, ଟ୍ରେନ୍ ସୂଚନା ପ୍ରଦର୍ଶନ ଏବଂ ଉନ୍ନତ ଲାଉଞ୍ଜ କ୍ଷେତ୍ର ଭଳି ଡିଜିଟାଲ୍ ସୁବିଧା ।

# ଗୋଚର ଜମି ବ୍ୟକ୍ତିଗତ ମାଲିକାନାକୁ ଯାଇପାରିବ ନାହିଁ: ହାଇକୋର୍ଟ

କଟକ,(ଭାସ୍କର ନ୍ୟୁଜ୍): ସର୍ବସାଧାରଣଙ୍କ ଜମି ବୃହତର ଗୋଷ୍ଠୀଙ୍କ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ । ଗୋଚର ଜମିକୁ କୌଣସି ହାଲତରେ ବ୍ୟକ୍ତିଗତ ସ୍ୱାର୍ଥ ନିମନ୍ତେ ବ୍ୟବହାର କରାଯାଇ ପାରିବ ନାହିଁ । ବିଶେଷ କରି ସର୍ବସାଧାରଣଙ୍କ ବ୍ରବହାର ନିମନ୍ତେ ଉଦ୍ଦିଷ୍ଟ ଥିବା ସଂରକ୍ଷିତ ଥିବା ଗୋଚର, ରକ୍ଷିତ ଜମିକୁ କୌଣସି ପରିସ୍ଥିତିରେ ବ୍ୟକ୍ତି ବିଶେଷଙ୍କ ନାମରେ କରାଯାଇ ପାରିବ ନାହିଁ । ଆବେଦନକାରୀ ସନାତନ ନାୟକଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ଉପରୋକ୍ତ ଆଦେଶ ଦେଇଛନ୍ତି । ତେବେ ଭୂମିହୀନ ବା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକ ସେମାନଙ୍କୁ ଆବଶ୍ୟକସ୍ଥଳରେ ଗୋଚର ଓ ରକ୍ଷିତ ଜମିକୁ ଲିଜ୍ ସୂତ୍ରରେ ଦିଆଯାଇପାରେ । ଯାଜପୁର ଜିଲ୍ଲା ଦଶରଥପୁର ତହସିଲ୍ ଅନ୍ତର୍ଗତ କେଲେଙ୍ଗା ଗ୍ରାମରେ ଥିବା ଏକ ରକ୍ଷିତ ଅନାବାଦି ଜମିକୁ ଆବେଦନକାରୀ ଜବର ଦଖଲ କରି ତା ଉପରେ ଏକ ଘର ନିର୍ମାଣ କରିଥିଲେ । ୨୦୧୮ ମସିହାରେ ତାଙ୍କୁ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ୍ କରାଯାଇଥିଲା । ଏହି ନୋଟିସ୍‌କୁ ବିରୋଧ କରି ଏହାକୁ ଖାରଜ କରିବାକୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏଥିରେ ଉକ୍ତ ଜମିକୁ ତାଙ୍କ ନାମରେ କରାଯାଉ ବୋଲି ପ୍ରର୍ଥନା କରିଥିଲେ । ହାଇକୋର୍ଟ ମାମଲାର ଶୁଣାଣି କରି ଉପରୋକ୍ତ ଆଦେଶ ପ୍ରଦାନ କରିବା ସହ ତାଙ୍କ ଆବେଦନକୁ ଖାରଜ କରିଛନ୍ତି ।

OFFICE OF THE CHOUDWAR MUNICIPALITY, CUTTACK

No. Dev-836 Date: 09.04.2025

E-Procurement Notice

C-73

Tender Reference No. - ChM- 01/2025-26

Bid Documents consisting of Work, Estimated Cost, Cost of Tender Paper, EMD, and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil works as mentioned in DTCN
2. No. of works : 31 Nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 15.04.2025 , 11.00AM
6. Last date and time for receipt : 28.04.2025 , 5.00 PM
7. Bids received online shall be opened on : 29.04.2025 , 11.00AM
8. Name and address of the Officer Inviting Bid : Executive Officer Choudwar Municipality

Further details can be seen from the e-procurement portal i.e. https://tendersodisha.gov.in.

Sd/- Executive Officer
Choudwar Municipality

OIPR 13138/11/0030/2425

i-15

GOVERNMENT OF ODISHA
PANCHAYATIRAJ & D.W. DEPARTMENT

OFFICE OF THE PANCHAYAT SAMITI, BALIKUDA

'e' mail ID : ori-balikuda@nic.in

'e' Procurement Notice No.BDO-BKD/PS-01 of 2025-26

| | | |
|---|---|---|
| 1 | Number of the works | 4 (Four) Nos. |
| 2 | Tender Amount (Approx.) | Rs.21.35 Lakh (Each) |
| 3 | EMD (online) | Rs.21,400.00 |
| 4 | Tender Paper Cost (online) (Non-Refundable) | Rs.6,000.00 |
| 5 | Class of Contractor | "C"&"B" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | 'e' Procurement Notice No. | Availability of Tender | | Last date & time for seeking tender clarification | Date & Time of opening of BID | Place of opening of Bid |
|---|---|---|---|---|---|---|
| | | From | To | | | |
| BLOCK DEVELOPMENT OFFICER, BALIKUDA | BDO-BKD/PS-01 / 2025-26 | 11.04.2025 at 10.00 Hours | 24.04.2025 at 17.30 Hours | 19.04.2025 upto 1.00 P.M during office hours on working days | 25.04.2025 upto 11.00 AM during office hours | O/o the Panchayat Balikuda |

Further details can be seen from the Govt. web site "https://tendersodisha.gov.in

All corrigendum / cancellation of tender if any, will only be uploaded in the above web site

Sd/-
BLOCK DEVELOPMENT OFFICER,
BALIKUDA

OIPR 19282/11/0002/2425

C-86

GOVERNMENT OF ODISHA
OFFICE OF THE EXECUTIVE ENGINEER,
PUBLIC HEALTH DIVISION, RAYAGADA.
e-mail: - eephd.rgda.od@nic.in, eephdrgda@gmail.com

Letter No. 2033 / Dt.08.04.2025

1 st Corrigendum to e-Tender Notice No. EEPHDRAYAGADA-57/2024-25 DT.25.03.2025

The following Corrigendum is made for the work listed as mentioned in invitation for the bids through e-tender published vide NIT No. EEPHDRAYAGADA-57/2024-25 DT.25.03.2025.

1.

| Sl No. | Name of the work | Bid identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Construction of 5 Lakh Ltr. Master Balancing Reservoir (MBR) and piping arrangement at WTP campus of Gunupur Municipality. | EEPHDRAYAGADA-57/2024-25 Dtd.21.03.2025 | 56.00 | 'A' & 'B' Class | 03 (Three Months) | 04.04.2025 (11.00 Hr) | 15.04.2025 (17.00 Hr) |

May be read as

| Sl No. | Name of the work | Bid identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Construction of 5 Lakh Ltr. Master Balancing Reservoir (MBR) and piping arrangement at WTP campus of Gunupur Municipality. | EEPHDRAYAGADA-57/2024-25 Dtd.21.03.2025 | 47.03 | 'C' & 'B' Class | 03 (Three Months) | 09.04.2025 (11.00 Hr) | 21.04.2025 (17.00 Hr) |

All other term and condition in the above-mentioned tender call notice remain unchanged.

Sd/-SUPERINTENDING ENGINEER,
P.H. DIVISION, RAYAGADA

OIPR 13052/11/0014/2425



ବାଂସବାଡା : କେଦାର ଘାଟିରେ ଗୁରୁବାର ମଧ୍ୟାହ୍ନ ପରେ ହୋଇଥିବା ମୁଷଳଧାର ବର୍ଷା ବିପ୍ଲାତ ରଚିଛି। କୁଆପଥର ସାଙ୍ଗକୁ ଭୀଷଣ ବର୍ଷା ଜନଜୀବନକୁ ପ୍ରଭାବିତ କରିଛି। ବର୍ଷା ଯୋଗୁ ଅନେକ ଅଞ୍ଚଳର ନାଳ ନର୍ଦ୍ଦମା ଚୋକ୍ ହୋଇଯାଇଥିବା ବେଳେ ପାହାଡି ଝରଣା ଫୁଲିଛି। କୁସୁମଗାଡ଼-ଭୀରି ନାଳ ପାଣି ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଥିଲା। ଏହା ଛଡା ବର୍ଷା ଯୋଗୁ କେଦାରନାଥ ଜାତୀୟ ରାଜମାର୍ଗର ବାଂସବାଡା କ୍ଷେତ୍ରରେ ଭୂ-ସ୍ଖଳନ ହୋଇଛି। ସଡ଼କ ଉପରେ ପାହାଡରୁ ମାଟି ଓ ପଥର ପଡିବାରୁ ରାସ୍ତା ସମ୍ପୂର୍ଣ୍ଣ ଅବରୋଧ ହୋଇଯାଇଛି। ଫଳରେ ରାସ୍ତାର ଦୁଇ ପଟରୁ ବାହନ ଧାଡି ଲାଗିଯାଇଛି। ଜାତୀୟ ରାଜମାର୍ଗ ବନ୍ଦ ହୋଇଯିବା ଯୋଗୁ ଯାତ୍ରୀ ଓ ସ୍ଥାନୀୟ ଲୋକେ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସୂଚନା ପାଇ ଜାତୀୟ ରାଜମାର୍ଗ ପ୍ରାଧିକରଣ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୁ ମାଟି ପଥର ହଟାଇବା କାର୍ଯ୍ୟ ଆରମ୍ଭ କରିଛନ୍ତି। ତେବେ ରହି ରହି ହେଉଥିବା ବର୍ଷା ରିଲିଫ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି।



# ଗୁଜରାଟ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ବାର୍ଷିକ ବାଣିଜ୍ୟ ପ୍ରଦର୍ଶନୀର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କଲେ ଅମିତ ଶାହ

ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଗୁରୁବାର ଭିଡିଓ କନଫରେନ୍ସିଂ ଜରିଆରେ ଗୁଜରାଟ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ବାର୍ଷିକ ବାଣିଜ୍ୟ ପ୍ରଦର୍ଶନୀ ୨୦୨୫ର ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ପଟେଲଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଗୁଜରାଟର ବିକାଶରେ ଗୁଜରାଟ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଶ୍ରୀ ଶାହ କହିଥିଲେ ଯେ ଚାମ୍ବର ନିଜର ୭୫ ବର୍ଷର ଯାତ୍ରା ଶେଷ କରି ଏବେ ୧୦୦ ବର୍ଷର ମାଇଲଖୁଣ୍ଟ ଆଡକୁ ଅଗ୍ରସର ହେଉଛି। ସେ ଦର୍ଶାଇଥିଲେ ଯେ ଏମ୍ଏସ୍ଏମ ଇ ଗୁଡ଼ିକ ହେଉଛି ଆମର ସବୁଠାରୁ ବଡ଼ ସମ୍ପଦ, ଏବଂ ଯଦି ଆମେ ପଛକୁ ଚାହିଁବା, ତେବେ ପ୍ରତ୍ୟେକ ପ୍ରମୁଖ ଉଦ୍ୟୋଗ ଏକଦା ଏକ



କ୍ଷୁଦ୍ର ଉଦ୍ୟୋଗ ଭାବେ ଆରମ୍ଭ ହୋଇଛି। ଯଦି ଚାମ୍ବର୍ ଆଗାମୀ ସମୟରେ ପ୍ରାସଙ୍ଗିକ ରହିବାକୁ ଚାହେଁ, ତେବେ ଏହା କେବଳ କାର୍ଯ୍ୟକ୍ରମ ଆୟୋଜନ କରିବା ଠାରୁ ଆଗକୁ ଯାଇ ଶିଳ୍ପ, ଶିଳ୍ପ ଉଦ୍ୟୋଗୀ ଏବଂ ଶିଳ୍ପପତିମାନଙ୍କୁ ସମର୍ଥନ କରିବା ପାଇଁ ଚାମ୍ବର୍ ମଧ୍ୟରେ ଏକ ସ୍ଥାୟୀ ବ୍ୟବସ୍ଥା ପ୍ରତିଷ୍ଠା କରିବା ଆବଶ୍ୟକ। ଗୁଜରାଟ ଆଜି ପାରମ୍ପରିକ ଶିଳ୍ପ ଠାରୁ ଆରମ୍ଭ କରି ଅତ୍ୟାଧୁନିକ ପ୍ରଯୁକ୍ତି, ଆଇଟି, ଭିତ୍ତିଭୂମି, ଏମଏସଏମଇ, ଷ୍ଟାର୍ଟଅପ୍ ଏବଂ ଅଗ୍ରଣୀ କ୍ଷେତ୍ର ପର୍ଯ୍ୟନ୍ତ ଏକ ଜୀବନ୍ତ ଏବଂ ବିବିଧ ଶିଳ୍ପ ଇକୋସିଷ୍ଟମ୍ ପ୍ରଦର୍ଶନ କରୁଛି। ଗୁଜରାଟର ଲକ୍ଷ୍ୟ-ବିଶ୍ୱସ୍ତରୀୟ ଅଭିଳାଷ ଲକ୍ଷ୍ୟ ନେଇ ଚାମ୍ବର୍ ଆଗକୁ ବଢୁଛି। ସେ ଉଲ୍ଲେଖ କରିଥିଲେ ଯେ ଆଜିଠାରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ପାଇଁ ବିଭିନ୍ନ କ୍ଷେତ୍ର ଏବଂ ନବସୃଜନ କ୍ଷେତ୍ରର ୩୦୦ରୁ ଅଧିକ ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ କରାଯାଇଛି। ସେ କହିଥିଲେ ଯେ ୧୯୪୯ରେ ଏହାର ପ୍ରତିଷ୍ଠା ପରଠାରୁ, ଗୁଜରାଟର ବିକାଶରେ ଚାମ୍ବର୍ ଏକ ଅସାଧାରଣ ଯୋଗଦାନ ଦେଇଛି। ୭୫ ରୁ ଅଧିକ ଅନୁଷ୍ଠାନ ଏବଂ ଏହା ସହିତ ଜଡିତ ୨.୫୦ ଲକ୍ଷରୁ ଅଧିକ ଛୋଟ ଶିଳ୍ପ ସଂଗଠନ ସହିତ, ଚାମ୍ବର ରାଜ୍ୟର ଶିଳ୍ପ କ୍ଷେତ୍ରକୁ ରୂପ ଦେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସାରା ଦେଶରେ ଅନେକ ପରିବର୍ତ୍ତନକାରୀ ପଦକ୍ଷେପ ଆରମ୍ଭ କରିବାରେ ଗୁଜରାଟ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଶ୍ରୀ ଶାହ କହିଥିଲେ ଯେ ଆଗାମୀ ୨୫ ବର୍ଷ ମଧ୍ୟରେ ବିଶ୍ୱ ଅର୍ଥବ୍ୟବସ୍ଥାକୁ ରୂପ ଦେଉଥିବା ସମସ୍ତ ପ୍ରମୁଖ କ୍ଷେତ୍ରରେ ଗୁଜରାଟ ଅଗ୍ରଣୀ ଭାବେ ଉଭା ହୋଇଛି। ଶ୍ରୀ ଶାହ ଆହୁରି ଗୁରୁତ୍ୱାରୋପ କରିଥିଲେ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ପଟେଲ ଗୁଜରାଟକୁ ଏକ ସୁଦୃଢ଼ ଶିଳ୍ପ ବିକାଶ ଭିତ୍ତିଭୂମି, ପ୍ରଗତିଶୀଳ ନୀତି ଏବଂ ଶିଳ୍ପ ଅନୁକୂଳ ଶାସନ ମଡେଲ ପ୍ରଦାନ କରିଛନ୍ତି।

## ଭଗବାନ ମହାବୀରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ମହାବୀର ଜୟନ୍ତୀ ଅବସରରେ ଭଗବାନ ମହାବୀରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଭଗବାନ ମହାବୀର ସର୍ବଦା ଅହିଂସା, ସତ୍ୟ ଏବଂ କରୁଣା



ଉପରେ ଗୁରୁତ୍ୱ ଦେଉଥିଲେ ଏବଂ ତାଙ୍କର ଆଦର୍ଶ ସମଗ୍ର ବିଶ୍ୱର ଅଗଣିତ ଲୋକଙ୍କୁଶକ୍ତି ପ୍ରଦାନ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଗତ ବର୍ଷ ସରକାର ପ୍ରାକୃତକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରିଥିଲେ ଏବଂ ଏହା ବହୁ ପ୍ରଶଂସିତହୋଇଥିଲା। ଏକ୍ସରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି 'ଆମେ ସମସ୍ତେ ଭଗବାନ ମହାବୀରଙ୍କୁ ପ୍ରଣାମ କରୁଛୁ, ଯିଏ ସର୍ବଦା ଅହିଂସା, ସତ୍ୟ ଏବଂ କରୁଣା ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କ ଆଦର୍ଶ ସମଗ୍ର ବିଶ୍ୱରେ ଅଗଣିତ ଲୋକଙ୍କୁ ଶକ୍ତି ପ୍ରଦାନ କରୁଛି। ଜୈନ ସମ୍ପ୍ରଦାୟ ଦ୍ୱାରା ତାଙ୍କ ଶିକ୍ଷାଗୁଡିକୁ ସୁନ୍ଦର ଭାବରେ ସଂରକ୍ଷିତ ରଖାଯିବା ସହ ଲୋକପ୍ରିୟ ମଧ୍ୟ କରାଯାଇଛି। ଭଗବାନ ମହାବୀରଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ, ସେମାନେ ଜୀବନର ବିଭିନ୍ନ କ୍ଷେତ୍ରରେଉତ୍କର୍ଷ ହାସଲ କରିଛନ୍ତି ଏବଂ ସାମାଜିକ କଲ୍ୟାଣ ପାଇଁ ଯୋଗଦାନମଧ ଦେଇଛନ୍ତି। ଆମ ସରକାର ସର୍ବଦା ଭଗବାନ ମହାବୀରଙ୍କ ସ୍ୱପ୍ନ ପୂରଣ କରିବାପାଇଁ କାର୍ଯ୍ୟ କରିବ । ଗତ ବର୍ଷ ଆମ ପ୍ରାକୃତକୁ ଶାସ୍ତ୍ରୀୟ ଭାଷାରମାନ୍ୟତା ପ୍ରଦାନ କରିଥିଲୁ, ଯାହା ବହୁ ପ୍ରଶଂସିତ ହୋଇଥିଲା।

## ବରଫ ଆଚ୍ଛାଦିତ ଉପତ୍ୟକାରେ ଚାଲିବ 'ବନ୍ଦେ ଭାରତ'

ନୂଆଦିଲ୍ଲୀ : ଜମ୍ମୁ ଏବଂ କାଶ୍ମୀର ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ହୋଇଥିବା ବନ୍ଦେ ଭାରତ ଟ୍ରେନ ଖୁବ୍ ଶୀଘ୍ର ଚାଲିବ। 'ମେକ୍ ଇନ୍ ଇଣ୍ଡିଆ' ଅଧୀନରେ ଇଣ୍ଟିଗ୍ରାଲ୍



କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ୍)ରେ ନିର୍ମିତ ଏହି ଟ୍ରେନ୍ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ସୁବିଧାରେ ସଜ୍ଜିତ ଏବଂ ବିଦ୍ୟୁତ୍ ଶକ୍ତିରେ ଚାଲିଥାଏ। ଏହାର ଯାତ୍ରା ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବରେ ଭରିଦେବ। ଏହି ବନ୍ଦେ ଭାରତ ଏକ୍ସପ୍ରେସ୍ ଯାତ୍ରୀଙ୍କ ନିର୍ଭରଯୋଗ୍ୟତା, ସୁରକ୍ଷା ଏବଂ ଆରାମ ସୁନିଶ୍ଚିତ କରିବା ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଉନ୍ନତ ବୈଶିଷ୍ଟ୍ୟଗୁଡ଼ିକରେ ସଜ୍ଜିତ। ଏହି ବନ୍ଦେ ଭାରତ ଟ୍ରେନକୁ କାଶ୍ମୀର ଉପତ୍ୟକାର କଷ୍ଟକର ଜଳବାୟୁ ପରିସ୍ଥିତିରେ ସୁଗମ ଯାତ୍ରା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହା ଏବେ ସମସ୍ତ ଋତୁରେ କାଶ୍ମୀର ଉପତ୍ୟକାରେ ପହଞ୍ଚିବା ସହଜ କରିବ ଏବଂ ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ ଏହି ଅଞ୍ଚଳରେ ଯାତ୍ରୀ ସେବା ଏବଂ ପର୍ଯ୍ୟଟନ ଅଭିଜ୍ଞତାକୁ ଉନ୍ନତ କରିବ। ଜମ୍ମୁ ଏବଂ କାଶ୍ମୀର ଭଳି ଥଣ୍ଡା ପାଗ ଅଞ୍ଚଳରେ ସୁଗମ ରେଳ ପରିଚାଳନା ସୁନିଶ୍ଚିତ କରିବା ପାଇଁ, ଏହି ବନ୍ଦେ ଭାରତ ଟ୍ରେନରେ ସ୍ୱତନ୍ତ୍ର ବୈଷୟିକ ବୈଶିଷ୍ଟ୍ୟ ପ୍ରଦାନ କରାଯାଇଛି। ସିଲିକନ୍ ହିଟିଂ ପ୍ୟାଡ୍ ପାଣି ଏବଂ ବାୟୋ-ଟଏଲେଟ୍ ଟାଙ୍କିରେ ପାଣି ଜମାଟ ବାନ୍ଧିବାକୁ ରୋକିବ। କାଶ୍ମୀରର କଷ୍ଟକର ପରିସ୍ଥିତିରେ ଡ୍ରାଇଭରଙ୍କ ସୁରକ୍ଷା ଏବଂ ଆରାମ ସୁନିଶ୍ଚିତ କରିବା ପାଇଁ, ଏହି ବନ୍ଦେ ଭାରତ ଟ୍ରେନରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି, ଯାହା ସୁଗମ ଯାତ୍ରାକୁ ସମ୍ଭବ କରିବ। ଏହି ବନ୍ଦେ ଭାରତ ଟ୍ରେନର ସୁଗମ ପରିଚାଳନା ଏବଂ ଯାତ୍ରୀଙ୍କ ଆରାମ ପାଇଁ ଏଥିରେ ଅନେକ ବୈଷୟିକ ବୈଶିଷ୍ଟ୍ୟ ସୁନିଶ୍ଚିତ କରାଯାଇଛି। ଅତ୍ୟଧିକ ଥଣ୍ଡାରେ ଏୟାର ବ୍ରେକ ସିଷ୍ଟମର ଦକ୍ଷତା ବଜାୟ ରଖିବ। ଏହା ସହିତ, ଯାତ୍ରୀମାନଙ୍କ ପାଇଁ ଆରାମଦାୟକ ଯାତ୍ରା ଗରମ, ବାୟୁଚଳନ ଏବଂ ଏୟାର କଣ୍ଡିସନିଂ (ଏଚ୍‌ଭିଏସି) ଡକ୍ଟ ଦ୍ୱାରା ସୁନିଶ୍ଚିତ କରାଯାଏ। ଏହା ସମ୍ପୂର୍ଣ୍ଣ ବାତାନୁକୂଳିତ କୋଚ୍। ଏଥିରେ ଅର୍ଦ୍ଧ-ହାଇ-ସ୍ପିଡ୍ କ୍ଷମତା (୧୬୦ କିଲୋମିଟର ପ୍ରତି ଘଣ୍ଟା) ରହିବ, ଯାହା ଦ୍ରୁତ ଏବଂ ସମୟସୀମା ମଧ୍ୟରେ ଯାତ୍ରା ସୁନିଶ୍ଚିତ କରିବ।

## ଭାରତ-ପାକିସ୍ତାନ ମଧ୍ୟରେ କମାଣ୍ଡର ସ୍ତରୀୟ ବୈଠକ

ଶ୍ରୀନଗର: ଭାରତ ଏବଂ ପାକିସ୍ତାନର ସେନା ଗୁରୁବାର ଜମ୍ମୁ ଏବଂ କାଶ୍ମୀରର ପୁଞ୍ଚ ଜିଲ୍ଲାରେ ନିୟନ୍ତ୍ରଣ ରେଖାରେ ଏକ ବ୍ରିଗେଡ କମାଣ୍ଡର ସ୍ତରୀୟ ଫ୍ଲାଗ୍ ମିଟିଂ କରିଛନ୍ତି। ଏଥିରେ ସୀମା ପରିଚାଳନା ସହ ଜଡିତ ପ୍ରସଙ୍ଗଗୁଡ଼ିକ



ଉପରେ ଆଲୋଚନା କରାଯାଇଥିଲା । ଚଳିତ ମାସରେ ଏହା ଉଭୟ ପକ୍ଷ ମଧ୍ୟରେ ଦ୍ୱିତୀୟ ଏପରି ବୈଠକ । ଅଧିକାରୀମାନେ କହିଛନ୍ତି ଯେ ବୈଠକ ଚକନ-ଦା-ବାଗ କ୍ରସ-ପଏଣ୍ଟରେ ହୋଇଥିଲା। ଏହି ବୈଠକର ନେତୃତ୍ୱ ଉଭୟ ପକ୍ଷର ବ୍ରିଗେଡିୟର ସ୍ତରୀୟ ଅଧିକାରୀମାନେ ନେଇଥିଲେ । ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି ଯେ, ଉଭୟ ପକ୍ଷର ଡିଜିଏମଓଙ୍କ ମଧ୍ୟରେ ବୁଝାମଣା ଅନୁଯାୟୀ ଫ୍ଲାଗ ବୈଠକ ଏକ ନିୟମିତ ଏଲଓସି ଏବଂ ସୀମା ପରିଚାଳନା ପ୍ରକ୍ରିୟା । ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି ଯେ, ଗୁରୁବାରର ବୈଠକ ନିୟନ୍ତ୍ରଣ ରେଖାରେ ନିୟମିତ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଅନୁଷ୍ଠିତ ହୋଇଥିଲା । ଭାରତୀୟ ସେନା ଅଧିକାରୀମାନେ ମଧ୍ୟ ଅନୁପ୍ରବେଶ ପ୍ରୟାସ, ଅସ୍ତ୍ରବିରତି ଉଲ୍ଲଂଘନ ଏବଂ ଆଇଇଡି ବିସ୍ଫୋରଣ ପ୍ରସଙ୍ଗ ସେମାନଙ୍କ ପ୍ରତିପକ୍ଷଙ୍କ ସହ ଉଠାଇଥିଲେ । ତାଙ୍କ ସମ୍ମୁଖରେ ପ୍ରତିବାଦ ମଧ୍ୟ ପ୍ରକାଶ କରିଥିଲେ । ଏପ୍ରିଲ ୨ ତାରିଖରେ ଚକକାନ-ଦା-ବାଗ କ୍ରସିଂ ପଏଣ୍ଟ ଅଞ୍ଚଳରେ ୭୫ ମିନିଟ୍ ଧରି ବ୍ରିଗେଡ କମାଣ୍ଡର ସ୍ତରୀୟ ଫ୍ଲାଗ୍ ମିଟିଂ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଉଭୟ ପକ୍ଷ ସୀମାରେ ଶାନ୍ତି ବଜାୟ ରଖିବା ଉପରେ ଆଲୋଚନା କରିଥିଲେ। ଜଣେ ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି ଯେ, ଏପ୍ରିଲ ୧ ତାରିଖରେ ଜମ୍ମୁ ଓ କାଶ୍ମୀରର ପୁଞ୍ଚ ଜିଲ୍ଲାରେ ନିୟନ୍ତ୍ରଣ ରେଖାରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ପରେ ପାକିସ୍ତାନୀ ସୈନ୍ୟମାନେ ଅକାରଣରେ ଗୁଳିଚାଳନା କରି ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲେ ।

## ଶିକ୍ଷାକୁ ଆପଣାନ୍ତୁ, ନିଶାଠାରୁ ଦୂରରେ ରହନ୍ତୁ : ବିଷ୍ଣୁଦେବ

ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଗୁରୁବାର ମହାସମୁଦ ଜିଲ୍ଲାର ଖଲାରୀ ଗ୍ରାମରେ ଆୟୋଜିତ ଆଦିବାସୀ କମ୍ବର ପେଙ୍କରା ସମାଜର ମହାସଭା ଏବଂ ବାର୍ଷିକ ଅଧିବେଶନରେ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କମ୍ବର ସମାଜର ପ୍ରତିନିଧିଙ୍କ ସହ ଆଲୋଚନା କରିବା ସହିତ ସେମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ମା' ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବାସହ ମହାସଭାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଖଲାରୀମାଇ, ଭାରତ ମାତା, ଛତିଶଗଡର ମହତାରୀ, ରାମସୀତା ଏବଂ କମ୍ବର ସମାଜର ଜୟଘୋଷକୁ ଉଦ୍‌ଘାଟନ କରିଥିଲେ। ସେ ଏହି ସମାଜକୁ ତାଙ୍କ ବାର୍ତ୍ତାରେ କହିଥିଲେ ଯେ, ଆପଣମାନେ ଶିକ୍ଷାକୁ ଆପଣାନ୍ତୁ ଏବଂ ନିଶାଠାରୁ



ଦୂରରେ ରୁହନ୍ତୁ। ଭଗବାନଙ୍କ ଆଶୀର୍ବାଦରେ ଆପଣମାନେ ସମସ୍ତେ ଆଗକୁ ବଢିଚାଲନ୍ତୁ। ଏହି ଅବସରରେ ଜଙ୍ଗଲ ବଞ୍ଚାଇବାପାଇଁ ସତ୍ୟାଗ୍ରହ କରି ସହୀଦ ହୋଇଥିବା ବ୍ୟକ୍ତିମାନଙ୍କୁ ଶ୍ରୀ ସାଏ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ସେମାନଙ୍କ ପରିବାର ସାଲ ଏବଂ ଶ୍ରୀଫଳ ଭେଟି ଦେଇ ସମ୍ମାନୀତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫୫ଲକ୍ଷ ଟଙ୍କାର ବିକାଶ ମୂଳକ କାର୍ଯ୍ୟରଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜନଜାତିର ଅଟନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଦିବାସୀଙ୍କ ବିକାଶ ପାଇଁ ବହୁବିଧ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସେସବୁ ଯୋଜନାର ସୁଫଳ ନେବା ସହ ଆତ୍ମନିର୍ଭର ହେବା ପାଇଁ ଆହ୍ୱାନ ଦେଇଥିଲେ। ସେ କହିଥିଲେମୋର ୧୫ମାସର ସରକାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଆରମ୍ଭ କରିଛି। ଶପଥ ଗ୍ରହଣ ପରେ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୮ଲକ୍ଷ ଘର ଯୋଗାଇ ଦିଆଯାଇଛି। ସେଥିମଧ୍ୟରୁ ୧୪ଲକ୍ଷ ଆବାସ ସମ୍ପୂର୍ଣ୍ଣ ହୋଇସାରିଛି। ଏପରିକି ୩ଲକ୍ଷ ଘରରେ ଗୃହପ୍ରବେଶ କାର୍ଯ୍ୟ ସମାପନ ହୋଇଛି ବୋଲି କହିଥିଲେ।

# ବାଣିଜ୍ୟ




ନୂଆଦିଲ୍ଲୀ: ରାଜ୍ୟରେ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ଏହାର ଜୟଯାତ୍ରା ଜାରି ରଖି, ରିଲାଏନ୍ସ ଜିଓ ଡିସେମ୍ବର ୨୦୨୪ ରେ ଓଡ଼ିଶାରେ ଦେଢ଼ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଏବଂ ୱାୟାରଲାଇନ୍ ଗ୍ରାହକ ଯୋଡିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ଡିସେମ୍ବର ମାସରେ ରିଲାଏନ୍ସ ଜିଓ ଓଡ଼ିଶାରେ ୧.୩୪ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଉପଭୋକ୍ତା ଏବଂ ୧୬୬୦୦ ରୁ ଅଧିକ ନୂତନ ଜିଓଫାଇବର / ଜିଓ ଏୟାରଫାଇବର ଗ୍ରାହକ ଯୋଡିଛି। ଏଥିସହିତ, ଓଡ଼ିଶାରେ ଜିଓ ନେଟୱାର୍କରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ୧.୫୬ କୋଟି ଅତିକ୍ରମ କରିଛି। ଜିଓ ବ୍ୟତୀତ, ଡିସେମ୍ବରରେ ଏୟାରଟେଲ୍ ଓଡ଼ିଶାରେ କେବଳ ୧୮୦୦୦ ମୋବାଇଲ୍ ଗ୍ରାହକ ଯୋଡ଼ିଥିବା ବେଳେ ବିଏସଏନଏଲ ଏହି ମାସରେ ୯୦୦୦ ମୋବାଇଲ୍ ଗ୍ରାହକ ଯୋଡ଼ିଥିବା ଟ୍ରାଇ ପ୍ରଦତ୍ତ ତଥ୍ୟରୁ ଜଣାପଡିଛି । ଭୋଡାଫୋନ ଆଇଡ଼ିଆ ଏହି ମାସରେ ହଜାର ହଜାର ମୋବାଇଲ୍ ଗ୍ରାହକ ହରାଇଛି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଡିସେମ୍ବରରେ ଓଡ଼ିଶାରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ୧.୫୮ ଲକ୍ଷ ବୃଦ୍ଧି ପାଇ ୩.୪୩ କୋଟିରେ ପହଞ୍ଚିଛି। ଜାତୀୟ ସ୍ତରରେ ମଧ୍ୟ, ଜିଓ ଡିସେମ୍ବରରେ ସର୍ବାଧିକ ସଂଖ୍ୟକ ମୋବାଇଲ୍ ଗ୍ରାହକ ଯୋଡ଼ିଛି ଏବଂ ଏହି ମାସରେ ୩୯ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଜିଓ ନେଟୱାର୍କରେ ଯୋଗ ଦେଇଛନ୍ତି।

## ଭିମ୍ ପକ୍ଷରୁ 'ପୈସୋଁକି କଦର' ଅଭିଯାନର ଶୁଭାରମ୍ଭ

ନୂଆଦିଲ୍ଲୀ : ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ)ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ଏନ୍‌ପିସିଆଇ ଭିମ୍‌ସର୍ଭିସେସ୍ ଲିମିଟେଡ୍ (ଏନ୍‌ବିଏସ୍ଏଲ୍) ପକ୍ଷରୁ ବିକାଶକ ରାଯାଇଥିବା ପେମେଣ୍ଟ




ଆପ୍ ଭିମ୍ ପକ୍ଷରୁ ନିଜକୁ ଭାରତର ନିଜର ପେମେଣ୍ଟ ଆପ୍ ଭାବେ ଉପସ୍ଥାପନ କରିବା ପାଇଁ 'ପୈସୋଁକି କଦର' ନାମରେ ଏକ ନୂଆ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହା ଜରିଆର ଭିମ୍ ଏକ ଆଧୁନିକ ଓ ଅନ୍ତର୍ଭୁକ୍ତୀକରଣ ପେମେଣ୍ଟ ଆପ୍ ଭାବେ ନିଜର ଭୂମିକାକୁ ସୁଦୃଢ଼ କରି ସାରା ଭାରତରେ ଲୋକଙ୍କ ଦୈନନ୍ଦୀନ ପେମେଣ୍ଟ ଆବଶ୍ୟକତା ପୂରଣ କରୁଛି। ଟିଲ୍‌ଟ ବ୍ରାଣ୍ଡ୍ ସଲ୍ୟୁସନ୍ସ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଏହି ଅଭିଯାନରେ ପାଂଚଟି ବ୍ରାଣ୍ଡ୍ ଫିଲ୍ମ ରହିଛି। ଏହି ଅଭିଯାନ ଭିମ୍ ୩.୦ର ଶୁଭାରମ୍ଭକୁ ଦର୍ଶାଉଛି ଯାହା ଅଧିକ ଗ୍ରାହକ ଅନୁକୂଳ ଅନୁଭୂତି ପ୍ରଦାନ କରୁଛି। ଏହାର ପ୍ରମୁଖ ବୈଶିଷ୍ଟ୍ୟ ଗୁଡ଼ିକ ୧୫ରୁ ଅଧିକ ଭାରତୀୟ ଭାଷାକୁ ସମର୍ଥନ କରୁଥିବା ବେଳେ ଏହା ଦୁର୍ବଳ ଇଣ୍ଟରନେଟ୍ ଥିବାସ୍ଥାନରେ ଭଲ ଭାବେ କାମ କରୁଛି। ଏନ୍‌ବିଏସ୍ଏଲ୍‌ର ଚିଫ୍ ବିଜନେସ୍ ଅଫିସର ରାହୁଲ ହାଣ୍ଡା କହିଛନ୍ତି ଯେ, 'ଭାରତରେ ନୂଆ ପ୍ରଯୁକ୍ତିକୁ ଗ୍ରହଣ କରିବାବେଳେ ବିଶେଷକରି ଅର୍ଥ ସମ୍ପର୍କିତ ପ୍ରଯୁକ୍ତିରେ ବିଶ୍ୱାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଟିଲ୍‌ଟ ବ୍ରାଣ୍ଡ୍ ସଲ୍ୟୁସନ୍ସର ଚିଫ୍ କ୍ରିଏଟିଭ୍ ଅଫିସର ଆଦର୍ଶ ଅଟଳ କହିଛନ୍ତି ଯେ, 'ଭାରତରେ ଅର୍ଥ ବିନିମୟର ଏକ ମାଧ୍ୟମଠାରୁ ବହୁତ କିଛି। ଲୋକମାନେ ଯେଉଁଭଳି ଭାବେ ଅର୍ଥକୁ ବ୍ୟବହାର କରନ୍ତି ସେଥିରେ ସେମାନଙ୍କ ମତାମତ, ମୂଲ୍ୟବୋଧ, ଅଗ୍ରାଧିକାର, ବ୍ୟକ୍ତିତ୍ୱ ଓ ଆହୁରି ବହୁତ କିଛି ପ୍ରତିଫଳିତ ହୋଇଥାଏ। ଆମେ କିଭଳି ଜୀବନ ଅତି ବାହିତ କରୁଛନ୍ତି ସେଥିରେ ଆମେ କିଭଳି ଟଙ୍କାକୁ ବ୍ୟବହାର କରୁଛନ୍ତି ତାହା ପ୍ରତିଫଳିତ ହୋଇଥାଏ। ପୈସୋଁକି କଦର ଅଭିଯାନ ଜରିଆରେ ଆମେ ଅର୍ଥର ପରିକଳ୍ପନାକୁ କେବଳ କାରବାରଠାରୁ ଆଗକୁ ବଢ଼ାଇ ଏହାର ମୂଲ୍ୟ ଓ କାହାଣୀ ଉପସ୍ଥାପନ କରିବାକୁ ଚାହୁଁଛୁ।'

## ସାମ୍ପୁ କେଶ ରଙ୍ଗ ପାଇଁ ଓଡ଼ିଶା ହୋଇଛି ପ୍ରମୁଖ ବଜାର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡ଼ିଶାରେ ସାମ୍ପୁ କେଶ ରଙ୍ଗ ବର୍ଗରେ ଦ୍ରୁତ ଅଭିବୃଦ୍ଧି ଦେଖାଦେଇଛି। ରାଜ୍ୟର ଅଧିକରୁ ଅଧିକ ଗ୍ରାହକ ସାମ୍ପୁ କେଶ ରଙ୍ଗକୁ ଚୟନ କରୁଛନ୍ତି ଯାହା ହେଉଛି ନିଜେ ରଙ୍ଗ କରି ହେଉଥିବା ଏକ ପଦ୍ଧତି ଯେଉଁଥିରେ ପେସାଦାର ସହାୟତାର ଆବଶ୍ୟକତା ନାହିଁ। ବ୍ୟବହାର କରିବା ସହଜତାକୁ ନେଇ ବର୍ଦ୍ଧିତ ସଚେତନତା ଓ ଅଗ୍ରାଧିକାର ସହିତ ସହଜତାକୁ ଅଧିକ ପସନ୍ଦ କରାଯାଉଥିବାରୁ ଓଡ଼ିଶାର ସାମ୍ପୁ କେଶ ରଙ୍ଗ ବଜାର ଏବେ ୧୧ କୋଟି ଟଙ୍କା ହୋଇଛି ଯାହା ରାଜ୍ୟର ମୋଟ ୧୧୦ କୋଟି ଟଙ୍କାରୁ ଅଧିକ କେଶ ରଙ୍ଗ ବଜାର ପ୍ରତି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରଦାନ କରୁଛି। ପ୍ରୟୋଗ କରିବା ସହଜ ହୋଇଥିବାରୁ ଏହି ବର୍ଗରେ ଚାହିଦା ବଢୁଥିବା ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଗୋଦରେଜ୍ କଂଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ (ଜିସିପିଏଲ୍)ର ମାର୍କେଟିଂ ମୁଖ୍ୟ-ପର୍ସନାଲ୍ କେୟାର ନୀରଜ ସେନଗୁପ୍ତୁଭନ କହିଛନ୍ତି ଯେ, ଗ୍ରାହକମାନେ ବ୍ୟକ୍ତିଗତ ସୁହାଇବା ଏବଂ ଅଭିନବ କେଶ ରଙ୍ଗ ସମାଧାନ ଚାହୁଁଥିବା ବେଳେ ସାମ୍ପୁ କେଶ ରଙ୍ଗରେ ଚାହିଦା ବୃଦ୍ଧି ଉଲ୍ଲେଖନୀୟ ରହିଛି ।ଗ୍ରାହକଙ୍କ ପସନ୍ଦରେ ହୋଇଥିବା ଏହି ପରିବର୍ତ୍ତନକୁ ସ୍ୱୀକାର କରି ଗୋଦରେଜ୍ କଂଜ୍ୟୁମର ପ୍ରଡକ୍ଟସ୍ ପକ୍ଷରୁ ଗୋଦରେଜ୍ ସେଲ୍‌ଫି ନାମରେ ଏକ ଉତ୍ପାଦ ଉପସ୍ଥାପନ କରାଯାଇଛି ଯାହା ହେଉଛି ଏକ ୫ ମିନିଟ୍‌ରେ ସାମ୍ପୁ କେଶ ରଙ୍ଗ ବ୍ରାଣ୍ଡ୍। 'ଏହି ଉତ୍ପାଦ ଗ୍ରାହକମାନଙ୍କୁ ପାଉଡର ଓ ମେହେନ୍ଦି କେଶ ରଙ୍ଗ ଭଳି କମ୍ ମୂଲ୍ୟର କେଶ ରଙ୍ଗ ବଦଳରେ ସୁଲଭ ତଥା ସହଜ ଓ ଉତମ ସମାଧାନକୁ ଅପଗ୍ରେଡ୍ କରିବାରେ ସହାୟକ ହେବ ବୋଲି ସେନଗୁପ୍ତୁଭନ କହିଛନ୍ତି। ଓଡ଼ିଶାର ସାମ୍ପୁ କେଶ ରଙ୍ଗ ବର୍ଗ ୩୨% ଅଭିବୃଦ୍ଧି ହାର ହାସଲ କରିଛି।

## 'ଧାତୁ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ' ଉପରେ କେନ୍ଦ୍ରିତ କର୍ମଶାଳା

ନୂଆଦିଲ୍ଲୀ: ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍), ଭୁବନେଶ୍ୱର ବିଜନେସ୍ ଷ୍ଟାଣ୍ଡାର୍ଡ ସହିତ ମିଳିତ ଭାବରେ 'ଧାତୁ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ' ଉପରେ କେନ୍ଦ୍ରିତ ଏକ କର୍ମଶାଳା ଆୟୋଜନ କରିଥିଲା। ସନ୍ଧ୍ୟାର କାର୍ଯ୍ୟକ୍ରମକୁ ୟୁସିସିଆଇଏଲ୍ ସଭାପତି ଡକ୍ଟର ପ୍ରବୋଧ ମହାନ୍ତି ପରିଚାଳନା କରିଥିଲେ। ଏହି ସମୟରେ, ସ୍ୱାଗତ ଭାଷଣ ଜେ କେ ରଥ, ଉପାଧ୍ୟକ୍ଷ (ଉଦ୍ୟୋଗ), ୟୁସିସିଆଇଏଲ୍ ଦ୍ୱାରା ଦିଆଯାଇଥିଲା। ଉଦଘାଟନୀ ଭାଷଣ ୟୁସିସିଆଇଏଲ୍ ର ସଭାପତି ଡକ୍ଟର ପ୍ରବୋଧ ମହାନ୍ତି ପ୍ରଦାନ କରିଥିଲେ। ରାଷ୍ଟ୍ରପତିଙ୍କ ଉଦଘାଟନୀ ଭାଷଣ ପରେ ଜେଏସ୍ଏଲ୍‌ର ମୁଖ୍ୟ ବ୍ୟବସାୟ ଅଧିକାରୀ ଶଶି ଭୂଷଣ ଉପାଧ୍ୟାୟଙ୍କ ଅଭିଭାଷଣ ସହିତ ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା, ଯେଉଁଥିରେ ଜେଏସ୍ଏଲ୍ କିପରି ଏମ୍ଏସ୍ଏମ୍ଇକୁ ଏହାର ଡାଉନଷ୍ଟ୍ରିମ୍ ଏବଂ ଆନସିଲାରୀରେ ଅଧିକରୁ ଅଧିକ ସାମିଲ କରି ସେମାନଙ୍କର ଉନ୍ନତି ପାଇଁ କାର୍ଯ୍ୟ




କରୁଛି ତାହା ସଂକ୍ଷେପରେ ବର୍ଣ୍ଣନା କରାଯାଇଥିଲା। ବିନୀତ ମହାଜନ, ମୁଖ୍ୟ ଘରୋଇ ମାର୍କେଟିଂ, ବେଦାନ୍ତ ତାଙ୍କ ଭାଷଣରେ ଓଡ଼ିଶାରେ ସେମାନଙ୍କ କାରଖାନାରେ କମ ମୂଲ୍ୟ ଏବଂ କମ କାର୍ବନ ନିର୍ଗମନ ଇସ୍ପାତ ଏବଂ ଆନସିଲାରୀ ଉତ୍ପାଦନ ଉପରେ ସେମାନଙ୍କର ଧ୍ୟାନ ଉପରେ ଆଲୋକପାତ କରିଥିଲେ। ବିଭୁ ମିଶ୍ର, ପରାମର୍ଶଦାତା, ହିଣ୍ଡାଲକୋ ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଥିଲେ ଯେ ସେମାନଙ୍କ କମ୍ପାନୀ ଓଡ଼ିଶାରେ ସେମାନଙ୍କର ସିଏସ୍ଆର୍ ଏବଂ ଶିକ୍ଷାଗତ ତାଲିମ ପ୍ରକଳ୍ପଗୁଡ଼ିକୁ ତୀବ୍ର କରି ସେମାନଙ୍କର ଡାଉନଷ୍ଟ୍ରିମ୍ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଅଧିକରୁ ଅଧିକ ସ୍ଥାନୀୟ ଗଝଗର ମାନଙ୍କର ଯତ୍ନ ନେଉଛି। ପ୍ରଥମ ଅଧିବେଶନର ଶେଷ ଅଭିଭାଷଣ ୟୁସିସିଆଇଏଲ୍‌ର ସମ୍ମାନଜନକ ସଦସ୍ୟ ବ୍ରିଗେଡିୟର ଏଲ୍. ସି. ପଟ୍ଟନାୟକ ଦେଇଥିଲେ। ପ୍ରଭୀଣ ପାଣ୍ଡେ, ଉପାଧ୍ୟକ୍ଷ ଓ ଷ୍ଟ୍ରାଟେଜିକ୍ ପ୍ରୋଜେକ୍ଟସ୍ ବିଭାଗ ମୁଖ୍ୟ ଏବଂ ଆଲୁମିନିଅମ ଡାଉନସ୍ଟ୍ରିମ୍, ହିଣ୍ଡାଲକୋ, ତାଙ୍କ ଉପସ୍ଥାପନାରେ ଏମଏସଏମଇ ଉଦ୍ୟମୀମାନଙ୍କ ପାଇଁ ଉପଯୋଗୀ ନିବେଶ ସୁଯୋଗ ଗୁଡ଼ିକୁ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ।

## ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ବ୍ୟାଙ୍ଗଲ ଉତ୍ସବ



ନୂଆଦିଲ୍ଲୀ: ଦେଶର ଅଗ୍ରଣୀ ଗହଣା ବିକ୍ରେତା, ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ପୋଇଲା ବୈଶାଖ ଏବଂ ଅକ୍ଷୟ ତୃତୀୟାର ପବିତ୍ର ଅବସରରେ ଏହାର ନୂତନ ବ୍ୟାଙ୍ଗଲ ଉତ୍ସବ ଘୋଷଣା କରିଛି । ଫେବ୍ରୁଆରି ୨୪ର ରିପୋର୍ଟରେ ଡେଲୋଏଟ ଦ୍ୱାରା ଗ୍ଲୋବାଲ ଟପ୍ ୧୦୦ ବିଳାସପୂର୍ଣ୍ଣ ବ୍ରାଣ୍ଡ ତାଲିକାରେ ସ୍ଥାନ ପାଇଛି। ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡକୁ ଟିଆରଏ ଦ୍ୱାରା କ୍ରମାଗତ ଚତୁର୍ଥ ବର୍ଷ ପାଇଁ ଦ୍ୱିତୀୟ ସର୍ବାଧିକ ବିଶ୍ୱସ୍ତ ଗହଣା ବ୍ରାଣ୍ଡ ଭାବରେ ମାନ୍ୟତା ମିଳିଛି ଏବଂ ୨୦୨୪ରେ ଟିଆରଏ ଦ୍ୱାରା ସର୍ବାଧିକ ପସନ୍ଦନୀୟ ଗହଣା ବ୍ରାଣ୍ଡ ମଧ୍ୟରେ ମାନ୍ୟତା ପାଇଛି । ଏହା ଘରକୁ, ସୌଭାଗ୍ୟ ଓ ସମୃଦ୍ଧି ଆଣିବା ପାଇଁ ସୁନା କିଣିବା ଏବଂ ଅନ୍ୟ ମୂଲ୍ୟବାନ ଧାତୁରେ ନିବେଶ କରିବା ପାଇଁ ଏକ ଶୁଭ ସମୟ ଅଟେ। ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶକ ତଥା ମାର୍କେଟିଂ ଆଣ୍ଡ ଡିଜାଇନ୍ ମୁଖ୍ୟ ଜୋଇତା ସେନ କହିଛନ୍ତି, 'ଆପ୍‌କାଶୁକ୍ରିୟା ଅଭିଯାନ ହେଉଛି କାରିଗର ଏବଂ କାରିଗରୀ ଉପରେ ନିର୍ମିତ ସେନକୋର ବିରାସତର ଏକ ଉଦାହରଣ। ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏମଡି ଏବଂ ସିଇଓ, ଶୁଭଙ୍କର ସେନ (ଏମଡି ଓ ସିଇଓ) କହିଛନ୍ତି, 'ଏଥର ଆମେ ଐତିହ୍ୟକୁ ସମସାମୟିକ ସୁନ୍ଦରତା ସହିତ ମିଶାଇ ସୁନା, ହୀରା ଏବଂ ପ୍ଲାଟିନମରେ ଚୁଡ଼ି, ବ୍ରେସଲେଟ୍, ଚାର୍ମ, ଚୁର, ବଳା, ପୋଲା ଏବଂ ଶଙ୍ଖା ୧୦୦ରୁ ଅଧିକ ନୂଆ ଡିଜାଇନ୍ ଆଣିଛୁ। ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଏହାର ସମ୍ମାନଜନକ ଗ୍ରାହକଙ୍କୁ ୦୭.୪.୨୫ - ୦୪.୫.୨୫ ପର୍ଯ୍ୟ‍ନ୍ତ ସମସ୍ତ ସୋ'ରୁମ୍ ରେ ରିହାତି ଦେଉଛି। ଚଳିତ ବର୍ଷ ପୋଇଲା ବୈଶାଖ ଏବଂ ଅକ୍ଷୟ ତୃତୀୟା ଅଫରରେ ୧୦ ଗ୍ରାମ ସୁନା ଦରରେ ୨୫୦୦ ଟଙ୍କା ପର୍ଯ୍ୟ‍ନ୍ତ ରିହାତି, ପୁରୁଣା ସୁନା ଏକ୍ସଚେ ଉପରେ ୦% ହ୍ରାସ, ହୀରା ଗହଣା ପାଇଁ ୧/- ଟଙ୍କା ଏବଂ ଡାଇମଣ୍ଡ ଭାଲ୍ୟୁ ଉପରେ ୧୦% ପର୍ଯ୍ୟନ୍ତ ରିହାତି ରହିଛି । ପ୍ଲାଟିନମ ଅଳଙ୍କାର ପାଇଁ ମେକିଙ୍ଗ ଚାର୍ଜ ଉପରେ ୨୦% ପର୍ଯ୍ୟନ୍ତ ରିହାତି ରହିଛି । ଚଳିତ ବର୍ଷ ଆମର ପ୍ରାରମ୍ଭିକ ସୀମା ୪୦,୦୦୦/- ଟଙ୍କାରୁ ଆରମ୍ଭ ହେଉଛି ।

## ସ୍ପାଇସ୍ ମନି ପକ୍ଷରୁ ଗ୍ରାହକ ଜିଟିଭି ୧୧,୪୮୫ କୋଟି ଅତିକ୍ରମ

ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ଗ୍ରାମୀଣ ଫିନଟେକ୍ ଏବଂ ଭାରତର ସର୍ବବୃହତ ଅଣ-ବ୍ୟାଙ୍କ ବିଜନେସ କରେସପଣ୍ଡେଣ୍ଟ (ବିସି) ନେଟୱାର୍କ ସ୍ପାଇସ୍ ମନି (ଡିଜିଏସପିଆଇସି ଟେକ୍ନୋଲୋଜିର ଏକ ସହାୟକ ସଂସ୍ଥା) ୨୦୨୫ ମାର୍ଚ୍ଚରେ ଏକାଧିକ ସେବାରେ ସର୍ବାଧିକ ଅଭିବୃଦ୍ଧି ହାସଲ କରିଥିବା ଜଣାଇଛି। ଏହି ପ୍ରଦର୍ଶନ ଏହି କ୍ଷେତ୍ରରେ କମ୍ପାନିର ପ୍ରଭାବଶାଳୀ ସ୍ଥିତିକୁ ସୂଚାଉଛି ଏବଂ ଭାରତର ଅପହଂଚ କୋଣ ଅନୁକୋଣରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟକୁ ଦୋହରାଇଥାଏ। କମ୍ପାନି ଅକ୍ଟୋବର ୨୦୨୪ରେ ଏହାର ପୂର୍ବ ସର୍ବୋଚ୍ଚ ସ୍ତର ୧୧,୩୮୭ କୋଟି ଟଙ୍କାକୁ ଅତିକ୍ରମ କରି ୧୧,୪୮୫ କୋଟି ଟଙ୍କାର ରେକର୍ଡ ଗ୍ରାହକ ଜିଟିଭି ହାସଲ କରିଛି। ଆଧାର ସକ୍ଷମ ପେମେଂଟ ବ୍ୟବସ୍ଥା (ଏଇପିଏସ୍) କାରବାରରେ ଉଲ୍ଲେଖନୀୟ ବୃଦ୍ଧି ଘଟି ୫୩୦୬ କୋଟି ଟଙ୍କା ହୋଇଛି। ଏହା ସହିତ ସ୍ପାଇସ୍ ମନିର ଏଇପିଏସ୍ ବଜାର ଅଂଶ ୧୮.୩% କୁ ବୃଦ୍ଧି ପାଇଛି ଯାହା ଗ୍ରାମୀଣ ଭାରତରେ ଅନ୍ତର୍ଭୁକ୍ତୀକରଣ ବ୍ୟାଙ୍କିଂର ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏହାର ନେତୃତ୍ୱକୁ ସୁଦୃଢ଼ କରିଛି। ଏଇପିଏସ୍ ବ୍ୟବହାରରେ ଏହି ଅଭୂତପୂର୍ବ ବୃଦ୍ଧି ସର୍ବକାଳୀନ ସର୍ବାଧିକ ସବସ୍କ୍ରିପସନ ପ୍ୟାକ ସହିତ ବର୍ତ୍ତମାନ ସୁଦ୍ଧା ୭୦,୦୦୦ରୁ ଅଧିକ ପ୍ୟାକ ବିକ୍ରି ହୋଇଛି। ଏହା କେବଳ ସେବା ପାଇଁ 'ଅଧିକାରୀ'ମାନଙ୍କ ବର୍ଦ୍ଧିତ ଚାହିଦାକୁ ପ୍ରତିଫଳିତ କରୁନାହିଁ, ବରଂ ଗ୍ରାମୀଣ ଗ୍ରାହକଙ୍କ ଦୈନନ୍ଦିନ ଆର୍ଥିକ ଜୀବନରେ ଏହି ସେବାଗୁଡିକର ବଢୁଥିବା ଏକୀକରଣକୁ ମଧ୍ୟ ପ୍ରତିଫଳିତ କରୁଛି। ଏହି ପ୍ୟାକଗୁଡ଼ିକର ଉପଯୋଗ ସିଧାସଳଖ ପ୍ଲାଟଫର୍ମର କାରବାର ପରିମାଣ ବୃଦ୍ଧିରେ ଯୋଗଦାନ ଦେବା ସହିତ ବ୍ୟବସ୍ଥାରେ ଏକ ଦୃଢ଼ ନେଟୱାର୍କ ପ୍ରଭାବ ସୃଷ୍ଟି କରିଥିଲା ଏବଂ ବିଶ୍ୱାସ, ଆରାମ ଏବଂ ସୁବିଧା ସହିତ ଗୋଷ୍ଠୀ ବ୍ୟାଙ୍କିଙ୍ଗ ପ୍ରତିଷ୍ଠା କରିଥିଲା। ସ୍ପାଇସ୍ ମନିର ୧୫ ଲକ୍ଷରୁ ଅଧିକ ଅଧିକାରୀ/ ବ୍ୟବସାୟୀଙ୍କ ନେଟୱାର୍କ ଏହି କାର୍ଯ୍ୟକ୍ଷମ ଗତିକୁ ପ୍ରୋତ୍ସାହିତ କରୁଛି। ସ୍ପାଇସ୍ ମନିର ପ୍ରତିଷ୍ଠାତା ତଥା ସିଇଓ ଦିଲ୍ଲୀପ ମୋଦୀ କହିଛନ୍ତି ଯେ, 'ଏହି ଅଭିବୃଦ୍ଧି ଆମ ପାଇଁ କେବଳ ଏକ ବ୍ୟବସାୟିକ ମାଇଲଖୁଣ୍ଟ ନୁହେଁ। ଏହା ଗ୍ରାମୀଣ ଭାରତର ବଢୁଥିବା ଆର୍ଥିକ ବିଶ୍ୱାସ ଏବଂ ଦେଶର ବିକଶିତ ଭାରତ ପରିକଳ୍ପନା ପ୍ରତି ଆମର ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଯେହେତୁ ସାଂପ୍ରତିକ ସମୟରେ ଅଣ-ବ୍ୟାଙ୍କ ବିସି ମଡେଲକୁ ନେଇ ନିୟାମକ ଢାଂଚା ଯଥେଷ୍ଟ ବିକଶିତ ହୋଇଛି, ତେଣୁ ଆମର ପ୍ରଦର୍ଶନ ଡିଜିଟାଲ ଭାବରେ ଅ'ର୍ଭୁକ୍ତ, ଆର୍ଥିକ ସଶକ୍ତ ଭାରତ ନିର୍ମାଣରେ ଆମର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୁଦୃଢ଼ କରୁଛି । ସ୍ପାଇସ୍ ମନିରେ ଆମେ କେବଳ ଆର୍ଥିକ ଉତ୍ପାଦ ନୁହେଁ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଗ୍ରାମୀଣ ଅର୍ଥନୀତିର ଭିତି ସ୍ଥାପନ କରୁଛୁ।

## ଡାଲମିଆ ସିମେଣ୍ଟ ପ୍ରଚଳନ କଲା ବିଟିଏପି ରେକ୍

ରାଜଗାଙ୍ଗପୁର (ଭାସ୍କର ନ୍ୟୁଜ୍) : ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ, ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ସହଯୋଗୀତାରେ ଓଡ଼ିଶାର ରାଜଗାଙ୍ଗପୁରସ୍ଥିତ ତାହାର ସମନ୍ୱିତ ସିମେଣ୍ଟ କାରଖାନାରେ ଫ୍ଲାଏ ଆଶ ପରିବହନ ନିମନ୍ତେ ଏହି ଧରଣର ପ୍ରଥମ ପ୍ରୟାସ ସ୍ୱରୂପ ବିଟିଏପି (ବୋଗି ଟ୍ୟାଙ୍କ ଫର ଆଲୁମିନା ପାଉଡର) ରେକ୍ ଗୁଡିକ ସଫଳତାର ସହିତ ଶୁଭାରମ୍ଭ କରିଛି । ଏହି ପ୍ରଥମ ବିଟିଏପି ରେକଗୁଡିକରେ ବେଲପାହାଡରୁ ରାଜଗାଙ୍ଗପୁରକୁ ପର୍ଯ୍ୟନ୍ତ ଫ୍ଲାଏ ଆଶ ପରିବହନ କରାଯାଇଥିଲା, ଯଦ୍ୱାରା ଉକ୍ତ ପଦାର୍ଥ ନିରାପଦରେ, ସୁସଂହତ ଭାବରେ ଏବଂ ଏକ ପରିବେଶ ଦୃଷ୍ଟିରୁ ଦାୟିତ୍ୱସମ୍ପନ୍ନ ଭାବରେ ପରିବହନ କରାଯିବା ସୁନିଶ୍ଚିତ କରାଯାଇଥିଲା।




ବିଟିଏପିର ବିସି ୧ ସ୍ଲାଗ ହପ୍ପର ନିକଟସ୍ଥ ଅନ୍‌ଲୋଡିଂ ସେକ୍ସନ ନିକଟରେ ଏହାର ଶୁଭାରମ୍ଭ ଉତ୍ସବ ମାନସ ରାଉତ, ଏମ୍‌ଡି ଏବଂ ଅପରେସନ୍ସ ଡାଇରେକ୍ଟର, ଓପିଜିସି ଏବଂ ଡିସିବିଏଲ ରାଜଗାଙ୍ଗପୁର ଅପରେସନ୍ସ ଟିମର ବରିଷ୍ଠ ପ୍ରତିନିଧିଗଣଙ୍କ ଉପସ୍ଥିତିରେ କରାଯାଇଥିଲା। ଏହି ପ୍ରୟାସ ସମ୍ପର୍କରେ ମତ ଦେଇ ଚେତନ ଶ୍ରୀବାସ୍ତବ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ ଏବଂ ୟୁନିଟ ହେଡ, ରାଜଗାଙ୍ଗପୁର କହିଥିଲେ, 'ଡାଲମିଆ ସିମେଣ୍ଟରେ ଆମେ ଆମର ସମସ୍ତ କାର୍ଯ୍ୟ ପରିଚାଳନାରେ ଦୀର୍ଘସ୍ଥାୟୀ ଏବଂ ସୁସଂହତ କାର୍ଯ୍ୟାଭ୍ୟାସକୁ ଅଗ୍ରାଧିକାର ଦେଇଆସୁଛୁ। ଲିବରାଲାଇଜଡ ସ୍ପେଶାଲ ଫ୍ରେଟ ଟ୍ରେନ ଅପରେଟର (ଏଲଏସଏଫଟିଓ) ଯୋଜନା ଅଧୀନରେ ବିଟିଏପି ପ୍ରଯୁକ୍ତିର ଉପଯୋଗ କରି ଡାଲମିଆ ସିମେଣ୍ଟ ଏବଂ ଓପିଜିସି ସ୍ୱଚ୍ଛ ଲଜିଷ୍ଟିକ୍ସକୁ ଅଧିକ ଆଗେଇ ନେଉଥିବାବେଳେ ତାହାସହିତ ଆବର୍ତ୍ତୀ ଅର୍ଥନୈତିକ କାର୍ଯ୍ୟାଭ୍ୟାସକୁ ପ୍ରୋତ୍ସାହିତ କରୁଛନ୍ତି। ଡାଲମିଆ ସିମେଣ୍ଟର ରାଜଗାଙ୍ଗପୁର କାରଖାନା ନିରନ୍ତର ଭାବରେ ନବୋନ୍ମେଷୀ ଏବଂ ପରିବେଶ ସମ୍ବେଦନଶୀଳ ଅଭ୍ୟାସଗୁଡ଼ିକ ତାହାର ସମସ୍ତ କାର୍ଯ୍ୟରେ ଲାଗୁ କରିବାରେ ଅଗ୍ରଣୀ ରହିଆସିଛି।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ନୂଆଦିଲ୍ଲୀ: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୫ରେ, ପଞ୍ଜାବ କିଙ୍ଗସର ଓପନର ପ୍ରିୟାଂଶ ଆର୍ଯ୍ୟ ଚେନ୍ନାଇ ସୁପର କିଙ୍ଗସ ବିପକ୍ଷରେ ଏକ ଶତକ ହାସଲ କରି ପଞ୍ଜାବ କିଙ୍ଗସର ସହ-ମାଲିକ ଏବଂ ବଲିଉଡ୍ ଅଭିନେତ୍ରୀ ପ୍ରୀତି ଜିଣ୍ଟାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରୀତି ଯୁବ ବ୍ୟାଟସମ୍ୟାନଙ୍କ ପ୍ରଶଂସା କରି କହିଛନ୍ତି ଯେ ସେ କ୍ରିକେଟର ଏହି ବିସ୍ଫୋରକ ଖେଳରେ ଏକ ଉଜ୍ଜ୍ୱଳ ତାରା ଉଦୟ ହେଉଥିବା ଦେଖିଛନ୍ତି। ପଞ୍ଜାବ କିଙ୍ଗସ୍ ଏବଂ ଚେନ୍ନାଇ ସୁପର କିଙ୍ଗସ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରିୟାଂଶ ଆର୍ଯ୍ୟ ୩୯ ବଲ୍‌ରେ ଶତକ ହାସଲ କରିଥିଲେ, ଯାହା ଆଇପିଏଲ୍ ଇତିହାସରେ ଚତୁର୍ଥ ଦ୍ରୁତତମ ଶତକ। ପ୍ରୀତି ତାଙ୍କ ଇନଷ୍ଟାଗ୍ରାମରେ ପ୍ରିୟାଂଶଙ୍କ ସହ କିଛି ଫଟୋ ସେୟାର କରି ଲେଖିଛନ୍ତି, 'ସେହି ରାତିଟି ବହୁତ ସ୍ୱତନ୍ତ୍ର ଥିଲା। ଆମେ କ୍ରିକେଟର ଏକ ବିସ୍ଫୋରକ ଖେଳ, ଜଣେ କିମ୍ବଦନ୍ତୀଙ୍କ ଗର୍ଜନ ଏବଂ ଏକ ଉଜ୍ଜ୍ୱଳ ତାରା ଜନ୍ମ ଦେଖିଲୁ। ସେ ଆହୁରି ମଧ୍ୟ କହିଛନ୍ତି, 'ମୁଁ କିଛି ଦିନ ପୂର୍ବେ ଆମର ଅନ୍ୟ କିଛି ଯୁବ ଖେଳାଳିଙ୍କ ସହ ୨୪ ବର୍ଷୀୟ ପ୍ରିୟାଂଶ ଆର୍ଯ୍ୟଙ୍କୁ ଭେଟିଥିଲି। ସେ ଶାନ୍ତ, ଲାଜକୁଳା ଥିଲେ ଏବଂ ପଦେ ବି କିଛି କହି ନଥିଲେ।' ଯୁବ କ୍ରିକେଟରଙ୍କ ପାଇଁ ପ୍ରୀତି କହିଥିଲେ, 'ଆମେ ତାଙ୍କ ପାଇଁ ଗର୍ବିତ, ହସ ଏବଂ ଚମକ ବଜାୟ ରଖ।' ପ୍ରୀତି କହିଛନ୍ତି ଯେ ତୁମେ କେବଳ ମୋତେ ନୁହେଁ ବରଂ ଖେଳ ଦେଖିବାକୁ ଆସିଥିବା ସମସ୍ତ ଲୋକଙ୍କୁ ମନୋରଞ୍ଜନ କଲ। ଏଥିପାଇଁ ଆପଣଙ୍କୁ ଧନ୍ୟବାଦ। ଆର୍ଯ୍ୟଙ୍କ ଚତୁର୍ଥ ଆଇପିଏଲ ଇନିଂସରେ ଚମତ୍କାର ଶତକ ତାଙ୍କୁ ଟି-୨୦ ଫ୍ରାଞ୍ଚାଇଜ୍ ଲିଗ୍ ବିଶ୍ୱର ସବୁଠାରୁ ବଡ଼ ମଞ୍ଚରେ ପହଞ୍ଚିବାର ସଙ୍କେତ ଦେଇଛି।

**୨୪ତମ ମ୍ୟାଚ୍ | ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ଦିଲ୍ଲୀ କ୍ୟାପିଟାଲ୍ସ**

# ଦିଲ୍ଲୀ କ୍ୟାପିଟାଲ୍ସ ୬ଉିକେଟ୍‌ରେ ବିଜୟୀ



ବେଙ୍ଗାଲୁରୁ: ଆଇପିଏଲର ୨୪ତମ ମ୍ୟାଚ୍ ଗୁରୁବାର ବେଙ୍ଗାଲୁରୁର ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଏବଂ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ଉିକେଟ୍‌ରେ ଜିତି ନେଇଛି। ଦିଲ୍ଲୀ ଅଧିନାୟକ ଅକ୍ଷର ପଟେଲ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇ ଧାର୍ଯ୍ୟ ୨୦ ଓଭରରେ ୭ ଉିକେଟ ହରାଇ ୧୬୩ ରନ୍ ସଂଗ୍ରହ କରିଛି। ଦମ୍‌ଦାର ଆରମ୍ଭ କରିଥିଲେ ମଧ୍ୟ ଆରସିବି ଅଧିକ ରନ୍ କରିପାରିନଥିଲା। ଆରସିବି ପକ୍ଷରୁ ଫିଲିପ୍ ସଲ୍ଟ ଓ ଟିମ୍ ଡେଭିଡ୍ ସର୍ବାଧିକ ୩୭ ରନ୍ ଲେଖାଏଁ କରିଛନ୍ତି । ଶେଷ ଦୁଇ ଓଭରରେ ଆରସିବି ୩୭ ରନ୍ କରିଥିଲା। ଦିଲ୍ଲୀ ପକ୍ଷରୁ କୁଲଦୀପ ଯାଦବ ଚାରି ଓଭରରେ ୧୭ ରନ୍ ଦେଇ ଦୁଇଟି ଉିକେଟ୍ ନେଇଥିଲେ। ଯେତେବେଳେ ବିପ୍ରରାଜ ନିଗମ ଚାରି ଓଭରରେ ୧୮ ରନ ଦେଇ ଦୁଇଟି ଉିକେଟ୍ ନେଇଥିଲେ। ସେହିପରି ବିପ୍ରରାଜ ୨ ଉିକେଟ ନେଇଥିଲେ। ୧୬୪ରନ୍‌ର ଟାର୍ଗେଟ ନେଇ ପଡିଆକୁ ଓହ୍ଲାଇଥିଲା ଦିଲ୍ଲୀ କ୍ୟାପିଟାଲ୍‌ସ। ଦଳ ପ୍ରାରମ୍ଭିକ ବିପର୍ଯ୍ୟୟ ସମ୍ମୁଖିନ ହୋଇଥିଲେ ମଧ୍ୟ ଅଧିନାୟକଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଦିଲ୍ଲୀ ୧୭.୫ ଓଭରରେ ୪ଉିକେଟ୍ ବିନିମୟରେ ୧୬୯ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଏକଦା ମନେ ହେଉଥିଲା ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍ ଜିତି ପାରିବ ନାହିଁ। କିନ୍ତୁ କେଏଲ୍ ରାହୁଲ ତ୍ରିଷ୍ଟା ଷ୍ଟୁବ୍ସ ଧୂଆଁଧାର ବ୍ୟାଟିଂ କରି ମ୍ୟାଚ୍‌କୁ ସହଜରେ ଜିତି ନେଇଥିଲେ। ଆର୍‌ସିବି ପକ୍ଷରୁ ଭୁବନେଶ୍ୱର କୁମାର ୨ଉିକେଟ, ୟସ ଦୟାଲ ୧ ଓ ସୁୟାସ ଶର୍ମା ୧ ଉିକେଟ ଅକ୍ତିଆର କରିଥିଲେ।

**ଜାତୀୟ ସବ୍ ଜୁନିୟର ବାଳକ ହ୍ୟାଣ୍ଡବଲ୍ ଚାମ୍ପିଅନ୍‌ସିପ୍**

# ଯୋଗ ଦେଲେ ମୁଖ୍ୟମନ୍ତ୍ରୀ, ପିଲାଙ୍କ ସହ ମିଶିଲେ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଗୁରୁବାର ଦିନିକିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭୁବନେଶ୍ୱର ଠାରୁ ହେଲିକପ୍ଟର ଯୋଗେ ରିଜର୍ଭ ପୋଲିସ ଗ୍ରାଉଣ୍ଡ ଠାରେ ପହଞ୍ଚି ସେଠାରୁ ହ୍ୟାଣ୍ଡବଲ ଷ୍ଟାଡିୟମ ଯାଇଥିଲେ। ଏହି ଅବସରରେ ସେଠାରେ ଚାଲିଥିବା ୩୯ ତମ ସବ ଜୁନିୟର ବାଳକ ହ୍ୟାଣ୍ଡବଲ ଚମ୍ପିୟାନସିପରେ ଯୋଗ ଦେଇଥିଲେ। ତାଙ୍କ ସହ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଏଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜୟ ଜଗନ୍ନାଥ ଜୟ ମା' ତାରିଣୀ କହି ଖେଳାଳିଙ୍କୁ ସମ୍ବୋଧନ କରିଥିଲେ। ପରେ ପରେ ହିନ୍ଦିରେ ମଧ୍ୟ ଖେଳାଳୀ ମାନଙ୍କୁ ଅଭିଭାଷଣ ଓ ଶୁଭେଚ୍ଛା ଜଣାଇଥିଲେ। ହ୍ୟାଣ୍ଡବଲ ଖେଳ ପାଇଁ କେନ୍ଦୁଝର ପ୍ରସିଦ୍ଧ ଓ ୧୯୮୦ରେ ପ୍ରଥମେ ଏଠାରେ ଜାତୀୟ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗୀତା ହେଇଥିଲା ଏବଂ ଦୀର୍ଘ ୪୫ ବର୍ଷ ପରେ ପୁଣି ଆଜି ଏଠାରେ ଜାତୀୟ ପ୍ରତିଯୋଗିତାର ସୌଭାଗ୍ୟ ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ହ୍ୟାଣ୍ଡବଲ ଖେଳ ଆଜି ସମସ୍ତଙ୍କୁ ଏକାଠି କରି ପାରିଛି । ଏହି ଖେଳର ମୂଲ୍ୟବୋଧକୁ ବୁଝି ଆଗକୁ ବଢ଼ାବାକୁ ସେ ଆହ୍ୱାନ ଦେଇଥିଲେ। ଏ ସରକାର କ୍ରୀଡାକୁ ପ୍ରାଧାନ୍ୟ ଦଉଛନ୍ତି। କ୍ରୀଡାକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଗଢ଼ି ତୋଳିବାକୁ ପ୍ରତି ବ୍ଲକରେ ମଧ୍ୟ ଖେଳକୁ ଗୁରୁତ୍ୱ ଦିଆଯାଉଛି। ପ୍ରତି ବ୍ଲକରେ ଖେଳ ପଡିଆ ଓ ପଞ୍ଚାୟତରେ ମିନି ଷ୍ଟାଡିୟମ ହେବ ଓ ଗୋଟିଏ ଗୋଟିଏ ଇନଡୋର ଷ୍ଟାଡିୟମ ମଧ୍ୟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୧୪ଟି ଇନଡୋର ସୁଇମିଂ ପୁଲ, ତୀରନ୍ଦାଜ ଉନ୍ନତି ପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି । ଏ କେନ୍ଦୁଝରର ହ୍ୟାଣ୍ଡବଲ ପଡିଆ ଏସିଆ ମହାଦେଶର ପ୍ରଥମ ସିନ୍ଥେଟିକ ପଡ଼ିଆ । ଆମ ସରକାର ଖେଳ ସହ ରାଜ୍ୟର ବିକାଶ ପାଇଁ ଗୁରୁତ୍ୱ ଦେଉଛନ୍ତି । ହ୍ୟାଣ୍ଡବଲର ଆହୁରି ଉନ୍ନତି ସହ ଅନ୍ତର୍ଜାତୀୟ ସ୍ତରର ଖେଳାଳୀ ପ୍ରସ୍ତୁତ ପାଇଁ ଯାହା ଦରକାର ସରକାର ପ୍ରଦାନ କରିବେ ଏବଂ ଏଥିନିମନ୍ତେ ବିଭିନ୍ନ କ୍ରୀଡ଼ାସଙ୍ଘ ଆସି ଆଲୋଚନା କରି ପାରିବେ ବୋଲି ଆହ୍ୱାନ ଦେଇଥିଲେ। ଏଥି ସହ ରାଜ୍ୟରୁ ପ୍ରଥମ ଥର ପାଇଁ ଭାରତର ଜୁନିୟର ଟିମର ଯୁଗ୍ମ ପ୍ରଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ପ୍ରଣୟ କୁମାର ପାଣିଙ୍କୁ ଷ୍ଟେଜକୁ ଡାକି ସମ୍ବର୍ଦ୍ଧିତ କରିଥିଲେ ।

# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ଭାରତକୁ ମିଳିବ: କ୍ରୀଡ଼ା ମନ୍ତ୍ରୀ



ନୂଆଦିଲ୍ଲୀ: ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ଭାରତକୁ ମିଳିବ। ଏହି ଇଭେଣ୍ଟ ଆୟୋଜନ ଲାଗି କାନାଡା ଓ ନାଇଜେରିଆ ଇଚ୍ଛା ପ୍ରକଟ କରୁଥିବା ସତ୍ତ୍ୱେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଏଭଳି ଦୃଢ଼ୋକ୍ତି ଦେଇଛନ୍ତି। ମାର୍ଚ୍ଚ ୩୧ ତାରିଖ ସମୟସୀମା ମଧ୍ୟରେ ଉଭୟ କାନାଡା ଓ ନାଇଜେରିଆ ଏକ୍ସପ୍ରେଶନ ଅଫ ଇଣ୍ଟରେଷ୍ଟ ଦାଖଲ କରିଛନ୍ତି। ସୂଚନା ମିଳିଛି ଯେ, କାନାଡା ଓ ନାଇଜେରିଆ ଇଚ୍ଛା ପ୍ରକଟ କରିଛନ୍ତି। କିନ୍ତୁ ଆମେ ନିଶ୍ଚିତ ଯେ, ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳିବ। ଯଦି ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳେ, ତେବେ ଆମେ ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ଦକ୍ଷ ବୋଲି ପ୍ରଦର୍ଶିତ କରିପାରିବୁ। ଏ ସଂକ୍ରାନ୍ତରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ସହ ପରାମର୍ଶ ଚାଲିଛି। ଜୁନରେ ନୂଆ ଆଇଓସି ସଭାପତି କ୍ରିଷ୍ଟି କୋଭେଣ୍ଟ୍ରି ଦାୟିତ୍ୱ ନେଲା ପରେ ଭାରତ ତା'ର ଯୋଜନାକୁ ପ୍ରଦର୍ଶିତ କରିବାକୁ ପ୍ରସ୍ତୁତ ବୋଲି ମାଣ୍ଡବ୍ୟ କହିଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅଷ୍ଟ୍ରେଲିଆର ଭିକ୍ଟୋରିଆ ବଦଳରେ ଗ୍ଲାସଗୋରେ ହେବ।

# ୨୦୨୮ ଅଲିମ୍ପିକ୍ସରେ ସାମିଲ ହେବ କ୍ରିକେଟ୍, ଭାଗ ନେବେ ୬ ଦଳ



ନୂଆଦିଲ୍ଲୀ: ଦୀର୍ଘ ୧୨୮ ବର୍ଷ ପରେ ୨୦୨୮ ଅଲିମ୍ପିକ୍ସରେ ସାମିଲ ହେବ କ୍ରିକେଟ୍। ଲସ ଏଞ୍ଜେଲ୍‌ସରେ ହେବାକୁ ଥିବା ଅଲିମ୍ପିକ୍ସରେ କ୍ରିକେଟ ମ୍ୟାଚ ଆୟୋଜନ ହେବା ନେଇ ଆୟୋଜକଙ୍କ ପକ୍ଷରୁ ବୁଧବାର ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ଉଭୟ ମହିଳା ଏବଂ ପୁରୁଷ ବର୍ଗରେ ମ୍ୟାଚ ଆୟୋଜନ କରାଯିବ। ତେବେ ଅଲିମ୍ପିକ୍ସରେ କ୍ରିକେଟର ୩ଟି ଫର୍ମାଟରୁ କେବଳ ଟି-୨୦ ମ୍ୟାଚ ଅନୁଷ୍ଠିତ ହେବ। ଉଭୟ ବର୍ଗର ୬ଟି ଲେଖାଏ ଦଳ ଅଂଶଗ୍ରହଣ କରିବେ। ଶେଷଥର ଲାଗି ୧୯୦୦ ମସିହାରେ ପ୍ୟାରିସ ଅଲିମ୍ପିକ୍ସରେ କ୍ରିକେଟ ଖେଳ ଅନୁଷ୍ଠିତ ହୋଇଥିଲା। ସେତେବେଳେ ବ୍ରିଟେନ ଏବଂ ଫ୍ରାନ୍ସ ମଧ୍ୟରେ ଦୁଇ ଦିନିଆ ମ୍ୟାଚ ହୋଇଥିଲା। ଏବେ ଲସ ଏଞ୍ଜେଲ୍ସରେ କ୍ରିକେଟ ଖେଳ ଅନୁଷ୍ଠିତ ହେବ। ଆୟୋଜକମାନେ ଗୋଟିଏ ଟିମରେ ସର୍ବାଧିକ ୧୫ ଜଣ ଖେଳାଳି ରହିବେ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି)ରେ ବର୍ତ୍ତମାନ ୧୨ଟି ନିୟମିତ ଏବଂ ୯୪ ସହଯୋଗ ସଦସ୍ୟ ରହିଛନ୍ତି। ନିୟମିତ ସଦସ୍ୟମାନଙ୍କ ମଧ୍ୟରେ ଭାରତ, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଭାରତ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟ ଇଣ୍ଡିଜ ଏବଂ ଜିମ୍ବାୱେ ରହିଛନ୍ତି। ତେବେ ଅଲିମ୍ପିକ୍ସରେ ଭାଗନେବା ଲାଗି ଚୟନ ପ୍ରକ୍ରିୟା ସମ୍ପର୍କରେ କିଛି କୁହାଯାଇନାହିଁ। ତେବେ ଆମେରିକା ଆୟୋଜକ ହୋଇଥିବାରୁ ଏହାର ଟିମ ଆୟୋଜକ କୋଟାରେ ଅଲିମ୍ପିକ୍ସରେ ଭାଗନେବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଏହାର ଅର୍ଥ ଆମେରିକା ବ୍ୟତୀତ ଅନ୍ୟ ୫ଟି ଟିମ ଏଥିରେ ଅଂଶଗ୍ରହଣ କରିବେ। ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସର ଇଭେଣ୍ଟ କାର୍ଯ୍ୟକ୍ରମକୁ ଆଇଓସି କାର୍ଯ୍ୟନିର୍ବାହୀ ବୋର୍ଡ ଦ୍ୱାରା ଅନୁମୋଦନ କରାଯାଇଛି । ୨୦୨୮ ଅଲିମ୍ପିକ୍ସରେ ମୋଟ ୩୫୧ ପଦକ ଇଭେଣ୍ଟ ହେବ। ଆଇଓସି ଘୋଷଣା କରିଛି ଯେ କୋର୍ ଆଥଲେଟ୍ କୋଟା ୧୦,୫୦୦ ରହିବ, ଏବଂ ପାଞ୍ଚଟି ନୂତନ କ୍ରୀଡ଼ା ପାଇଁ ୬୯୮ ଅତିରିକ୍ତ ଆଥଲେଟ୍ ଆବଣ୍ଟିତ ହେବେ।

**ରାଜ୍ୟସ୍ତରୀୟ ଡ଼ିଫା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ**

# ସେମିରେ ମିଶନ ଟାଇଗର

ଧର୍ମଶାଳା (ଭାସ୍କର ନ୍ୟୁଜ୍) : ଧର୍ମଶାଳା ଫୁଟ୍‌ବଲ୍ ଆସୋସିଏସନ୍(ଡ଼ିଫା) ପକ୍ଷରୁ ୨୭ତମ ଡ଼ିଫା କପ୍ ଓ ୭ମ ରଞ୍ଜିତ୍ ସ୍ୱାଇଁ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଧର୍ମଶାଳା ବାଣୀପୀଠ ପଡ଼ିଆରେ ଗୁରୁବାର ଦିନ ବାଲେଶ୍ୱର ମିଶନ ଟାଇଗର ସହିତ ସମ୍ବଲପୁର ସିଟି କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମିଶନ ଟାଇଗର ୫-୩ ଗୋଲରେ ବିଜୟ ଲାଭ କରି ସେମିରେ ପ୍ରବେଶ କରିଛି । ଆଜିର ଖେଳରେ କ୍ରୀଡ଼ାବିତ୍ ରବିନ୍ଦ୍ର ମହାନ୍ତି ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କ ସହ ପରିଚିତ ହୋଇଥିଲେ। ଖେଳର ପ୍ରଥର୍ମାର୍ଦ୍ଧରେ ମିଶନ ଟାଇଗର ବାଲେଶ୍ୱର ତରଫରୁ ଭାନୁ ମୁର୍ମୁ, ସୁକୁଲ୍ ମୁର୍ମୁ ଗୋଟିଏ ଲେଖା ଗୋଲ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ । ଦ୍ୱିତୀୟାର୍ଦ୍ଧରେ ସିଟି କ୍ଲବ ସମ୍ବଲପୁର ପକ୍ଷରୁ ବିକାଶ ପଢ଼ୀହାରୀ ୨ଟି ଓ ଅଜୟ ମାଝି ଗୋଟିଏ ଗୋଲ କରିଥିଲେ । ବାଲେଶ୍ୱର ମିଶନ ଟାଇଗର ପକ୍ଷରୁ ବନ୍ଧୁ ମାଝି ୨ଟି ଓ ମୁକୁଲ୍ ମୁର୍ମୁ ଗୋଟିଏ ଗୋଲ କରିଥିଲେ । ଫଳରେ ମିଶନ ଟାଇଗର ୫-୩ ଗୋଲରେ ଅଗ୍ରଣୀ ହୋଇ ସେମିରେ ପ୍ରବେଶ କରିଥିଲା । ସୁକୁଲ୍ ମୁର୍ମୁକୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ବନ୍ଧ ମାଝିଙ୍କୁ ବୋଷ୍ଟ ସ୍କୋରର୍ ଭାବେ ପୁରସ୍କୃତ କରାଯାଇଥିଲା । ଆଜିର ଖେଳକୁ ମାନସ ବିଶ୍ୱାଳ ଓ ଶୈଳେସ୍ ପାଣି ପରିଚାଳନା କରିଥିବା ବେଳେ ଲାଇନ୍‌ରେ ଉତ୍ତମ ବାରିକ ଓ ସତ୍ୟପ୍ରକାଶ ବିଶ୍ୱାଳ ସହାୟାତା କରିଥିଲେ ।

# କଜଳପାତିଆ କ୍ରିକେଟ୍ କ୍ଲବ୍ ଟୁର୍ଣ୍ଣାମେଣ୍ଟ୍: ଲଭର୍ସ ଇଲେଭେନ ଚାମ୍ପିଅନ୍



କାକଟପୁର (ଭାସ୍କର ନ୍ୟୁଜ୍) : କାକଟପୁର ବ୍ଲକ ଅନ୍ତର୍ଗତ ଜଳେଶ୍ୱରପଡା ଗ୍ରାମ ପଞ୍ଚାୟତ କଜଳପାତିଆ କ୍ରିକେଟ କପ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍‌ର ଫାଇନାଲ ଦିବସରେ ଚନ୍ଦନପୁର ଇଲେଭେନ କ୍ରିକେଟ କ୍ଲବକୁ ହରାଇ ଲଭର୍ସ ଇଲେଭେନ କଜଳପାତିଆ କ୍ରିକେଟ କ୍ଲବ ଚାମ୍ପିଅନ ସିଲ ହାସଲ କରିଛି। ପ୍ରଥମେ ଟସ୍ ଜିତି ଲଭର୍ସ ଇଲେଭେନ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉିକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ୧୫୦ ରନର ବିଜୟ ଲକ୍ଷ୍ୟ ନେଇ ଚନ୍ଦନପୁର ଇଲେଭେନ କ୍ରିକେଟ କ୍ଲବ ୧୦ ଓଭରରେ ସମସ୍ତ ଉିକେଟ ହରାଇ ମାତ୍ର (୫୨)ରନ କରି ପରାସ୍ତ ହୋଇଥିଲା। ଲଭର୍ସ ଇଲେଭେନର ବର୍ଷିକୁ ମ୍ୟାନ ଅଫ ଦ ମ୍ୟାଚ ଓ ସିପୁକୁ ମ୍ୟାନ ଅଫ ଦ ସିରିଜ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ଏହି ଫାଇନାଲ ଦିବସରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱରପଡା ଗ୍ରାମ ପଞ୍ଚାୟତର ସମାଜସେବୀ ତଥା ଯୁବ ନେତା ବିଷ୍ଣୁ ଚରଣ ବେହେରା ଓ ସମ୍ମାନୀତ ଅତିଥି ଭାବେ ବଳରାମ ବିଶ୍ୱାଳ ଯୋଗ ଦେଇ ଚମ୍ପିୟାନ (ରନର୍ସ ଇଲେଭେନ କ୍ରିକେଟ କ୍ଲବ କୁ ଚମ୍ପିୟାନ ଟ୍ରଫି, ନଗଦ ଟଙ୍କା ଓ ରନର୍ସ ହୋଇଥିବା ଚନ୍ଦନପୁର ଇଲେଭେନ କ୍ରିକେଟ କ୍ଲବ୍‌କୁ ରନର୍ସ କପ, ନଗଦ ଟଙ୍କା ପ୍ରଦାନ କରିଥିଲେ। ଅମ୍ପେୟାର ଭାବେ ଖେଳ ପରିଚାଳନା କରିଥିଲେ ନାରାୟଣ ବେହେରା ଓ କାହ୍ନା ସ୍ୱାଇଁ। କ୍ଲବ ପକ୍ଷରୁ ପାର୍ଥ, ଜୀବନ, ସୁମନ, ଶିବରାଜ, ପାପୁନି, କପିଳ, ବବୁଲ ଓ ଅନ୍ୟ ସଭ୍ୟ ମାନେ ସହଯୋଗ କରିଥିଲେ।

# ପୁଣିଥରେ ଅଧିନାୟକ ହେଲେ ଧୋନି



ନୂଆଦିଲ୍ଲୀ: ମହେନ୍ଦ୍ର ସିଂହ ଧୋନି ପୁଣିଥରେ ଚେନ୍ନାଇ ସୁପର କିଙ୍ଗ୍ସର ଅଧିନାୟକ ହୋଇଛନ୍ତି। ୨୦୨୫ ଆଇପିଏଲ ମଧ୍ୟରେ ଧୋନି ହଠାତ୍ ପୁଣି ଥରେ ଚେନ୍ନାଇର ଅଧିନାୟକ ପଦ ପାଇବା ମାହିଙ୍କ ଫ୍ୟାନ୍ସଙ୍କ ଅତ୍ୟନ୍ତ ଖୁସିର ଖବର। ଚେନ୍ନାଇକୁ ପାଞ୍ଚଥର ଆଇପିଏଲର ଟାଇଟଲ ଜିତାଇଥିବା ଏମଏସ ଧୋନି ଅନେକ ଦିନ ପରେ ଦଳର ଅଧିନାୟକ ଭାବରେ ଫେରି ଆସୁଛନ୍ତି। ଏହାର ମୁଖ୍ୟକାରଣ ହେଉଛନ୍ତି ଅଧିନାୟକ ଋତୁରାଜ ଗାୟକୱାଡଙ୍କ ଆଘାତ। ଋତୁରାଜ ଏବେ ସମ୍ପୂର୍ଣ୍ଣ ସିଜିନରୁ ବାହାରେ ଅଛନ୍ତି। ଏହି ଖବର ସାମ୍ନାକୁ ଆସିବା ପରେ ଟୁର୍ଣ୍ଣାମେଣ୍ଟ ମଝିରେ ଧୋନିଙ୍କ ଅବସର ନେଇ ଚାଲିଥିବାର ଯେଉଁ କଳ୍ପନାଜଳ୍ପନା ଏବଂ ଗୁଜବର ଆରମ୍ଭ ହୋଇଥିଲା ତାହାର ଅନ୍ତ ଘଟିଛି। ସୂଚନା ଅନୁଯାୟୀ, ଋତୁରାଜ ଗାୟକୱାଡଙ୍କ କହୁଣୀ ଆଘାତ ଯୋଗୁଁ ଅଧିନାୟକତ୍ୱରେ ପରିବର୍ତ୍ତନ ହୋଇଛି। ତାଙ୍କ କହୁଣୀରେ ଏକ ଫ୍ୟାକଚର ଥିବା ଚିହ୍ନଟ ହୋଇଛି। ଯାହା ଯୋଗୁଁ ସେ ଟୁର୍ଣ୍ଣାମେଣ୍ଟରୁ ବାହାର ହୋଇଯାଇଛନ୍ତି।

**ASIRVAD MICRO FINANCE LTD**

CIN U65923TN2007PLC064550
9th and 10th Floor, No 9, Club House Road, Anna Salai,
Chennai 600 002. Tamil Nadu.
Tel:044-42124493

**ସୁନା ନିଲାମ ସୂଚନା**

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 25.04.2025 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ଖଳିଦାର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜିକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ୍ୟ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ

ବନ୍ଧକ ସୂଚୀ :

ଓଡ଼ିଶା ଅନୁଗୁଳ ବୋଇଣ୍ଡା – ଜିଏଲ୍ 329050700001929, 1933, 1957, ଛେଣ୍ଡିପଦା – ଜିଏଲ୍ 325270700002778, 2797, 2800, 2809, 2812, 2861, 325270730037814, କୋସଲା – ଜିଏଲ୍ 325600700003213, 3220, 3239, 3243, 3249, ସୋନପୁର ଡୁଙ୍ଗୁରିପାଲି – ଜିଏଲ୍ 325580700004813, 4814, 4820, 4821, 4837, 4851, 4862, 4877, 4892, 4894, 4924, 325580730024559, ବାଲେଶ୍ୱର ବସ୍ତା – ଜିଏଲ୍ 325380700004560, 4562, 4578, 4588, 4600, 4627, 4628, 4636, 4640, 4642, 4644, 4662, 4664, 4678, 325380730038341, 8397, 8428, 8573, 8639, 8949, 8951, 9047, ଗୋପାଳପୁର – ଜିଏଲ୍ 329040700002718, 2719, 2720, 2727, 2729, 2736, 2738, 2760, 2769, 2779, 2807, 2824, ମାର୍କୋଣା – ଜିଏଲ୍ 325620700002205, 2206, 2215, 2216, 2217, 2224, 2225, 2236, 2249, 2264, 2266, 325620730012265, ଥାନାଛକ – ଜିଏଲ୍ 328280700002483, 2498, 2516, 328280730031453, ବାଲେଶ୍ୱର ବାଲିଆପାଳ – ଜିଏଲ୍ 325210700003751, 3773, 3782, 3798, 3802, 3806, 3823, 3828, 3843, 3846, 325210730020993, 0994, 0997, ବରଗଡ଼ ସୋହେଲା – ଜିଏଲ୍ 328960700002754, 2756, 2777, 2798, 2812, ଭଦ୍ରକ 42 ମଉଜା – ଜିଏଲ୍ 325550700003124, 3148, 3152, 3162, 3163, 3172, 3176, 325550730008259, ତିହିଡ଼ା – ଜିଏଲ୍ 325010700006398, 6412, 6449, 6461, କଟକ ଚାନ୍ଦୋଳ – ଜିଏଲ୍ 325800700003538, 3539, 325800730031776, ନରସିଂହପୁର – ଜିଏଲ୍ 328970700002142, 2164, 2182, 2201, 2218, 328970750000017, 0025, 0030, ନୂଆପାଟଣା – ଜିଏଲ୍ 328140700002972, 3008, 3009, ଦେବଗଡ଼ ଦେବଗଡ଼ – ଜିଏଲ୍ 325990700003630, 3632, 3642, 3648, 3654, 3659, 3673, 3677, 3684, 3686, 3699, 3710, 3713, 3717, 3720, 3721, 3722, 3723, 3728, 3731, 3744, 3752, 325990730013122, ଢେଙ୍କାନାଳ 325910700003281, 325910730030374, 3998, 5026, ରସୋଲ – ଜିଏଲ୍ 325930700002267, 2322, 325930730009608, 9609, 9827, ଗଞ୍ଜାମ ବେଗୁନିଆପଡ଼ା – ଜିଏଲ୍ 328290700001954, 1976, 1989, 2017, 2405, 2406, 2407, 2410, 2411, 328290730012653, 2654, 2655, 328290750000024, ଦିଗପହଣ୍ଡି – ଜିଏଲ୍ 327560700003168, 3193, ହୁମା – ଜିଏଲ୍ 325980700003477, 3480, 3485, 3486, 3496, 3514, 3548, 3550, 325980730023606, 3903, ପୋଲସରା – ଜିଏଲ୍ 329220700001936, ରମ୍ଭା – ଜିଏଲ୍ 326580700003395, 3440, 3447, 3459, 3473, 3477, 3481, 3484, 3487, 3506, 3511, 3519, 326580730010507, 0935, 0936, ଯାଜପୁର ଜାରକା – ଜିଏଲ୍ 325370700002938, 2943, 2945, ମଙ୍ଗଳପୁର – ଜିଏଲ୍ 325000700006716, 6746, 6826, 6843, 6902, 6904, 6918, 6943, 6963, 325000730037455, 7456, 7457, ଯାଜପୁର ସିଂହପୁର – ଜିଏଲ୍ 327730700005348, 5365, 5382, 5396, 5426, 5430, 5443, କେନ୍ଦ୍ରାପଡ଼ା ଆଳି – ଜିଏଲ୍ 325300700003400, 3409, 3410, 3412, 3440, 3441, 3453, 3464, 325300730040220, 0272, 0286, 325300750000020, 0022, ରାଜନଗର – ଜିଏଲ୍ 325140700007729, 7822, 7835, 7874, 7904, 7920, 325140730065058, 5792, କେନ୍ଦୁଝର ଚମ୍ପୁଆ – ଜିଏଲ୍ 326000700002965, 2969, 2973, 3010, 3012, 3024, 3025, 3027, 3037, 3044, ଢେଙ୍କାନାଳ – ଜିଏଲ୍ 327830700003056, 3057, 3062, 3074, 3076, 3090, 3098, 3099, 3103, 3104, 3105, 3106, 3108, 3116, 3117, 3122, 3123, 3139, 3142, 3144, 3160, 3175, 3182, 3184, 327830730012651, 2665, 327830780000008, ଝୁମ୍ପୁରା – ଜିଏଲ୍ 341800700001075, 1105, 1123, 1148, କେନ୍ଦୁଝର ଛେନାପଦି – ଜିଏଲ୍ 325490700004833, 4881, 4890, 4905, 4907, 4928, 4941, 4945, 4968, 4986, 5004, 5005, 5026, 325490730058411, ଖୋର୍ଦ୍ଧା ନିରାକାରପୁର – ଜିଏଲ୍ 325680700006014, 6042, 6055, 6079, 6090, 325680730084004, 4005, 4007, 4529, ମୟୁରଭଞ୍ଜ ବେଟନୋଟି – ଜିଏଲ୍ 328020700003026, 3037, 3051, 3060, 328020730022931, 3080, 3268, ଖୁଣ୍ଟା – ଜିଏଲ୍ 325390700002546, 2548, 2549, 2550, 2561, ବାଲେଶ୍ୱର ଖଇରା – ଜିଏଲ୍ 325220700002787, 2794, 2804, 325220730038947, 9463, 9493, ପୁରୀ ଅସ୍ତରଙ୍ଗ – ଜିଏଲ୍ 325090700003172, 325090730068234, 8316, ଗୋପ – ଜିଏଲ୍ 325030700007533, 7543, 7557, 7559, 7576, 7608, 7613, 7625, 325030730068244, 9278, 9372, 9967, 325030730070096, 0158, କାକଟପୁର – ଜିଏଲ୍ 325180700005678, ମାଲୁଦ – ଜିଏଲ୍ 328270700003926, 4011, 4019, 4022, 4047, 4089, 4099, 328270730073288, 4320, 328270750000020, ପୁରୀ ବିନିକା ଜିଏଲ୍□ 342670700000483, 0503, 0522, ଚନ୍ଦନପୁର – ଜିଏଲ୍ 325920700003701, 3719, 3724, 3757, 3793, ସୋନପୁର – ଜିଏଲ୍ 325240700003620, 3647, 3663, 3675, 325240730020999, 1263,

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :– ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/– ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 9542500664 ନମ୍ବରକୁ ଯୋଗାଯୋଗ କରନ୍ତୁ ।

ଅଧିକୃତ ଅଧିକାରୀ
ଆଶିରୱାଡ ମାଇକ୍ରୋ ଫାଇନାନ୍ସ ଲିମିଟେଡ୍ ।

# ସରକାରୀ ଚାକିରି ଛାଡି ୪କୋଟି ବାଛିଲେ ଭିନେଶ



ଚଣ୍ଡିଗଡ: ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ସମୟରେ ଭାରତୀୟ କୁସ୍ତିଯୋଦ୍ଧା ଭିନେଶ ଫୋଗାଟ ଅଲିମ୍ପିକ୍ସରୁ ଅଯୋଗ୍ୟତା ବିବାଦ ପରେ କୁସ୍ତିରୁ ଅବସର ନେବାକୁ ନିଷ୍ପତ୍ତି ନେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ଏହା ପରେ, ସେ ରାଜନୀତିରେ ପ୍ରବେଶ କରିଥିଲେ ଏବଂ ୨୦୨୪ ହରିୟାଣା ବିଧାନସଭା ନିର୍ବାଚନରେ କଂଗ୍ରେସ ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରି ଜୁଲାନା ଆସନରେ ବିଜୟୀ ହୋଇଥିଲେ। ନିକଟରେ, ହରିୟାଣା ସରକାର ତାଙ୍କ ସମ୍ମୁଖରେ ତିନୋଟି ବିକଳ୍ପ ରଖିଥିଲେ, ଏବେ ଏକ ଅପଡେଟ ଆସିଛି ଯେ ଏଥିମଧ୍ୟରୁ ଭିନେଶ ଗୋଟିଏ ବିକଳ୍ପ ବାଛିଛନ୍ତି। ଭିନେଶ ଫୋଗାଟ ୪ କୋଟି ଟଙ୍କାର ନଗଦ ପୁରସ୍କାରର ବିକଳ୍ପ ବାଛିଛନ୍ତି। ଏ ସମ୍ପର୍କରେ, ହରିୟାଣା ସରକାରଙ୍କ କ୍ରୀଡା ବିଭାଗକୁ ଏକ ଚିଠି ପଠାଯାଇଛି, ଯାହା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମିଳିଥିବା ରିପୋର୍ଟ ଅନୁଯାୟୀ, ଜୁଲାନା ଆସନର ବିଧାୟକ ଭିନେଶ ଫୋଗାଟ ଗତ ମାସରେ ବଜେଟ ଅଧିବେଶନରେ ଏହି ପ୍ରସଙ୍ଗ ଉଠାଇଥିଲେ। ଭିନେଶ କହିଛନ୍ତି ଯେ ସରକାର ତାଙ୍କ ପାଇଁ ଅଲିମ୍ପିକ୍ସରେ ରୌପ୍ୟ ପଦକ ସହିତ ସମାନ ପୁରସ୍କାର ଘୋଷଣା କରିଥିଲେ, କିନ୍ତୁ ୮ ମାସ ପରେ ମଧ୍ୟ ତାଙ୍କୁ ସମ୍ମାନିତ କରାଯାଇ ନାହିଁ। ଭିନେଶଙ୍କ ଦାବି ଉପରେ ହରିୟାଣା ମୁଖ୍ୟମନ୍ତ୍ରୀ ନାଇବ ସିଂହ ସାଇନି ଉତ୍ତର ଦେଇଥିଲେ ଯେ ଯଦିଓ ସେ ବର୍ତ୍ତମାନ କଂଗ୍ରେସ ବିଧାୟକ, ତଥାପି ତାଙ୍କୁ ସରକାରୀ ଚାକିରି, ଏକ ପ୍ଲଟ କିମ୍ବା ୪କୋଟି ଟଙ୍କାର ନଗଦ ପୁରସ୍କାରର ବିକଳ୍ପ ଦିଆଯିବ। ରିପୋର୍ଟ ଅନୁଯାୟୀ, ଏହାର ଜବାବରେ, ଭିନେଶ ୪ କୋଟି ଟଙ୍କାର ନଗଦ ପୁରସ୍କାର ପାଇଁ ରାଜି ହୋଇଛନ୍ତି। ଭିନେଶ ତାଙ୍କର ବିକଳ୍ପ ନିଷ୍ପତ୍ତି ସମ୍ପର୍କରେ କ୍ରୀଡ଼ା ବିଭାଗକୁ ଏକ ଚିଠି ପଠାଇଛନ୍ତି।

# ସଞ୍ଜୁଙ୍କ ଉପରେ ଜରିମାନା



ନୂଆଦିଲ୍ଲୀ: ରାଜସ୍ଥାନ ରୟାଲ୍ସ ଦଳର ଅଧିନାୟକ ସଞ୍ଜୁ ସାମସନଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଏହି ମାମଲାଟି ଗୁଜରାଟ ଟାଇଟାନ୍ସ ବନାମ ରାଜସ୍ଥାନ ରୟାଲ୍ସ ମ୍ୟାଚ୍ ସହିତ ଜଡିତ, ଯେଉଁଥିରେ ଆରଆର ଦଳକୁ ସ୍ଲୋ-ଓଭର ରେଟ୍ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏହା ଦ୍ୱିତୀୟ ଥର ଯେତେବେଳେ ଅଧିନାୟକ ସାମସନଙ୍କୁ ସ୍ଲୋ-ଓଭର ହାର ପାଇଁ ଜରିମାନା ଦିଆଯାଇଛି। ଆଇପିଏଲ ୨୦୨୫ର ନୂତନ ନିୟମ ଅନୁଯାୟୀ, ପ୍ରଥମ ଥର ପାଇଁ ସ୍ଲୋ-ଓଭର ରେଟ୍ ପାଇଁ ଦୋଷୀ ସାବ୍ୟସ୍ତ ହେଲେ ୧୨ ଲକ୍ଷ ଟଙ୍କା ଜରିମାନା ଲାଗୁ ହୋଇଛି। ଏଥର କେବଳ ସଞ୍ଜୁ ସାମସନ ନୁହେଁ ବରଂ ରାଜସ୍ଥାନ ରୟାଲ୍ସର ସମଗ୍ର ଦଳ କ୍ଷତି ସହିଛି। ବିସିସିଆଇ ଏକ ବିବୃତ୍ତି ଜାରି କରି କହିଛି, 'ଆଇପିଏଲ ୨୦୨୫ର ମ୍ୟାଚ୍ ନମ୍ବର-୨୩ ରେ ସ୍ଲୋ-ଓଭର ରେଟ୍ ପାଇଁ ଦୋଷୀ ସାବ୍ୟସ୍ତ ହେବା ପରେ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନ ଏବଂ ତାଙ୍କ ଦଳକୁ ଜରିମାନା କରାଯାଇଛି।' ବିବୃତ୍ତିରେ ଆହୁରି କୁହାଯାଇଛି ଯେ ଆଇପିଏଲ ନିୟମର ଧାରା ୨.୨ ଅନୁଯାୟୀ, ସଞ୍ଜୁ ସାମସନଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି।



କଖାରୁ ଖାଇବାକୁ ଅନେକ ଲୋକଙ୍କୁ ଭଲ ଲାଗିନଥାଏ। କଖାରୁ ବି ତ୍ୱଚାରେ ବ୍ୟବହାର କରିବା ଦ୍ୱାରା ତ୍ୱଚା ଚମକିଥାଏ। କଖାରୁ ଖାଇବା ଦ୍ୱାରା ଅନେକ ରୋଗରୁ ଉପଶମ ମିଳିବା ସହିତ ଆପଣଙ୍କ ସ୍କିନ୍ ଚିକ୍କଣ ହୋଇଥାଏ। ତେବେ ଚାଲନ୍ତୁ ଜାଣିବା ତ୍ୱଚାରେ ଏହାକୁ କେମିତି ବ୍ୟବହାର କରିବା। କଖାରୁରୁ ଫେସପ୍ୟାକ୍ ଏବଂ ସ୍କ୍ରବ୍ କରିବାକୁ ପ୍ରୟାସ କରନ୍ତୁ। କଖାରୁରୁ ଭିଟାମିନ୍, ମିନେରାଲ୍ସ ଏବଂ ଆଣ୍ଟିଅକ୍ସିଡାଣ୍ଟ ରହିଛି। ଯାହା ଚର୍ମ ଏବଂ କେଶ ପାଇଁ ଅନେକ ଲାଭଦାୟକ ହୋଇଥାଏ। ତ୍ୱଚାରେ ଟ୍ୟାନ ହଟାଇବା ଏବଂ ସୂର୍ଯ୍ୟକିରଣରୁ ତ୍ୱଚାରେ ପଡୁଥିବା ପ୍ରଭାବକୁ କମ କରିଥାଏ। ଏହାସହିତ ତ୍ୱଚାରେ ଅଳ୍ପ ବୟସରୁ ପଡୁଥିବା ଦାଗ, କୁଞ୍ଚନ, ପିଗମେଣ୍ଟେସନ୍ ଏବଂ ସୂକ୍ଷ୍ମ ରେଖାକୁ ରୋକିଥାଏ। ଯଦି ଆପଣ ତ୍ୱଚାରେ ଚମକ ଆଣିବାକୁ ଚାହୁଁଛନ୍ତି ତେବେ ପ୍ରଥମେ କଖାରୁରୁ ମଞ୍ଜି ସବୁ ବାହାର କରି ଦିଅନ୍ତୁ। ଖଣ୍ଡ ଖଣ୍ଡ କରି କାଟି ଗ୍ରାଇଣ୍ଡରେ ଭଲ ଭାବରେ ମକ୍ସଚର କରିଦିଅନ୍ତୁ। ସେଥିରେ ମହୁ ଏବଂ କ୍ଷୀର ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। କଖାରୁରେ ଏନଜାଇମ୍ ଏବଂ ଆଲଫା ହାଇଡ୍ରୋକ୍ସି ଏସିଡ୍ ରହିଛି। ଯାହା ତ୍ୱଚାକୁ ଚମକାଇଥାଏ। ଏହି ଫେସ୍ ମାସ୍କ ଲଗାଇବା ପୂର୍ବରୁ ମୁହଁକୁ ଭଲ ପାଣିରେ ଧୋଇ ସଫା କରନ୍ତୁ। ମାସ୍କ ଲଗାଇ ୨୦ରୁ ୨୫ମିନିଟ ପର୍ଯ୍ୟନ୍ତ ରଖନ୍ତୁ, ତା ପରେ ଧୋଇ ସଫା କରିଦିଅନ୍ତୁ।

## ‘ରେଡ୍-୨’ରେ ତମନ୍ନାଙ୍କ ଆଇଟମ୍ ଡ୍ୟାନ୍ସ



ତମନ୍ନା ଭାଟିଆଙ୍କର କିଛି ଲିକ୍ ଫଟୋ ଓ ଭିଡିଓ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ହୋଇଛି । ଏଥିରେ ଏକ ଗୀତରେ ତମନ୍ନାଙ୍କୁ ନୃତ୍ୟ କରୁଥିବା ଦେଖିବାକୁ ମିଳିଛି । ଗତ ମଙ୍ଗଳବାର ଅଜୟ ଦେବଗନଙ୍କ ଅପ୍‌କମିଙ୍ଗ ଫିଲ୍ମ ‘ରେଡ୍-୨’ର ଟ୍ରେଲର ରିଲିଜ୍ ହୋଇଛି । ଏଥିରେ ତମନ୍ନାଙ୍କ ଝଲକ୍ ଦେଖିବା ପରେ ତାଙ୍କର ଫଟୋ ଓ ଭିଡିଓ ଖବରର ଶିରୋନାମା ହୋଇଛି । ‘ରେଡ୍-୨’ରେ ତମନ୍ନା ଏକ ଗୀତରେ ନୃତ୍ୟ ପ୍ରଦର୍ଶନ କରିଛନ୍ତି । ଫ୍ୟାନ୍ ଟ୍ରେଲରରେ ଏହାର ଝଲକ୍ ପାଇଛନ୍ତି । ତାଙ୍କ ଗୀତ ସୁଟିଂ ବେଳର ଲିକ୍ ଭିଡିଓରେ ତମନ୍ନା ଧଳା ଓ ଗୋଲ୍ଡେନ ପୋଷାକ ପିନ୍ଧିଛନ୍ତି । ସେ କ୍ୟାମେରାକୁ ପୋଜ୍ ଦେଉଥିବାବେଳେ ପଛରେ ନୃତ୍ୟଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି । କେବଳ ଝଲକ୍ ନୁହେଁ, ପରଦାରେ ତମନ୍ନାଙ୍କୁ ଅଧିକ ଦେଖିବା ପାଇଁ ଫ୍ୟାନ୍ ଖୁବ୍ ଉତ୍ସାହିତ ଅଛନ୍ତି । ଫିଲ୍ମରେ ତମନ୍ନାଙ୍କ ସ୍ପେଶାଲ ଡ୍ୟାନ୍ସ ନମ୍ବର ନୂଆ ନୁହେଁ । ଅଭିନୟ ସହିତ ସେ ଅନେକ ସାଉଥ୍ ଗୀତରେ ନଜର ଆସିଛନ୍ତି । ନିକଟରେ ତାଙ୍କର ‘କବାଲା’ ଏବଂ ବଲିଉଡ୍ ଫିଲ୍ମ ‘ସ୍ତ୍ରୀ-୨’ର ‘ଆଜ୍ କି ରାତ୍’ ଗୀତ ଚାର୍ଟବଷ୍ଟର ହୋଇଥିଲା । ତାଙ୍କ ଅପ୍‌କମିଙ୍ଗ ଫିଲ୍ମରେ ଅଛି ତେଲୁଗୁ ଫିଲ୍ମ ‘ଓଡେଲା-୨’ । ‘ରେଡ୍-୨’ ଆସନ୍ତା ମେ’ ୧ ତାରିଖରେ ମୁକ୍ତିଲାଭ କରିବ। ଏଥିରେ ଅଜୟ ଦେବଗନଙ୍କ ସହ ରିତେଶ ଦେଶମୁଖ ଓ ବାନି କପୁର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି।



## ଚୈତ୍ର ପୂର୍ଣ୍ଣିମାରେ କରନ୍ତୁ ନାହିଁ ଏହି କାମ



*ସନାତନ ଧର୍ମରେ ଚୈତ୍ର ପୂର୍ଣ୍ଣିମାର ବିଶେଷ ମହତ୍ୱ ରହିଛି ଏହି ଦିନକୁ ଶୁଭ ବୋଲି ବିବେଚିତ କରାଯାଇଛି । ଏହି ଦିନ ଭଗବାନ ବିଷ୍ଣୁ ଏବଂ ଚନ୍ଦ୍ର ଦେବତାଙ୍କୁ ସମର୍ପିତ । ତେଣୁ ପବିତ୍ର ମନରେ ବିଧି ଅନୁଯାୟୀ ଭଗବାନ ବିଷ୍ଣୁ ଏବଂ ଚନ୍ଦ୍ରଙ୍କ ପୂଜାର୍ଚ୍ଚନା କରିବା ଦ୍ୱାରା ଭକ୍ତଙ୍କ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ଦିନ ପବିତ୍ର ପୁଷ୍କରିଣୀରେ ସ୍ନାନ, ଦାନ ଆଦିର ବିଶେଷ ମହତ୍ୱ ରହିଛି । ତେବେ ଏମିତି କିଛି କାର୍ଯ୍ୟ ରହିଛି ଯାହା ଏହି ପବିତ୍ର ଦିନରେ ଭୁଲରେ ବି କରିବା ଉଚିତ ନୁହେଁ । ଏହା ଦ୍ୱାରା ଭଗବାନ ବିଷ୍ଣୁ କ୍ରୋଧିତ ହୋଇଥାନ୍ତି ଏବଂ ପୂଜାର୍ଚ୍ଚନାର ପୁଣ୍ୟ ଫଳ ପ୍ରାପ୍ତି ହୋଇନଥାଏ । ଆସନ୍ତୁ ଜାଣିବା ଜ୍ୟୋତିଷ ଆନୁଯାୟୀ ଚୈତ୍ର ପୂର୍ଣ୍ଣିମା ଦିନ କେଉଁ କାର୍ଯ୍ୟ କରିବା ଉଚିତ ଏବଂ କେଉଁ କାମ ବର୍ଜନୀୟ ।*

### ଚୈତ୍ର ପୂର୍ଣ୍ଣିମା ଦିନ ଏହି କାର୍ଯ୍ୟ କରିବା ଶୁଭ ହୋଇଥାଏ

■ ସକାଳୁ ପବିତ୍ର ନଦୀରେ ସ୍ନାନାଦୀ କାର୍ଯ୍ୟ ଶେଷ କରି ଭଗବାନ ବିଷ୍ଣୁ ଏବଂ ଦେବୀ ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରନ୍ତୁ । ଏହି ଦିନ ଭଗବାନ ଶିବଙ୍କୁ ପୂଜା କରିବା ମଧ୍ୟ ଶୁଭ ଫଳ ଦେଇଥାଏ ।

■ ଏହି ଦିନ ବ୍ରହ୍ମଚାର୍ଯ୍ୟ ନିୟମ ପାଳନ କରିବା ଉଚିତ ।

■ ସନ୍ଧ୍ୟା ପରେ ଚନ୍ଦ୍ର ଦେବତାଙ୍କୁ ଅର୍ଘ୍ୟ ଦିଅନ୍ତୁ । ଏହା ସହ ଚନ୍ଦ୍ର ମନ୍ତ୍ର ଜାପ କରିବା ଦ୍ୱାରା ମାନସିକ ଅଶାନ୍ତି ଦୂର ହୋଇଥାଏ । ଏହା ବ୍ୟତୀତ ଖିରି ତିଆରି କରି ଚନ୍ଦ୍ର ଆଲୋକରେ ରଖି ସେବନ କରିବା ଉଚିତ ।

### ଚୈତ୍ର ପୂର୍ଣ୍ଣିମା ଦିନ ଏହି କାର୍ଯ୍ୟ କରିବା ନିଷେଧ

◆ ଚୈତ୍ର ପୂର୍ଣ୍ଣିମା ଦିନ ଭୁଲରେ ବି ତାମସିକ ଭୋଜନ ସେବନ କରନ୍ତୁ ନାହିଁ ।

◆ ମଦ ଏବଂ ନିଶା ସେବନ ଠାରୁ ଦୂରେଇ ରୁହନ୍ତୁ ।

◆ କେଶ ଏବଂ ନଖ କାଟନ୍ତୁ ନାହିଁ ।

◆ ପାର୍ଟନରଙ୍କ ସହ କଳି ଝଗଡ଼ା, ହିଂସା କରିବା ଠାରୁ ଦୂରେଇ ରୁହନ୍ତୁ ।

◆ ଗୁରୁଜନଙ୍କ ଅପମାନ କରନ୍ତୁ ନାହିଁ ।

## ଉପାସ ରହୁଥିଲେ ଭୋଗିବେ ଏସବୁ ସମସ୍ୟା

ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀ ଏବଂ କର୍ମ ବ୍ୟସ୍ତତା ପାଇଁ ବ୍ୟକ୍ତି ନିଜ ପ୍ରତି ଧ୍ୟାନ ଦେଇପାରୁ ନାହିଁ। ଫଳରେ ଅନେକ ସମସ୍ୟାର ସମ୍ମୁଖୀନ ହେବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ଦେଇ ଗତି କରୁଛି । ଏପରି କି ଅନେକ ବ୍ୟକ୍ତି ନିଜର କାମବ୍ୟସ୍ତ ପାଇଁ ସଠିକ ସମୟରେ ଖାଦ୍ୟ ଖାଇପାରୁ ନାହାନ୍ତି। ଅନ୍ୟପକ୍ଷେ ଶରୀରକୁ ଫିଟ ରଖିବା ପାଇଁ ଆଜିକାଲିର ଯିବପିଢି ମଧ୍ୟ ପୁରା ପେଟ ଖାଦ୍ୟ ଖାଉ ନାହାନ୍ତି । କିନ୍ତୁ ଆପଣମାନେ ଜାଣିଛନ୍ତି କି ଅଧା ପେଟ ଖାଦ୍ୟ ଖାଇବା କିମ୍ବା ଉପାସ ରହିବା ଆମ ଶରୀର ପାଇଁ କେତେ କ୍ଷତିକାରକ ହୋଇଥାଏ । ତେବେ ଏହାକୁ ନେଇ ଆଇଏଚବିଏଏସ ହସ୍ପିଟାଲର ପୂର୍ବ ଡିରେକ୍ଟର ଡାକ୍ତର ଇମରାନ ଅହମଦ କହିଛନ୍ତି ଯେ, ଗୋଟିଏ ଦିନ ଖାଦ୍ୟ ନଖାଇବା ଦ୍ୱାରା କିମ୍ବା ଅଧାପେଟ ଖାଦ୍ୟ ଖାଇ ରହିବା ଦ୍ୱାରା ଅନେକ ପ୍ରକାର ସମସ୍ୟା ଦେଖାଦେଇଥାଏ । ଫଳରେ ଆମେ ବିଭିନ୍ନ ପ୍ରକାର ରୋଗର ଶିକାର ହୋଇଥାନ୍ତି । ତେବେ ଆସନ୍ତୁ ଜାଣିବା ଉପାସ ରହିବା ଦ୍ୱାରା କେଉଁସବୁ ସମସ୍ୟା ଦେଖାଦେଇଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଉପାସ ରହିବା ଦ୍ୱାରା ଆମ ମାନସିକ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡିଥାଏ । ଯଦି ଗୋଟିଏ ଦିନ ଉପାସ ରହିବା ତେବେ ଆମ ପାଚନତନ୍ତ୍ର ଠିକ ଭାବରେ କାର୍ଯ୍ୟ କରି ନଥାଏ। ଫଳରେ ଗ୍ୟାସ, ଏସିଡିଟି, ପେଟ ଦରଜ ପରି ସମସ୍ୟା ସୃଷ୍ଟି ହୋଇଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଉପାସ ରହିବା ଦ୍ୱାରା ଏହା ଆମ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡିଥାଏ। ଫଳରେ ଚିଡିଚିଡାପଣ ,ଥକାପଣ, ଅନ୍ୟମନସ୍କତା ପରି ସମସ୍ୟା ସୃଷ୍ଟି ହୋଇଥାଏ । ଯାହାଫଳରେ ଆମକୁ ଏକ ସୁସ୍ଥ ସମାଜିକ ଜୀବନ ବଞ୍ଚିବାକୁ ଅସୁବିଧା ହୋଇଥାଏ ।



## ରାଷ୍ଟ୍ରୀୟ ସୁରକ୍ଷିତ ମାତୃତ୍ୱ ଦିବସ



*ମାଆ ସର୍ବଦା ମମତାମୟୀ । ସେ ହିଁ ଗୃହର ଲକ୍ଷ୍ମୀ,ଗୃହିଣୀ ଆଉ ଅର୍ଦ୍ଧାଙ୍ଗିନୀ । ପ୍ରତି ମହିଳାଙ୍କ ଭିତରେ ରହିଥାଏ ମାତୃତ୍ୱର ସ୍ନେହ । ମାତୃତ୍ୱ ହିଁ ନାରୀ ଜୀବନର ସାର୍ଥକତା । ନିରାପଦ ମାତୃତ୍ୱ କହିଲେ ଆମେ ସାଧାରଣତଃ ସୁରକ୍ଷିତ ପ୍ରସବ ଏବଂ ପ୍ରସବ ପରବର୍ତ୍ତୀ ସମୟରେ ଉଭୟ ମା’ ଓ ଶିଶୁର ଉପଯୁକ୍ତ ଯତ୍ନକୁ ବୁଝିଥାଉ । ଗର୍ଭବସ୍ଥାରୁ ଆରମ୍ଭ କରି ପ୍ରସବ ଓ ପ୍ରସବ ପରବର୍ତ୍ତୀ ଚିକିତ୍ସା ସୁବିଧା ପାଇବା ସହିତ ଗର୍ଭବତୀ ନାରୀ ସୁସ୍ଥ ରହିବା ଅର୍ଥ ହେଉଛି ନିରାପଦ ମାତୃତ୍ୱ ।*



ଅ ଗର୍ଭପାତ, ରକ୍ତହୀନତା, ପ୍ରସବ ସମୟରେ ଅଭିଜ୍ଞ ଚିକିତ୍ସକ ବା ଧାଇର ଅଭାବ ମାତୃ ମୃତ୍ୟୁର କାରଣ ହୋଇଥାଏ । ଡାକ୍ତରୀ ପରାମର୍ଶ ଅଭାବ, ଅତ୍ୟଧିକ ଶାରୀରିକ ଶ୍ରମ ଓ ଟୀକାକରଣ ଅଭାବ ଗର୍ଭସ୍ଥ ଶିଶୁକୁ ଅପପୁଷ୍ଟ ଓ ବିକଳାଙ୍ଗ କରିବାରେ ସହାୟକ ହୋଇଥାଏ । ବିଶ୍ୱରେ ପ୍ରତ୍ୟେକ ଦିନ ୮୦୦ ମହିଳାଙ୍କର ପ୍ରସବ ସମୟରେ ମୃତ୍ୟୁ ଘଟୁଛି । ଆମଦେଶରେ ମାତୃ ମୃତ୍ୟୁ ହାରର ଅନେକ କାରଣ ରହିଛି । ଗର୍ଭାବସ୍ଥାରେ ରକ୍ତହୀନତା, ରୋଗ ଜୀବାଣୁ ସଂକ୍ରମଣ ଯୋଗୁଁ, ଅସୁରକ୍ଷିତ ଗର୍ଭପାତ, ମାରାତ୍ମକ ରୋଗ , ବୟସାଧିକ ଗର୍ଭଧାରଣ ଯୋଗୁଁ ମାତୃ ମୃତ୍ୟୁ ଘଟିଥାଏ। କମ୍ ବୟସରେ ମାତୃତ୍ୱ ଓ ସନ୍ତାନ ପ୍ରସବରେ କମ୍ ସମୟ ବ୍ୟବଧାନ ହିଁ ମାତୃମୃତ୍ୟୁର ପ୍ରମୁଖ କାରଣ । ସାଧାରଣତଃ ସନ୍ତାନ ପ୍ରସବର ବୟସ ୧୫ରୁ ୪୫ ବର୍ଷ ହୋଇଥିଲେ ମଧ୍ୟ ୧୮ ବର୍ଷରୁ ଉର୍ଦ୍ଧ୍ୱ ଓ ୪୦ ବର୍ଷରୁ କମ୍ ବୟସର ମହିଳାଟିଏ ଗର୍ଭବତୀ ହେବା ନିରାପଦ । ଶିଶୁମାନଙ୍କ ମଧ୍ୟରେ ଜନ୍ମର ବ୍ୟବଧାନ ଅତିକମ୍‌ରେ ୩ ବର୍ଷ ରହିବା ନିହାତି ଆବଶ୍ୟକ। ତଥ୍ୟରୁ ଜଣାଯାଏ ଯେ ବିଶ୍ୱର ମୋଟ ଲୋକସଂଖ୍ୟାର ୧୫ ପ୍ରତିଶତ ଭାରତରେ କମ୍ ବୟସରେ ବିବାହ କରିଥାନ୍ତି । ତେଣୁ ୧୮ ବର୍ଷରୁ କମ୍ ବୟସର ମା’ ସୁସ୍ଥ ଶିଶୁ ଦେଇପାରିବ ନା ନିଜେ ସୁସ୍ଥ ରହିପାରିବ। ଅଳ୍ପ ବୟସରେ ଗର୍ଭଧାରଣ କରୁଥିବା କିଶୋରୀମାନଙ୍କର ଅସ୍ଥି ଦୁର୍ବଳ ହେବାର ଆଶଙ୍କା ବୃଦ୍ଧି କରିଥାଏ । ଏକ ତୃତୀୟାଂଶ କିଶୋରୀ ଏହି ରୋଗର ଶୀକାର ହୋଇଥାନ୍ତି। ଗର୍ଭସଞ୍ଚାର ପରେ ମା’ର ସ୍ୱତନ୍ତ୍ର ଯତ୍ନର ଆବଶ୍ୟକତା ରହିଛି । ଗର୍ଭବତୀ ମହିଳା ସର୍ବଦା ପରିଷ୍କାର, ପରିଚ୍ଛନ୍ନ ରହିବା ଉଚିତ୍ । ସଂକ୍ରାମକ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଠାରୁ ସେ ଦୂରାଇ ରହିବା ଆବଶ୍ୟକ । କାରଣ ସଂକ୍ରାମକ ରୋଗ ଗର୍ଭବତୀ ମା’ କୁ ଆକ୍ରାନ୍ତ ହେଲେ ଗର୍ଭସ୍ଥ ଶିଶୁ ବିକଳାଙ୍ଗ ହେବାର ସଂଭାବନା ରହିଛି । ଶିଶୁ ମା’ ଗର୍ଭରେ ଥିବା ଅବସ୍ଥାରେ ମା’ ଯଦି ଧୂମପାନ ବା ନିଶାପାନ କରନ୍ତି ଏହା ଗର୍ଭସ୍ଥ ଶିଶୁକୁ ପ୍ରଭାବିତ କରି ବିକଳାଙ୍ଗ ମଧ୍ୟ କରିଥାଏ। ଗର୍ଭସ୍ଥ ଶିଶୁ ନିଜର ବିକାଶ ପାଇଁ ମା’ ଠାରୁ ସମସ୍ତ ପୋଷକ ପଦାର୍ଥ ଗ୍ରହଣ କରିଥାଏ । ତେଣୁ ଗର୍ଭଧାରଣ ସମୟରେ ମା’ ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ ଆବଶ୍ୟକ କରେ । ଗର୍ଭବତୀ ମା’ ଓ ଗର୍ଭସ୍ଥ ଶିଶୁର ଅଭିବୃଦ୍ଧି ପାଇଁ ଆବଶ୍ୟକୀୟ ପୁଷ୍ଟିସାର, ଶ୍ୱେତସାର, ଭିଟାମିନ୍ ଓ ଧାତବଲବଣ ଆବଶ୍ୟକ ହୁଏ । ତେଣୁ ଗର୍ଭବତୀ ମହିଳା ଡାଲି ଜାତୀୟ ଖାଦ୍ୟ, କ୍ଷୀର, ଦହି, ମାଛ, ମାଂସ, ଭାତ, ରୁଟି, ଘିଅ, ଲହୁଣି, ଶାଗ, ସଜନା ଛୁଇଁ, କଞ୍ଚା କଦଳୀ, ସବୁଜ ପରିବା ଖାଇବା ଉଚିତ୍। ଶରୀରରେ ଲୌହସାର ଠିକ୍ ରହିବାପାଇଁ ତଥା ଗର୍ଭାବସ୍ଥାରେ ରକ୍ତହୀନତା ନହେବାପାଇଁ ୧୦୦ଟି ଲୌହ ବଟିକା ୩ ମାସ ପାଇଁ ଗର୍ଭବତୀ ମହିଳା ବ୍ୟବହାର କରିବା ଉଚିତ୍।

ନି ରାପଦ ମାତୃତ୍ୱ ନିମନ୍ତେ ଗର୍ଭବତୀ ମହିଳା ଏବଂ ପରିବାରର ସଦସ୍ୟମାନେ ଅବଗତ ଓ ସଚେତନ ହେବା ଆବଶ୍ୟକ । ସୁସ୍ଥ, ଶିକ୍ଷିତା ଓ ସଚେତନ ମା’ ଟିଏ ହିଁ ସୁସ୍ଥ ଶିଶୁ ସୃଷ୍ଟି କରିବା ସହ ସମାଜର କର୍ଣ୍ଣଧାର ହୋଇପାରିବ । ଅନ୍ଧବିଶ୍ୱାସ, ସଚେତନତାର ଅଭାବ, ନିରକ୍ଷରତା, ଅଳ୍ପ ବୟସରେ ବିବାହ, ସାମାଜିକ ଓ ଆର୍ଥିକ ଅବସ୍ଥା, କମ୍ ବର୍ଷ ବ୍ୟବଧାନରେ ସନ୍ତାନ ପ୍ରସବ, ଶାରୀରିକ ତ୍ରୁଟି, ସୁଷମ ଓ ପୁଷ୍ଟିକର ଖାଦ୍ୟର ଅଭାବ, ସୁରକ୍ଷିତ

## ଲଣ୍ଡନରରେ ପ୍ରତିଷ୍ଠା ହେବ ଶାହାରୁଖ-କାଜୋଲଙ୍କ ଡିଡିଏଲଜେ ପ୍ରତିମୂର୍ତ୍ତି

ବଲିଉଡ ପ୍ରେମୀଙ୍କ ପାଇଁ ଖୁସି ଖବର। ଆଇକନିକ ଯୋଡ଼ି ଶାହାରୁଖ ଖାନ ଏବଂ କାଜୋଲଙ୍କ ଅଭିନୀତ ଚଳଚ୍ଚିତ୍ର ଦିଲଓ୍ୱାଲେ ଦୁଲହନିଆ ଲେ ଜାୟେଙ୍ଗେ (ଡିଡିଏଲଜେ) ଏକ ବିଶେଷ ସମ୍ମାନର ଅଧିକାର ହେବାକୁ ଯାଉଛି। ୧୯୯୫ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରର ୩୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଲଣ୍ଡନର ପ୍ରସିଦ୍ଧ ଲେଷ୍ଟର ସ୍କୋୟାରରେ ଏହି ଯୋଡ଼ିର ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଏହା ହେଉଛି ଲେଷ୍ଟର ସ୍କୋୟାରରେ ସ୍ଥାପିତ ହେବାକୁ ଯାଉଥିବା ପ୍ରଥମ ଭାରତୀୟ ଚଳଚ୍ଚିତ୍ର ପ୍ରତିମୂର୍ତ୍ତି, ଯାହା ଭାରତୀୟ ସିନେମା ପାଇଁ ଏକ ଗର୍ବର ମୁହୂର୍ତ୍ତ। ହାର୍ଟ ଅଫ୍ ଲଣ୍ଡନ ବିଜନେସ ଆଲାଏନ୍ସ ପକ୍ଷରୁ ଘୋଷଣା କରାଯାଇଛି ଯେ, ଏହି ପ୍ରତିମୂର୍ତ୍ତି ସିନ୍ସ ଇନ ଦି ସ୍କୋୟାର ମୁଭି ଟ୍ରେଲରେ ସାମିଲ ହେବ। ୨୦୨୫ ବସନ୍ତ ଋତୁରେ ଏହାର ଉନ୍ମୋଚନ ହେବ, ଯାହା ଚଳଚ୍ଚିତ୍ରଟିର ୩୦ତମ ବାର୍ଷିକୀ (ଅକ୍ଟୋବର ୨୦, ୨୦୨୫) ପୂର୍ବରୁ ଏକ ସ୍ମରଣୀୟ ଆରମ୍ଭ ହେବ। ଆଦିତ୍ୟ ଚୋପ୍ରାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ର ତାଙ୍କ ପ୍ରଥମ ନିର୍ଦ୍ଦେଶନା ଥିଲା ଏବଂ ଯଶ ରାଜ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା। ଡିଡିଏଲଜେର ଅନେକ ଦୃଶ୍ୟ ଆମେରିକ୍ରାରେ ଚିତ୍ରଣ କରାଯାଇଥିଲା, ଯେଉଥିରେ ଲେଷ୍ଟର ସ୍କୋୟାରରେ ଚିତ୍ରିତ ହୋଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟ ରହିଛି। ଏହି ଦୃଶ୍ୟରେ ରାଜ (ଶାହାରୁଖ ଖାନ) ଏବଂ ସିମରନ (କାଜୋଲ) ପ୍ରଥମେ ପରସ୍ପରକୁ ଦେଖନ୍ତି, ଯାହା ଚଳଚ୍ଚିତ୍ରର ଏକ ମନୋରମ ମୁହୂର୍ତ୍ତ ଭାବେ ପରିଗଣିତ ହୋଇଥାଏ। ପ୍ରତିମୂର୍ତ୍ତିଟି ଓଡିଅନ ସିନେମା ବାହାରେ ପୂର୍ବ ଟେରାସରେ ସ୍ଥାପିତ ହେବ। ହାର୍ଟ ଅଫ୍ ଲଣ୍ଡନ ବିଜନେସ ଆଲାଏନ୍ସର ଉପ-ମୁଖ୍ୟ କାର୍ଯ୍ୟନିର୍ବାହୀ ମାର୍କ ୱିଲିଆମ୍ସ କହିଛନ୍ତି, ‘ଡିଡିଏଲଜେ ହେଉଛି ଅନ୍ୟତମ ସଫଳ ବଲିଉଡ ଚଳଚ୍ଚିତ୍ର ଯାହା ଲେଷ୍ଟର ସ୍କୋୟାରକୁ ଏକ ପ୍ରମୁଖ ସ୍ଥାନ ଭାବେ ଚିତ୍ରଣ କରିଥିବା ପ୍ରଥମ ଚଳଚ୍ଚିତ୍ର। ଏହି ପ୍ରତିମୂର୍ତ୍ତି ବଲିଉଡର ବିଶ୍ୱବ୍ୟାପୀ ପ୍ରଭାବ ଏବଂ ଲଣ୍ଡନର ବିବିଧତାକୁ ସମ୍ମାନ ଦେଇଥାଏ। ଯାହା ସାରା ବିଶ୍ୱରୁ ପ୍ରଶଂସକମାନଙ୍କୁ ଆକର୍ଷିତ କରିବ।‘ ଏହି ଚଳଚ୍ଚିତ୍ର ଦୁଇ ଅଣ-ନିବାସୀ ଭାରତୀୟ ଯୁବକ-ଯୁବତୀଙ୍କ ପ୍ରେମ କାହାଣୀକୁ ଚିତ୍ରିତ କରେ, ଯେଉଁମାନେ ଇଉରୋପ ଭ୍ରମଣ ସମୟରେ ପରସ୍ପର ସହ ପ୍ରେମରେ ପଡ଼ିଥାନ୍ତି। ବର୍ଷ ବର୍ଷ ଧରି ଏହି ଚଳଚ୍ଚିତ୍ର ଏକ ସାଂସ୍କୃତିକ ପରିଘଟଣା ହୋଇ ରହିଛି। ଏହାର ଏକ ନୂଆ ମ୍ୟୁଜିକାଲ କମ୍ ଫଲ୍ ଇନ ଲଭ୍ ୨୦୨୫ ମେ’ ୨୯ରେ ମାଞ୍ଚେଷ୍ଟର ଓପେରା ହାଉସରେ ପ୍ରିମିୟର ହେବ। ଏହି ପ୍ରତିମୂର୍ତ୍ତି ସ୍ଥାପନ ବଲିଉଡର ଆନ୍ତର୍ଜାତୀୟ ପ୍ରସିଦ୍ଧି ଏବଂ ସାଂସ୍କୃତିକ ସଂଯୋଗର ଏକ ପ୍ରତୀକ ହେବ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ Chief Editor: Pradosh Pattanaik



କେନ୍ଦୁଝର, (ଭାସ୍କର ନ୍ୟୁଜ): ଚଳିତ ବର୍ଷ ସିଟିଜି କଲେଜ ଅଫ ନର୍ସିଂଗ ଓ ମେଡିକାଲ ସାଇନ୍ସକୁ ବିଏସସି ନର୍ସିଂଗ ଓ ଜିଏନଏମ ନର୍ସିଂଗ ପାଇଁ ଡ଼ିଏମଇଟି ଓଡିଶା ସରକାର ପକ୍ଷରୁ ଅନୁମତି ମିଳିଛି। ଶିକ୍ଷା ସହ ଭେଷଜ ଶିକ୍ଷାକୁ ଆଗକୁ ନେବା ପାଇଁ ରୋଟାରିଆନ ଡ ରାଜେନ୍ଦ୍ର ପଲେଇଙ୍କ ଯେଉଁ ସ୍ୱପ୍ନ ଥିଲା ତାହା ଆଜି ପରିପୂରଣ ହୋଇଛି। ଉକ୍ତ ବିଷୟବସ୍ତୁରେ ପିଲାମାନଙ୍କୁ ପାଠ ପଢାଇ ତାଙ୍କର କ୍ୟାରିଅର ସହ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ଆଶା ଓ ବିଶ୍ୱାସ ଜଣାଇଛନ୍ତି। ଏହି ନ୍ୟୁଜ୍ ଶୁଣିବା ପରେ ସିଟିଜିରେ ଖୁସିର ଲହରୀ ଖେଳିଉଠିଛି। ଏହାର ଶ୍ରେୟ ରୋଟାରିଆନ ଡ ରାଜେନ୍ଦ୍ର ପଲେଇ କେନ୍ଦୁଝରବାସୀ, ସିଟିଜିର ସମସ୍ତ କର୍ମକର୍ତ୍ତା ଓ ଅଭିଭାବକମାନଙ୍କୁ ଦେଇଛନ୍ତି। ଏହା ସହ ଓଡ଼ିଶା ସରକାରଙ୍କୁ ମଧ ଧନ୍ୟବାଦ ଜଣାଇଛନ୍ତି। ବିଗତ ଦିନରେ ଶିକ୍ଷା କ୍ଷେତ୍ରରେ ସିଟିଜି ଯେପରି ମାଇଲି ଖୁଣ୍ଟ ପରି ରହିଆସିଛି ସେହିପରି ହେଲ୍ଥ ଏଜୁକେସନ୍‌ରେ ମଧ ମାଇଲଖୁଣ୍ଟ ଭଳି ଠିଆ ହୋଇ ରହିବ ବୋଲି ଆଶା ଓ ବିଶ୍ୱାସ ଜଣାଇଛନ୍ତି।

## ନନ୍ଦାହାଣ୍ଡି ବ୍ଲକ ଗସ୍ତ କଲେ ସାଂସଦ

ନନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଇଂ. ସାଂସଦ ବଳଭଦ୍ର ମାଝୀ ଗୁରୁବାର ଅଚାନକ ପରିଦର୍ଶନ କରିଥିଲେ। ବ୍ଲକ କାର୍ଯ୍ୟାଳୟ ଅନ୍ତର୍ଗତ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ନେଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଶେଷ ଭାବେ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତୋଦୟ ଗୃହ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ



ଆବାସ ନିମନ୍ତେ ସର୍ଭେ କାର୍ଯ୍ୟ ଯଥାଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଭାରପ୍ରାପ୍ତ ବିଡ଼ିଓ ସୁନୀଲ ଖୁରା ସମେତ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ କହଁର, ସାଂସଦ ପ୍ରତିନିଧି ଜାନକୀକାନ୍ତ ବିଷୋୟୀ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରସନ୍ନ ବିଷୋୟୀ ଓ ମନରେଗା, ପାନୀୟ ଜଳ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଥିଲେ।

## ବେଆଇନ ବାଲି ଚାଲାଣରେ ସମ୍ପୃକ୍ତ ଜେସିବି ଜବତ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଦାନପୁର ପଂଚାୟତ ଅନ୍ତର୍ଗତ ଲୁଣାନଦୀର ଗହଗା ଘାଟରୁ ଚୋରାରେ ବାଲି ଚାଲାଣ ହେଉଥିବା ଖବର ପାଇ ଗତକାଲି ରାତିରେ ପୋଲିସ ପ୍ରଶାସନ ଚଢ଼ାଉ କରିବା ସହିତ ଏକ ଜେସିବି ମେସିନ୍‌କୁ ଜବତ କରିଥିବା ଜଣାଯାଇଛି। ଗତ କିଛିମାସ ହେଲା ଲଘୁ ଖଣିଜ, ଜିଲ୍ଲା ପଶାସନ ଓ ପୋଲିସ ପ୍ରଶାସନ ନିଲାମ ହୋଇ ନଥିବା ବାଲିଘାଟରୁ ବାଲି ଚାଲାଣ ରୋକିବା, ବାଲି ଉଠାଣ ପାଇଁ ଦିନର ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟକୁ କଡ଼ାକଡ଼ି ପାଳନ କରିବା ପାଇଁ ତତ୍ପର ହୋଇପଡ଼ିଛନ୍ତି । ଗତକାଲି ରାତିରେ ନିଲାମ ହୋଇ ନଥିବା ଗହଗା ଘାଟରୁ ଚୋରାରେ ବାଲି ଚାଲାଣ ହେଉଥିବା ଖବର ପାଇ କେନ୍ଦ୍ରାପଡ଼ା ସଦର ଥାନା ଓ ଚାନ୍ଦୋଳ ଫାଣ୍ଡିର ମିଳିତ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ବାଲି ଚାଲାଣରେ ବ୍ୟବହାର ହେଉଥିବା ଏକ ଜେସିବିକୁ ପୋଲିସ ଚାନ୍ଦୋଳ ଫାଣ୍ଡିକୁ ଆଣିଥିବା ନେଇ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ସୂଚନା ଦେଇଛନ୍ତି।

## ମଣିନାଥପୁର ନଦୀକୂଳ ଶ୍ମଶାନରୁ ପୁଣି ଶବ ଚୋରି

# କ୍ରମାଗତ ଶବ ଗାଏବ ଘଟଣାର ତଦନ୍ତ ଦାବି





ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଣିନାଥପୁର ବୈତରଣୀ କୂଳ ଥିବା ଗ୍ରାମ ଶ୍ମଶାନରୁ ଗତ ବୁଧବାର ରାତ୍ରରେ ଶବ ଚୋରି ହୋଇଥିବା ଜଣାଯାଇଛି। ଗତ ୧ ତାରିଖରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ଗ୍ରାମର ରୁକ୍ମଣୀ ସାମଲଙ୍କ ଗୁରୁବାର ଦଶାହ ପାଳନ ପାଇଁ ମୁଖାଗ୍ନି ଦେଇଥିବା ପୁତ୍ର ଶବପୋତା ସ୍ଥାନକୁ ଆସି ଗାତ ଖୋଳାଯାଇ ଓ ଶବ ଚୋରି ହୋଇଥିବା ଦେଖିଥିଲେ। ସେଠାରେ ପାଣି ଓ ମଦ ବୋତଲ ପଡିଥିବା ପ୍ରାୟ ୨ଶହ ମିଟର ଘୋଷରା ଯାଇଥିବା ସ୍ଥାନରେ ପଚାମାଂସ ଓ ଅନ୍ତଃବସ୍ତ୍ର ପଡିଥିବା ଦେଖିଥିଲେ। ମୃତକଙ୍କ ସ୍ୱାମୀ ଶ୍ରୀମନ୍ତ ଥାନାରେ ଏଥିନେଇ ଅଭିଯୋଗ କରିଥିବା ଜଣାଯାଇଛି। ଗ୍ରାମ ଶ୍ମଶାନରୁ ଶବ ଚୋରି ହେବା ନୂଆ ନୁହେଁ। ଗତ ୨୦୨୩ ମସିହା ଜୁନ ୨୩ତାରିଖ ରାତ୍ରରେ ଏକକାଳୀନ ୩ ଶବ ଗାଏବ ହୋଇଯାଇଥିବା ନେଇ ଗ୍ରାମବାସୀମାନେ ଥାନାରେ ଅଭିଯୋଗ କରିଥିଲେ। ସଦ୍ୟ ସଂସ୍କାର ହୋଇଥିବା ୩ ଟି ଗାତରୁ ପୋତାଯାଇଥିବା ଶବ ନଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ତତ୍କାଳୀନ ଜିଲ୍ଲା ପୋଲିସ ଅଧିକ୍ଷକ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେବା ପରେ ପୋଲିସ ଉପଖଣ୍ଡ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଗତ ୨୦୨୩ ମସିହା ଅପ୍ରେଲ ୨୪ ତାରିଖରେ ମୃତ୍ୟୁବରଣ କରିଥିବା ଗ୍ରାମର ଶ୍ରୀକାନ୍ତ ବେହେରା, ୩ ତାରିଖରେ ମୃତ୍ୟୁବରଣ କରିଥିବା ଅକ୍ଷୟ ବେହେରା ଓ ଅନନ୍ତ ନାଥଙ୍କ ଶବ ନଥିବା ଚିହ୍ନଟ ହୋଇଥିଲା। ଖୋଳାଯାଇଥିବା ୩ ଟି ଗାତ ନିକଟରୁ ସଂସ୍କାର ସମୟରେ ଶବର ପିନ୍ଧାବସ୍ତ୍ର ପଡିଥିଲା। ଏହାର ୨୨ ଦିନ ପୂର୍ବେ ମୃତ୍ୟୁବରଣ କରିଥିବା ଗ୍ରାମର ଅକ୍ଷୟ ଓ ଅନନ୍ତଙ୍କ ସଢାମାଂସ କଢାଯାଇ ପଡିଥିଲା। ଏଥିନେଇ ଗ୍ରାମରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଥିପୂର୍ବରୁ ୨୦୧୬ ମସିହାରେ ଶବ ଚୋରି ହୋଇଥିବା ସମ୍ପର୍କରେ ଗ୍ରାମବାସୀମାନେ ପ୍ରଥମେ ଅବଗତ ହୋଇଥିଲେ। ନଦୀର ବାଲି ଖାଲରେ ବୁଡ଼ିଯାଇ ପ୍ରାଣ ହରାଇଥିବା ଶିଶୁର ଶବ ପୋତାଯିବାର ଦୁଇମାସ ପରେ ଖୋଳି ନିଆଯାଇଥିଲା। ସେହିବର୍ଷ ଗ୍ରାମବାସୀ ଅନାମ ବେହେରାଙ୍କ ଶବ ପୋତାଗାତରୁ ଖୋଳି ନିଆଯାଇଥିଲା। ଗ୍ରାମର ବୈତରଣୀ ନଦୀ ପଠାରେ ଥିବା ସ୍ୱର୍ଗଦ୍ୱାର ଶ୍ମଶାନରେ ମୃତ୍ୟୁ ପରେ ସଂସ୍କାର କରାଯାଇ ଶବକୁ ପୋତି ଦିଆଯାଇଥାଏ। ୨୦୧୭ ମସିହାରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବସନ୍ତ ଦାସ ଓ ରାଜ୍ୟପାଳ ପୁରସ୍କୃତ ପ୍ରଧାନଶିକ୍ଷକ ବାସୁଦେବ ଦାସଙ୍କ ଶବକୁ ମଧ ଖୋଳି ନିଆଯାଇଥିବା ଜଣାପଡ଼ିଥିଲା। ୨୦୧୬ ଓ ୨୦୧୭ ବର୍ଷରେ ସଂସ୍କାର ପରେ ପୋତାଯାଇଥିବା ପ୍ରାୟ ଚାରିଟି ଶବ ଖୋଳି ନିଆଯାଇଥିବା ଗ୍ରାମବାସୀମାନେ ଚିହ୍ନଟ କରିଥିଲେ। ଏହା ଗୁଣିଗାରେଡି ଅଥବା ବିଜ୍ଞାନ ପରୀକ୍ଷାଗାର କିମ୍ବା ଡାକ୍ତରୀ ଶିକ୍ଷା ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଚୋରି କରାଯାଇ ଥାଇପାରେ ବୋଲି ଗ୍ରାମବାସୀମାନେ ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ବ୍ୟକ୍ତିବିଶେଷ ଏହି ଘଟଣାରେ ସଂପୃକ୍ତ ଥିବା ଓ ନିର୍ଦ୍ଦିଷ୍ଟ ସୂଚନା ଦେଇ ଶବ ଚୋରିରେ ସାମିଲ ଅଛନ୍ତି ବୋଲି ସନ୍ଦେହ କରାଯାଉଛି। ଏଭଳି କୁତ୍ସିତ ଚୋରିକୁ ରୋକା ଯିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ଏଥିନେଇ ଥାନାରେ ହେଉଥିବା ଅଭିଯୋଗ ପ୍ରତି ପୋଲିସ ଗୁରୁତ୍ୱ ଦେଇନାହାଁନ୍ତି।

# ଦୁଇ କନଷ୍ଟେବଲଙ୍କୁ ଛୁରୀ ଭୁସି ଆକ୍ରମଣ



କୋଇଡା, (ଭାସ୍କର ନ୍ୟୁଜ୍): କୋଇଡା ବ୍ଲକ୍ ଟେନସା ଫାଣ୍ଡି ଅନ୍ତର୍ଗତ ଟେନସା ସି ବ୍ଲକ୍ ଠାରେ ଗତ ମଙ୍ଗଳବାର ରାତି ୧୧ଟା ସମୟରେ ଦୁଇ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲେ। ଏହାକୁ ଖବରପାଇ ଟେନସା ଫାଣ୍ଡିରୁ ଦୁଇଜଣ କନେଷ୍ଟବଳ ପୃଥିରାଜ ପରିଡ଼ା, ରାଉତରାୟ ସ୍ଥିତି ସମାଧାନ ପାଇଁ ଘଟଣା ସ୍ଥଳରେ ପହଞ୍ଚିଥିଲେ। ହେଲେ ସେଠାରେ ପରିବାରଙ୍କ ହାତରୁ ଟାଙ୍ଗିଆ ଛଡାଉଥିବା ବେଳେ ମାଙ୍ଗରା ମୁଣ୍ଡା ଏକ ଧାରୁଆ ଛୁରୀ ଆଣି ଦୁଇ କନଷ୍ଟେବଲଙ୍କୁ ଭୁଷିଦେଇ ଆକ୍ରମଣ କରିଥିଲେ। ଫାଣ୍ଡି ଅଧିକାରୀ ପହଞ୍ଚି କନଷ୍ଟେବଲମାନଙ୍କୁ ପ୍ରଥମେ ଟେନସା ହସ୍ପିଟାଲ ଚିକିତ୍ସା ନିମନ୍ତେ ଆଣିଥିଲେ। କନେଷ୍ଟବଳ ପୃଥିରାଜ ପରିଡ଼ାଙ୍କ ଅବସ୍ଥା ଗୁରୁତର ହେବାରୁ ରାଉରକେଲା ସ୍ଥାନାନ୍ତର କରିଥିଲେ। ଅନ୍ୟ କନେଷ୍ଟବଳ ଜିତେନ୍ଦ୍ର ରାଉତରାୟ ସାମାନ୍ୟ ଆହତ ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା କରି ଡାକ୍ତର ଛାଡିଥିଲେ। ଘଟଣା ସ୍ଥଳରେ ଲହୁଣୀପଡ଼ା ପୋଲିସ୍ ପହଞ୍ଚି ତଦନ୍ତ ଆରମ୍ଭ ହୋଇଥିଲା। ଏବଂ ମାଙ୍ଗରା ମୁଣ୍ଡା ପରିବାଙ୍କୁ ଟେନସା ଫାଣ୍ଡିରେ ଅଟକ ରଖାଯାଇଥିଲା। ଗୁରୁବାର ସକାଳୁ ପୋଲିସ ଖବର ପାଇଁ ମାଙ୍ଗରା ମୁଣ୍ଡାକୁ ଜିରୋ ପଏଣ୍ଟରୁ କାବୁ କରିବା ସହ କୋର୍ଟ ଚାଲାଣ କରାଯାଇଛି।

## ଗୋରୁ ବୋଝେଇ ଗାଡ଼ି ଜବତ, ୩ ଅଟକ, ୬ ଗୋରୁ ଉଦ୍ଧାର

ତିହିଡି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କୁବେରା ପଞ୍ଚାୟତ ମନ୍ଦାରମାଳ ଗ୍ରାମ ନିକଟରୁ ବୁଧବାର ବିଳମ୍ବିତ ରାତିରେ ଏକ ଗୋରୁ ବୋଝଇ ଗାଡ଼ିକୁ ପୋଲିସ ଜବତ କରିଥିବା ସହିତ ୩ଜଣଙ୍କୁ ଅଟକ ରଖି ପଚରା ଉଚୁରା କରୁଛି। ଗୋରୁଗାଡ଼ିରୁ ୬ଟି ଗୋରୁ ପୋଲିସ ଉଦ୍ଧାର କରି ଅସୁରାଳି ସ୍ଥିତ ଗୋଶାଳାରେ ଛଡ଼ିଥିବା ଜଣାପଡ଼ିଛି। ପୁଲିସ ଏ ସମ୍ପକରେ ୧୩୯/୨୫ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ବୁଧବାର ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ ଗାଡ଼ି କୁବେରା ମନ୍ଦରାମାଳ ଦେଇ ଭଦ୍ରକ ଅଭିମୁଖେ ଯାଉଥିଲା। ସ୍ଥାନୀୟ ଅଞ୍ଚଳବାସୀ ଗୋରୁଗାଡ଼ିକୁ ଅଟକାଇ ପୁଲିସକୁ ଖବର ଦେଇଥିଲେ। ଖବର ପାଇବା ପରେ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଗୋରୁ ଗାଡ଼ିଟିକୁ ଜବତ କରିଥିଲେ।

# ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଓଡ଼ିଆ ପକ୍ଷ-୨୦୨୫ ପାଳନ ଅବସରରେ ଦଶମ ଦିନ ଅର୍ଥାତ ଏପ୍ରିଲ ୧୦ ତାରିଖକୁ ଲୋକକଳା ପାଇଁ ଦିନଟିଏ ଭାବରେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମାଲକାନଗିରି ଜିଲ୍ଲାର କଳାଗ୍ରାମ ବୀରଲକ୍ଷ୍ମଣପୁର ଠାରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ଏହି ଅବସରରେ କହିଛନ୍ତି ଯେ ଏହି ଦିନ ଆମ ବିସ୍ମୃତ ଲୋକକଳାକୁ ପୁନଃ ବିଶ୍ୱ ବିଦିତ କରିବା ପାଇଁ ସଚେତନତା ସୃଷ୍ଟି କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ଓଡ଼ିଶାର ଲୋକକଳା ଏବଂ ଲୋକସଂସ୍କୃତିକୁ ବଜାୟ ରଖିବା ପାଇଁ ଆଜିର ଦିନଟିକୁ ଲୋକକଳା ପାଇଁ ଦିନଟିଏ ଭାବରେ ପାଳନ କରାଯାଉଛି। ସମସ୍ତେ ଏକତ୍ରିତ ହୋଇ ଆମ ପରମ୍ପରା, ଆମ ସଂସ୍କୃତି ଓ ଆମ ଲୋକକଳା ପାଇଁ ଏହି ଦିନଟିକୁ ଉତ୍ସର୍ଗ କରିବା ଉଚିତ୍ ବୋଲି ଉପଜିଲ୍ଲାପାଳ ଭୋଇ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ପାରମ୍ପରିକ ବାଦ୍ୟ ଯନ୍ତ୍ର ବଜାଇ କଳାକାରମାନେ ଲୋକ ନୃତ୍ୟ ଡେମସା ପରିବେଷଣ କରିଥିଲେ। ଜିଲ୍ଲାର ବରିଷ୍ଠ ଲୋକ କଳାକାରଙ୍କୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏଠାରେ ସମ୍ବର୍ଦ୍ଧନା କରାଯାଇଛି। ରାଜ୍ୟ ସରକାରଙ୍କ ଏହି ଅଭିନବ ପଦକ୍ଷେପ କଳାକାରମାନଙ୍କୁ ଉତ୍ସାହିତ କରିବା ସହ କଳାର ପ୍ରଚାରପ୍ରସାର ପାଇଁ ଅଧିକ ପ୍ରେରଣା ଯୋଗାଇଛି ବୋଲି ବରିଷ୍ଠ କଳାକାରମାନେ ମତ ରଖିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ ନାରାୟଣ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ବ୍ଲକ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସୁଭାଷିନୀ ମଲ୍ଲିକ, ବରିଷ୍ଠ କଳାକାର ଅନାଦି କୋଡା, ଘେନୁ ମୁଦୁଲି, ଧନୁର୍ଯ୍ୟୟ ହନ୍ତାଳଙ୍କ ସମେତ ସନତ ସରକାର ଓ ସନ୍ତୋଷ ବିଶ୍ୱାସ ଉପସ୍ଥିତ ଥିଲେ।

## ପକ୍ଷୀଙ୍କ ପାଇଁ କୁଡୁଆରେ ପାଣି

# ୟୁଥ୍ ଓଡ଼ିଶା ଫାଉଣ୍ଡେସନର ଅଭିନବ ପ୍ରୟାସକୁ ପ୍ରଶଂସା



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପ୍ରଚଣ୍ଡ ଖରା, ଶୁନସାନ ରାସ୍ତା। ଗାଁରୁ ସହର ସବୁଠି ଖରାର ଅଘୋଷିତ ତାତି। ଶୁଖୁଛି ମାଟି, ଶୁଖୁଛି ତଣ୍ଟି। ପଦାକୁ ବାହାରିବାକୁ ପାଦ ପଛ ଘୁଞ୍ଚା ଦେଉଛି। ଘରୁ ଗୋଡ଼ କାଢ଼ିଲେ ଦେହ ସିଜିଯାଉଛି, ମୁହଁ ପୋଡିଯାଉଛି। ତାତିର ଦାଉରେ ଆକ୍ତାମାକ୍ତା ଜନଜୀବନ। ପ୍ରଖର ଗ୍ରୀଷ୍ମ ପ୍ରଭାବରୁ ମୁକ୍ତି ପାଇଁ କେତେ ପନ୍ଥା ଆପଣାଉଛି ମଣିଷ। ବାଟଘାଟରେ ଜଳଛତ୍ର। ଛକ ଛକରେ ବିଶ୍ରାମସ୍ଥଳୀ। ମଣିଷ ମନ ବୁଝିବାକୁ ସଭିଏଁ ଅଛନ୍ତି, ଆତ୍ମୀୟଙ୍କ ଠାରୁ ସରକାର ପର୍ଯ୍ୟନ୍ତ। ହେଲେ କେବେ ଭାବିଛନ୍ତି ଆପଣଙ୍କ ଅଗଣାକୁ ଆସି ଚାହିଁ ରହୁଥିବା ପକ୍ଷୀଙ୍କ କଥା। ସେମାନଙ୍କୁ ମଧ ଶୋଷ ହେଉଛି, ସେମାନେ ମଧ ଛାଇ ଖୋଜୁଛନ୍ତି, ତତଲା ପାଗରେ ତ୍ରାହିତ୍ରାହି ଡାକୁଛନ୍ତି ପକ୍ଷୀମାନେ। ଗରମ ସାଙ୍ଗକୁ କେତେକ ସ୍ଥାନରେ ଦେଖାଦେଲାଣି ଜଳସଙ୍କଟ, ଯେଉଁଠି ମଣିଷ ପାଣି ମୁନ୍ଦାଏ ପାଇଁ ସଂଘର୍ଷ କରୁଛି ସେଠି ପକ୍ଷୀମାନଙ୍କ କଥା ପଚାରେ କିଏ ? ଏଭଳି ସ୍ଥିତିରେ କଥା କହିପାରୁ ନଥିବା ପକ୍ଷୀଙ୍କ ପାଇଁ ଅଣ୍ଟା ଭିଡିଛନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ୟୁଥ୍ ଓଡ଼ିଶା ଫାଉଣ୍ଡେସନର ଯୁବପିଢ଼ି। ଅସ୍ତରଙ୍ଗ ଅଞ୍ଚଳର ଚକରପଡା, ମାଣ୍ଡୁକି ଓ ବରଡ଼ି ଅଞ୍ଚଳ ଯୁବକମାନେ ମିଶି ପକ୍ଷୀମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଜଳଛତ୍ରର ବ୍ୟବସ୍ଥା କରିଛନ୍ତି। ମାଟି କୁଡୁଆରେ ପାଣି ରଖି ପାଖାପାଖି ଏକଶହରୁ ଉର୍ଦ୍ଧ୍ୱ ଗଛରେ ଟାଙ୍ଗୀଛନ୍ତି।ସବୁ ଜିମା ହ୍ରାସ ପାଇବା ସାଙ୍ଗକୁ ଗ୍ରାମାଞ୍ଚଳ ମାନଙ୍କରେ ଜୈବବିବିଧତା କମିବାରେ ଲାଗିଛି, ସେଥିପାଇଁ ଯୁବପୀଢ଼ି ବୃକ୍ଷରୋପଣ ମଧ କରିଛନ୍ତି। ଯାହାକି ନିରୀହ ଗଛ ଲତା କମିବାରୁ ନିରୀହ ପକ୍ଷୀଙ୍କ ଉପରେ ପ୍ରଭାବ ପକାଇଛି। ଏଭଳି ସମୟରେ ସ୍ୱେଚ୍ଛାକୃତ ଭାବେ ପକ୍ଷୀଙ୍କ ପାଇଁ ଅଣ୍ଟା ଭିଡ଼ିଛନ୍ତି ଯୁବଗୋଷ୍ଠୀ ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ୟୁଥ୍ ଓଡ଼ିଶା ଫାଉଣ୍ଡେସନର ଯୁବକମାନଙ୍କ ମଧ୍ୟରେ ପିଙ୍କନ ପରିଡା, ବିନୋଦ ସେଠୀ, ଚିତରଞ୍ଜନ ନାୟକ, ଅନନ୍ତ ଦାସ, ଗୋଲେଖ କାଣ୍ଡି, ଆଶୁତୋଷ ନାୟକ, ରାଜେଶ ନାୟକ, ଦିବାକର ପ୍ରଧାନ, କେଦାର ଜେନା ଓ ସ୍ୱସ୍ତି ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପକ୍ଷୀଙ୍କ ପାଇଁ ନିଜ ଘର ଆଗରେ ଥିବା ଗଛରେ ପାଣି କୁଡୁଆଟିଏ ବାନ୍ଧିବାକୁ ସମସ୍ତଙ୍କୁ ନିବେଦିନ କରିଛନ୍ତି ଯୁବଗୋଷ୍ଠୀ।

# ଗଞ୍ଜାମ ଜିଲ୍ଲା ଲୋକକଳାର ଗନ୍ତାଘର - ଖଲ୍ଲିକୋଟ ବିଧାୟକ



ଛତ୍ରପୁର, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକକଳା ପାଇଁ ଦିନଟିଏ, ବରିଷ୍ଠ କଳାକାରମାନଙ୍କୁ ସମ୍ବର୍ଦ୍ଧନା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରୁ ଏକ କଳାକାର ଶୋଭାଯାତ୍ରା ବାହାରି ଛତ୍ରପୁର ସହର ପରିକ୍ରମା ପୂର୍ବକ ଜିଲ୍ଲା ସଂସ୍କୃତି ଭବନ ପରିସରରେ ପହଞ୍ଚିଥିଲା। ଶୋଭାଯାତ୍ରାଟି ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ଜିଲ୍ଲାର ବରିଷ୍ଠ କଳାକାର ପ୍ରମୁଖ ଯୋଗଦାନ କରିଥିଲେ। ଶୋଭାଯାତ୍ରା ପରେ ଜିଲ୍ଲା ସଂସ୍କୃତି ଭବନ ପରିସରରେ କଳାକାର ସମ୍ମିଳନୀ ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ବିଶିଷ୍ଟ ଲୋକକଳା ଗବେଷକ ଡଃ ବାୟା ମାନୁ ଚର୍ଚ୍ଚି, ଜିଲ୍ଲା କଳା ସାଂସ୍କୃତିକ ସଂଘର ଉପ ସଭାପତି ସନ୍ତୋଷ କୁମାର ପାଢୀ, ସ୍ତମ୍ଭକାର ପ୍ରଫେସର୍ ଭି. ରାଜେନ୍ଦ୍ର ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମଟିକୁ ଜିଲ୍ଲା ସଂସ୍କୃତି ପରିଷଦ ସଦସ୍ୟ ଅରୁଣ କୁମାର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ବିଧାୟକ ଖଲ୍ଲିକୋଟ ପୂର୍ଣ୍ଣଚନ୍ଦ୍ର ସେଠୀ ନିଜ ବକ୍ତବ୍ୟରେ ଅବଗତ କରାଇଥିଲେ ଯେ, ଗଞ୍ଜାମ ଜିଲ୍ଲାର ଲୋକକଳା ଅତି ପୁରାତନ, ଗଞ୍ଜାମ ଜିଲ୍ଲା ଲୋକକଳାର ଗନ୍ତା ଘର। ଏହି କଳାର ଐତିହ୍ୟ ବଜାୟ ରଖିବା ସକାଶେ ସରକାରଙ୍କ ପ୍ରୟାସ ଜାରି ରହିଥିବା ମତ ଦେଇଥିଲେ। ଆଲୋଚନାର ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଲୋକକଳା ଗବେଷକ ଡ. ବାୟାମନୁ ଚର୍ଚ୍ଚି ନିଜ ବକ୍ତବ୍ୟରେ ଜଣାଇଥିଲେ ଯେ, ଗଞ୍ଜାମ ଜିଲ୍ଲାରେ ୬୭ ପ୍ରକାର ଲୀଳା ନାଟ୍ୟ, ନାଟକ, ନାଟ, ନାଚ ଓ ନୃତ୍ୟ ରହିଛି। ଏହା ସମଗ୍ର ବିଶ୍ୱରେ ବିରଳ ଦୃଷ୍ଟାନ୍ତ। ଗଞ୍ଜାମର ରଣପା ନାଚ, ବାଘ ନାଚ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ଭାରତ ଲୀଳା ଭାରତ ବାହାରେ ଅଭିନୀତ ହୋଇଥିବା ପ୍ରଥମ ଲୋକନାଟକ ବୋଲି ଦୃଢୋକ୍ତିର ସହିତ ଜଣାଇଥିଲେ। ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ଜଣାଇଥିଲେ ଯେ, ଲୋକକଳାର ପେଣ୍ଠସ୍ଥଳ ଗଞ୍ଜାମ ଜିଲ୍ଲା। ଏହି ଜିଲ୍ଲାର ଆଦର ଲୋକକଳାର ଆଦର ଅନ୍ୟତ୍ର ବିରଳ। ଏହି ଅବସରରେ ଗଞ୍ଜାମ ଜିଲ୍ଲାର ୨୨ ଗୋଟି ବ୍ଲକ୍‌ର ୪୪ ଜଣ ବରିଷ୍ଠ ଲୋକକଳା ଗୁରୁ ଓ ଲୋକକଳା କଳାକାର ମାନଙ୍କୁ ସମ୍ମାନୀତ କରାଯାଇଥିଲା। ବ୍ଲକ୍ କଳା ସାଂସ୍କୃତିକ ସଂଘର ସମସ୍ତ ବ୍ଲକ୍‌ର ଉପ ସଭାପତି ମାନଙ୍କୁ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଗଞ୍ଜାମ ଜିଲ୍ଲା ଲୋକକଳାର କ୍ଷେତ୍ର ହୋଇଥିବା ହେତୁ ଲୋକକଳାକୁ ଚିରସ୍ଥାୟୀ କରିବା ନିମନ୍ତେ ଯୁବପିଢୀଙ୍କୁ ଏଥିରେ ପ୍ରୋତ୍ସାହନ ଦେବାକୁ ଆଲୋଚନାରେ ମତ ପ୍ରକାଶ ପାଇଥିଲା। ତତ୍ ସହିତ ଗଞ୍ଜାମ ଜିଲ୍ଲାରେ ଲୋକ ନାଟକ ଏକାଡେମୀ ପ୍ରତିଷ୍ଠା ସକାଶେ ସମସ୍ତ କଳାକାର, ଗବେଷକ ଏବଂ ଅତିଥିଗଣ ମତ ଦେଇଥିଲେ। ଓଡ଼ିଶା ନାଟକ ସମାରୋହ ସମିତି ସଭାପତି ଅନୀଲ୍ କୁମାର ପାତ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଭଞ୍ଜନଗର ଲୋକକଳା ଉପ ସଭାପତି ଜଗଦୀଶ ପାଣିହଗ୍ରାହୀ, ଖଲ୍ଲିକୋଟ ଲୋକକଳା ଉପ ସଭାପତି ମହେଶ୍ୱର ବରାଡ, କବି ସୂର୍ଯ୍ୟନଗର କଳା ସଂଘ ଉପସଭାପତି ରଙ୍କନିଧି ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଞ୍ଚରେ ବାଡି ଆଖଡା, ଭାରତ ଲୀଳା, ଘଣ୍ଟ ମୃଦଙ୍ଗ ଓ ସଂକୀର୍ତ୍ତନ ପରିବେଷଣ ହୋଇଥିଲା।

# ମନଜ୍ୟୋତ ପ୍ଲେ ସ୍କୁଲର ତ୍ରୟୋଦଶ ବାର୍ଷିକ ଉତ୍ସବ




ଭୁବେନଶ୍ୱର, (ଭାସ୍କର ନ୍ୟୁଜ୍): କୁନି କୁନି ପିଲାମାନଙ୍କ ମାନସିକ ଓ ବୌଦ୍ଧିକ ବିକାଶ କ୍ଷେତ୍ରରେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟରତ ଅଗ୍ରଣୀ ମନଜ୍ୟୋତ ପ୍ଲେ ସ୍କୁଲର ତ୍ରୟୋଦଶ ବାର୍ଷିକ ଉତ୍ସବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟର ସମାହିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଶୁଭଦୀପା ମହାନ୍ତିଙ୍କ ପୌରୋହିତ୍ୟରେ ଅୟୋଜିତ ଏହି ବର୍ଣ୍ଣାଢ଼୍ୟ ଉତ୍ସବରେ ବରିଷ୍ଠ ଶିଶୁ କ୍ୟାନସର ରୋଗ ବିଶେଷଜ୍ଞ ଡ. ପଲାଶ ଦାଶ, ୬ନଂ ଓ୍ୱାର୍ଡର କର୍ପୋରେଟର ପ୍ରିତୀନନ୍ଦା ରାଉତରାୟ, ୭ନଂ ଓ୍ୱାର୍ଡର କର୍ପୋରେଟର ଯଶୋଧାରା ପ୍ରଧାନ, ଡି.ଏ.ଭି ପବ୍ଲିକ ସ୍କୁଲର ବରିଷ୍ଠ ଶିକ୍ଷକ ତଥା ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରୀ ବିହାର ଯୁବ ଓ ସାଂସ୍କୃତିକ ସଂଘର ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ବିଭିନ୍ନ କ୍ୟାନସର ରୋଗର ଉପଶମ ଉପେର କାର୍ଯ୍ୟରତ କ୍ରିୟା ଫାଉଣ୍ଡସନ୍‌ର ସାମାଜିକ କର୍ମୀ ଲିଲି ଜେନାମଣି, ସ୍ମାର୍ଟ ଭିଜନ୍ ଆବାକସ୍‌ର ସଂଯୋଜିକା ରାଜଶ୍ରୀ ଦାସ ଓ ବରିଷ୍ଠ ନାଗରିକ ଡ. ପୂର୍ଣ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଅଧ୍ୟୟନ ସହ ସଂସ୍କାର, ଗୁରୁ ଶିଷ୍ୟ ପରମ୍ପରାର ପବିତ୍ର ସମ୍ପର୍କ, କଳା ଓ ସଂସ୍କୃତି ସହ ଏକ ଭଲ ମଣିଷ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପାଠପଢା ପାଇଁ ଉତ୍ସାହିତ କରିବା ଲକ୍ଷ୍ୟରେ ବିଦ୍ୟାଳୟର ଅଧକ୍ଷାଙ୍କ ଦିବଂଗତ ମାତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିବା କଲ୍ୟାଣୀ ମହାନ୍ତି ସ୍ମୃତି ସମ୍ମାନ ଛାତ୍ରୀ ଅଭିଲିପ୍ସା ସାମଲଙ୍କୁ ପ୍ରଦାନ କରାଯାଇଥିଲା। ଉତ୍ସବରେ କ୍ୟାନସର ସେଚତନତା ବାର୍ତ୍ତା ତଥା ସବୁଜିମା, ବୃକ୍ଷରୋପଣ ଓ ପ୍ଲାଷ୍ଟିକ ବର୍ଜନ ଉପରେ ସେଚତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପୁଷ୍ପଗୁଚ୍ଛ ପରିବର୍ତ୍ତେ ଚାରା, ପୁରସ୍କାର ତଥା ଅନ୍ୟାନ୍ୟ ସାମଗ୍ରୀକୁ ପ୍ଲାଷ୍ଟିକ ପରିବର୍ତ୍ତେ କଟନ କପଡ଼ାର ବ୍ୟବହାର କରାଯାଇ ଏକ ଉଦାହରଣ ସୃଷ୍ଟି କରାଯାଇଥିଲା। ଏହି ଅବସରେର ଆଖପାଖ ବିଦ୍ୟାଳୟମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ପାଇଁ ଆୟୋଜିତ ବିଭିନ୍ନ ଆନ୍ତ-ବିଦ୍ୟାଳୟ ପ୍ରତିଯୋଗୀତା, ଆବାକସ୍‌ର କୃତୀ ଛାତ୍ରଛାତ୍ରୀ ତଥା ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ସୁନିଲ ଡ୍ୟାନ୍ସ ଏକାଡେମିର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୁନାମଧନ୍ୟ ଘୋଷକ ଶୁଭଜିତ୍ ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବୃନ୍ଦ ସଂଯୋଜନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ନେଇ ଗଠିତ ସ୍ୱାଭିମାନ ମଞ୍ଚର ସଦସ୍ୟ ବୃନ୍ଦ, ଅଭିଭାବକ ତଥା ସ୍ଥାନୀୟ ଜନସାଧାରଣ ବିପୁଳ ସଂଖ୍ୟାରେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ମହଜୁଦ ଥିବା ମହୁଲଫୁଲ ଜବତ

ବେତନଟୀ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ମୋବାଇଲ ଟିମ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇ ଥିଲା। ବେତନଟୀରେ ଚଢ଼ାଉ କରାଯାଇ ବେଆଇନ ଭାବରେ ମହଜୁଦ ଥିବା ମହୁଲଫୁଲ ଜବତ କରିବା ସହିତ ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ମୋବାଇଲ ଟିମ ଇନ୍ସପେକ୍ଟର ଶ୍ରୀଧର ମହାନ୍ତି ସଦଳବଳେ ଗୁରୁବାର ପୂର୍ବାହ୍ନରେ ବେତନଟୀରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ସାଢେ ୪ କ୍ୱିଣ୍ଟାଲ ଓଜନର ମହୁଲଫୁଲ ଜବତ କରିବା ସହିତ ଏ ନେଇ ଏକ ମାମଲା ରୁଜୁ କରାଯାଇଛି।

# ତିହୁଡି ପଞ୍ଚାୟତରେ ଜଳ ବଣ୍ଟନ



ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ତିହୁଡି ପଂଚାୟତ ସରପଞ୍ଚ ଅଶ୍ୱିନୀ କୁମାର ମହାନ୍ତିଙ୍କ ଦ୍ୱାରା ପଂଚାୟତ ସ୍ତରୀୟ ଜଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ ପଂଚାୟତ ଅଧୀନରେ ଥିବା ପରିମାଳରେ ଜଳବଣ୍ଟନ କେନ୍ଦ୍ର ଖୋଲାଯାଇଥିବା ବେଳେ ଆଗକୁ ଉକ୍ତ ପଂଚାୟତ ଅଧୀନ ଜୁଆଙ୍ଗ, ବାଘମରା, ତିହୁଡିରେ ପଂଚାୟତ ପକ୍ଷରୁ ଜଳବଣ୍ଟନ କେନ୍ଦ୍ର ଖୋଲାଯିବ। ଆଗକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଥିବାରୁ ଏହି ଗ୍ରାମଗୁଡିକରେ ଖୋଲା ଯିବ ବୋଲି ମହାନ୍ତି କହିଛନ୍ତି। ଏଥିରେ ସହଯୋଗ କରିଥିଲେ ମଳୟ ଲେଙ୍କା, ଉପେନ୍ଦ୍ର ଦାଶ, ତୁଷାର ଲେଙ୍କା, ଶିଶିର ବେହେରା, ଟୁଲୁ ରାଉତ, ଚିତ୍ରାମ ଲେଙ୍କା, ଟୁକୁନା ଦାଶଙ୍କ ସହ ଅନେକ ଗ୍ରାମବାସୀ।

# ଅତ୍ରି ଉଷ୍ଣପ୍ରସ୍ରବଣ ବିକାଶରେ ଅନୁଦାନ ରାଶି ଖର୍ଚ୍ଚ ହେବ କେବେ ?

ବୋଲଗଡ, (ଭାସ୍କର ନ୍ୟୁଜ୍): ଏସିଆ ମହାଦେଶର ପ୍ରସିଦ୍ଧ ଲାଭ କରିଥିବା ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ଅତ୍ରି ସ୍ଥିତ ଉଷ୍ଣପ୍ରସ୍ରବଣ ଅନ୍ୟତମ। ଏହି ପର୍ଯ୍ୟଟନ ସ୍ଥଳୀକୁ ଦର୍ଶନ କରିବା ପାଇଁ ପର୍ଯ୍ୟଟକମାନେ ରାଜ୍ୟ ତଥା ବାହାର ରାଜ୍ୟ ଓ ବିଦେଶର ଯାତ୍ରୀମାନେ ବସ ଓ ରେଳ ଯୋଗେ ପ୍ରତିଦିନ ଆସିଥାନ୍ତି। ଯାହାକି ଭୁବନେଶ୍ୱର ଠାରୁ ମାତ୍ର ୪୦ କିମି ଦୂରରେ ଅବସ୍ଥିତ ଥିଲେ ହେଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକାଳ ସମୟରେ ଉନ୍ନତିକରଣ ପାଇଁ ୫ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ସେହି ଅନୁଦାନ ରାଶି ବିନିଯୋଗ ହେବା ତ ଦୂରର କଥା କିଛି ବି ସୂଚନା ମିଳିପାରି ନାହିଁ। ଏପରିକି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ପରିଦର୍ଶନରେ ଆସି ଉଷ୍ଣପ୍ରସ୍ରବଣ ବିକାଶ ପାଇଁ ପୂର୍ବ ଅନୁଦାନ ରାଶି ସହ ଆଉ ମଧ ଅଧିକ ଅନୁଦାନ ରାଶି ପ୍ରଦାନ କରାଯାଇ ପର୍ଯ୍ୟଟକମାନଙ୍କ ଦୃଷ୍ଟି ଆକର୍ଷଣ କଲାଭଳି କାର୍ଯ୍ୟ କରାଯିବ ବୋଲି ଘୋଷଣା କରିଥିଲେ। ତେବେ ପ୍ରତିବର୍ଷ ମକର ସଂକ୍ରାନ୍ତି ସମୟରେ ମେଳା ଓ ମହୋତ୍ସବ ହେଉଥିବାରୁ ହଜାର ହଜାର ସଂଖ୍ୟାର ପର୍ଯ୍ୟଟକ ମାନେ ଆସି ଉଷ୍ଣପ୍ରସ୍ରବଣରେ ଗାଧୋଇ ଭରପୁର ଭାବେ ଆନନ୍ଦ ପାଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଉନ୍ନତୀକରଣ ପାଇଁ ମଞ୍ଜୁର କରାଯାଇଥିବା ଅନୁଦାନ ରାଶିକୁ ୮ମାସରୁ ଉର୍ଦ୍ଧ୍ୱ ନୂତନ ସରକାର ଗଠନ ହୋଇଥିଲେ ମଧ କାହିଁକି ଖର୍ଚ୍ଚ କରାଯାଉ ନାହିଁ ସମସ୍ତେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏପରିକି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଓ ବିଧାୟକ ପ୍ରଦୀପ କୁମାର ସାହୁ ବିଭିନ୍ନ ସମୟରେ ଅନୁଦାନ ରାଶି ଅର୍ଥ ଖର୍ଚ୍ଚ ହେଉନାହିଁ ବୋଲି ପ୍ରଶ୍ନବାଣ ମାରିଥିବା ବେଳେ ସରକାର କାହିଁକି ଉଦାସୀନ ମନୋଭାବ ପୋଷଣ କରିଛନ୍ତି ତାହା ସମସ୍ତଙ୍କୁ ବିସ୍ମିତ କରିଛି। ଏହି ପର୍ଯ୍ୟଟନ ସ୍ଥଳୀର ଉନ୍ନତିକରଣ କାର୍ଯ୍ୟ କେବେ ହେବ ତାହା ସମସ୍ତେ ଚାତକ ଭଳି ଚାହିଁ ବସିଛନ୍ତି।



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ପାରିପାର୍ଶ୍ୱିକ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ପ୍ରତିଶ୍ରୁତିବଦ୍ଧ। ଏହି କ୍ରମରେ ପାରିପାର୍ଶ୍ୱିକ ଅଞ୍ଚଳରେ ରହୁଥିବା ଅତି କ୍ଷୁଦ୍ର ଚାଷୀଙ୍କ ବିକାଶ ପାଇଁ ଜିନ୍ଦଲ ଏଜୁକେଶନ ଏଣ୍ଡ ୱେଲଫେୟାର ସୋସାଇଟି (ଜେଇଡବ୍ଲୁଏସ) ପକ୍ଷରୁ ଦେଓଝର ପଞ୍ଚାୟତ ଶିଆଳିଯୋଡ଼ା ଗ୍ରାମର 'ଜୟ ମା' ବୁରୁ କୃଷକ କ୍ଲବ' ସହ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଜେଇଡବ୍ଲୁଏସର ସମ୍ପାଦକ ଉର୍ଜିଲ ଲାକ୍ରା ଓ କୃଷକ କ୍ଲବର ସଭାପତି ପାଣ୍ଡିଆ ମୁଣ୍ଡା ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତି ଅନୁସାରେ ଅତି କ୍ଷୁଦ୍ର ଚାଷୀମାନଙ୍କୁ ଅତ୍ୟାଧୁନିକ କୃଷି ପଦ୍ଧତି ଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରାଯିବ। ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ଯଥା; ଟ୍ରାକ୍ଟର, ଟ୍ରଲି, ରୋଟାଭେଟର ଓ ମଲ୍ଟି କ୍ରପ ଥ୍ରେସର ଚାଷୀମାନଙ୍କୁ ଯୋଗାଇ ଦିଆଯିବ। ଜେଏସପିର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ସହଯୋଗରେ ଜେଇଡବ୍ଲୁଏସ ପକ୍ଷରୁ ଏହିସବୁ ଉପକରଣ ଯୋଗାଇ ଦିଆଯିବ। ଏହି ଚୁକ୍ତି ଦ୍ୱାରା ଉତ୍ପାଦନ ବୃଦ୍ଧି ହେବା ସହ ଚାଷୀମାନେ ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ। ଏହା ସହିତ ଚାଷୀମାନଙ୍କ ଉପରୁ ଶ୍ରମ ବୋଝ ମଧ୍ୟ ହ୍ରାସ ପାଇବ ଓ ସେମାନଙ୍କ ବିକାଶ ହେବ ବୋଲି ଉଭୟ ପକ୍ଷ ଆଶାବାଦୀ ଅଛନ୍ତି।

# ହାଇକୋର୍ଟଙ୍କ ବାରଣ ସତ୍ତ୍ୱେ ନିର୍ମାଣ ହେଉଛି ତେସିଙ୍ଗା ଜିପିଏଲଏଫ ଭବନ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ଜି.ପି.ଏଲ.ଏଫ. ଭବନ ନିର୍ମାଣ ହାଇକୋର୍ଟଙ୍କ ବାରଣ ସତ୍ତ୍ୱେ ନିର୍ମାଣ କରାଯାଉଥିବା ଅଭିଯୋଗ ହେଉଛି। ଏହି ଭବନ ନିର୍ମାଣ ପାଇଁ ପୂର୍ବ ଅନୁମୋଦିତ ବଦଳାଇବା ବିରୋଧରେରେ ରଜୁ ହୋଇଥିବା ଡବ୍ଲୁ.ପି.ସି, ନଂ ୭୨୬୩/୨୦୨୫ ଓ ଏହାର ମଧ୍ୟବର୍ତ୍ତିକାଳୀନ ଆବେଦନ ନଂ ୪୧୮୦/୨୦୨୫ର ବିଚାର କରି ନିର୍ମାଣ କାର୍ଯ୍ୟ ଆଉ ନକରିବାକୁ ଗତ ମାର୍ଚ୍ଚ ୧୭ ତାରିଖରେ ଆଦେଶ ଦେଇଥିଲେ। ମାତ୍ର ଏହି ଆଦେଶକୁ ଅମାନ୍ୟ କରି ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ସହାୟତାରେ ଠିକାଦାର ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବ୍ଲକର ତେସିଙ୍ଗା ସମେତ ୫ ପଞ୍ଚାୟତ ଜି.ପି.ଏଲ.ଏଫ. ଭବନ ନିର୍ମାଣ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୩୦ ଲକ୍ଷ ଟଙ୍କା ଲେଖାଏଁ ଅର୍ଥ ମଞ୍ଜୁର ହୋଇଥିଲା। ଭବନ ସ୍ଥାନ ନିରୂପଣ ପାଇଁ ସୁପାରିଶ କରିବାକୁ ତେସିଙ୍ଗା ପଞ୍ଚାୟତ ଓ ତେସିଙ୍ଗା ପଞ୍ଚାୟତସ୍ତରୀୟ ମିଶନଶକ୍ତିକୁ ୨୦୨୩ ଫେବୃୟାରୀ ୨୩ ତାରିଖରେ ବିଡିଓ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୭୮ ଅନୁଯାୟୀ ଅନୁରୋଧ କରିଥିଲେ। ଛତାବର-ମଞ୍ଜୁରୀରୋଡ ପୂର୍ତ୍ତ ରାସ୍ତାର ବିଶୋଳ ଛକରେ ଥିବା ଖାତା ନଂ ୭୪୪ ଓ ପ୍ଲଟ ନଂ ୩୬୪ ଉପରେ ଏହି ଭବନ ନିର୍ମାଣ ପାଇଁ ପଞ୍ଚାୟତ ଓ ମିଶନଶକ୍ତି ପକ୍ଷରୁ ସୁପାରିଶ କରାଯାଇଥିଲା। ଗ୍ରାମସଭା ଦ୍ୱାରା ଏହି ସ୍ଥାନ ଅନୁମୋଦିତ ହୋଇଥିଲା। ବ୍ଲକ କାର୍ଯ୍ୟାଳୟ ଅନୁରୋଧରେ ତହସିଲଦାର ଏହି ଜମିର ଫିଜିବିଲିଟି ରିପୋର୍ଟ ଦେବା ସହ ଏହି ଜମିରୁ ଜବରଦଖଲ ମଧ୍ୟ ଉଚ୍ଛେଦ କରିଥିଲେ। ଜିଲ୍ଲା ପ୍ରଶାସନରୁ ଅନୁମତି ପରେ ଟେଣ୍ଡର କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ଥିଲା। ମାତ୍ର ଠିକାଦାର ଆଗ୍ରହ ପ୍ରକାଶ ନକରିବାରୁ ଟେଣ୍ଡର ବାତିଲ ହୋଇଯାଇଥିଲା। ଦ୍ୱିତୀୟ ଟେଣ୍ଡର କରାଯାଇ କାର୍ଯ୍ୟାଦେଶ ଦିଆଯାଇଥିଲା। ଚାପଗ୍ରସ୍ତ ବିଡିଓ ପଞ୍ଚାୟତ, ଗ୍ରାମସଭା ଓ ମିଶନଶକ୍ତିକୁ ଏଡାଇ ଅନୁମୋଦିତ ସ୍ଥାନ ବଦଳାଇ ଦେଇଥିଲେ। ତେସିଙ୍ଗା ଗ୍ରାମର ଖାତା ନଂ ୨୦୩ ଓ ପ୍ଲଟ ନଂ ୪ ରେ ଜି.ପି.ଏଲ.ଏଫ. ଭବନ ନିର୍ମାଣ ପାଇଁ କାର୍ଯ୍ୟାଳୟ ପତ୍ରସଂଖ୍ୟା ୧୨୩୬/ ୧.୩.୨୦୨୫ରେ ଠିକାଦାରଙ୍କୁ ଜଣାଇ ଦେଇଥିଲେ। ବିଡିଓଙ୍କ ଏହି ପଦକ୍ଷେପକୁ ବେଆଇନ ଦର୍ଶାଇ ଗ୍ରାମର ରନୁବାଳା ପାତ୍ର ହାଇକୋର୍ଟରେ ମାମଲା ରଜୁ କରିଥିବା ଜଣାଯାଇଛି। ଏ ସମ୍ବନ୍ଧୀୟ ଗତ ୧୭ ତାରିଖରେ ଆଦେଶରେ ବିଡିଓଙ୍କ ଠାରୁ ଜବାବ ତଲବ କରିଛନ୍ତି। ଅନ୍ୟପକ୍ଷରେ ବଦଳ ସ୍ଥାନରେ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିବାରୁ ଆବେଦନକାରୀଙ୍କ ସମେତ ପଞ୍ଚାୟତ ପକ୍ଷରୁ ଏହାକୁ ତୀବ୍ର ବିରୋଧ କରାଯାଇଛି। ହାଇକୋର୍ଟରେ ମାମଲା ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ଜାଣିନଥିବା ପ୍ରକାଶ କରିଥିବା ବେଳେ ଏ ସମ୍ପର୍କରେ ଅବଗତ ଅଛନ୍ତି ବୋଲି ବିଡିଓ ଦେବଦତ୍ତ ଦାଶ ସୂଚନା ଦେଇଛନ୍ତି।

# ସଂସଦୀୟ କ୍ଷେତ୍ରର ବିକାଶ ମୂଳକ କାର୍ଯ୍ୟକୁ ବହି ମାଧ୍ୟମରେ ପ୍ରଦାନ କଲେ ସାଂସଦ ଅପରାଜିତା




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): କେବଳ କଥାରେ ନୁହେଁ, ଦେଇଥିବା କଥାକୁ କାମରେ ପରିଣତ କରି ଦେଖାଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ନିର୍ବାଚନ ପ୍ରଚାର ସମୟରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରବାସୀଙ୍କୁ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତିକୁ ଗୋଟି ଗୋଟି କରି ବାସ୍ତବତାର ରୂପ ଦେବାରେ ଲାଗିଛନ୍ତି ଅପରାଜିତା। ଯାହାର ସବିଶେଷ ତଥ୍ୟକୁ ଭୋଟରଙ୍କ ସାମ୍ନାରେ ରଖିଛନ୍ତି ସେ। ଗୁରୁବାର ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀର ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜିବୀଙ୍କୁ ନେଇ ଆୟୋଜିତ ଏକ ବୈଠକରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିକାଶ କାର୍ଯ୍ୟ ନାମକ ଏକ ବୁକଲେଟ୍ ବାଣ୍ଟିଛନ୍ତି ଅପରାଜିତା। ଯେଉଁଥିରେ ଗତ ୬ ମାସ ମଧ୍ୟରେ ସାଂସଦ ହିସାବରେ ଲୋକଙ୍କ ଲାଗି କଣ କଣ ବିକାଶ ମୂଳକ ପଦକ୍ଷେପ ନେଇଛନ୍ତି ତାର ଏକ ଲମ୍ବା ତାଲିକା ପ୍ରଦାନ କରିଛନ୍ତି। ୧୮ ପେଜ୍ ବିଶିଷ୍ଟ ଏହି ବୁକଲେଟରେ ଭୁବନେଶ୍ୱର ଏକାମ୍ର, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଜୟଦେବ, ଖୋର୍ଦ୍ଧା, ଜଟଣୀ, ବେଗୁନିଆ ନିର୍ବାଚନ ମଣ୍ଡଳୀଓ୍ୱାରି ଜାରି ରହିଥିବା ବିକାଶ ମୂଳକ କାର୍ଯ୍ୟର ତଥ୍ୟ ରଖାଯାଇଛି। ମୋଟ ଶହେ ଜଣଙ୍କୁ ଏହି ବୁକ୍ ଲେଟ୍ ପ୍ରଦାନ କରାଯାଇଛି। ଯେଉଁଥିରେ ସହିଦ ନଗରଠାରେ ସ୍ଥାୟୀ ହାଟଠୁ ଆରମ୍ଭ କରି ସତସଙ୍ଗ ବିହାର ନିକଟରେ ଫୁଟ୍ ଓଭରବ୍ରିଜ୍, ନୟାପଲ୍ଲୀ କମ୍ୟୁନିଟି ପାର୍କ ନିର୍ମାଣ ଲାଗି ଜମି ପ୍ରଦାନ, ଅତ୍ୟାଧୁନିକ ଫିସ୍ ମାର୍କେଟ୍ ଓ ମଣ୍ଡି ଲାଗି ଜମି ପ୍ରଦାନ ସହ କାର୍ଯ୍ୟ ଆରମ୍ଭ, ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସଂସ୍କୃତି ହଲ୍ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ, ଖୋର୍ଦ୍ଧା ଟାଉନ ବାଇପାସ୍, ଜଟଣୀରେ କ୍ୟାନ୍ସର ହସପିଟାଲ ସ୍ଥାପନ ଭଳି ଉନ୍ନତି ମୂଳକ ପଦକ୍ଷେପମାନଙ୍କର ସବିଶେଷ ତଥ୍ୟ ରହିଛି। ସେହିଭଳି ବାଲିଅନ୍ତା ଯଶୁଆପୁରରେ ହେଲଥ -ସବ୍-ସେଣ୍ଟର ଉଦଘାଟନ ହେଉ କି ବାଲିଅନ୍ତା ବ୍ଲକର ଜଗନ୍ନାଥପୁର ପଞ୍ଚାୟତରେ ୨୫୦ କୋଟି ବ୍ୟୟରେ ନିର୍ମାଣ ହୋଇଥିବା ସିଲେଇ ଶିକ୍ଷ ସମ୍ପର୍କରେ ମଧ୍ୟ ତଥ୍ୟ ରଖିଛନ୍ତି ଅପରାଜିତା। ଏହି ଶିକ୍ଷ ଦ୍ୱାରା ୧୦ ହଜାର ପୁରୁଷ ଏବଂ ମହିଳାଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ଦାବି କରିଛନ୍ତି ଅପରାଜିତା ଷଡ଼ଙ୍ଗୀ। ସେହିଭଳି ବ୍ରହ୍ମେଶ୍ୱର ମନ୍ଦିର, କପିଳେଶ୍ୱର ମନ୍ଦିର ଭଳି ବିଭିନ୍ନ ମନ୍ଦିରର ଉନ୍ନତିକରଣ ହେଉ କି ତରାବୋଇ ରେଳ ଷ୍ଟେସନର ଭିତ୍ତିପ୍ରସ୍ତର ସ୍ଥାପନ, ତିନୋଟି ସୌର ଚାଳିତ ଶୀତଳ ଭଣ୍ଡାରର ଉଦଘାଟନ, ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନର ନବୀକରଣ, ଲିଙ୍ଗରାଜ ପାସେଞ୍ଜର ହଲ୍ଟକୁ ପୂର୍ଣ୍ଣାଙ୍ଗ ରେଳ ଷ୍ଟେସନରେ ପରିଣତ କରିବା, ଜଟଣୀରେ ରେଳ ଓଭରବ୍ରିଜ୍ ନିର୍ମାଣର ତଥ୍ୟ ମଧ୍ୟ ଜନସାଧାରଣଙ୍କୁ ପ୍ରଦାନ କରିଛନ୍ତି। ସେହିଭଳି ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ୭୫୦୦ରୁ ଊର୍ଦ୍ଧ୍ୱ ସିଙ୍ଗଲ ସୋଲାର ଲାଇଟ୍ ଲଗାଇବା ସହ ୧୫୩ଟି ହାଇମାଷ୍ଟ ସୋଲାର ଲାଇଟ୍ ଏବଂ ୨୦ଟି ମିନି ମାଷ୍ଟ ସୋଲାର ଲାଇଟ୍ ଲଗାଇଥିବା ମଧ୍ୟ ଦର୍ଶାଇଛନ୍ତି ଅପରାଜିତା। ଖାଲି ଏତିକି ନୁହେଁ ଅପରାଜିତାଙ୍କ ଅନୁରୋଧରେ ବିଏମସି ପକ୍ଷରୁ ୧୬୦ଟି ଭିନ୍ନ ଭିନ୍ନ ପ୍ରକଳ୍ପ ଲାଗି ଡକାଯାଇଥିବା ଟେଣ୍ଡରର ସବିଶେଷ ତଥ୍ୟ ମଧ୍ୟ ଏହି ବୁକଲେଟରେ ସ୍ଥାନ ପାଇଛି। ଏହି ପ୍ରୟାସ ଦ୍ୱାରା ସାଧାରଣ ଲୋକ ମଧ୍ୟ ସାଂସଦଙ୍କର ଉନ୍ନତିମୂଳକ ପଦକ୍ଷେପ ସମ୍ବନ୍ଧରେ ସବୁ ପ୍ରକାରର ତଥ୍ୟ ପାଇପାରୁଛନ୍ତି। ଆଉ ଆଗକୁ ଏସବୁ ପ୍ରକଳ୍ପ କିମ୍ବା କାର୍ଯ୍ୟରେ କିଛି ବି ବ୍ୟତିକ୍ରମ ଦେଖିଲେ ବିଭାଗୀୟ ଅଧିକାରୀ କିମ୍ବା ସାଂସଦଙ୍କୁ ଅଭିଯୋଗ ମଧ୍ୟ କରିପାରିବେ। ଅନ୍ୟପଟେ ଆଗାମୀ ଦିନରେ ଭୁବନେଶ୍ୱରକୁ ପୂର୍ବ ଭାରତର ଏକ ନମ୍ବର ସହର ରୂପେ ଗଢ଼ି ତୋଳିବାର ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ। ଆଗକୁ ପ୍ରତି ୬ ମାସରେ ଏହିଭଳି ନିର୍ବାଚନ ମଣ୍ଡଳୀଓ୍ୱାରି ବିକାଶ ମୂଳକ କାର୍ଯ୍ୟର ଲିଷ୍ଟ ସବୁ ପ୍ରଦାନ କରିବେ ବୋଲି କହିଛନ୍ତି ସେ। ଆଉ ସାଂସଦଙ୍କର ଏଭଳି କାର୍ଯ୍ୟକୁ ବେଶ୍ ନିଆରା ପଦକ୍ଷେପ ବୋଲି ଅଭିହିତ କରିବା ସହ ଖୁବ୍ ପ୍ରଶଂସା କରିଛନ୍ତି ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀର ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜୀବୀ।

## ବରିଷ୍ଠ କଳାକାରମାନଙ୍କୁ ସମ୍ବର୍ଦ୍ଧନା




ତିହିଡି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ବରିଷ୍ଠ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାୟତ ସମିତି ସଭାଗୃହରେ ବିଡିଓ ନିରଂଜନ ବାରିକଙ୍କ ଅଧ୍ୟକ୍ଷତା ଓ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଯୋଗଦେଇ ଓଡ଼ିଆ ପକ୍ଷ ପାଳନ ଅବସରରେ ସରକାରଙ୍କ ଲୋକକଳା ଦିବସକୁ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିବା ବେଳେ ଏହା ମାଧ୍ୟମରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଉତ୍ସାହିତ କରାଯାଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏବିଡିଓ ମାନସ କୁମାର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇ ଲୋକକଳା ଦିବସ ଉପରେ ଆଲୋକପାତ କରିଥିଲେ। ଏଥିରେ ବରିଷ୍ଠ କଳାକାର ହରିହର ମହାଳିକ, ନାରାୟଣ ଚନ୍ଦ୍ର ମହାନ୍ତି, ନାରାୟଣ ଦେବ, ନାରାୟଣ ସାହୁ, ଲକ୍ଷ୍ମୀଧର ଦାସ, ବୁଦ୍ଧିରାମ କୁଣ୍ଡ, ଈଶ୍ୱର ଚନ୍ଦ୍ର ନାୟକ, ଭାଗିରଥି ଦତ୍ତ, ସତ୍ୟବ୍ରତ ତ୍ରିପାଠୀ ଓ ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭୀଷ୍ମଦେବ ଶତପଥି, ତନୁଜା ମିଶ୍ର, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସୌମ୍ୟ ସୁଚରିତା ମହାନ୍ତି, ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ, ଏମଜିଏନଆରଇଜିଏସ ସହକାରୀ ସୁଧାଂଶୁ ନାୟକ, ଜୀବିକା ମିଶନ ବିପିଏମ ରଶ୍ମିତା ନାୟକ, ଏପିଇଓ କାମିନୀଲତା ଓଝା, ବିପିସି କୌଶିକ ଗିରି, ବିଏଲସି ସ୍ନିଗ୍ଧା ନାୟକ, ପିଇଓ ମନୋରଂଜନ ଦଳେଇ, ମନୋଜ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## ସୋରଡ଼ା ଥାନାରେ ନୂତନ ଥାନା ଅଧିକାରୀଙ୍କ ନିଯୁକ୍ତି

ସୋରଡ଼ା, (ଭାସ୍କର ନ୍ୟୁଜ): ସୋରଡ଼ା ଥାନର ନୂତନ ଥାନା ଅଧିକାରୀ ଭାବେ ସୁନୀଲ କୁମାର ପ୍ରଧାନ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ଥିବା କାର୍ଯ୍ୟରତ ଥାନା ଅଧିକାରୀ ସୁଧୀର କୁମାର ସାହୁଙ୍କୁ ଛତ୍ରପୁର ଗଞ୍ଜାମ ଜିଲ୍ଲା ଏସ.ପି. ଅଫିସକୁ ବଦଳୀ କରାଯାଇଛି ଏବଂ ଏସ ପି. ଅଫିସରେ ଥିବା ସୁନୀଲଙ୍କ ସୋରଡା ଥାନାକୁ ବଦଳୀ କରାଯାଇଛି। ପ୍ରଧାନ ଏଥି ପୂର୍ବାରୁ ବହୁ ଜିଲ୍ଲାମାନଙ୍କରେ ଏସ.ଆଇ. ଭାବେ କମ କରୁଥିଲେ। ସାକ୍ଷାତକରରେ ଶ୍ରୀ ପ୍ରଧାନ କହିଛନ୍ତି ସେ ଅଞ୍ଚଳର ଆଇନ ଶୃଙ୍ଖଳା, ଚୋରାମଦ ଏବଂ ସଡକସୁରକ୍ଷା, ନିରାପତ୍ତା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। ତାଙ୍କୁ ସ୍ଥାନୀୟ ଜନସାଧାରଣ ମାଁ କନ୍ଧୁଣିଦେବୀ ଘରୋଇ ବସ ମାଲିକ ସଂଘ, ବ୍ୟବସାୟୀକ ସଂଘ, ପ୍ରେସ କ୍ଲବ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଏନ.ଜି.ଓ, ଶଶିଭୂଷଣ ଯୁବକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ସରକାରୀ ବିଦେଶୀମଦ ଦୋକାନ ଅବସ୍ଥିତ ଥିଲେ ମଧ୍ୟ ଅଞ୍ଚଳରେ ଏବଂ ସହରର ପ୍ରାୟ ହୋଟେଲ, ଜନଗହଳି ସ୍ଥାନରେ ନକଲି ମଦର ବନ୍ୟା ଅବାଟରେ ଚାଲିଥିବାରୁ ତା'ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୋରଡା ପ୍ରେସ କ୍ଲବର ଆଡଭାଇଜର ଆରାପଲୀ ସାରଥି ଦାବି କରିଛନ୍ତି।

# ଛତ୍ରପୁର ବିଧାୟକଙ୍କ ସମୀକ୍ଷା ବୈଠକ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସର୍କିଟ ହାଉସ ପରିସରରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ସମେତ ଛତ୍ରପୁର ଏବଂ ଗଞ୍ଜାମ ବ୍ଲକର ବିଡ଼ିଓ ଏବଂ ଛତ୍ରପୁର ନିର୍ବାଚନମଣ୍ଡଳୀର ତିନୋଟି ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ କ୍ଷ ବିଶେଷ କରି ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଥିବା ରାସ୍ତା ନିର୍ମାଣ ଓ ମରାମତି କାର୍ଯ୍ୟ ସହ ବିଭିନ୍ନ ବିଭାଗର ରାସ୍ତା ହସ୍ତାନ୍ତର ପ୍ରକ୍ରିୟା ବିଷୟରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ନିର୍ବାଚନ ମଣ୍ଡଳୀରେ ଚାଲିଥିବା ବିଭିନ୍ନ ରାସ୍ତା କାମ ଗୁଡିକର ବର୍ତ୍ତମାନର ସ୍ଥିତି କ'ଣ ରହିଛି ୨୦୨୪-୨୫ ଆର୍ଥିକ ବର୍ଷରେ କେତେ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇଛି, ସେହି ସବୁର ରିପୋର୍ଟ ଉପସ୍ଥିତ ଅଧିକାରୀ ମାନଙ୍କୁ ମାଗିବା ସହ ବର୍ଷା ଦିନ ଆସିବା ପୂର୍ବରୁ ସମସ୍ତ ରାସ୍ତା କାମ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ବ୍ଲକ ଏବଂ ଏନଏସି ରେ ଆଗାମୀ ଦିନରେ ହେବାକୁ ଥିବା ରାସ୍ତା ଗୁଡ଼ିକ ଗୃହ ଉନ୍ନୟନ ଏବଂ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇ କିପରି ତ୍ୱରିତ କରାଯିବ ଏବଂ ପ୍ରତ୍ୟେକ ରାସ୍ତା ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ଯାଞ୍ଚ କରାଯିବ ଏବଂ ନିମ୍ନ ମାନର କାର୍ଯ୍ୟ ପାଇଁ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ନିର୍ମାଣ କାର୍ଯ୍ୟରେ କୌଣସି ପ୍ରକାର ଜନଅସନ୍ତୋଷକୁ ବରଦାସ୍ତ କରାଯିବ ନାହିଁ, ତେଣୁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ସଜାଗ ହୋଇ ତ୍ୱରିତ ବେଗରେ କାର୍ଯ୍ୟ ଆଗେଇ ନେବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜଳସେଚନ ବିଭାଗରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ କିଭଳି ବର୍ଷା ଦିନ ପୂର୍ବରୁ ସରିବ ସେ ନେଇ ମଧ୍ୟ ଉପସ୍ଥିତ ଯନ୍ତ୍ରୀଙ୍କ ସହ ପାଇଁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ, ସେହିପରି ପ୍ରତ୍ୟକ ମାସରେ ଏହିଭଳି ସମସ୍ତ ବିଭାଗକୁ ନେଇ ସମୀକ୍ଷା ବୈଠକ କରାଯିବା ସହ ଉନ୍ନତି ଦିଗରେ କାର୍ଯ୍ୟ କରାଯିବ ବୋଲି ବିଧାୟକ କହିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ଟାଟା ଏସି

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଦେବୀ ନଦୀ ବନ୍ଧରେ ଭାରେସାମ୍ୟ ହରାଇ ଓଲଟିଲା ଟାଟା ଏସି। ଖବର ମୁତାବକ ଅସ୍ତରଙ୍ଗ ବ୍ଲକ ଆଲସାହି ଓ ବାଲିଡିଆ ଅଞ୍ଚଳର କିଛି ଯୁବକ ପାରାଦୀପରୁ ନିଜ ଗ୍ରାମ ଆଲସାହି ଓ ବାଲିଡିଆ ଏକ ଟାଟା ଏସି ଗାଡ଼ିରେ ଆସୁଥିବା ବେଳେ ଗୁରୁବାର ସନ୍ଧ୍ୟା ସମୟରେ ଅଣଓସାରିଆ ଦେବୀ ନଦୀବନ୍ଧ ତାଳଦାରୁ ଅସନ ମୁଖ୍ୟ ରାସ୍ତାରେ ଭାରେସାମ୍ୟ ହରାଇ ଟାଟା ଏସି ଗାଡିଟି ବନ୍ଧ ତଳକୁ ଖସିଯାଇଥିଲା। ଯାହା ଫଳରେ ଟାଟା ଏସି ଗାଡ଼ିରେ ଥିବା ଯୁବକଙ୍କ ମଧ୍ୟରେ ଲକ୍ଷ୍ମଣ ବେହେରା (୬୫), ଅଭୟ ବେହେରା (୪୦)ଦୀପକ ବେହେରା (୩୦), କାଳନ୍ଦୀ ବେହେରା (୬୫), ଗଦା ବେହେରା (୪୩)ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ୫ ଗୁରୁତରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ଥିଲା। ସମସ୍ତ ମୁଣ୍ଡ,ଗୋଡ଼ ସହ ଶରୀର ଅନେକ ସ୍ଥାନରେ ଶକ୍ତ ଆଘାତ ଲାଗିଛି।

# ଆୟୁଷ୍ମାନ ହତ୍ୟା ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଆୟୁଷ୍ମାନ ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରି ଗୁରୁବାର ଶତାଧିକ ମହିଳା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ କହିଛନ୍ତି ଯେ କେନ୍ଦ୍ରାପଡା ସଦର ଥାନା ପୋଲିସ ଏହି ଘଟଣାର ସଠିକ ଭାବରେ ତଦନ୍ତ କରୁନଥିବା ବେଳେ ଅଭିଯୁକ୍ତକୁ ଧରି ଛାଡିଦେବା ଘଟଣା ପୋଲିସର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ ନିମନ୍ତେ କ୍ରାଇମବ୍ରାଞ୍ଚ ଦ୍ୱାରା ଏହାର ତଦନ୍ତ ନିମନ୍ତେ ଜିଲ୍ଲାପାଳ ସୁପାରିଶ କରନ୍ତୁ ବୋଲି ଦାବି କରିଛନ୍ତି। କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ଥାନା ଅନ୍ତର୍ଗତ କୁରୁଜଙ୍ଗା ଗ୍ରାମପଞ୍ଚାୟତର ମନ୍ତ୍ରୀପଡା ଗ୍ରାମର ଖଗେଶ୍ୱର ମହାନ୍ତିଙ୍କ ପୁଅ ଆୟୁଷ୍ମାନ ମହାନ୍ତି(୧୪)ଓରଫ ଧନଙ୍କୁ ଯୋଜନାବଦ୍ଧ ଭାବେ ଲୁଣା ନଦୀକୁ ଠେଲି ହତ୍ୟା କରାଯାଇଛି। ହତ୍ୟାକାରୀମାନଙ୍କୁ କେନ୍ଦ୍ରାପଡା ସଦର ଥାନା ପୋଲିସ ସହଯୋଗ କରୁଛି। ଫଳରେ ହତ୍ୟାକାରୀ ଅପରାଧ କରି ନିର୍ଭୟରେ ବୁଲୁଛି। ତେଣୁ ଏହି ଘଟଣାର ଏକ ନିରପେକ୍ଷ ତଦନ୍ତ ନିମନ୍ତେ ଏହାର କ୍ରାଇମବ୍ରାଞ୍ଚ□ ସ୍ତରୀୟ ତଦନ୍ତ କରାଯିବାକୁ ଆୟୁଷ୍ମାନର ପରିବାର ସଦସ୍ୟଙ୍କ ସମେତ ତାଙ୍କ ଗ୍ରାମର ଶତାଧିକ ମହିଳା ଆଜି ଜିଲ୍ଲାପାଳଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ମୃତ ଆୟୁଷ୍ମାନ ଚାଟରାଚକଡା ପଞ୍ଚାୟତର ଛତାସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଦଶମ ଶ୍ରେଣୀ ଛାତ୍ର ଥିଲା। ଚଳିତ ମାଟ୍ରିକ ପରୀକ୍ଷା ଦେବା ପରେ ସେ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଭରତପୁର ଗ୍ରାମରେ ଥିବା ମାମୁଁଘରକୁ ମା'ସହିତ ବୁଲିବାକୁ ଆସିଥିଲା। ମାମୁଁଘରୁ ମା' ଘରକୁ ଫେରିଯାଇଥିବା ବେଳେ ଆୟୁଷ୍ମାନ ରଙ୍ଗଖେଳିବା ପାଇଁ ମାମୁଁଘରେ ରହିଥିଲା। ମାର୍ଚ୍ଚ ୧୯ତାରିଖରେ ଆୟୁଷ୍ମାନ ରଙ୍ଗ ଖେଳିବାକୁ ଯାଇ ଆଉ ଘରକୁ ଫେରିନଥିଲେ। ଏନେଇ ଆୟୁଷ୍ମାନଙ୍କ ବାପା ଖଗେଶ୍ୱର କେନ୍ଦ୍ରାପଡା ସଦର ଥାନାରେ ଆୟୁଷ୍ମାନ ନିଖୋଜ ହେବା ନେଇ ଏତଲା ଦେଇଥିଲେ। ଏହାର ପରଦିନ ଅର୍ଥାତ ମାର୍ଚ୍ଚ ୨୦ତାରିଖ ସକାଳେ ଆୟୁଷ୍ମାନଙ୍କ ମୃତଦେହ ଲୁଣା ନଦୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ସଦର ଥାନାକୁ ଖବର ଦେଇଥିଲେ। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆୟୁଷ୍ମାନର ମୃତଦେହ ଉଦ୍ଧାର କରି ଡାକ୍ତରଖାନାକୁ ବ୍ୟବଛେଦ ପାଇଁ ପଠାଇଥିଲା। ପ୍ରଥମେ ଏହା ଏକ ଆତ୍ମହତ୍ୟା ଘଟଣା ବୋଲି ଅନୁମାନ କରାଯାଉଥିଲା। ତେଣୁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ଆୟୁଷ୍ମାନଙ୍କ ବାପା ସଦର ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କ ପୁଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ଏହି ଅଭିଯୋଗ ପାଇବା ପରେ ପୋଲିସ ସିସି ଟିଭି ଫୁଟେଜ୍‌କୁ ଯାଞ୍ଚ କରି ଜାଣିବାକୁ ପାଇଥିଲା ଯେ ଜଣେ ନାବାଳକ ଓ ଅନ୍ୟ ଜଣେ ଯୁବକ ଆୟୁଷ୍ମାନକୁ ଥଣ୍ଡାପାନୀୟରେ ମଦ ମିଶାଇ ପିଇବାକୁ ଦେଉଛନ୍ତି। ଏହାପରେ ଆୟୁଷ୍ମାନକୁ ଲୁଣାନଦୀ ପଠାରୁ ନଦୀଭିତରକୁ ଯୁବକ ଜଣଙ୍କ ଠେଲି ଦେଉଛନ୍ତି। ଏହାପରେ ପୋଲିସ ନାବାଳକ ଓ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଆଣିଥିଲା। ପ୍ରଥମେ ପୋଲିସ ନାବାଳକକୁ ଘଟଣା ସମ୍ପର୍କରେ ପଚରାଉଚୁରା କରିଥିଲା। ନାବାଳକ ଜଣଙ୍କ ପୋଲିସ ଆଗରେ ସମସ୍ତ କଥା ମାନି ଯାଇଥିଲା। ନାବାଳକର ସ୍ୱୀକାରୋକ୍ତି ପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ଯୁବକ ଭକ୍ତି ପ୍ରସାଦ ନାୟକକୁ ଥାନାରେ ଅଟକ ରଖି ଜେରା କରିଥିଲା। ଭକ୍ତିପ୍ରସାଦ ମଧ୍ୟ ପୋଲିସ ନିକଟରେ ସମସ୍ତ ଦୋଷ ସ୍ୱୀକାର କରିଥିବା ବେଳେ ପୋଲିସ କ'ଣ ପାଇଁ ତାକୁ ଛାଡିଦେଲା ଏନେଇ ପୋଲିସର ଭୂମିକା ସନ୍ଦେହ ଘେରରେ ରହିଛି। ଆୟୁଷ୍ମାନର ବାପା ଖଗେଶ୍ୱର ଏସମ୍ପର୍କରେ ସଦର ଥାନା ଅଧିକାରୀ ଶୁଭେନ୍ଦୁ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ଏବଂ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କୁ ଭେଟି ତାଙ୍କ ପୁଅ ଆୟୁଷ୍ମାନ ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ କରାଯିବାକୁ ବହୁବାର ନିବେଦନ କରିଛନ୍ତି। ଏଥିସହିତ ଗ୍ରାମବାସୀ ମାନେ ମଧ୍ୟ ଉପରୋକ୍ତ ଅଧିକାରୀମାନଙ୍କୁ ଭେଟି ଆୟୁଷ୍ମାନ ହତ୍ୟା ଘଟଣାର ଏକ ନିରପେକ୍ଷ ତଦନ୍ତ କରାଯିବାକୁ ଦାବି କରିଥିଲେ। କିନ୍ତୁ ସଦର ଥାନା ପୋଲିସ ଏପର୍ଯ୍ୟନ୍ତ ଆୟୁଷ୍ମାନର ଶବ ମିଳିଥିବା ଘଟଣା ସ୍ଥଳକୁ ଯାଇ ସେଠାକାର ଲୋକମାନଙ୍କୁ ପଚରାଉଚୁରା କରିନଥିବା ବେଳେ ତଦନ୍ତକୁ ଦିଶାହୀନ କରିଦେଇଛି। ତେଣୁ ସେମାନଙ୍କର ଆଉ କେନ୍ଦ୍ରାପଡା ପୋଲିସ ଉପରେ ଭରଷା ଓ ବିଶ୍ୱାସ ରହୁନି। ତେଣୁ ଆୟୁଷ୍ମାନ ହତ୍ୟା ଘଟଣାର ଏକ ନିରପେକ୍ଷ ତଦନ୍ତ ନିମନ୍ତେ ଏହି ଘଟଣାର କ୍ରାଇମବ୍ରାଞ୍ଚସ୍ତରୀୟ ତଦନ୍ତ କରାଯିବାକୁ ଅତିରିକ୍ତ ଜିଲ୍ଲାପାଳ ସୁପାରିଶ କରିବାକୁ ମୃତ ଆୟୁଷ୍ମାନର ମା' ଲକ୍ଷ୍ମୀପ୍ରିୟା ମହାନ୍ତି, ବାପା ଖଗେଶ୍ୱର ମହାନ୍ତି, ସେବତୀ ମହାନ୍ତି, ସନ୍ଧ୍ୟାରାଣୀ ମହାନ୍ତି, ସବିତା ଦାସ, ବୀରକିଶୋର ମହାନ୍ତି, ସଙ୍କେତ ମହାନ୍ତି, ପାର୍ବତୀ ମହାନ୍ତି, ସ୍ମିତପ୍ରଜ୍ଞା ମହାନ୍ତି, ଶୃତିକନ୍ୟା ମହାନ୍ତି,ରଶ୍ମିପ୍ରଭା ମହାନ୍ତି, ସୂର୍ଯ୍ୟନାରାୟଣ ମହାନ୍ତି, ଦିପ୍ତିରାଣୀ ମହାନ୍ତି, ସଂଯୁକ୍ତା ଦାସ, ଭରତଚନ୍ଦ୍ର ଦାସ, କାଞ୍ଚନ ଦାସ, ଜୟନ୍ତୀ ଦାସ, ଭରତ ମଳିକ, ଆଶିଷ କୁମାର ଦାସ ପ୍ରମୁଖ ଶତାଧିକ ମହିଳା ଓ ପୁରୁଷମାନେ ଭେଟି ଦାବି କରିଛନ୍ତି।

## ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ଧର୍ମଶାଳା, (ଭାସ୍କର ନ୍ୟୁଜ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ମା ଜେମାଶୁଣୀ ପୀଠରେ ପଞ୍ଚକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଆଜି ଅପରାହ୍ନରେ ଶୁଭାରମ୍ଭ ହୋଇଛି। ଶହସ୍ରାଧିକ ମହିଳା ଶ୍ରଦ୍ଧାଳୁ ବ୍ରହ୍ମଣୀ ନଦୀର ଧର୍ମଶାଳା ଘାଟରେ ପୂଜାର୍ଚ୍ଚନା କରିବା ପରେ ନଦୀରୁ ଜଳ ସଂଗ୍ରହ କରି ଏକ ମଙ୍ଗଳ କଳସ ଶୋଭାଯାତ୍ରାରେ ବାହାରି ମା ଜେମାଶୁଣୀ ପୀଠରେ ପହଞ୍ଚିଥିଲେ। ମା ଜେମାଶୁଣୀ ପୀଠରେ ପୂଜାର୍ଚ୍ଚନା କରାଯାଇ କଳସ ସ୍ଥାପନା କରାଯାଇଥିଲା। ୩ଦିନ ବ୍ୟାପୀ ଏହି ଯଜ୍ଞ ଉତ୍ସବରେ ଦେବସ୍ଥାପନ, ମଙ୍ଗଳ ଅରତୀ, ଓ ବିଭିନ୍ନ ସଂସ୍କାର କାର୍ଯ୍ୟକ୍ରମମାନ ଆଜି ଅନୁଷ୍ଠିତ ହେବ। ପ୍ରତ୍ୟେକ ସଂଧ୍ୟାରେ ଭଜନ କୀର୍ତ୍ତନ ସହିତ ହରିଦ୍ୱାର ଶାନ୍ତିକୁଞ୍ଜରୁ ଆସିଥିବା ପ୍ରତିନିଧିଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଧର୍ମଶାଳା ଗାୟତ୍ରୀ ପରିବାର ସଭାପତି ଡ. ଚନ୍ଦ୍ରମଣୀ ନାୟକ ଓ ବରିଷ୍ଠ ସଭ୍ୟ ନବଘନ ମହାନ୍ତି ସୂଚନା ଦେଇଥିଲେ। କଳସଯାତ୍ରାରେ ଗୀତାଞ୍ଜଳୀ ନାୟକ, ତିଲୋତମା ରାଉତ, ସାବିତ୍ରୀ ବିଶ୍ୱାଳ, ଲିପ୍ସା ମହାନ୍ତି, ପୁଷ୍ପିତା ସାମଲ ଓ ମନୋରମା ଜେନା ସମେତ ଶତାଧିକ ମହିଳା ଯୋଗଦେଇଥିଲେ। କଳସ ଶୋଭାଯାତ୍ରାକୁ ଗାୟତ୍ରୀ ପରିବାର ସଦସ୍ୟ ବିବେକାନନ୍ଦ ଜେନା, ସୁଦାମ ଚନ୍ଦ୍ର ମହାରଣା, ପ୍ରାଣକୃଷ୍ଣ ସାମଲ, ଅନିରୁଦ୍ଧ ରାଉତ, ଚିତ୍ତରଞ୍ଜନ ସାମଲ, ମଦନମୋହନ ବିଶ୍ୱାଳ ଓ ଅଭିରାମ ନାୟକ ପରିଚାଳନରେ ସହାୟତା କରିଥିଲେ। ଏହି ଯଜ୍ଞ ଆସନ୍ତା ୧୨ତାରିଖ ସଂଧ୍ୟାରେ ଉଦ୍‌ଯାପିତ ହେବ।

## ବିସ୍ଥାପିତଙ୍କୁ ମୌଳିକ ଅଧିକାର ଯୋଗାଇ ଦିଆଯାଉ- ପ୍ରଫୁଲ୍ଲ ସାମନ୍ତରାୟ



ବଲାଙ୍ଗିର, (ଭାସ୍କର ନ୍ୟୁଜ୍): ସୁକତେଲ ଡେମ୍ ପାଦ ଦେଶରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବନଦୁର୍ଗା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସଂଜୟ ଗଡତ୍ୟା ସଭାପତିତ୍ୱରେ ଓ ସଭା କାର୍ଯ୍ୟରେ ମୁଖ୍ୟ ଅତିଥି ଭାବରେ ପରିବେଶବିଦ୍ ପ୍ରଫୁଲ୍ଲ ସାମନ୍ତରାୟ ଯୋଗ ଦେଇ ଏ ଅଞ୍ଚଳର ଅତିତରେ ପ୍ରାକୃତିକ ପରିବେଶ ନଦୀ, ନାଳ, ବଣ, ଜଙ୍ଗଲ ଏବଂ କୃଷିଜାତ ପଦାର୍ଥରେ ସମୃଦ୍ଧ ଥିଲା ଏ ଅଞ୍ଚଳ। ତେଣୁ ଏ ଅଞ୍ଚଳର ଲୋକ ଏ ଭିଟାମାଟି ଛାଡି ଅନ୍ୟତ୍ର ଯିବାକୁ ପସନ୍ଦ କରୁ ନଥିଲେ। ସେଥିପାଇଁ ସେମାନେ ଦିର୍ଘ ବର୍ଷ ଧରି ଆନ୍ଦୋଳନ କରୁଥିଲେ। ବର୍ତ୍ତମାନ ସମୟ ଆସିଛି ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ଲୋକମାନଙ୍କୁ ସମବେଦନା ନଜଣାଇ ତାଙ୍କର ମୌଳିକ ଅଧିକାର ସମ୍ବିଧାନର ଆଇନ ଅନୁଯାୟୀ ସରକାର ଦେବାକୁ ବାଧ କିନ୍ତୁ ଆଜି ବିସ୍ଥାପିତ ବଞ୍ଚିତ ହୋଇଛନ୍ତି। ସମ୍ମାନିତ ଅତିଥି ଚାଷୀ ନେତା ସରୋଜ କୁମାର ମହାନ୍ତିଙ୍କ ବକ୍ତବ୍ୟରେ ଡେମ୍‌ର ପାଣି ଚାଷୀଙ୍କ ପାଇଁ ହେଉ ନଚେତ ନଦୀକୁ ମରିବାକୁ ଦିଆନଯାଉ। ଅନ୍ୟତମ ସମ୍ମାନିତ ଅତିଥି ତ୍ରିଲୋଚନ ପୁଞ୍ଜି ଲୋୟର ସୁକତେଲ ପ୍ରକଳ୍ପର ସରକାରୀ ମଞ୍ଜୁରୀ ଠୁ ଆଜିପର୍ଯ୍ୟନ୍ତ ଘଟିଯାଇଥିବା ଅନେକ ବିଷୟବସ୍ତୁ ଉପରେ ତଥ୍ୟ ଉପସ୍ଥାପନ କରିଥିବା ସଙ୍ଗେ ସଙ୍ଗେ ମାଁ ବନଦୁର୍ଗା ଦେବୀଙ୍କ ପ୍ରତିଷ୍ଠା ଦିନର କଥା ତାଙ୍କ ପାଖରେ ଥିବା ୨୯ଖଣ୍ଡ ଗାଁ'ର ଲୋକଙ୍କ ସମର୍ଥନ କଥା ଜଣାଇଥିଲେ। ଜିଲ୍ଲା ଓକିଲ ସଂଘ ସଭାପତି ବାସୁଦେବ ରଥ ସବୁବେଳେ ସବୁ ସମୟରେ ନ୍ୟାୟିକ ବ୍ୟବସ୍ଥାରେ ବିସ୍ଥାପିତଙ୍କୁ ସମର୍ଥନ ଓ ସେବା ଯୋଗାଇ ଦେବୁ ବୋଲି ଘୋଷଣା କରିଥିଲେ। ସମାଜସେବୀ ତଥା ବିସ୍ଥାପିତ ସତ୍ୟ ବନଛୋର କିଭଳି ଭାବେ ଏ ପ୍ରକଳ୍ପରେ ଲମ୍ବା ସମୟ ଧରି ମାନସିକ, ଶାରିରୀକ ଅଶାନ୍ତିରେ ଦିନ କାଟିବା ଏବଂ ବିସ୍ଥାପିତ ପରେ ଭୋଗୁଥିବା ସମସ୍ୟା ଉପରେ ତଥ୍ୟ ରଖିଥିଲେ। ଏହି ମଞ୍ଚରେ ସଂଗ୍ରାମ ପରିଷଦର ସଭାପତି ଘୁନୁ ସାହୁ ଏବଂ ଆବାହକ ଉଦୟ ସିଂ ଠାକୁରଙ୍କୁ ସଂଗ୍ରାମୀ ସମ୍ମାନ ପ୍ରଦାନ କରାଯାଇଥିଲା। ବିକାଶ ରଂଜନ ରଥ ସଭା ସଂଯୋଜନା କରିଥିବା ବେଳେ ସମ୍ପାଦକ ଜୟକୃଷ୍ଣ ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଶା ସରକାରଙ୍କ ସହାୟତାରେ ଓ ଶିଦ୍ଧାଶ୍ରମ ସେବା ପ୍ରତିଷ୍ଠାନ ର ମିଳିତ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଏସଟି ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଜୀବନର ବାଟ ଦେଖାଇଥାଏ ଶିକ୍ଷା। ଯେଉଁଠି ଶିକ୍ଷା ନାହିଁ ସେଠାରେ ପରିବର୍ତ୍ତନ ନାହିଁ। ଶିକ୍ଷା ହିଁ ମାନବ ସମାଜକୁ ସଶକ୍ତ କରିଥାଏ ବୋଲି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଉକୁଳେଇ ସ୍ଥିତ ଏସ ଟି ଜାଭିୟର ହାଇସ୍କୁଲ ର ବାର୍ଷିକ ଉତ୍ସବ ରେ ଅତିଥି ମତ ଦେଇଛନ୍ତି।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଅନ୍ତର୍ଗତ ଉକୁଳେଇ ସ୍ଥିତ ଏସଟି ଜାଭିୟର ହାଇସ୍କୁଲର ନବମ ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଗୋବନ୍ଦ ଚନ୍ଦ୍ର ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଉପସ୍ଥିତ ବରେଣ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହିତ ଶିକ୍ଷାଦାନ କ୍ଷେତ୍ରରେ ଛାତ୍ର, ଛାତ୍ରୀଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ସ୍ଥିତି ସୁଦୃଢ କରାଯିବା ଉଚିତ ବୋଲି କହିଥିଲେ। ଗୁରୁବାର ସନ୍ଧ୍ୟାରେ ଅସ୍ତରଙ୍ଗ ବ୍ଲକର ଅନ୍ତର୍ଗତ ଉକୁଳେଇ ସ୍ଥିତ ଏସଟି ଜାଭିୟର ହାଇସ୍କୁଲ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଶିକ୍ଷାବିତି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ମହାରଣା ନିଜ ବକ୍ତବ୍ୟରେ ଶିକ୍ଷା କିଭଳି ଭାବେ ଜଣେ ମଣିଷକୁ ସମାଜର ସଠିକ ପଥରେ ବାଟ କଢ଼ାଇ ନିଏ ସେ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଶିକ୍ଷାବିତି ରବୀନ୍ଦ୍ର କୁମାର ସାମନ୍ତରାୟ କହିଥିଲେ ପିଲା ମାନେ କେବଳ ବିଦ୍ୟାଳୟରେ ଯେତିକି ପାଠ ପଢୁଛନ୍ତି ସେତିକି ଯଥେଷ୍ଟ ନୁହେଁ, ସେମାନଙ୍କୁ ଶିକ୍ଷା ଦେବାରେ ବାପା, ମା'ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିସହିତ ଗୁଣାତ୍ମକ ଶିକ୍ଷା ଏବଂ ଆଦର୍ଶ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ବିଦ୍ୟାର୍ଥୀ, ଶିକ୍ଷକ ଏବଂ ସୁସ୍ଥ ପରିବେଶ ପରି ଏକ ତ୍ରିଭୁଜ ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ସମାଜସେବୀ ତଥା ବିଦ୍ୟାଳୟ ଚ୍ୟାୟାରମ୍ୟାନ ଦୀପ୍ତିରଞ୍ଜନ ନାୟକ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ନେଇ ମାର୍ଗଦର୍ଶନ କରାଇଥିଲେ। ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ନୈତିକ ମୂଲ୍ୟବୋଧ ନେଇ ଜୀବନକୁ ଗଢିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ଅତିଥି ଜ୍ୟୋତି ରଞ୍ଜନ ନାୟକ, ନିରଞ୍ଜନ ଭଞ୍ଜ, ସୁଧାକର ଦାଶ, ପ୍ରଗତିବାଳା ପାତ୍ରୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟରେ କହିଥିଲେ ବାର୍ଷିକ ଉତ୍ସବ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ଓ ଅଭିଭାବକ ମାନଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି କରି ଅନୁଷ୍ଠାନକୁ ଆଗକୁ ନେବାରେ ସହାୟକ କରିଥାଏ। ଶିକ୍ଷକ ରଶ୍ମିରଞ୍ଜନ ନାୟକ ମଞ୍ଚ ପରିଚାଳନା କରିବା ସହ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିବା ସହିତ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ଛାତ୍ର, ଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ର, ଛାତ୍ରୀ ମାନଙ୍କୁ ଅତିଥି ଗଣ ପୁରସ୍କୃତ ପ୍ରଦାନ କରିଥିଲେ। ବାର୍ଷିକ ଉତ୍ସବରେ ବିଦ୍ୟାଳୟ ଛାତ୍ର, ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ସହ ବିଭିନ୍ନ ଚିତାକର୍ଷକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟତ୍ରୀ, ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବୀ ଓ ପରିଚାଳନା କମିଟିର ସଦସ୍ୟ ମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ବସନ୍ତ ନାୟକଙ୍କ ପରଲୋକ



ତିହିଡି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପାଳିଆ ଗ୍ରାମର ବିରଞ୍ଚି ନାରାୟଣ ମନ୍ଦିର ଟ୍ରଷ୍ଟୀ ମୁଖ୍ୟ ବସନ୍ତ କୁମାର ନାୟକଙ୍କର ଗୁରୁବାର ସକାଳେ ପରଲୋକ ହୋଇ ଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା। ସ୍ୱର୍ଗତ ନାୟକ ଦୀର୍ଘଦିନ ହୃଦରୋଗରେ ପିଡ଼ିତ ଥିଲେ। ଗତ ୮ ତାରିଖ ଦିନରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇ ଯାଇଛି। ସେ ଐତିହାସିକ ବିରଞ୍ଚି ନାରାୟଣ ଟ୍ରଷ୍ଟର ମୁଖ୍ୟ ଭାବେ ଦୀର୍ଘଦିନ ଧରି ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ତାଙ୍କ ଉଦ୍ୟମରେ ବିରଞ୍ଚି ନାରାୟଣ ମନ୍ଦିରର ବିକାଶ ହେବା ସହିତ ଏକ ଯାତ୍ରୀ ନିବାସ ନିର୍ମାଣ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇବା ପରେ ପୂର୍ବତନ ସାଂସଦ ମଂଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ଧାମନଗର ବିଜେଡି ନେତା ଡା. ସଂଜୟ କୁମାର ଦାସ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବରିଷ୍ଠ ବିଜେଡି ନେତା ଅଶୋକ ବଳ, ଅଶୋକ ନାୟକ, ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ କୁମାର ନାୟକ, ଜିଲାପରିଷଦ ସଭ୍ୟା ବିଦ୍ୟୁତଲତା ନାୟକ ପ୍ରମୁଖ ତାଙ୍କ ଶବାଧାରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ମର ଶରୀରକୁ ପାଳିଆବିନ୍ଧା କଲେଜ ଠାରୁ ଏକ ଶୋଭାଯାତ୍ରାରେ ନିଆଯାଇ ବିଜୟାନନ୍ଦ କ୍ଲବ, ବିରଞ୍ଚି ନାରାୟଣ ମନ୍ଦିର ଓ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ବାସଭବନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଗୌତମ ନାୟକ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ବିଜୟ ନାୟକ, 'ନିତିଦିନ'ର ମୁଖ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ର, ତିହିଡ଼ି ଲେଖକ ସାମ୍ମୁଖ୍ୟ ସଭାପତି ଭଗବାନ ଚନ୍ଦ୍ର ନାୟକ, ଆଇନଜୀବୀ ଚିନ୍ତାମଣି ଦାସ, ବିଜେଡି ଜିଲା ଉପସଭାପତି ସୁରେନ୍ଦ୍ର କୁମାର ନାୟକ, ବ୍ଲକ ଉପାଧ୍ୟକ୍ଷା ଶୁଭଦ୍ରା ଶତପଥି, ବିଜେଡି ଜିଲା ସମ୍ପାଦକ କମଳାକାନ୍ତ ଲେଙ୍କା, ଖଣ୍ଡାୟତ କ୍ଷତ୍ରୀୟ ମହାସଂଘ ଜିଲା ସଭାପତି ପ୍ରମୋଦ ରାୟ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।



# ଆମ କଳାହାଣ୍ଡି







ଶୁକ୍ରବାର, ୧୧ ଏପ୍ରିଲ୍ ୨୦୨୫

ଓଡ଼ିଶା ଭାସ୍କର, ଭୁବନେଶ୍ୱର




# ଜିଲ୍ଲା ପରିଷଦର ସପ୍ତମ ବୈଠକ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ପରିଷଦର ସପ୍ତମ ବୈଠକ ପରିଷଦ ସଭାଗୃହଠାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧ୍ୟକ୍ଷତାରେ ୦୯ ତାରିଖ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅଧ୍ୟକ୍ଷ ଶ୍ରୀ ସିଂଦେଓ ସମସ୍ତଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାର ଉନ୍ନତି ଓ ବିକାଶ ପାଇଁ ବୈଠକରେ ଆଲୋଚ୍ୟ ବିଷୟ ବସ୍ତୁ ସମ୍ପର୍କରେ ସମସ୍ତେ ସକ୍ରିୟ ଅଂଶ ଗ୍ରହଣ କରି ନିଜର ସୁଚିନ୍ତିତ ମତାମତ ରଖିବା ପାଇଁ ସଦସ୍ୟ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ନର୍ଲା ବିଧାୟକ ମନୋରମା ମହାନ୍ତି, କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ସାଂସଦ କଳାହାଣ୍ଡିର ପ୍ରତିନିଧି ଜୟଶଙ୍କର ନାଏକ, ସଦର ବିଧାୟକଙ୍କ ପ୍ରତିନିଧି ଧନୁର୍ଦ୍ଧର ଗହୀର, ଧର୍ମଗଡ ବିଧାୟକଙ୍କ ପ୍ରତିନିଧି ହିମାଂଶୁ ପଣ୍ଡା ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ବୈଠକରେ ଜିଲ୍ଲାର ସମସ୍ତ ଜିଲ୍ଲାପରିଷଦ ସଭ୍ୟ ସଭ୍ୟା, ପଂଚାୟତ ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷା ଯୋଗଦେଇ ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ତାର ସମାଧାନ କିପରି କରାଯାଇପାରିବ ସେ ଉପରେ ଗୁରୁତ୍ୱ ଦେବା ପାଇଁ ଗୃହରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ବିଶେଷ କରି ଖରାଦିନେ ଗ୍ରାମାଞ୍ଚଳ ମାନଙ୍କରେ ଯୁଦ୍ଧକାଳୀନ ଭିତ୍ତିରେ ଲୋକଙ୍କୁ ଆବଶ୍ୟକ ଅନୁଯାୟୀ ପାନୀୟଜଳର ସୁବିଧା ଯୋଗାଇଦେବାପାଇଁ ସମସ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ବୈଠକରେ ଶିକ୍ଷାବିଭାଗ ଦ୍ୱାରା ବିଦ୍ୟାଳୟରେ ବହୁ ଦିନରୁ ଖାଲି ପଡିଥିବା ଆବଶ୍ୟକ ପ୍ରଧାନ ଶିକ୍ଷକ ଏବଂ ସହ ଶିକ୍ଷକ ପଦବୀ ପୂରଣ, ପିଲାଙ୍କ ପାଇଁ ଆବଶ୍ୟକ ହଷ୍ଟେଲ ନିର୍ମାଣ, ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ସିଏଚ୍‌ସି ଗୁଡିକରେ ଖାଲିପଡିଥିବା ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ ଓ ଷ୍ଟାଫ କ୍ୱାର୍ଟର ନିର୍ମାଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏମ୍‌ଆର୍‌ଆଇର ସୁବିଧା, ଶବବାହକ ଗାଡିର ବ୍ୟବସ୍ଥା, ଆବଶ୍ୟକ ବିଦ୍ୟୁତ ଯୋଗାଣର ବ୍ୟବସ୍ଥା, ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇନଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରିବା। ଗୋପବନ୍ଧୁ ପେନସନ୍ ଯୋଜନାରେ ବାଦ ପଡିଥିବା ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ସାମିଲ କରିବା, କୃଷି କ୍ଷେତ୍ରରେ ଉନ୍ନତ ମାନର ବିହନ, ସାର ଯୋଗାଇବା ସହିତ ବହୁତ ଦିନ ଧରି ଗୋଟିଏ ଷ୍ଟେସନରେ ରହିଥିବା ଭିଏଡବ୍ଲୁ ମାନଙ୍କୁ ଅନ୍ୟତ୍ର ବଦଳି କରାଯିବ, ରାସ୍ତା ନିର୍ମାଣ, ଅସମ୍ପୂର୍ଣ୍ଣ ସ୍କୁଲ ଘର, ଅଙ୍ଗନବାଡି କେନ୍ଦ୍ର ତୁରନ୍ତ ନିର୍ମାଣ, ଗାଆଁ ମାନଙ୍କରେ ମଦ କୋଠି ବନ୍ଦ କରିବା, ଅସମ୍ପୂର୍ଣ୍ଣ ମେଗାଜଳ ପ୍ରକଳ୍ପର ତୁରନ୍ତ ନିର୍ମାଣ ଶେଷ କରିବା, ମେଗାଜଳ ପ୍ରକଳ୍ପ କାମ ପାଇଁ ବିଭିନ୍ନ ଜାଗାରେ ଖୋଳି ଦିଆଯାଇଥିବା ରାସ୍ତାର ମରାମତି ଇତ୍ୟାଦି ସମ୍ପର୍କରେ ବୈଠକରେ ବିଶେଷ ଆଲୋଚନା କରାଯାଇଥିଲା। ଜିଲ୍ଲାସ୍ତରୀୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗର ଉନ୍ନୟନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଗୃହରେ ଉପସ୍ଥାପନା କରିଥିଲେ। ଗୃହରେ ବିଭିନ୍ନ ସଦସ୍ୟ, ସଦସ୍ୟାଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଧରାପଡିଲେ ସହକାରୀ ପ୍ରଫେସର

## ନକଲି ଜାତି ପ୍ରମାଣପତ୍ର ଦେଇ ହାତେଇ ଥିଲେ ଚାକିରୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକର ଲାଞ୍ଜି ଗାଆଁରୁ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗକୁ ଲମ୍ଫି ଯାଇଥିଲା ନକଲି ଆଦିବାସୀ ପ୍ରମାଣପତ୍ର ଦେଇ ଚାକିରୀ ପାଇବାର ଚେର। କଳାହାଣ୍ଡି ଜିଲ୍ଲା ଆଦିବାସୀ ସଂଘର ଅଭିଯୋଗ କ୍ରମେ ବ୍ରହ୍ମପୁର ଠାରେ ଥିବା ରାଜ୍ୟସ୍ତରୀୟ ଯାଞ୍ଚ କମିଟି ତଦନ୍ତ କରି ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାର ପର୍ଦ୍ଦାଫାଶ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ମଙ୍ଗଳ ଅଧିକାରୀ ଏ ସମ୍ପର୍କରେ କେଗାଁ ଥାନାରେ ଏତଲା ଦାୟର କରିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ଯେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ଲାଞ୍ଜି ଗାଁର ଲାଲୁଦେବ ସାହୁଙ୍କ ପୁଅ ପରିକ୍ଷୀତ ସାହୁ ଉକ୍ତ ଗ୍ରାମର ବୃକୋଦର ଭୋଇଙ୍କୁ ପୋଷ୍ୟପୁତ୍ର ଭାବେ ଦଲିଲ ପ୍ରସ୍ତୁତ କରି ନେଇଥିଲେ। ସେହି ଦଲିଲ ବଳରେ ସେ ଆଦିବାସୀ ନ ହୋଇ ମଧ୍ୟ ନକଲି ଆଦିବାସୀ ଜାତି ପ୍ରମାଣ ପତ୍ର ନେଇ ବିଭିନ୍ନ କଲେଜରେ ଅଧ୍ୟାପକ ଭାବେ ଚାକିରୀ କରୁଥିଲେ। ସଂପ୍ରତି ସେ ସମ୍ବଲପୁର ଜିଏମ୍ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ସହକାରୀ ପ୍ରଫେସର ଭାବେ କାମ କରୁଛନ୍ତି। କଳାହାଣ୍ଡି ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ ବ୍ରହ୍ମପୁର ସ୍ଥିତ ଯାଞ୍ଚ କମିଟି ନିକଟରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। କମିଟି କେସ୍ ନଂ.୧୪/୨୦୨୩ ରୁଜୁ କରି ଧର୍ମଗଡ ଓ ଗୋଲାମୁଣ୍ଡା ତହସିଲଦାରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦୁଇ ତହସିଲଦାରଙ୍କ ତଦନ୍ତ ରିପୋର୍ଟ ଅନୁସାରେ କମିଟି ଗତ ଜାନୁୟାରୀ ୨୫ରେ ଚୂଡାନ୍ତ ରାୟ ପ୍ରକାଶ କରିଥିଲେ। ସହକାରୀ ପ୍ରଧ୍ୟାପକ ଶ୍ରୀ ଭୋଇଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହିତ ଜାତି ପ୍ରମାଣପତ୍ର ରଦ୍ଦ, ତାଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଜଣେ ଅଣ ଆଦିବାସୀଙ୍କୁ ଆଦିବାସୀ ପ୍ରମାଣପତ୍ର ଦେବାରେ ସହଯୋଗ କରିଥିବା ରାଜସ୍ୱ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ମଧ୍ୟ କମିଟି ସୁପାରିଶ କରିଛନ୍ତି। ଆସନ୍ତା ୨୫ ତାରିଖରେ ଏହି କେସ୍‌ର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାପଡିଛି। କଳାହାଣ୍ଡି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ପତ୍ରସଂଖ୍ୟା ନଂ.୧୧୮୧/୦୮.୪.୨୫ ରେ କେଗାଁ ଥାନା ଆଇଆଇସିଙ୍କୁ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସଂଘ ଦାବି କରିଥିବା ବେଳେ ଏଥିରେ ଟାଳଟୁଳ ନୀତି ଅବଲମ୍ବନ କଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ଘଟଣା ଏଠାରେ ବେଶ୍ ଚାଞ୍ଚଲ୍ୟ ସୃଷ୍ଟି କରିଛି।

**ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନର ଚେତାବନୀ**

# 'ଆସ ବହିଟିଏ କିଣିବା' ଦିବସ ପାଳିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସମଗ୍ର ରାଜ୍ୟରେ ଓଡ଼ିଆ ପକ୍ଷ ପାଳିତ ହେଉଥିବା ବେଳେ କଳାହାଣ୍ଡିର ମାଆ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟରେ ମଧ୍ୟ ୯ ତାରିଖ ବୁଧବାର ଦିନ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ଉପ କୁଳସଚିବ ଡ. ଜୟଦେବ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ପ୍ରୋଗ୍ରାମ ଅଫିସର ଅଂଶୁମାନ ବାବୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଓଡିଆ ପକ୍ଷ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

# ରଣଜାଲରେ ଗ୍ରାମାଞ୍ଚଳ ମହିଳା : ବନ୍ଧା ପଡୁଛି ସୁନାଗହଣା

ଲାଞ୍ଜିଗଡ,(ଭାସ୍କର ନ୍ୟୁଜ୍) : ଏବେ ଗାଁ ଗାଁରେ ବିଛେଇ ହୋଇଛି ରଣର ମାୟାଜାଲ। ଏହି ମାୟାଜାଲରେ ଛନ୍ଦି ହୋଇଛନ୍ତି ହଜାର ହଜାର ମହିଳା। ନିଜ ନିଜର ସମସ୍ତ ଆୟ ଓ ଉପାର୍ଜନ ଯାଉଛି ରଣ କିସ୍ତି ଶୁଝିବାରେ। ସାପ୍ତାହିକ, ପାକ୍ଷିକ ଓ ମାସିକ କିସ୍ତି ଶୁଝିବାରେ ବନ୍ଧା ପଡିଯାଉଛି ଘରର ସୁନାଗହଣା, ବାସନକୁସନ। ଏପରି ଘଟଣା ନିତିଦିନିଆ ପାଲଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଅଞ୍ଚଳରେ। ବ୍ଲକର ୨୬ ଗୋଟି ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଏବେ ଶତାଧିକ ବେସରକାରୀ ରଣ ପ୍ରଦାନକାରୀ ସଂସ୍ଥା ଏବେ ଜାଲ ବିଛାଇଛନ୍ତି। ପାଞ୍ଚଜଣ- ଦଶଜଣ ମହିଳାଙ୍କୁ ନେଇ ଗୋଷ୍ଠୀ ଗଠନ କରିବା ସହିତ ୩୦ ହଜାର ଟଙ୍କାରୁ ଆରମ୍ଭ କରି ୮୦ ହଜାର, ଏକ ଲକ୍ଷ ଓ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟକ୍ତିଗତ ରଣ ଦେଉଛନ୍ତି। ବିନା କୌଣସି ବନ୍ଧକ ଓ ସାମାନ୍ୟ କାଗଜପତ୍ର ବିନିମୟରେ ରଣ ମିଳିଯାଉଥିବାରୁ ଏଥିପ୍ରତି ଲୋକେ ସହଜରେ ଆକୃଷ୍ଟ ହେଉଛନ୍ତି। ସେହିପରି ଗାଁ ଗାଁରେ ନିଜ ନିଜର ଏଜେଣ୍ଟ ନିଯୁକ୍ତ କରି ସେମାନଙ୍କ ଜରିଆରେ କିସ୍ତି ସଂଗ୍ରହ କରାଯାଉଛି। ଏପରିକି ରଣ କିସ୍ତି ପାଇଁ ଘରେ ଘରେ କଳିଝଗଡା ଭଳି ପରିସ୍ଥିତି ସୃଷ୍ଟି ହେଉଥିବାବେଳେ ଗରିବ ଗୁରୁବା ଲୋକେ କିସ୍ତି ଶୁଝିବା ଚକ୍କରରେ ଘରର ସୁନାଗହଣା ବନ୍ଧା ପକାଇଦେଉଥିବାବେଳେ ସମୟ ସମୟରେ ଘରର ବାସନକୁସନ ବନ୍ଧା ଦେଇ କିସ୍ତି ସୁଝୁଥିବା ଦେଖିବାକୁ ମିଳୁଛି। ଗାଁ ଗାଁରେ ଜାଲ ବିଛାଇ ଲୋକଙ୍କୁ ସହଜ ରଣ ପ୍ରଦାନ ନାଁରେ ସର୍ବସ୍ୱାନ୍ତ କରୁଥିବା ଏହି ଅର୍ଥ ଲଗାଣକାରି ସଂସ୍ଥା ଗୁଡିକ ଉପରେ ସରକାର, ପ୍ରଶାସନ କାହାର ଅଙ୍କୁଶ ନଥିବାବେଳେ ଏଥିଯୋଗୁଁ ଗ୍ରାମାଞ୍ଚଳରେ ଲୋକଙ୍କ ଆର୍ଥିକ ସ୍ଥିତି ଆହୁରି ଶୋଚନୀୟ ହୋଇପଡୁଛି। ବ୍ଲକର ଦୁର୍ଗମ ଓ ଆଦିବାସୀ ବହୁଳ ଅଞ୍ଚଳରେ ଏହି ଅର୍ଥ ଲଗାଣକାରୀ ସଂସ୍ଥାଗୁଡିକ କାୟା ବିସ୍ତାର କରି ଚାଲିଥିବାବେଳେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ଗ୍ରାମାଞ୍ଚଳ ମହିଳାମାନଙ୍କୁ ଏହି ରଣର ମାୟା ଜାଲରୁ ଉଦ୍ଧାର କରିବାକୁ ଦାବି ହେଉଛି।

# ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଅନୁପମ ସମାବେଶ



କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : ଶିକ୍ଷକତା ଏକ ବୃତ୍ତି ନୁହେଁ , ମାନବ ସମାଜକୁ ଦିଗଦର୍ଶନ ଦେଇ ଅନନ୍ତ ସ୍ୱର୍ଣ୍ଣିମ ସମ୍ଭାବନାର ଚିତ୍ରକାର ରୂପେ ଗଢି ତୋଳିବାର ଏକ ତ୍ୟାଗପୂତ ସେବା ଓ ତ୍ୟାଗ। ଶିକ୍ଷା ହିଁ ସାମାଜିକ ସହାବସ୍ଥାନର ମୂଳ ଚାବି କାଠି ବୋଲି ମୁଖ୍ୟ ଅତିଥି ଯାଜ୍ଞସେନୀ ସାହା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଆୟୋଜିତ ପ୍ରଥମ ଓଡ଼ିଆ ପକ୍ଷ-୨୦୨୫ ପାଳନ ଅବସରରେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଧୀରଜ କୁମାର ଅଗ୍ରଓ୍ୱାଲ ଓ ବିଦ୍ୟାଳୟ ପରିଚାଳନା ସଭାପତି ଶିବ ପ୍ରସାଦ ସାହୁ ଯୋଗଦାନ କରିଥିଲେ। ଏହି ଅବସରରେ କେସିଙ୍ଗା ସହରର ଆଠ ଜଣ ବରିଷ୍ଠ କଳାକାର ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ହିସାବରେ ବୈଷ୍ଣବ ଚରଣ ସାହା, ପୁରନ୍ଦର ଭୋଇ, ହୃଦାନନ୍ଦ ସାହା, ତେଜରାମ ମାଝୀ, ଲଳିତ ରଞ୍ଜନ ସାହା, ଅଜିତ ପଣ୍ଡା, ଚିତ୍ତ ରଞ୍ଜନ ବରର୍ତ୍ତୀ, ସ୍ୱାତୀ ଜୈନଙ୍କୁ ସମ୍ବର୍ଦ୍ଧନା ଓ ଉପଢୌକନ ପ୍ରଦାନ କରାଯାଇଥିଲା । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଏହି ଅନୁପମ ସମାବେଶର ଆୟୋଜନ କରିଥିବାରୁ ସମସ୍ତ ସମ୍ବର୍ଦ୍ଧିତ ବ୍ୟକ୍ତି ମାନେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସାଧୁବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ଜି.କ୍ରିଷ୍ଣା ରେଡ୍ଡୀ ପରିଚାଳନା କରିଥିଲେ ।

# ଟ୍ୟାକ୍ସ ବାର୍ ସଂଘର ବାର୍ଷିକ ସାଧାରଣ ସଭା ଓ ନିର୍ବାଚନ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହଣ୍ଡି ଟ୍ୟାକ୍ସ ବାର୍ ଆସୋସିଏସନ୍‌ର ବାର୍ଷିକ ସାଧାରଣ ସଭା ତଥା ବାର୍ଷିକ ନିର୍ବାଚନ ସମାପ୍ତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ କଳାହଣ୍ଡି ଜିଲ୍ଲାର ସମସ୍ତ ବ୍ୟବସାୟ ଏବଂ ଆଇନଜୀବୀମାନଙ୍କର ଆୟକର ତଥା ଦ୍ରବ୍ୟ ଓ ସେବା କରର ବିଭିନ୍ନ ସମସ୍ୟା ଓ ତାର ସମାଧାନ ଏବଂ ସଂପୃକ୍ତ ଜିଏସ୍‌ଟି କାର୍ଯ୍ୟାଳୟର ଅନିୟମିତ ନୋଟିସ୍ ଓ ତାର ସମାଧାନ ଉପରେ ବିଶଦ୍ ଆଲୋଚନା ହୋଇଥିଲା। ପରେ ସର୍ବସମ୍ମତିକ୍ରମେ ଟ୍ୟାକ୍ସ ବାର ଆସୋସିଏସନ୍‌ର ସଭାପତି ଭାବରେ ଗୋପାଲ ଜୈନ, ଉପସଭାପତି ବିନୋଦ ଶର୍ମା ଓ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ସାଧାରଣ ସଂପାଦକ ଭାବରେ ସଂଜୀବ କୁମାର ସିଂହ, ସଂଯୁକ୍ତ ସାଧାରଣ ସଂପାଦକ ଭାବେ ଦେବାଶିଶ ମହାପାତ୍ର ଓ ନିହାର ରଂଜନ ମହାନ୍ତି, କୋଷାଧ୍ୟକ୍ଷ ଭାବେ ଅଶୋକ ବେହେରା ଓ କାର୍ଯ୍ୟକାରୀ ସଭ୍ୟ ଭାବରେ ଆର୍ତ୍ତତ୍ରାଣ ପଣ୍ଡା, ଧ୍ୟାନାନନ୍ଦ ପଣ୍ଡା ଓ ପବନ କୁମାର ସାହୁ ମନୋନୀତ ହୋଇଥିଲେ। ଉକ୍ତ ସଭାରେ ଗୋପାଳ ଜୈନ ସଭାପତିତ୍ୱ କରିଥିଲାବେଳେ ସାଧାରଣ ସଂପାଦକ ସଂଜୀବ କୁମାର ସିଂହ ଉପସ୍ଥିତ ସମସ୍ତ ନବନିର୍ବାଚିତ ସଭ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

# କର୍ଲାଗୁଡାରେ ଶ୍ରୀରାମଲୀଳା ମହୋତ୍ସବ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଫରଙ୍ଗ ପଞ୍ଚାୟତ କର୍ଲାଗୁଡା ଗ୍ରାମ ଠାରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ରାମଲୀଳା ମହୋତ୍ସବ ବା ରାବଣ ଦରବାର ତିନିଦିନ ପାଇଁ ଅନୁଷ୍ଠିତ ହୋଇଯାଇଛି। ଆଜି ହେଉଛି ଦ୍ୱିତୀୟ ସନ୍ଧ୍ୟା ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ସାମାଜିକ କର୍ମୀ ଦେବେନ୍ଦ୍ର ପ୍ରଧାନ,ସମ୍ମାନିତ ଅତିଥି ଭାବରେ ସାମାଜିକ କର୍ମୀ ଆଦିତ୍ୟ ମୁଣ୍ଡ, ସରୋଜ ନିଆଲ, ଡମ୍ବରୁଧର ଭୋଇ, ରାମ ମନ୍ଦିର ପୂଜକ ନୀଳାଞ୍ଚଳ ମିଶ୍ର, ଓ୍ୱାର୍ଡ ମେମ୍ବର ରୁଦ୍ର ପ୍ରସାଦ ପ୍ରଧାନ, ସାମ୍ବାଦିକ ରବୀନ୍ଦ୍ର ରାଉତ, ସମ୍ବାଦିକ ପ୍ରିୟକୃଷ୍ଣ ପୁଟେଲ, ସାମ୍ବାଦିକ ହୃଦାନନ୍ଦ ନାଏକ, ସମ୍ବାଦିକ ଧନେଶ୍ୱର ଭାଟି ପ୍ରମୁଖ ରାମଲୀଳା ମହୋତ୍ସବରେ ଯୋଗଦେଇଥିଲେ। ମହୋତ୍ସବରେ ସମସ୍ତ ସାମାଜିକ କର୍ମୀ ଓ ସାମ୍ବାଦିକଙ୍କୁ ନିଜର କାର୍ଯ୍ୟ ଦକ୍ଷତା ପାଇଁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ରାବଣ ଦରବାରରେ ପ୍ରଭୁ ହନୁମାନଙ୍କ ଲଙ୍କାପୋଡି ବିଷୟ ବସ୍ତୁ ପ୍ରଦର୍ଶନ କରାଯାଇଥିଲା। ରାବଣ ଅଭିନୟରେ ସୁମନ୍ତ କୁମାର ମେହେର ଅଭିନୟ କରୁଛନ୍ତି। ଅନୁଷ୍ଠାନର ସଭାପତି ବିଶ୍ୱଜିତ ପ୍ରଧାନ, ସମ୍ପାଦକ ବବ୍ରୁ ବାହାନ ପ୍ରଧାନ, ଅନ୍ୟମାନଙ୍କ ମଧ୍ୟରେ ନୀଳାଚଳ ମିଶ୍ର, ବଦ୍ରି ଦାସ, ପ୍ରମୋଦ ପ୍ରଧାନ, ନଉ କିଶୋର ପ୍ରଧାନ, ସତ୍ୟ ପ୍ରଧାନ ତଥା କର୍ଲା ଗୁଡା ଗ୍ରାମବାସୀ ସହଯୋଗ କରିଥିଲେ।

# ଦୟନୀୟ ଅବସ୍ଥାରେ ବାପା-ମାଆ ଛେଉଣ୍ଡ ଭାଇ-ଭଉଣୀ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବୋରଗୁଡା ଗ୍ରାମରେ ଦୁଇ ଭାଇ ଭଉଣୀ ବାପା, ମାଁ ଛେଉଣ୍ଡ ହୋଇ ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ସୂଚନାରୁ ପ୍ରକାଶ ବୈଦ୍ୟନାଥ ସାହୁ ଓ ନେପୁର ସାହୁଙ୍କ ପରଲୋକ ପରେ ପୁଅ କେଦାର (୨୦) ଏବଂ ଝିଅ ଲୀଳା ବତି (୧୮) ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏପଟେ କେଦାର ଚାଲି ପାରୁ ନାହାଁନ୍ତି କି କଥା ମଧ୍ୟ କହିପାରୁ ନାହାନ୍ତି। ଯାହାକି ଲୀଳାବତୀଙ୍କ ମୁଣ୍ଡରେ ବୋଝ ଉପରେ ନଳିତା ବିଡା ସଦୃଶ୍ୟ ଦେଖା ଦେଇଛି। ସରକାରୀ ସ୍ତରରେ କେଦାର ୧୦୦୦ ଟଙ୍କା ଭତ୍ତା ପାଉଥିବା ବେଳେ ରାସନ କାର୍ଡ ଜରିଆରେ ଚାଉଳ ମୁଠେ ପାଉଛନ୍ତି। ତଥାପି ସମାଜରେ ଚଳିବା କଷ୍ଟସାଧ୍ୟ ହୋଇପଡିଛି। ଉଭୟଙ୍କ ଘର ଖଣ୍ଡେ ମଧ୍ୟ ନାହିଁ । ଦୁହେଁ ତାଙ୍କ କାକା ପ୍ରଭାକର ସାହୁଙ୍କ ଘରେ ରହୁଛନ୍ତି। ତେବେ ପ୍ରଭାକର ମଧ୍ୟ ଜଣେ ଦିନ ମଜୁରିଆ ଶ୍ରେଣୀର ଅଟନ୍ତି। ମଜୁରୀ କଲେ ନିଜ ଜୀବନ ବିତାଉଛନ୍ତି ହେଲେ ଦୁଇ ଭାଇ ଭଉଣୀକୁ ପ୍ରତିପୋଷଣ କରିବା ତାଙ୍କ ପାଇଁ କଷ୍ଟ ହୋଇ ପଡିଛି। ଏ ଉପରେ ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦୁଇ ଭାଇ ଭଉଣୀ ଦାବି କରିଛନ୍ତି।

# ରାଶିଫଳ

**ଶୁକ୍ରବାର, ୧୧ ଏପ୍ରିଲ ୨୦୨୫**



**ମେଷ:** ଆଜି ଏକ ଭଲ ଦିନ ହେବ। ନୂତନ ବ୍ୟବସାୟ ସଂପ୍ରସାରଣ ଯୋଜନା ଗଠନ ହୋଇପାରେ। କଣ୍ଟିଜେନ୍ସି ଲାଭ ପ୍ରଦାନ କରାଯିବ, ଯାହା ଆର୍ଥିକ ସ୍ଥିତିକୁ ମଜବୁତ କରିବ। ବନ୍ଦ ହୋଇଥିବା ଟଙ୍କା ମିଳିପାରିବ।



**ବୃଷ:** ଆଜି ଶୁଭ ହେବ। ବ୍ୟବସାୟରେ କଣ୍ଟିଜେଣ୍ଟ୍ ଲାଭ ହେଉଛି। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ସ୍ଥାନାନ୍ତର ସହିତ ଆୟ ମଧ୍ୟ ବୃଦ୍ଧି ପାଇପାରେ, ଯାହା ଆର୍ଥିକ ସ୍ଥିତିକୁ ମଜବୁତ କରିବ। କିଛି ନୂଆ କରିବାକୁ ଇଚ୍ଛା ମଧ୍ୟ ରହିବ। କୌଶଳ ହେତୁ ଜଣେ ଅଧିକାରୀଙ୍କଠାରୁ ସମ୍ମାନ ପାଇପାରିବେ।



**ମିଥୁନ:** ଆଜି ଏକ ସାଧାରଣ ଦିନ ହେବ। ପରିଶ୍ରମ କରିବା ଅପେକ୍ଷା କର୍ମ କ୍ଷେତ୍ରର ଯୋଜନା ଅଧିକ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। ଅଧିକାରୀମାନଙ୍କର ସହାୟତା ପାଇବେ। ପୁରୁଣା ରଣରୁ ମୁକ୍ତି ମିଳିପାରେ। ପରିବାର, ବନ୍ଧୁ ଏବଂ ସମ୍ପର୍କୀୟମାନେ ଆପଣଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିବେ।



**କର୍କଟ:** ଆଜି ମିଶ୍ରିତ ଦିନ ହେବ। ଚାକିରି କ୍ଷେତ୍ରରେ ଅଧିକ ପରିଶ୍ରମ ହେବ। ଆପଣଙ୍କର ପ୍ରୟାସ କାର୍ଯ୍ୟରେ ସଫଳତା ଆଣିବ, ମାନସିକ ଏବଂ ଶାରୀରିକ ଥକ୍କା ଅନୁଭବ କରିବେ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ଆପଣଙ୍କର ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ, ନଚେତ୍ ଆପଣ ଏକ ବିବାଦରେ ପଡ଼ିପାରନ୍ତି।



**ସିଂହ:** ବ୍ୟବସାୟ ଭଲ ହେବ ଏବଂ ଆର୍ଥିକ ଲାଭ ପାଇବ। କଣ୍ଟିଜେନ୍ସି ସୁବିଧା ଏବଂ ଚାକିରି ପଦୋନ୍ନତି ଗଠନ ହେବ । କାର୍ଯ୍ୟ ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ତଥାପି, ସେଠାରେ ଅଧିକ କାର୍ଯ୍ୟ ଭାର ରହିବ, ଯାହା ଥକ୍କାପଣର କାରଣ ହୋଇପାରେ।



**କନ୍ୟା:** ବ୍ୟବସାୟ ଭଲ କରିବ। କାର୍ଯ୍ୟରେ ସଫଳତା ହେତୁ ମନ ଖୁସି ହେବ ଏବଂ ବାସ୍ତୁ ଭୋଗର ଧାରା ବଢିବ। ରିଅଲ୍ ଇଷ୍ଟେଟ୍ ଏବଂ ପୁଂଜି ବିନିଯୋଗ ପାଇଁ ଏକ ଯୋଜନା ହୋଇପାରେ। ଯେ କୈାଣସି ପାରିବାରିକ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରିନ୍ତି।



**ତୁଳା:** ଆଜି ମିଶ୍ରିତ ଦିନ ହେବ। କାର୍ଯ୍ୟ କ୍ଷେତ୍ରରେ ଛୋଟ ସମସ୍ୟା ଆସିପାରେ, କିନ୍ତୁ କଠିନ ପରିଶ୍ରମ କାର୍ଯ୍ୟରେ ସଫଳତା ଆଣିବ। ପରିବାର ଏବଂ ସାଙ୍ଗମାନଙ୍କୁ ମଧ୍ୟ ସମର୍ଥନ କରାଯିବ। ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ବିପଦ ଗ୍ରହଣ କଲେ କ୍ଷତି ହୋଇପାରେ। ବେକାରମାନେ ରୋଜଗାରର ସୁଯୋଗ ପାଇବେ।



**ବିଛା:** ଆଜି ଏକ ସାଧାରଣ ଦିନ ହେବ। ବ୍ୟବସାୟ ଭଲ କରିବ ଏବଂ ଆର୍ଥିକ ପରିସ୍ଥିତି ଦୃଢ ହେବ। ହଠାତ୍ ଲାଭର ଯୋଗ ମଧ୍ୟ କରାଯାଉଛି। ଚାକିରିରେ ସ୍ଥାନାନ୍ତର କିମ୍ବା ପଦୋନ୍ନତି ହେବାର ସମ୍ଭାବନା ରହିବ। ବିବାହିତ ଜୀବନ ମଧ୍ୟ ସୁଖଦ ହେବ। କ୍ରୋଧକୁ ନିୟନ୍ତ୍ରଣ କର, ଅନ୍ୟମାନେ ଏକ ବିବାଦରେ ପଡ଼ିପାରନ୍ତି।



**ଧନୁ:** ବେକାରମାନଙ୍କ ପାଇଁ ଦିନଟି ଭଲ। ପରିଶ୍ରମ କର। କ୍ୟାରିଅରରେ ଆଗକୁ ବଢିବାର ସୁଯୋଗ ଆସିପାରେ। ଆତ୍ମବିଶ୍ୱାସ ବିପଦପୂର୍ଣ୍ଣ କାର୍ଯ୍ୟରେ ସଫଳତା ଆଣିପାରେ। ଟଙ୍କା ଏବଂ ବ୍ୟବସାୟିକ ବିଷୟଗୁଡ଼ିକର ଯତ୍ନ ନେବାକୁ ପଡ଼ିବ। ସାମାଜିକ କାର୍ଯ୍ୟର ଧାରା ବୃଦ୍ଧି ପାଇବ। ପାରିବାରିକ ସମ୍ପର୍କ ଉନ୍ନତି ହୋଇପାରେ।



**ମକର:** ଆଜି ଏକ ସାଧାରଣ ଦିନ ହେବ। କାର୍ଯ୍ୟଟି ଭଲରେ ଯିବ ଏବଂ ଲାଭର ରାଶି ମଧ୍ୟ ସେଠାରେ ରହିବ, କିନ୍ତୁ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ଅତ୍ୟଧିକ କାର୍ଯ୍ୟ ହେତୁ ଆପଣ ଥକ୍କା ଅନୁଭବ କରିବେ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ବକ୍ତବ୍ୟକୁ ମଧ୍ୟ ନିୟନ୍ତ୍ରଣ କରନ୍ତୁ, ନଚେତ୍ ବିବାଦ ହେବ। ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ। ପରିବାରର ପରିବେଶ ଭଲ ରହିବ ଏବଂ ପରିବାରର ସମ୍ପୂର୍ଣ୍ଣ ସମର୍ଥନ ରହିବ। କାରବାରରୁ ଦୂରେଇ ରୁହନ୍ତୁ।



**କୁମ୍ଭ:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟରେ ଅର୍ଥନୈତିକ ଲାଭର ରାଶି ଦିଆଯାଉଛି। ପରିବାର ଏହି କ୍ଷେତ୍ରରେ ପୂର୍ଣ୍ଣ ସମର୍ଥନ ପାଇବେ। କର୍ମକ୍ଷେତ୍ରରେ ଚିନ୍ତିତ ହେବେ। ପୁରୁଣା ସାଙ୍ଗମାନେ ମଧ୍ୟ ସମର୍ଥନ କରିବେ। ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଆବଶ୍ୟକ। ବ୍ୟବସାୟକୁ ବିସ୍ତାର କରିବା ପାଇଁ ନୂତନ କାର୍ଯ୍ୟ ଆରମ୍ଭ କରିପାରିବ।



**ମୀନ:** ଆଜି ଏକ ସାଧାରଣ ଦିନ ହେବ। କାର୍ଯ୍ୟ କ୍ଷେତ୍ରରେ ଅଧିକ ପରିଶ୍ରମ ହେବ। ଛୋଟ ଅସୁବିଧା ଆସିପାରେ, କିନ୍ତୁ ତୁମର ଉଦ୍ୟମ ସହିତ, କାର୍ଯ୍ୟରେ ସଫଳତା ଆସିବ। କ୍ରୋଧର ନିୟନ୍ତ୍ରଣ ରଖନ୍ତୁ ଏବଂ ମାନସିକ ସ୍ତରରେ ବିଭ୍ରାନ୍ତି ଦୂର କରି ରୁହନ୍ତୁ। ପରିବାରର ପରିବେଶ ଭଲ ରହିବ, କିନ୍ତୁ ବକ୍ତବ୍ୟରେ କାହାକୁ ଆଘାତ କର ନାହିଁ, ଏହାର ଯତ୍ନ ନିଅ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ

ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧

ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର






କଣ୍ଟାପଡା (ଭାସ୍କର ନ୍ୟୁଜ୍):ବେଶ ପୋଷାକ ସାଙ୍ଗକୁ ନାମୀଦାମୀ କମ୍ପାନୀର ଜୋତା। ଟାଏ ସାଙ୍ଗକୁ ପଲସର ବାଇକ, ଯିଏ ଦେଖିବ ସମ୍ଭ୍ରାନ୍ତ ଘରର ପିଲା ବୋଲି କହିବ। କିନ୍ତୁ ସେମାନଙ୍କ ଅସଲ ପରିଚୟ ପଦାରେ ପଡିଛି। ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅଧୀନରେ। ଉକ୍ତ ଥାନା ଅଧିନସ୍ତ ଝାରପଡା ଗ୍ରାମର ଅନ୍ତର୍ଯ୍ୟାମୀ ଜେନା, ସୁନା ଜିନିଷ ଚୋରି ହେବା ନେଇ ଗୋବିନ୍ଦ ପୂର ଥାନାରେ ଅଭିଯୋଗ କରିଥିଲେ। ଗୋବିନ୍ଦପୂର ପୋଲିସ ୮୧/୨୫ ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ଆରମ୍ଭ ରୁ ବିଭିନ୍ନ ଜାଗାରେ ଲାଗିଥିବା ସୀ ସୀ ଟିଭି ଫୁଟେଜ କୁ ଯାଞ୍ଚ କରିଥିଲା। ସୀ ସୀ ଟି ଭି ରେ ବ୍ୟବହୃତ ଗାଡି ରେ ହନୁମାନ ଷ୍ଟିକର ମରାହୋଇଥିଲା। ଏହି ହନୁମାନ ଷ୍ଟିକର ହିଁ ଧରାଇ ଦେଇଥିଲା ଚୋର ମାନଙ୍କୁ। ହନୁମାନ ଷ୍ଟିକର ଲାଗିଥିବା ପଲସର ଟି ହେଲାଓଡି-୦୨ସିକେ -୪୪୭୫।ଏହି ଗାଡି କୁ ବ୍ୟବହାର କରୁଥିଲେ ଉକ୍ତ ଥାନା ଅଧିନସ୍ଥ ବଡ଼ ପାଟ ସୁନ୍ଦର ପୂର ଗ୍ରାମର ମିଥୁନ ଭୋଇ ଓରଫ ଟିକୁ (୨୬), ରାକେଶ ବେହେରା ଓରଫ ରାକେଶ (୨୬), ବୈଦ୍ୟନାଥ ବେହେରା ଓରଫ ଦିପୁନା (୩୫), ଏମାନଙ୍କ ଠାରୁ ପଲସର ଗାଡି ଶହ ସୁନା ଚେନ୍ ଓ ଦୁଇଟି ମୁଦି ଜବତ କରିଛନ୍ତି। ଏମାନେ ଦିନରେ ଅସ୍ଥାୟୀ ଟେଲିଫୋନ କର୍ମଚାରୀ ଭାବେ କାମ କରୁଥିବା ବେଳେ ରାତିରେ ଲୋକମାନଙ୍କ କବାଟ ତାଡ଼ି ସୁନା ରୂପା ଟଙ୍କା ପଇସା ଚୋରି କରିଥାନ୍ତି। ସୁବିଧା ଓ ସମୟ ଦେଖି ଝିଅ ଓ ମହିଳା ଠାରୁ ଚେନ୍,କାନଫୁଲ, ମୋବାଇଲ ଝମ୍ପି ନେଇଥାନ୍ତି। ଏମାନଙ୍କ ନାମରେ ଗୋବିନ୍ଦପୁର ସମେତ ଓଲଟପୁର, ନିଆଳି, ସଦର, ବାଲିଅନ୍ତା, ବାଲିପାଟଣା ଓ ବିରିଡି ଥାନାରେ ଅନେକ ମାମଲା ଥିବା ସଦର ଏସ ଡି ପି ଓ କିରଣ ହେମରମ ସୂଚନା ଦେଇଛନ୍ତି। ଗୋବିନ୍ଦପୁର ପୋଲିସର ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ମା' ମଙ୍ଗଳାଙ୍କ ପୀଠରେ ଚୈତ୍ର ପର୍ବ ଆରମ୍ଭ

## କଳସ ଯାତ୍ରାରେ ୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ଯୋଗଦାନ

କଣାସ(ଭାସ୍କର ନ୍ୟୁଜ୍):କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତ ଜଳିଆପଡା ଗ୍ରାମରେ ପ୍ରତିଷ୍ଠିତ ତଥା ଓଡିଶା ସରକାରଙ୍କ ଦ୍ୱାରା ପର୍ଯ୍ୟଟନ ସ୍ଥଳର ମାନ୍ୟତା ପାଇଥିବା ମା' ମଙ୍ଗଳାଙ୍କ ପୀଠରେ ଗତ ୯ ତାରିଖଠାରୁ ଆରମ୍ଭ ହୋଇଥିବା ତ୍ରୟବିଂଶ ତମ ଚୈତିପର୍ବ ତଥା ବିଶ୍ୱ ଶାନ୍ତି ମହାଯଜ୍ଞର ଆଜି କଳସ ଯାତ୍ରା କାର୍ଯ୍ୟକ୍ରମ ଥିବାରୁ ଏଥିରେ ୫ ହଜାରରୁ ଉର୍ଦ୍ଧ୍ୱ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ପ୍ରଭାତରୁ ଯୋଗ ଦେଇଥିଲେ। ଯଜ୍ଞ ମଣ୍ଡପଠାରୁ ଘଣ୍ଟ, ଘଣ୍ଟା, ପେକାଁଳୀ, ବାଦ୍ୟ ଧ୍ୱନି ସହିତ ତଗା ନାଚ ଘୋଡା ନାଚ,ସଖୀ ନାଚ ସହିତ କଣାସ ଗ୍ରାମ ଦେଇ ଦୟା ନଦୀର ଦୋକନ୍ଦା ଘାଟ ଠାରେ ଦୀର୍ଘ ୩ କିମି ଅତିକର୍ମ କରି ପହଁଚିବା ପରେ ପଣ୍ଡିତମାନେ ନଦୀ କୂଳରେ ପୂଜା



ଅର୍ଚ୍ଚନା କରିବା ପରେ ଭକ୍ତମାନେ କଳସ ବୁଡାଇ ପୁନଶ୍ଚ ଯଜ୍ଞସ୍ଥଳକୁ ଫେରି ଆସିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ କଣାସଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହ ବିଭିନ୍ନ ଛକ ମାନଙ୍କରେ ବ୍ୟାପକ ପୋଲିସ ବ୍ୟବସ୍ଥା କରିଥିବାରୁ ଶାନ୍ତି ଶୃଙ୍ଖଳାର ସହିତ କଳସ ଯାତ୍ରା ଶେଷ ହୋଇଥିଲା। ୪ ଦିନ ଧରି ଏହି ଯଜ୍ଞ ଅନୁଷ୍ଠିତ ହେବା।

# ବାଟ ଦେଖାଇଲା ଶିଳ୍ପଗ୍ରାମ ଯୋଜନା

- ◆ ରୋଜଗାର ଦେବ ଟେରାକୋଟା ଶିଳ୍ପ
- ◆ ଦୁଇଗୋଷ୍ଠୀର ୩୦ଜଣ ମହିଳା ନେଉଛନ୍ତି ପ୍ରଶିକ୍ଷଣ



କେନ୍ଦୁଝର(ଭାସ୍କର ନ୍ୟୁଜ୍): ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି କେବଳ ବ୍ୟାଙ୍କ ମାଧ୍ୟମରୁ ଋଣ ସହାୟତା ପାଉଥିଲେ।ହେଲେ ରୋଜଗାରକ୍ଷମ ହେବା କୌଶଳ ଜଣା ନଥିଲା। ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଓଡିଶା ସରକାର ଶିଳ୍ପ ଗ୍ରାମ ଯୋଜନା ରେ କେନ୍ଦୁଝର ଜିଲା ହସ୍ତଶିଳ୍ପ କାର୍ଯ୍ୟାଳୟ ସହଯୋଗରେ ମହିଳାମାନେ ରୋଜଗାର କରିବାକୁ ଟେରାକୋଟା ଶିଳ୍ପ ପ୍ରଶିକ୍ଷଣ ନେଉଛନ୍ତି। କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ମହାଦେଇଯୋଡା ପଞ୍ଚାୟତ ଟିକରପଡା ଗ୍ରାମର ବୀଣାପାଣୀ ଓ ବାଗଦେବୀ ଦ୍ୱୟ ସ୍ୱୟଂସହାୟକ ଗୋଷ୍ଠୀର ୧୫ଜଣିଆଁ ୩୦ଜଣ ମହିଳା ରୋଜଗାରକ୍ଷମ ହେବାକୁ ଗ୍ରାମର ନିଶିକାନ୍ତ ବେହେରାଙ୍କ ଘରେ ଟେରାକୋଟା ମୂର୍ତ୍ତି ଗଢା ପ୍ରଶିକ୍ଷଣ ନେଉଛନ୍ତି। ଟିକରପଡା ଗ୍ରାମର ଟେରାକୋଟା ଶିଳ୍ପୀ ନିଶିକାନ୍ତ ବେହେରା (୨୮) ଓ ଆନନ୍ଦପୁର, ଫକିରପୁର ଗ୍ରାମର ରମେଶ ଚନ୍ଦ୍ରସାହୁ(୫୦) ଉଭୟ ଜାନୁଆରୀ ୨୯ତାରିଖରୁ ପ୍ରଶିକ୍ଷଣ ଆରମ୍ଭ କରିଥିଲେ।ଏହା ଛଅ ମାସ ଅବଧି ମଧ୍ୟରେ ଜୁନ୍ ମାସ ୬ ରେ ମହିଳା ମାନଙ୍କ ଟେରାକୋଟା ମୂର୍ତ୍ତି ଗଢିବା କୌଶଳ ପ୍ରଶିକ୍ଷଣ ଶେଷ ହେବ। ଏଥିପାଇଁ ପ୍ରତ୍ୟେକ ମହିଳାମାନଙ୍କୁ ସଂସ୍ଥା ପକ୍ଷରୁ ମାସିକ ୨ହଜାର ଟଙ୍କା ପ୍ରଶିକ୍ଷଣ ଫି ଏବଂ ପ୍ରଶିକ୍ଷକ ଦ୍ୱୟଙ୍କୁ ୨୦ ହଜାର ଲେଖାଏଁ ୪୦ହଜାର ଟଙ୍କା ସହ ଘର ଭଡା ୪ହାଜର ଟଙ୍କା ପ୍ରଦାନ କରାଯାଉଛି। ବୀଣାପାଣୀ ସ୍ୱୟଂସହାୟକ ଗୋଷ୍ଠୀର ରଞ୍ଜିତା ବେହେରା,ଜାନକୀ ବେହେର, ଶ୍ରୀମତୀ ବେହେରା,ନିରୁପମା ବେହେରା, ଶାନ୍ତି ବେହେରା, ଲାକ୍ଷ୍ମୀରାଣୀ ବେହେରା, ନଳିନୀ ବେହେରା,ଆରତୀ ବେହେରା, ପ୍ରଲତା ବେହେରା, ତୁଳସୀ ବେହେରା, କବିତା ବେହେରା, ସୌଦାମିନୀ ବେହେରା, ସୁଜାତା ବେହେରା, ଲିଲି ବେହେରା, କଳ୍ପଲତା ବେହେରା,ବାଗଦେବୀ ସ୍ୱୟଂସହାୟକ ଗୋଷ୍ଠୀର କୌଶଲ୍ୟା ବେହେରା,ପୂର୍ଣ୍ଣମୀ ବେହେରା,ସବିତା ବେହେରା,ବାସନ୍ତୀ ବେହେରା, ରତନୀ ବେହେରା, ସାବିତ୍ରୀ ବେହେରା,ସବିତା ବେହେରା(ବି), ସରୋଜିନୀ ବେହେରା, ଅଶ୍ୱିମିନୀ ବେହେରା, ଫୁଲମତୀ ବେହେରା, ପ୍ରଭାଷିନୀ ବେହେରା, କବିତା ବେହେରା,ସୁମିତ୍ରା ବେହେରା, ଝରଣା ବେହେରା, ସଂନ୍ଧ୍ୟାରାଣୀ ବେହେରା ମୋଟ ୩୦ଜଣ ସକାଳ ୧୦ଟାରୁ ଅପରାହ୍ନ ୨ଟାପର୍ଯ୍ୟନ୍ତ ବିଭିନ୍ନ ଟେରାକୋଟା ମୂର୍ତ୍ତି ଗଢା ପ୍ରଶିକ୍ଷଣ ନେଉଛନ୍ତି। ମୂର୍ତ୍ତିଗୁଡିକ ମଧ୍ୟରେ ମ୍ୟୁଜିକ୍ ସେଟ, ଟ୍ରାଇବେଲ ଫିଗର, ଫ୍ଲାବାରବେସ, ହର୍ସ, ଏଲିଫ୍ୟାଣ୍ଟ, ସ୍ୱୋର୍ଟିଂପଟେଟ, ତୁଳସୀଚଉରା, ବୁଦ୍ଧ,ଜଗନ୍ନାଥ, ମତ୍ସ୍ୟକନ୍ୟା, ବାର୍ଥ, ମୟୁର, ବଇତ, ବାଇଚଢେଇ ବସା, ଷ୍ଟାଡିଙ୍ଗଦୀପ, ଝୁଣାଦାନୀ, ଘରୋଇ ବିଭିନ୍ନ ସାଜସଜା ଉପକରଣ ପ୍ରସ୍ତୁତ ସରିଛି। ମେ ମାସ ମୂର୍ତ୍ତିରେ ରଙ୍ଗ ଦିଆଯିବ ବୋଲି ପ୍ରଶିକ୍ଷକ ରମେଶ ଚନ୍ଦ୍ର ସାହୁ ଓ ନିଶିକାନ୍ତ ବେହେରା କହିଛନ୍ତି। ମୂର୍ତ୍ତି ଗୁଡିକର ମୂଲ୍ୟ ୫୦ ଟଙ୍କାରୁ ଆରମ୍ଭ କରି ୧ହଜାର ରୁ ଉର୍ଦ୍ଧ୍ୱ ରହିଛି।ଏହାର ବିକ୍ରିବଟା ପାଇଁ ଜିଲା ହସ୍ତଶିଳ୍ପ କାର୍ଯ୍ୟାଳୟ ଦ୍ୱାରା ଜିଲା ତଥା ରାଜ୍ୟରେ ବସୁଥିବା ହସ୍ତଶିଳ୍ପ ମେଳା କାର୍ଯ୍ୟକ୍ରମରେ ଷ୍ଟଲ ବସାଇବାକୁ ଯୋଜନା ଅଛି।ଏହି ଟେରାକୋଟା ଶିଳ୍ପରୁ ମହିଳାମାନେ ଲକ୍ଷାଧିକ ଟଙ୍କା ରୋଜଗାର କରିବାକୁ ଲକ୍ଷ୍ୟ ରଖିଛନ୍ତି।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଧିନସ୍ଥ ମୁଣ୍ଡେଇଲୋ ପଂଚାୟତ ଗେଲ୍‌ହେଇକାଟେଣୀରେ ଜନୈକା ମହିଳାଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ କୁ ଜବତ କରି ଉଦ୍ଧାର କରିଛି ପରଜଙ୍ଗ ପୋଲିସ । ପ୍ରାପ୍ତସୂଚନା ମୁତାବକ ଗେଲ୍‌ହେଇକାଟେଣୀ ଗ୍ରାମର ସନ୍ତୋଷ ନାୟକଙ୍କ ପୁଅ ବିକାଶ ନାୟକ ବାହାରେ ରହି ଡ୍ରାଇଭର ଭାବେ କାମ କରୁଥିଲେ ।ଏରସମା ଥାନା ଅଧୀନ ମିର୍ଜାପୁର ଗ୍ରାମର ଗୌରୀ ନାମକ ଏକ ଝିଅକୁ ବିକାଶ ଭଲ ପାଇ ବାହାଘର ହୋଇ ରହୁଥିଲା ଏବଂ ପରେ ଆଣି ତାଙ୍କ ନିଜ ଘରେ ଗୌରୀକୁ ରଖିଥିଲା। ଦୁଇ ବର୍ଷ ହେଲା ବାହାଘର ହୋଇଥିଲା ବେଳେ ତାଙ୍କର ଏକ ନଅମାସର କନ୍ୟା ସନ୍ତାନ ଅଛି । କୌଣସି କାରଣବଶତଃ ବୁଧବାର ଦିନ ଗୌରୀର ସ୍ୱାମୀ ନଥିବାବେଳେ ଝୁଲନ୍ତା ଅବସ୍ଥାରେ ଗୌରୀ( ୨୩)ର ମୃତ ଦେହ ବିକାଶର ପରିବାର ଲୋକ ଦେଖି ପୋଲିସ ଓ ସାହି ଲୋକଙ୍କୁ ଜଣାଇଥିଲେ । ଖବର ପାଇ ଗୁରୁବାର ଦିନ ଝିଅର ବାପା ମାଆ ଗେଲ୍ ହେଇ କାଟେଣୀର ଝିଅ ଘରେ ଆସି ପହଞ୍ଚି ଥିବାବେଳେ, ଜିଲ୍ଲା ସାଇଣ୍ଟିଫିକ ଟିମ ଆସି ତଦନ୍ତ କରି ମୃତାଙ୍କୁ ବ୍ୟବଚ୍ଛେଦ ନିମନ୍ତେ ପରଜଙ୍ଗ ଡାକ୍ତରଖାନାକୁ ପଠାଇ ଶାଶୂଘର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡୁଛି । ଏସମ୍ପର୍କରେ ଗୌରୀର ମାଆ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲା ବେଳେ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ।

## ଓଡିଆ ପକ୍ଷ ପାଳିତ 'ଲୋକକଳା ପାଇଁ ଦିନଟିଏ'

କଣାସ (ଭାସ୍କର ନ୍ୟୁଜ୍): କଣାସ ପଞ୍ଚାୟତ ସମିତି ସଭା ଗୃହରେ ଆଜି ଓଡିଆ ପକ୍ଷ ପାଳନ ଅବସରରେ ଲୋକକଳା ପାଇଁ ଦିନଟିଏ ପାଳିତ ହୋଇଯାଇଛି। ଏହି ସଭାରେ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ସ୍ୱାଇଁ, ଅତିରିକ୍ତ ବିଡିଓ ମଙ୍ଗଳସିଂହ ହେମ୍ବ୍ରମ, ପଞ୍ଚାୟତ ସମିତି ଉପାଧକ୍ଷ



ଅଭିମନ୍ୟୁ ଜୟସିଂହ, ସହକାରୀ ଯନ୍ତ୍ରୀ ସାତ୍ୟକ ମିଶ୍ର ଯୋଗଦେଇ ଓଡିଆ ପକ୍ଷ ପାଳନ ତଥା ଲୋକକଳା ପାଇଁ ଦିନଟିଏ ସଂପର୍କରେ ସମ୍ୟକ ସୂଚନା ଦେବା ସହିତ ୨୬ ଜଣ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## 'ଲୋକକଳା ପାଇଁ ଦିନଟିଏ'ର ସମ୍ବର୍ଦ୍ଧନା ସଭା

ରଘୁନାଥପୁର (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ପକ୍ଷରୁ ଲୋକକଳାପାଇଁ ଦିନଟିଏ ର ସମ୍ବର୍ଦ୍ଧନା ଉତ୍ସବ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସମିତିର ଉପାଧକ୍ଷ ଦେବାଶିଷ ତ୍ରିପାଠୀ ଯୋଗଦେଇ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଡ଼ିଓ ବିରଞ୍ଚିନାରାୟଣ ବେହେରା, ଅତିରିକ୍ତ ବିଡିଓ ଜ୍ଞାନଦା ନାୟକ,ଆକାଉଣ୍ଟସ୍ ଅଫିସର ବୈରାଗୀ ଚରଣ ସେଠୀ ଯୋଗଦେ କଳାକାର ମିନତି ମହାନ୍ତି, ପ୍ରତିଭା ରାଣୀ ରାୟ, ମଧୁମିତା ରାୟ, ତ୍ରିଲୋଚନ ଦ୍ୱିବେଦୀ, ରବିନ୍ଦ୍ରନାଥ ମହାପାତ୍ର, କୃଷ୍ଣଚନ୍ଦ୍ର ପାଲ ପ୍ରମୁଖଙ୍କୁ କଳାକାରପାଇଁ ଦିନଟିଏ ପରିପେକ୍ଷୀରେ ଉତ୍ତରୀୟ,ମାନପତ୍ର ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧନା କରିଥିଲେ। ସମ୍ବର୍ଦ୍ଧିତ କଳାକାରମାନେ ନିଜ ନିଜ ଅନୁଭୂତିକୁ ଏଠାରେ ବଖାଣି ଥିଲେ। ଏହି କାର୍ଯ୍ୟକ୍ରମଟି କ୍ୟାସିୟର ଭବେଶ ବେହେରାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ସମସ୍ତ କର୍ମଚାରୀ ମାନେ ସହଯୋଗ ପ୍ରଦାନ କରିଥିଲେ।

# କଂଗ୍ରେସର ବିଭିନ୍ନ ବ୍ଲକ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତି

କେନ୍ଦୁଝର (ଭାସ୍କର ନ୍ୟୁଜ): କଂଗ୍ରେସ ଦଳର ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା କଂଗ୍ରେସ କମିଟି ସଭାପତି ମୋହନ ଚରଣ ପରିଡା ଜିଲ୍ଲାର ସବୁ ବ୍ଲକ/ନଗର ପାଇଁ ଜିଲ୍ଲାର କଂଗ୍ରେସ ନେତାମାନଙ୍କ ନାମ ବ୍ଲକ ପର୍ଯ୍ୟବେକ୍ଷକ ଭାବେ ସୁପାରିଶ କରିଥିଲେ । ଏହାକୁ ପିସିସି ସଭାପତି ଭକ୍ତଚରଣ ଦାସ ଏହି ନାମ ଓ ତାଲିକାକୁ ଅନୁମୋଦନ କରିଛନ୍ତି ବୋଲି ପିସିସି ପ୍ରଶାସକ ପୂର୍ବତନ ବିଧାୟକ ସମୀର ରାଉତରାୟ ଜଣାଇଛନ୍ତି । ଏହି ତାଲିକାରେ ଥିବା ବ୍ଲକ ପର୍ଯ୍ୟବେକ୍ଷକ ମାନେ ହେଲେ ହାଟଡିହି ବ୍ଲକ ପାଇଁ ଶ୍ରୀଧର ଦଳେଇ, ଆନନ୍ଦପୁର ବ୍ଲକ ପାଇଁ ପ୍ରଶାନ୍ତ କୁମାର ଜେନା, ଘସିପୁରା ବ୍ଲକ ପାଇଁ ବୀରଭଦ୍ର ମହାନ୍ତ, ଘଟଗାଁ ବ୍ଲକ ପାଇଁ ତ୍ରିଲୋଚନ ପରିଡା, ପାଟଣା ବ୍ଲକ ପାଇଁ ରାମଚନ୍ଦ୍ର ମହାରଣା, ସହାରପଡା ବ୍ଲକ ପାଇଁ ଦେବେନ୍ଦ୍ର ନାଥ ନାୟକ, କେନ୍ଦୁଝର ସଦର ବ୍ଲକ ପାଇଁ ସୁରଥ ଚନ୍ଦ୍ର ସାହୁ, ଝୁମ୍ପୁରା ବ୍ଲକ ପାଇଁ ରମାକାନ୍ତ ପାତ୍ର, ବାଂଶପାଳ ବ୍ଲକ ପାଇଁ ଦିଲ୍ଲୀପ କୁମାର ସାହୁ, ହରିଚନ୍ଦନପୁର ବ୍ଲକ ପାଇଁ ଯଦୁମଣି ବାରିକ, ତେଲକୋଇ ବ୍ଲକ ପାଇଁ ସୁରଜିତ ଦାସ ଓ ଶୁଭମ ରାଜ, ଚମ୍ପୁଆ ବ୍ଲକ ପାଇଁ ଜଗବୀର ଦିଶା, ଯୋଡ଼ା ବ୍ଲକ ପାଇଁ ସୁଢଳ କୁମାର ସେଠି ଏବଂ ଆନନ୍ଦପୁର ମୁନିସିପାଲିଟି ପାଇଁ ଦେବବ୍ରତ ତ୍ରିପାଠୀ, କେନ୍ଦୁଝରଗଡ଼ ମୁନିସିପାଲିଟି ପାଇଁ କୈଳାଶ ଚନ୍ଦ୍ର ବାରିକ, ଯୋଡ଼ା ମୁନିସିପାଲିଟି ପାଇଁ ସୁଦର୍ଶନ ପାଇକରାୟ, ବଡ଼ବିଲ ମୁନିସିପାଲିଟି ପାଇଁ ସୁନେଶ ଧୀର ଏବଂ ଚମ୍ପୁଆ ଏନଏସି ପାଇଁ ଦୟାନିଧି ମହାପାତ୍ର ଓ ଚିତ୍ତରଞ୍ଜନ ରାଉତ ପ୍ରମୁଖ କଂଗ୍ରେସ ଦଳର ବ୍ଲକ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ହୋଇଛନ୍ତି ।

# ଗରିବଙ୍କ ଭାଙ୍ଗିଲା: କୋଟିପତି, ସରକାରୀ କର୍ମଚାରୀଙ୍କ କେବେ ?




ନିଆଳି (ଭାସ୍କର ନ୍ୟୁଜ୍): କାଳେ କାଳେ ଗରିବ ଓ ନିରୀହଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାରେ ପ୍ରଶାସନ ଅବହେଳା କରେ ନାହିଁ। ଧନୀ ଓ ପ୍ରଭାବଶାଳୀ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅବହେଳା କରିଥାଏ। ଏଭଳି ଘଟଣା ଦେଖିବାକୁ ମିଳିଛି ନିଆଳୀରେ । ତହସିଲ ଅଧୀନରେ ବିଭିନ୍ନ ପଂଚାୟତରେ ଥିବା ସରକାରୀ ଜାଗାରେ ଜବରଦଖଲକାରୀଙ୍କୁ ହଟାଇବା ଆରମ୍ଭ ହୋଇଛି। ନିଆଳି ତହସିଲଦାର ଲିଲନ ପ୍ରସାଦ ସାହୁ ନିଆଳି ବଜାରରେ ପେଟ ପୋଷିବା ପାଇଁ ସରକାରୀ ଜାଗାରେ ଛୋଟମୋଟ ଦୋକାନ କରି ଚଳୁଥିବା ଦୋକାନୀମାନଙ୍କୁ ଉଚ୍ଛେଦ କରିଥିବା ବେଳେ ଆହୁରି ଅନେକ ଦୋକାନୀଙ୍କୁ ଉଚ୍ଛେଦ କରିବା ପାଇଁ ନୋଟିସ ଜାରି କରିଛନ୍ତି। କିନ୍ତୁ ଥାନା ଠାରୁ ମାତ୍ର ୧୦୦ ମିଟର ଦୂରରେ ଷାଠିଏ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ ପୂର୍ବ ଖଣ୍ଡ ମୌଜା ବାରବଡ଼ିଆ ଗ୍ରାମରେ ୫୦ ଡ଼ିସିମିଲିରୁ ଅଧିକ ଜାଗା ଯାହାର ମୂଲ୍ୟ ଦୁଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ, ଜଣେ ସରକାରୀ କର୍ମଚାରୀ ନିଜର କୋଟି କୋଟି ଟଙ୍କା ର ସମ୍ପତ୍ତି ଶହ ଚାରି ମହଲା କୋଠା ଥାଇ ସରକାରୀ ଜାଗାରେ ଘର କରି ଘର ଭଡା ଲଗାଇବାସହ ଟାଇଲ ଓ ମାର୍ବଲ ଦୋକାନ କରିଛନ୍ତି। ଏହି ଅନାବାଦୀ ଗୋଚର ଜାଗାକୁ ମାଡି ବସି ଘର ନିର୍ମାଣ କରି ଭଡା ଲଗାଇଛନ୍ତି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏମିତିକି ଗ୍ରାମବାସୀ ମାନେ ସରକାରୀ ଜାଗାରେ ଗୋରୁ ଚରାଇବା, ଚଳ ପ୍ରଚଳ କରିବା ଓ ସମୂହ କାର୍ଯ୍ୟ କରିପାରୁ ନାହାନ୍ତି। ୭ ଦିନ ମଧ୍ୟରେ ପ୍ରସାଶନ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନନିଏ ଆଇନର ଆଶ୍ରୟ ନେବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଉକ୍ତ ଘଟଣା ବିଷୟରେ ଜବର ଦଖଲକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବାଞ୍ଛେଶ୍ୱର ନାଟ୍ୟ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ ଉତ୍ସବ

ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ସ୍ଥିତ ସ୍ଥାନୀୟ କଲ୍ୟାଣୀ ମଣ୍ଡପ ପରିସରରେ ବୁଧବାର ସନ୍ଧ୍ୟାରେ ବାଞ୍ଛେଶ୍ୱର ନାଟ୍ୟ ପରିଷଦ ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପରଜଙ୍ଗର ନାଟ୍ୟ ପରିଷଦ ଅନୁଷ୍ଠାନର କଳାକାର ମାନେ ଏକତ୍ରିତ ହୋଇ ସମ୍ବର୍ଦ୍ଧନା ସମାରୋହ ଉତ୍ସବ ପାଳନ କରିବା ସହିତ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି ।ଏହି ଅବସରରେ ନାଟ୍ୟ ପରିଷଦର ବର୍ଷୀୟାନ ନାଟ୍ୟ ନିର୍ଦ୍ଦେଶକ ଗଦାଧର ନାୟକ ଓ ପ୍ରଦୀପ କୁମାର ସାମନ୍ତ ଏବଂ ନାଟ୍ୟ ପରିଷଦ ସହିତ ଅଙ୍ଗାଙ୍ଗି ଭାବେ ଜଡ଼ିତ ଥିବା ଦକ୍ଷ କଳାକାର ତଥା ଓକିଲ



ସଂଘର ପ୍ରାକ୍ତନ ସଭାପତି ପ୍ରଦୀପ କୁମାର ସାହୁ (କ) ଓ ଅନୁଷ୍ଠାନର ମୁଖ୍ୟ ସଞ୍ଚାଳକ ତଥା ନବ ନିର୍ବାଚିତ ଓକିଲ ସଂଘର ସଭାପତି ଅଶୋକ କୁମାର ଦଳବେହେରାଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢ୍ଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବହୁବର୍ଷ ଧରି ଗଢ଼ି ଉଠିଥିବା ଅନୁଷ୍ଠାନକୁ ରେଜିଷ୍ଟ୍ରେସନ କରିବା , ମାସିକ ସର୍ବନିମ୍ନ ସଭ୍ୟ ଚାନ୍ଦା ସଂଗ୍ରହ ଉପରେ ମତପ୍ରକାଶ କରାଯାଇ ନୂତନ କମିଟି ଗଠନ କରାଯାଇଛି ।ଅନୁଷ୍ଠାନର ସଭାପତି ବିଦ୍ୟାଧର ସେଠୀ , ଉପସଭାପତି ବିକାଶ ଦଳବେହେରା ( ହାଡ଼ି) , ସମ୍ପାଦକ ସନ୍ତୋଷ କୁମାର ସାହୁ, ସହ ସମ୍ପାଦକ ସୁବ୍ରତ କୁମାର ଦଳବେହେରା ( ଚଗଲା) , କୋଷାଧ୍ୟକ୍ଷ ସର୍ବେଶ୍ୱର ଦଳବେହେରା ,ଆଇନ ପରାମର୍ଶ ପ୍ରଦୀପ କୁମାର ସାହୁ , ଉପଦେଷ୍ଟା ପ୍ରଦୀପ କୁମାର ସାମନ୍ତ , ଗ୍ରାମ୍ୟ କମିଟି ସଭାପତି ଶାନ୍ତନୁ କୁମାର ସାମଲ ( ଜିତୁ),ଅନୁଷ୍ଠାନର ସଂଚାଳକ ତଥା ଓକିଲ ସଂଘ ସଭାପତି ଅଶୋକ କୁମାର ଦଳବେହେରା ,କାର୍ଯ୍ୟକାରୀ ସଭ୍ୟ ଅବିନାଶ ବେହେରା ,ଯତୀନ୍ଦ୍ର ପ୍ରତାପ ସିଂହ ,ପ୍ରଦୀପ କୁମାର ସେଠୀ, ଭୀମସେନ ଖଟୁଆ ,ଦୁଷ୍ମନ୍ତ ମହାରଣା, ଅଶୋକ ଦଳେଇ ଓ ଶାନ୍ତନୁ ଦଳବେହେରା (କାଳିଆ )ପ୍ରମୁଖ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇ ଘୋଷଣା କରାଯାଇଛି । କାର୍ଯ୍ୟକ୍ରମରେ ସମସ୍ତ କଳାକାର ଉପସ୍ଥିତ ରହି ସମ୍ବର୍ଦ୍ଧନା ସମାରୋହକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିଥିଲେ ।

## ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ କାର୍ଯ୍ୟାଳୟ ପାଇଁ ମିଳୁନି ଜାଗା



ବୋଲଗଡ(ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳ ଲୋକମାନଙ୍କର ଗମନାଗମନ ସୁବିଧା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ ଗ୍ରାମାଞ୍ଚଳରେ ଗ୍ରାମ୍ୟ ଉନ୍ନୟନ ସଂଯୋଗ ରାସ୍ତା ନିର୍ମାଣ କରାଯାଉଅଛି । ଏହି ବିଭାଗ ମାଧ୍ୟମରେ ରାସ୍ତା ଚିହ୍ନଟ, ନୂତନ ରାସ୍ତା ନିର୍ମାଣ, ନୂତନ ପୋଲ ନିର୍ମାଣ, ରାସ୍ତା ମରାମତି ଓ ନୂତନ ରାସ୍ତା ନିର୍ମାଣ ପାଇଁ ଆର୍ଥିକ ବ୍ୟୟ ଆଦି କାର୍ଯ୍ୟ କରାଯାଉ ଥିବାବେଳେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ମାଧ୍ୟମରେ ରାସ୍ତା ନିର୍ମାଣର ତଦାରଖ ସହିତ କାର୍ଯ୍ୟର ସଠିକ ମାନ ନିର୍ଦ୍ଧାରଣ କରିଥାନ୍ତି ।ତେବେ ଏହି ବିଭାଗ ଗ୍ରାମାଞ୍ଚଳର ରାସ୍ତା ନିର୍ମାଣରେ ଗୁରୁତ୍ୱ ଭୂମିକା ଗ୍ରହଣ କରୁଅଛନ୍ତି । ୨୦୨୫ମସିହାରେ ବୋଲଗଡ ଠାରେ ନୂତନ ଗ୍ରାମ୍ୟ ଉନୟନ ଉପଖଣ୍ଡ କାର୍ଯ୍ୟାଳୟ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲେ ମଧ୍ୟ ଅଦ୍ୟାବଧି ଜାଗା ଚ଼ିହ୍ନଟ କରିବାରେ ଦିନକୁ ଦିନ ବିଳମ୍ବ ଘଟିବା ନେଇ ବିଭାଗୀୟ ବୋଲଗଡ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ଜେନାଙ୍କ ଠାରୁ ସୂଚନା ମିଳିଛି । ବୋଲଗଡ ଠାରେ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ କାର୍ଯ୍ୟାଳୟ ନିର୍ମାଣ କରାଗଲେ ଜନସାଧାରଣମାନେ ସଠିକ କାର୍ଯ୍ୟ ପାଇବା ସହିତ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ଆଉ ଦୌଡ଼ିବାକୁ ପଡିବନାହିଁ ।ବୋଲଗଡ ବ୍ଲକ ଠାରେ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ କାର୍ଯ୍ୟାଳୟ ନିର୍ମାଣ ବିଳମ୍ବ ନେଇ ବୁଦ୍ଧିଜୀବି, ଶିକ୍ଷାବିତ ଓ ସାମାଜିକ କର୍ମୀମାନେ ଅସନ୍ତୋଷ ବ୍ୟକ୍ତି କରିଅଛନ୍ତି । ଏଥିପ୍ରତି ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଓ ବୋଲଗଡ ତହସିଲଦାର ବିଜୟକୁମାର ସେଠୀ ଏଥିପ୍ରତି ଦୃଷ୍ଟି ଦେବା ସହିତ ତୁରନ୍ତ ଜାଗା ଯୋଗେଇ ଦେବାକୁ ବୋଲଗଡ ଅଞ୍ଚଳର ସମସ୍ତ ଜନସାଧାରଣ ମାନେ ଅନୁରୋଧ କରିଅଛନ୍ତି ।

## ଏଡିଜେଙ୍କୁ ମୋଟର ଦୁର୍ଘଟଣା କ୍ଷତିପୂରଣ ମାମଲା ପରିଚାଳନା କ୍ଷମତା

ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଙ୍କୁ ମିଳିଲା ମୋଟର ଦୁର୍ଘଟଣାର କ୍ଷତି ପୁରଣ ମାମଲା ପରିଚାଳନା କରିବା ପାଇଁ କ୍ଷମତା । ଦୀର୍ଘଦିନର ପ୍ରତୀକ୍ଷା ସହିତ ଆଇନଜୀବୀ ମାନଙ୍କ ଦାବିକୁ ବିଚାର କୁ ନେଇ ରାଜ୍ୟ ସରକାରଙ୍କର ବାଣିଜ୍ୟ ଓ ପରିବହନ ବିଭାଗ ସହ ମାନ୍ୟବର ଉଚ୍ଚନ୍ୟାୟାଳୟ, ଓଡିଶା, ଚଣ୍ଡିଖୋଲ ଏଡିଜେଙ୍କୁ ମୋଟର ଦୁର୍ଘଟଣାଜନିତ କ୍ଷତିପୁରଣ ମାମଲାର ପରିଚାଳନା ପାଇଁ କ୍ଷମତା ପ୍ରଦାନ କରିଛନ୍ତି । ଏଥିପାଇଁ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ମାନ୍ୟବର ଓଡିଶା ଉଚ୍ଚନ୍ୟାୟାଳୟ ଓ ରାଜ୍ୟ ସରକାରଙ୍କୁ ବାର ଆସୋସିଏସନ୍ ସଭାପତି ସୁରେନ୍ଦ୍ରନାଥ ପଣ୍ଡା , ଉପ ସଭାପତି ରାମଚନ୍ଦ୍ର ତ୍ରିପାଠୀ,ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ଶିରିସ ସାମଲ, ଶ୍ରୀକାନ୍ତ ବଳ,ବରିଷ୍ଠ ଆଇନଜୀବୀ ଦେବରାଜ ବେହେରା, ରେଣୁବାଳା ମହାନ୍ତି , ଜନ ବେହେରା, ପ୍ରତାପ କୁମାର ଦାସ , ଉଦୟନାଥ ସାହୁ, ନଳିନୀ କାନ୍ତ ମିଶ୍ର , ଶରତ ଷଡ଼ଙ୍ଗୀ,କୈଳାଶ ନାଥ ସାମଲ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି ।

# ଭଙ୍ଗା ଦଦରା ଘରେ ଜୀବନ ବିତାଉଛନ୍ତି ମୋତି

ମାଲକାନାଗିରି (ଭାସ୍କର ନ୍ୟୁଜ): ଗରିବ ଶ୍ରେଣୀର ଲୋକଙ୍କୁ ଘର ଯୋଗାଇ ଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଆବାସ, ମୋ କୁଡ଼ିଆ ଭଳି ଅନେକ ଯୋଜନା ହେଉଛି। କିନ୍ତୁ କେତେକ ସ୍ଥାନରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ, ଅପାରଗତା ଯୋଗୁ ଏହି ଯୋଜନା ଶତ ପ୍ରତିଶତ ସଫଳ ହୋଇପାରୁନାହିଁ। ପ୍ରକୃତ ଗରିବ ଲୋକ ଘରଟିଏ ପାଇ ପାରୁନାହିଁ। ସମସ୍ତ ବର୍ଗର ଗରିବ ଲୋକଙ୍କୁ ବିଭିନ୍ନ ଯୋଜନାରେ ପକ୍କା ଘରଟିଆ ମିଳିବ ବୋଲି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶୃତି ଦେଇଛନ୍ତି । କିନ୍ତୁ ଏବେ ବି ବହୁ ଗରିବ ଲୋକ ଘର ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ ଅଧୀନସ୍ଥ ଖଡ଼ିକାଯୋଡ଼ି ଗାଁରେ। ଏହି ଗ୍ରାମରେ ୩୦ ବର୍ଷରୁ ଅଧିକ ଦିନ ହେବ ଏକ ଭଙ୍ଗା ଦଦରା ଘରେ ରହି ଆସୁଛନ୍ତି ମୋତି ଅଧିକାରୀ (୭୦)। ତେବେ ମୋତିଙ୍କ ସ୍ୱାମୀ ଶୁକ ରଞ୍ଜନ ଅଧିକାରୀ ଙ୍କ ପ୍ରାୟ ୫ ବର୍ଷ ହେବ



ପରଲୋକ ହୋଇଯାଇଛି । ଏହା ପରଠାରୁ ସମ୍ପୂର୍ଣ୍ଣ ଆବାସ ଯୋଜନାରେ ଘରଟିଏ ପାଇବା ଲାଗି ମୋତି ଚାହିଁ ବସିଥିଲେ ମଧ୍ୟ ତାହା ତାଙ୍କ ପାଇଁ ସାତ ସ୍ୱପ୍ନ ପାଲଟିଯାଇଛି। ଇତି ମଧ୍ୟରେ ନାକାମାମୁଡି ପଞ୍ଚାୟତର ବିଭିନ୍ନ ଗ୍ରାମର ବହୁହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇ ଲୋକେ ଉପକୃତ ହୋଇଥିଲେ ମଧ୍ୟ ମୋତିଙ୍କ ଦୁଃଖ କେହିବି ବୁଝୁ ନାହାନ୍ତି ଓ ଏ ନେଇ ସେ ବାରମ୍ବାର ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ ଅଧିକାରୀ ଙ୍କୁ ଅବଗତ କରାଇଲେ ବି ଏଯାଏଁ ସୁଫଳ ମିଳି ନାହିଁ । ଏହି ପରି ଭାବେ ଏକୁଟିଆ ହୋଇ ଯାଇଛନ୍ତି ମୋତି । ସନ୍ତାନ ସନ୍ତତିରୁ ବଞ୍ଚିତ ମୋତି ଏବେ ଏକା ଭଙ୍ଗା ଦଦରା ଘରଟିକୁ ସଜାଡ଼ିବାକୁ ସମ୍ପୂର୍ଣ୍ଣ ଭାବେ ଅସମର୍ଥ। ସରକାରଙ୍କ ପ୍ରଶାସନିକ ଅଧିକାରୀ ଓ ନିର୍ବାଚିତ ପ୍ରତିନିଧିଙ୍କ ନିକଟରେ ବହୁବାର ନେହୁରା ହୋଇ କହିବା ପରେ ବି କେହି କର୍ଣ୍ଣପାତ କରୁନଥିବା କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି ୭୦ ବର୍ଷୀୟା ବୃଦ୍ଧା ମୋତି। ତେଣୁ ତାଙ୍କୁ ଏକ ବାସୋପଯୋଗୀ ଗୃହ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଗୁରୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏବେ ଘର ପାଇଁ ସର୍ଭେ ଆରମ୍ଭ ହୋଇଛି। ଏଥର ତାଙ୍କର ନାମ ପଞ୍ଜିକୃତ କରି ଘର ଯୋଗାଇ ଦିଆଯିବ।

## ବାର୍ଷିକ ପୁରସ୍କାର ବିତରଣ ଓ ନୂତନ ପ୍ରବେଶ ଉତ୍ସବ

ଫୁଲନଖର(ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରୁଣ୍ଟି ସ୍ଥିତ ରାଧାମାଧବ ବିଦ୍ୟାପୀଠରେ ପୁରସ୍କାର ବିତରଣୀ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା. ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ବ୍ଲକ ସହ ଶିକ୍ଷାଧିକାରୀ ଯମୁନା ମଣି ହେମ୍ବ୍ରବ, ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷକ ତ୍ରିଲୋଚନ ଜେନା,ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣୀ ପ୍ରଧାନ, ଶରତ ଚନ୍ଦ୍ର ପାଲଟା, ମନୋରଞ୍ଜନ ଦାଶ, ପ୍ରତାପ ଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ କୁମାର ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି,ଅନୁଲ୍ୟ କୁମାର ଦାଶ, ଗୌତମ ମିଶ୍ର, ମନୋରମା ଭୋଇ, ଦିବ୍ୟଜ୍ୟୋତି ଆଚାର୍ଯ୍ୟ, ଉଗ୍ରସେନ ମହାନ୍ତି, ଶଶୀକଳା ଭୋଇ,ରଞ୍ଜନ କୁମାର ଭୋଇ ପ୍ରମୁଖ ଯୋଗଦେଇଥିଲେ.ବାର୍ଷିକ ବିବରଣୀ ପାଠ ମିନାକ୍ଷୀ ବେହେରା କରିଥିବାବେଳେ ସି ଆର ସି ସି ପ୍ରଦ୍ୟୁମ୍ନ କୁମାର ଦାସ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ. ପରିଶେଷରେ ଗଣେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

